

ଧାବିକା ଟ୍ୱିଙ୍କଲ୍ ଚୌଧୁରୀ ନିଲମ୍ବିତ

ପୃଷ୍ଠା ୬


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17






Vol. 33 | ISSUE 98 | ଭାଗ ୩୩ | ସଂଖ୍ୟା ୯୮ | Bhubaneswar |Sunday 29 June 2025 | Page 8 Rs. 4.00 | ● ଭୁବନେଶ୍ୱର ରବିବାର ୨୯ ଜୁନ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ଶରଧାବାଲିରେ ଭାବ ବିନୋଦିଆ



## ଭକ୍ତଙ୍କ ଗହଣରେ ହେଲା ରଥଟଣା

## ରଥରେ ଭକ୍ତ କରୁଛନ୍ତି ଦର୍ଶନ

## ଆଜି ଆଡ଼ପ ମଣ୍ଡପ ବିଜେ ନୀତି

## ସୋମବାରରୁ ଆଡ଼ପ ଦର୍ଶନ

ପୁରୀ,୨୮।୬(ସଂଚାର ବ୍ୟୁରୋ): ରତ୍ନବେଦୀ ଛାଡ଼ି ଘୋଷଯାତ୍ରାରେ କାଳିଆ ସାଆନ୍ତ। ଆଜି ଶରଧାବାଲିରେ ଲାଗିଛି ୩ ରଥ। ଆସନ୍ତାକାଲି ତିନିଠାକୁର ଆଡ଼ପ ମଣ୍ଡପ ବିଜେ କରିବେ। ଗତକାଲି ଶ୍ରୀଗୁଣ୍ଡିଚାରେ ବଡ଼ଦାଣ୍ଡରେ ଅଟକିଥିବା ରଥକୁ ଆଜି ଭକ୍ତମାନେ ଶରଧାବାଲିକୁ ଟାଣି ନେଇଥିଲେ। ପୂରା ପରିବେଶ ଭକ୍ତିମୟ ରହିଥିଲା। ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ପରିବେଶ। ଏବେ କାଲିକାର ଆଡ଼ପ ମଣ୍ଡପ ବିଜେ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ରଥରେ କାଳିଆ ଠାକୁରଙ୍କ ଦେଖି ଧନ୍ୟ ହୋଇଛନ୍ତି ଭକ୍ତ। ଗତକାଲି ବଡ଼ଦାଣ୍ଡରେ ଅଟକି ରହିଥିବା ତିନି ରଥ ଆଜି ଅପରାହ୍ନ ୧ଟା ୧୦ ମିନିଟ୍ ସୁଦ୍ଧା ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିସାରିଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରି ବେଶ ଭାବବିହ୍ୱଳ ହୋଇପଡିଛନ୍ତି ଭକ୍ତ। ରଥ ଉପରେ ନୀତିକାନ୍ତି ଚାଲିଛି। ଗତକାଲି ଭଳି ଆଜି ମଧ ଜନସମୁଦ୍ରରେ ପରିଣତ ହୋଇଥିଲା ବଡ଼ଦାଣ୍ଡରୁ ଶରଧାବାଲି।

ପୂର୍ବ ନିର୍ଦ୍ଧାରିତ ସମୟ ସକାଳ ୯ଟା ୨୫ ମିନିଟ୍‌ରେ ବଳଭଦ୍ରଙ୍କ ରଥଟଣା ଆରମ୍ଭ ହୋଇଥିବା ବେଳେ ୯ଟା ୫୦ରେ ଆରମ୍ଭ ହୋଇଥିଲା ନନ୍ଦିଘୋଷ ରଥଟଣା। ବଡ଼ ଠାକୁରଙ୍କ ରଥ ବଳଗଣ୍ଡି ଓ ଦେବୀ ସୁଭଦ୍ରାଙ୍କ ରଥ ମରିଚିକୋଟ ଛକରୁ ଆଗେଇ ଚାଲିଥିବା ବେଳେ ପଛରେ ଯାଇଥିଲେ କାଳିଆ ସାଆନ୍ତ। ଘଣ୍ଟ ଘଣ୍ଟା, ଶଙ୍ଖ ନାଦରେ କମ୍ପିଉଠିଥିଲା ବଡ଼ଦାଣ୍ଡ। ସମସ୍ତ ଦେବନୀତି ସଠିକ୍ ଓ ଶୃଙ୍ଖଳିତ ଭାବେ ସମାପନ ହୋଇଛି। ଆସନ୍ତାକାଲି ସନ୍ଧ୍ୟା ଧୂପ ପରେ ହେବ ଆଡ଼ପ ମଣ୍ଡପ ପହଣ୍ଡି। ➪ପୃଷ୍ଠା-୬

## ନବୀନଙ୍କ ଉଦ୍‌ବେଗ



ଭୁବନେଶ୍ୱର, ୨୮।୬(ସଂଚାର ବ୍ୟୁରୋ)ଃ ରଥଟଣା ବିଳମ୍ବକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥଟଣାରେ ଅତ୍ୟଧିକ ବିଳମ୍ବ ହେବାରୁ ନବୀନ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଆମେ ବିଳମ୍ବ ପାଇଁ ପ୍ରଶାସନକୁ ଆଙ୍ଗୁଳି ଦେଖାଉନୁ, ଆମ ରାଜ୍ୟର ସବୁଠାରୁ ପବିତ୍ର ପର୍ବ ସମୟରେ ଏପରି ଘଟଣାକୁ ନେଇ ଚିନ୍ତିତ ଅଛୁ। ଗତ ବର୍ଷର ଘଟଣା ମଧ ମନେ ପକାଇଛନ୍ତି ନବୀନ। କହିଛନ୍ତି, ଗତବର୍ଷ ଆଡ଼ପ ବିଜେ ପହଣ୍ଡି ସମୟର ଅଘଟଣ ଭୁଲିଯିବା ଆମ ପାଇଁ ବି କଷ୍ଟକର। ଗତକାଲି ରାତି ୭ଟା ୪୫ ପର୍ଯ୍ୟନ୍ତ ସିଂହଦ୍ୱାରରେ ନନ୍ଦିଘୋଷ ଠିଆ ହୋଇଥିବାର ଦେଖିବାକୁ ପାଇଥିଲୁ। ଦିନ ଶେଷ ହେବା ପୂର୍ବରୁ କେବଳ କିଛି ମିଟର ଆଗକୁ ଗଡ଼ିଥିଲା ରଥ। ଏହି ଦୃଶ୍ୟ ବିଶ୍ୱରୁ ଆସିଥିବା ଲକ୍ଷାଧିକ ଭକ୍ତଙ୍କୁ ସମ୍ପୂର୍ଣ୍ଣ ➪ପୃଷ୍ଠା-୬

# ମାରିନେଲା ଘରୋଇ କମ୍ପାନୀ, ପୁଲିସ ଜଳକା



## ସିସିଟିଭି ଲଗାଇବା ନାଁରେ ବଡ ଘୋଟାଲା

## ନିମ୍ନମାନର ସିସିଟିଭି ଲଗାଇ ମାରିଲା ଚୁନ

## ଏଭଳି ବିଶ୍ୱାସଘାତକତା ପାଇଁ ଦାୟୀ କିଏ ?

## କ୍ଷୁବ୍ଧ ହୋଇ ଡିଜିପି ମାଗିଲେ ରିପୋର୍ଟ

ପୁରୀ,୨୮।୬(ସଂଚାର ବ୍ୟୁରୋ): ରଥଯାତ୍ରାରେ ବିଭ୍ରାଟ ହିଁ ବିଭ୍ରାଟ। ରଥଯାତ୍ରା ଆୟୋଜନରେ ଆଉ ଏକ ବଡ ବିଭ୍ରାଟ ଏବେ ସାମ୍ନାକୁ ଆସିଛି। ମହାପ୍ରଭୁଙ୍କ ଏହି ନବଦିନାଙ୍କ ଯାତ୍ରାରେ ସୁରକ୍ଷା ଓ ଭିଡ ନିୟନ୍ତ୍ରଣ ପାଇଁ ଉତ୍ତରା ଛକରୁ ପୁରୀ, ପୁରୀରୁ କୋଣାର୍କ ରାସ୍ତା ସମେତ ପୁରୀ ସହରରେ ପ୍ରାୟ ୨୭୫ ଏଆଇ ନିୟନ୍ତ୍ରିତ ସିସିଟିଭି ଲଗାଯାଇଥିବା ପୋଲିସ ଛାତି ବାଡ଼େଇ କହୁଥିଲା। ହେଲେ ଯେଉଁ ସଂସ୍ଥାକୁ ଏହି କାମ ଦିଆଯାଇଥିଲା ସେ ପୋଲିସକୁ ଚୁନ ମାରିଦେଇଥିବା ଜଣାପଡିଛି। ରଥଯାତ୍ରାର ଦିନକ ପୂର୍ବରୁ ପୁଲିସ ମହାନିର୍ଦ୍ଦେଶକ ଏହା ଜାଣିପାରି ସମ୍ପୃକ୍ତ ଅଧିକାରୀଙ୍କୁ ରିପୋର୍ଟ ମାଗିଥିବା ମଧ ଜଣାପଡିଛି।

ରଥଯାତ୍ରା ପାଇଁ ପୁରୀକୁ ସଂଯୋଗ କରୁଥିବା ଦୁଇ ମୁଖ୍ୟ ରାସ୍ତା ସହ ପୂରା ସହରରେ ଏଆଇ ନିୟନ୍ତ୍ରିଣତ ୨୭୫ଟି କ୍ୟାମେରା ଲାଗିବାକୁ ଆଇଜି ଡ୍ରୋନ ନାମକ ଏକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ଏହି କମ୍ପାନୀ ସହ ହୋଇଥିବା ଗୋଟିଏ ହେଲେ ଚୁକ୍ତି କମ୍ପାନୀ ପାଳନ କରିନାହିଁ ବୋଲି ଜଣାପଡିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି କମ୍ପାନୀ ୨୭୫ ବଦଳରେ ୧୧ଟି ସ୍ଥାନରେ ୫୦ରୁ କମ୍ ସିସିଟିଭି ଲଗାଇଛି। ରଥଯାତ୍ରା ପୂର୍ବରୁ ସିସିଟିଭି କଣ୍ଟ୍ରୋଲ ରୁମକୁ ଯାଇ ଅନୁଧ୍ୟାନ କରିବା ସମୟରେ ପୋଲିସ ଡିଜିପି ୱାଇବି ଖୁରାନିଆ ଏହା ଜାଣିପାରି କ୍ଷୁବ୍ଧ ହୋଇଥିଲେ।

ରଥଯାତ୍ରା ପାଇଁ ମୁହଁ ଚିହ୍ନଟ ସାଙ୍ଗକୁ ସ୍ୱୟଂଚାଳିତ ଗାଡ଼ି ନମ୍ବର ପ୍ଲେଟ ଚିହ୍ନଟ ସହ ଗହଳି ହେଉଥିବା ସ୍ଥାନରୁ ଆଲର୍ଟ ଦେବା ଭଳି ଏଆଇ ନିୟନ୍ତ୍ରିତ ସିସିଟିଭି ଲଗାଇବାକୁ ଚୁକ୍ତି ହୋଇଥିଲା। କିନ୍ତୁ ଯେଉଁ ସିସିଟିଭି ଲାଗିଥିଲେ ସେଥିରୁ କୌଣସି ଗୋଟିଏ ବି ଏହିସବୁ ବ୍ୟବସ୍ଥା ନଥିଲା। ଚୁକ୍ତି ଅନୁଯାୟୀ ୫ ମେଗା ପିକସେଲ କ୍ୟାମେରା ବଦଳରେ ଶସ୍ତା ଧରଣର ଦୁଇ ମେଗା ପିକସେଲ କ୍ୟାମେରା ଲଗାଯାଇଥିଲା। ସେହିଭଳି ଟେଣ୍ଡର ସର୍ତ୍ତ ଅନୁଯାୟୀ ଭିଡିଓ ମ୍ୟାନେଜମେଣ୍ଟ ସିଷ୍ଟମ ଜରିଆରେ ସବୁ ସିସିଟିଭି ଅପରେଟ୍ କରିବାକୁ କୁହାଯାଇଥିଲା। କିନ୍ତୁ ଆଇଜି ଡ୍ରୋନ ପକ୍ଷରୁ ନେଟୱାର୍କ ଭିଡିଓ ଏନକୋଡର ଲଗାଯାଇଥିଲା ଯାହା ଏଆଇଚାଳିତ କ୍ୟାମେରାକୁ ନିୟନ୍ତ୍ରିତ ➪ପୃଷ୍ଠା-୬

## ବରଗଡ଼ରେ ଗରିବ କଲ୍ୟାଣ ଓ ବିକାଶ ସମାବେଶରେ କେନ୍ଦ୍ର ମନ୍ତ୍ରୀ

# ଗରିବଙ୍କ ବିକାଶ ଡବଲ ଇଞ୍ଜିନ୍ ସରକାରଙ୍କ ଲକ୍ଷ୍ୟ

## ପଡ଼ିଲା ୨୨ କୋଟି ଟଙ୍କାର ୧୬ ପ୍ରକଳ୍ପ ଭିତ୍ତି

## ଜିଲ୍ଲାରେ ସରକାରୀ କାମର ହିସାବ ଦେଲେ




ବରଗଡ଼,୨୮।୬(ସଂଚାର ବ୍ୟୁରୋ)ଃ ରାଜ୍ୟର ଅନ୍ତିମ ପାହାଚରେ ଥିବା ଲୋକଙ୍କ ଜୀବନରେ ଅଭୂତପୂର୍ବ ପରିବର୍ତ୍ତନ ଆଣିବା ଡବଲ ଇଞ୍ଜିନ ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ଆଜି କୃଷିପ୍ରଧାନ ଅଞ୍ଚଳ ବରଗଡ଼ରେ ଆୟୋଜିତ 'ଗରିବ କଲ୍ୟାଣ ଓ ବିକାଶ ସମାବେଶ'ରେ ଯୋଗଦେବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ୨୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୧୬ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରକୁ ୧୧ ବର୍ଷ ପୂରିଥିବା ବେଳେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରକୁ ବି ବର୍ଷେ ପୂରିଛି। ଏହା ଏକ ବଡ଼ ଉପଲବ୍ଧି। ଓଡ଼ିଶାରେ ଗରିବ ଲୋକଙ୍କ ସାମୂହିକ ଓ ସାମଗ୍ରିକ ବିକାଶ ଦିଗରେ ଡବଲ ଇଞ୍ଜିନ ସରକାରଙ୍କର ପ୍ରତିବଦ୍ଧତା ରହିଛି। ଗତ ବର୍ଷେ ମଧରେ ଧାନକିଣା, ସୁଭଦ୍ରା ଯୋଜନା, ଲକ୍ଷପତି ଦିଦି, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା, ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଭଳି ଅନେକ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ ହୋଇଛି। କେନ୍ଦ୍ର ସରକାରଙ୍କ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୨୩୦୦ ➪ପୃଷ୍ଠା-୬

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଆଦାନୀ



## ବନ୍ଦରଭିତ୍ତିକ ଶିଳ୍ପ ବିକାଶ ନେଇ ଆଲୋଚନା

ଭୁବନେଶ୍ୱର, ୨୮।୬ (ସଂଚାର ବ୍ୟୁରୋ)ଃ ବିଶିଷ୍ଟ ଶିଳ୍ପପତି ତଥା ଆଦାନୀ ଗ୍ରୁପର ଅଧକ୍ଷ ଗୌତମ ଆଦାନୀ ଆଜି ରାଜ୍ୟ ଅତିଥି ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଉଭୟଙ୍କ ମଧରେ ରାଜ୍ୟର ଶିଳ୍ପ ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷକରି ଶିଳ୍ପ ଭିତ୍ତିକ ବିକାଶ, ସବୁଜ ଶକ୍ତି ବା ଗ୍ରୀନ ଓ ରିନିୱେବ୍‌ଲ ଏନର୍ଜିର ଉତ୍ପାଦନ ଏବଂ କୋଲ ଗ୍ୟାସିଫିକେସନ୍ ପ୍ଲାଣ୍ଟ ସ୍ଥାପନ ଉପରେ ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ ଯେ, ଉତ୍କର୍ଷ ଓଡ଼ିଶା – ମେକ୍ ଇନ୍ ଓଡ଼ିଶା କନକ୍ଲେଭ ପରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ରାଜ୍ୟ ସରକାର ରାଜ୍ୟରେ ଶିଳ୍ପ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ନିକଟରେ ଗୋପାଳପୁର ବନ୍ଦରର ➪ପୃଷ୍ଠା-୬

# ଦ୍ୱିତୀୟ ଦିନରେ ବି ବିଭ୍ରାଟ, ଅଟକିଲା ବ୍ରହ୍ମତାଳଧ୍ୱଜ

## ତ୍ରୁଟିପୂର୍ଣ୍ଣ ରଥଟଣା ଓ ପରିଚାଳନାକୁ ଦାୟୀ କଲେ ଭକ୍ତ

## ଆଜି ମାଉସୀମା' ଚକଡ଼ାରେ ପହଞ୍ଚିବା ଆଶା



କେନ୍ଦ୍ରାପଡ଼ା,୨୮।୬(ସଂଚାର ବ୍ୟୁରୋ): ଗତକାଲି ଶ୍ରୀଗୁଣ୍ଡିଚାରେ ତୁଳସୀ କ୍ଷେତ୍ରରେ ବ୍ରହ୍ମତାଳଧ୍ୱଜ ରଥକୁ ଭକ୍ତମାନେ ଟାଣିବା ଆରମ୍ଭ କରିଥିଲେ ହେଁ ମାତ୍ର ଦୁଇ ପାହୁଣ୍ଡ ଗଡ଼ିବା ପରେ ସୂର୍ଯ୍ୟାସ୍ତ କାରଣରୁ ଆଉ ଆଗକୁ ଯାଇପାରିନଥିଲା। ତେଣୁ ଆଜି ସକାଳୁ ରଥଟଣା କାର୍ଯ୍ୟ ଆରମ୍ଭ ହେବ ବୋଲି ସ୍ଥିର ହୋଇଥିଲା। କିନ୍ତୁ ଆଜି ଟଣା ଆରମ୍ଭ ହେବା ପରେ ମାତ୍ର ୫୦ ମିଟର ଦୂର ନ ଯାଉଣୁ ଏହା ସ୍ଥାନୀୟ ଦେବୋତ୍ତର କାର୍ଯ୍ୟାଳୟ ନିକଟରେ ଅଟକିଯାଇଛି। ଟଣା ଆମ୍ଭରୁ ରଥ ବାମପଟକୁ ମାଡ଼ି ଚାଲିବାରୁ ଏହା ରଥଦାଣ୍ଡ ପାର୍ଶ୍ୱରେ ଥିବା ଫୁଟ୍‌ପାଥରେ ଚଢ଼ିଯିବାର ଆଶଙ୍କା ସୃଷ୍ଟି ହୋଇଥିଲା। ତେଣୁ ରଥ ଅଣାୟତ୍ତ ହେବା ପୂର୍ବରୁ ଏହାକୁ ଦାଣ୍ଡକୁ ଆଣିବା ସକାଶେ ପାରାଦୀପ ରେଳବାଇ ପକ୍ଷରୁ ଆସିଥିବା ହାଇଡ୍ରୋଲିକ୍ ଜ୍ୟାକ୍ ମେସିନ୍‌ର ସହାୟତା ନିଆଯାଇଥିଲା। ମେସିନ୍ ସହାୟତାରେ ବାମପଟକୁ ମାଡ଼ିଥିବା ରଥ ଚକକୁ କେତେକାଂଶରେ ଠିକ୍ କରାଯିବା ପରେ ସବୁକିଛି ଠିକ୍ ହୋଇଯିବ ବୋଲି ଆଶା କରାଯାଉଥିଲା। କିନ୍ତୁ ହେଲେ ଚକ ଘୁଞ୍ଚିବା ପରେ ମଧ ରଥ ଦାଣ୍ଡକୁ ଫେରିନଥିଲା। ପୁନର୍ବାର ଅପରାହ୍ନ ପ୍ରାୟ ସାଢ଼େ ୫ଟା ସମୟରେ ରଥଟଣା ଆରମ୍ଭ ହୋଇଥିଲେ ହେଁ ପୁଣିଥରେ ରଥ ବାମପଟକୁ ମାଡ଼ି ଚାଲିଥିଲା। ତେଣୁ ରଥ ଆଉ ବେଶୀ ବାଟ ଯାଇପାରନଥିବା ବେଳେ ସୂର୍ଯ୍ୟାସ୍ତ ହେବାରୁ ରଥଟଣା ବନ୍ଦ ରହିଥିଲା। ଆସନ୍ତାକାଲି ପୁଣି ଟଣାହେବ ବୋଲି ନିଷ୍ପତ୍ତି ହୋଇଛି। ତେବେ କ୍ରମାଗତ ଦୁଇ ଦିନ ଧରି ରଥଟଣା ହୋଇଥିଲେ ମଧ ପ୍ରଭୁ ମାଉସୀମା' ମନ୍ଦିର ନିକଟରେ ପହଞ୍ଚିପାରିନାହାନ୍ତି, ଯାହାକି ଭକ୍ତଙ୍କୁ ବ୍ୟଥିତ କରିଛି। ରଥ ନିର୍ମାଣରେ ତ୍ରୁଟି ଓ ରଥ ଚାଳନାରେ ଅନଭିଜ୍ଞତା, ଅସମତଳ ରଥଦାଣ୍ଡ ଓ ଜିଲ୍ଲା ପ୍ରଶାସନର ଚରମ ଅବହେଳା ପାଇଁ ଏଭଳି ସ୍ଥିତି ➪ପୃଷ୍ଠା-୬

# ପୁରୀ ଯାଉଥିଲେ ୩ ଯୁବତୀ, ଜୀବନ ନେଲା 'ଆମ ବସ୍'



## ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା

ଭୁବନେଶ୍ୱର,୨୮।୬(ସଂଚାର ବ୍ୟୁରୋ)ଃ ପୁଣିଥରେ 'ଆମ ବସ୍' ସାଜିଛି ଯମଦୂତ। ବିଗତ ଦିଗରେ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଦୁର୍ଘଟଣା ଘଟାଇ ସମାଲୋଚିତ ହେଉଥିବା ଏହି ବସ୍ ଆଜି ୩ ଜଣ ଯୁବତୀଙ୍କ ଜୀବନ ନେଇଛି। ପିପିଲି ଓଭରବ୍ରିଜ ନିକଟରେ ସ୍କୁଟିରେ ଯାଉଥିବା ୩ ଭଉଣୀଙ୍କୁ ଚାପିଦେବା ଫଳରେ ସେମାନଙ୍କର ମୃତ୍ୟୁ ଘଟିଛି। ଏମାନେ ସ୍କୁଟିରେ ଜଗା ଦର୍ଶନ ପାଇଁ ପୁରୀ ➪ପୃଷ୍ଠା-୬



## କାନ ଡେରିଥା

ଭକ୍ତ ଗଣ୍ଠି ଧନ ତୁମେ ନାରାୟଣ
ଭକ୍ତଙ୍କ ମଉଡମଣୀ
ବରଷକେ ଥରେ ରଥା ରୁଢ଼ ହେଲ
ବଡ଼ ଦାଣ୍ଡ କି ଛାଉଣୀ
ପାପୀ ତପି ଦିଅ ଛାଣି...
ସାରା ବିଶ୍ୱ ଆଜି ତୁମକୁ ଝୁରୁଛି
ବାଉଳା ବି ବିଦେଶିନୀ।

■ ଦେବାଶିଷ

# ସିମ୍ପାଥି ପାଇଁ ନେତାଙ୍କୁ ମୁମ୍ବାଇ ପଠାଉଛନ୍ତି କ୍ରୀତଦାସ



## ବିଜେଡି ନେତାଙ୍କ ନୂଆ ପର୍ଯ୍ୟଟନସ୍ଥଳୀ କୋକିଲାବେନ ହସ୍ପିଟାଲ୍

## ନବୀନ ଦର୍ଶନ ଆଳରେ ହେଉଛନ୍ତି ମେଳି

## ଭିଟାମିନ୍ ଯୋଗାଉଛନ୍ତି ହାରୁ ନେତା

ଭୁବନେଶ୍ୱର,୨୮।୬(ସଂଚାର ବ୍ୟୁରୋ)ଃ ଭିକେ ପାଣ୍ଡିଆନଙ୍କ ସିମ୍ପାଥି ପାଇବାକୁ ପ୍ରଣବ ପ୍ରକାଶ ଦାସ ଓରଫ ବବି ଦାସଙ୍କ ନୂଆ ଚାଲ। ଦଳର ସବୁ ନେତାଙ୍କୁ ନିଜେ ଟିକେଟ କରି ମୁମ୍ବାଇ ପଠାଉଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତାଙ୍କ ସ୍ୱାସ୍ଥାବସ୍ଥା ବୁଝିବାକୁ ବାହାନା କରି ବବିଙ୍କ ନିର୍ଦ୍ଦେଶରେ ଯାଉଥିବା ଏହି ନେତାମାନେ ନବୀନଙ୍କୁ ଭେଟିପାରୁନାହାନ୍ତି। କିନ୍ତୁ କୋକିଲାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ ଯାଇ ସେଠାରେ ଫଟୋ ଓ ଭିଡିଓ କରି ସୋସିଆଲ ମିଡିଆରେ ଭାଇରାଲ କରାଯାଉଛି।

ବିଜେଡି ନେତାମାନଙ୍କ ପାଇଁ ଏବେ ମୁମ୍ବାଇ ନୂଆ ପର୍ଯ୍ୟଟନସ୍ଥଳୀ ପାଲଟିଛି। ନବନୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ବାହାନାରେ ଦଳ ଦଳ ହୋଇ ବିଜେଡି ନେତା ମୁମ୍ବାଇ ଗସ୍ତ କରୁଛନ୍ତି। ସେଠାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ନବୀନଙ୍କୁ ଦେଖା କରିବା ସମ୍ଭବପର ହୋଇନଥିବାରୁ କେବଳ ଫଟୋ ଉଠାଇ ତାହାକୁ ଗଣମାଧମରେ ଛାଡୁଛନ୍ତି। ତେବେ ଦଳ ଦଳ ହୋଇ ମୁମ୍ବାଇ ଯାଉଥିବା ବିଜେଡି ନେତାମାନଙ୍କ ସଂକ୍ରାନ୍ତରେ ଯାହା ଶୁଣିବାକୁ ମିଳୁଛି, ତାହା ଅତ୍ୟନ୍ତ ରୋଚକ ଓ ଆଶ୍ଚର୍ଯ୍ୟଜନକ। ଦଳର ଜଣେ ହାରୁ ନେତା ବବି ଦାସ ସାଜିଛନ୍ତି ଏହାର ମୁଖ୍ୟ ଆୟୋଜକ। ନେତାମାନେ କିଭଳି ➪ପୃଷ୍ଠା-୬

### ଆପିଲୋରେ ରଥଯାତ୍ରା

## ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା ଅଞ୍ଚଳ



**ମାହାଙ୍ଗା,୨୮।୬ (ସଂଚାର ବ୍ୟୁରୋ):** ମହାପ୍ରଭୁ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରାର ଶୁଭଅବସରରେ ଭକ୍ତ, ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍କଣ୍ଠା ଦେଖିବାକୁ ମିଳିଛି । ଏହି ଦିନରେ ରଥ ଦଉଡି ଧରି ରଥକୁ ଟାଣି ସମସ୍ତେ ନିଜକୁ ମନେ କରିଥାନ୍ତି ସୌଭାଗ୍ୟଶଳୀ। ପ୍ରତିବର୍ଷ ଭଳି ଏବର୍ଷ ମଧ ମାହାଙ୍ଗା ବ୍ଲକ ଗୋତରା ଗ୍ରାମପଞ୍ଚାୟତ ଆପିଲୋ ତଳପଡା ଗ୍ରାମରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜୟ ଜଗନ୍ନାଥ ଧ୍ୱନିରେ ଆବାଳ ବୃଦ୍ଧ ବନିତା ସମସ୍ତେ ରଥ ଟାଣି ମହାପ୍ରଭୁଙ୍କ ପାଖରେ ନିଜକୁ ସମର୍ପଣ କରି ଦେଇଥିବା ବେଳେ ସମଗ୍ର ଅଞ୍ଚଳ ଜଗନ୍ନାଥମୟ ହୋଇଯାଇଥିଲା।

## ଚକଡ଼ାରେ ଲାଗିଲା ଶ୍ରୀ ଦଧିବାମନଜୀଉଙ୍କ ରଥ



**ଡେରାବିଶ,୨୮।୬ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଶ୍ରୀ ଦଧିବାମନଜୀଉଙ୍କ ରଥ ଆଜି ସନ୍ଧ୍ୟାରେ ମାଉସୀମା ମନ୍ଦିର ଚକଡ଼ା ଲାଗିଛି। ବିଧି ଓ ପରମ୍ପରା ଅନୁଯାୟୀ ଗତକାଲି ଅପରାହ୍ନରେ ଗୋଟି ପହଣ୍ଡିରେ ମନ୍ଦିରର ସେବାୟତମାନେ ଶ୍ରୀଜୀଉଙ୍କୁ ଗୋଟି ପହଣ୍ଡିରେ ଆଣି ରଥାରୁଢ଼ କରିଥିଲେ। ପରେ ମଙ୍ଗଳାର୍ପଣ ସହ ଛେରାପହଁରା କାରାଯିବା ସହ ଶ୍ରୀଜୀଉଙ୍କ ରଥକୁ ଅଳ୍ପ କିଛିବାଟ ଟଣାଯିବା ପରେ ଅନ୍ଧାର ହୋଇଯିବାରୁ ରଥଟଣା ବନ୍ଦ କରି ଦିଆଯାଇଥିଲା। ତେବେ ଆଜି ଅପରାହ୍ନରେ ହଜାର ହଜାର ଶ୍ରଦ୍ଧାଳୁ ପୁନର୍ବାର ଶ୍ରୀ ଦଧିବାମନଜୀଉଙ୍କ ରଥକୁ ଟାଣି ଟାଣି ନେଇ ମାଉସୀମା ମନ୍ଦିର ଚକଡାରେ ଲଗାଇ ଦେଇଥିଲେ। ଏହି ଅବସରରେ ରଥଦାଣ୍ଡ ଲୋକାରଣ୍ୟ ହୋଇ ଉଠିଥିଲା।

ରଥ ଟଣା ସମୟରେ ଶ୍ରୀଜୀଉଙ୍କ ରଥ ସମ୍ମୁଖରେ ବାଜା, ସଂକୀର୍ତ୍ତନ, ଘଣ୍ଟ ଏବଂ ଜୟ ଜଗନ୍ନାଥ, ହରିବୋଲ ଓ ହୁଳହୁଳି ଧ୍ୱନୀରେ ରଥଦାଣ୍ଡକୁ ପ୍ରକମ୍ପିତ କରି ଦେଇଥିଲା। ପରମ୍ପରା ଅନୁଯାୟୀ ରଥାରୁଢ଼ ଠାକୁରଙ୍କୁ ବିଭିନ୍ନ ସ୍ଥାନରେ ଭୋଗଲାଗି କରାଯାଇଥିଲା। ତେବେ ସନ୍ଧ୍ୟାରେ ରଥ ଉପରେ ଶ୍ରୀଜୀଉଙ୍କ ସମସ୍ତ ନିତିକାନ୍ତି କରାଯିବା ପରେ ପୂଜକ ଓ ସେବାୟତମାନେ ଗୋଟି ପହଣ୍ଡିରେ ଶ୍ରୀଜୀଉଙ୍କୁ ମାଉସୀମା ମନ୍ଦିରରେ ଥିବା ସିଂହାସନରେ ବିଜେ କରାଇଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ଡେରାବିଶ ପୋଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

### ରଥଦାଣ୍ଡରେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ତରଫରୁ ଜଳ ସେବା

## ଯୋଗଦେଲେ ମହାକାଳପଡ଼ା ବିଧାୟକ



**କେନ୍ଦ୍ରାପଡ଼ା,୨୮।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ତରଫରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ କେନ୍ଦ୍ରାପଡ଼ା ବଳଦେବଜୀଉ ଙ୍କ ରଥଦାଣ୍ଡରେ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଜଳ ସେବା ଯୋଗାଇ ଦିଆଯାଇଛି। ଦହିପଣା ପାଇଁ ଆୟୋଜନ କରାଯାଇଥିବା ବେଳେ ବ୍ୟାପୁଥିବା ହଇଜା କୁ ଆଖିରେ ରଖି ଜିଲ୍ଲା ପ୍ରଶାସନ ତରଫରୁ ଖୋଲା ପଣା,ପାଣି ବଣ୍ଟନ ପାଇଁ ରୋକ୍ ଲଗାଯାଇଥିଲା। ଏହାପରେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ତରଫରୁ ପାଣି ବୋତଲ ଦେଇ ଶ୍ରଦ୍ଧାଳୁମାନଙ୍କ ତୃଷ୍ଣା ନିବାରଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଆଜି ସଦସ୍ୟମାନେ ରଥଦାଣ୍ଡ ରେ ପହଞ୍ଚି ୨୦୦୦ ପାଣି ବୋତଲ ଶ୍ରଦ୍ଧାଳୁ ମାନଙ୍କୁ ଦେଇ ସେବା ଯୋଗାଇ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଯୋଗଦେଇ ମୁଣ୍ଡରେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ର ଟୋପି ପିନ୍ଧି ସଦସ୍ୟମାନଙ୍କ ସହିତ ସେବା ଯୋଗାଇବା ସହିତ ଏମିତି କାର୍ଯ୍ୟ ଆଗକୁ ଜାରି ରଖିବାକୁ ଉତ୍ସାହିତ କରିଥିଲେ। ଲକ୍ଷ୍ମୀଧର ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ଦୀପକ ଚୌଧୁରୀ, ପ୍ରତାପ ମହାନ୍ତି, ଲକ୍ଷ୍ମୀଧର ସ୍ୱାଇଁ, ସୁନିଲ୍ ଗନ୍ତାୟତ, ସୂର୍ଯ୍ୟ ପାଣି, ବିଘ୍ନେଶ ସେଠୀ, ଜ୍ୟୋତିରଞ୍ଜନ ପ୍ରତିହାରୀ, ହରେକୃଷ୍ଣ ପାତ୍ର,ଅମର ମହାପାତ୍ର,ପ୍ରକାଶ ସୂତାର ପ୍ରମୁଖ ଉପସ୍ଥିତ ରହି ସେବା କାର୍ଯ୍ୟକୁ ପରିଚାଳନା କରିଥିଲେ।

## ଭକ୍ତଙ୍କୁ ସେବା ଯୋଗାଇଲେ ଶ୍ରୀ ଜଗନ୍ନାଥ ଟ୍ରଷ୍ଟ



**କେନ୍ଦ୍ରାପଡ଼ା,୨୮।୬ (ସଂଚାର ବ୍ୟୁରୋ):** ପବିତ୍ର ଶ୍ରୀ ଗୁଣ୍ଡିଚା ଅବସରରେ ଏକ ନୂତନ ସେବା ଆରମ୍ଭ କରିଛନ୍ତି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ। ତୁଳସୀକ୍ଷେତ୍ରରେ ସିଦ୍ଧ ବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ନିକଟରେ ହରିନାମ ସଙ୍କୀର୍ତ୍ତନ କରୁଥିବା ପ୍ରାୟ ଦଶ ଗୋଟି ସଙ୍କୀର୍ତ୍ତନ ମଣ୍ଡଳୀଙ୍କୁ ମହାପ୍ରଭୁଙ୍କ ପୁଟୁଳିପିଠା ପ୍ରସାଦ ସହ ଥଣ୍ଡା ପାଣି ବୋତଲ ପ୍ରଦାନ କରାଯାଇଛି। ଏହି ରଥଯାତ୍ରା ଏକ ପରମ୍ପରା ଏହି ସୂତ୍ରରେ ସମସ୍ତଙ୍କ ହାତରେ ଭାବର ଡୋରି ବନ୍ଧା ଯାଇଛି। ଟ୍ରଷ୍ଟର ସଭାପତି ଦମନ ମହାନ୍ତିଙ୍କ ବାର୍ତ୍ତା ଥିଲା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ଏ ବର୍ଷ ଦୁଇଟି ସ୍ଥାନରେ ଏହି ସେବା ଆରମ୍ଭ କରିଛନ୍ତି। ପ୍ରଥମ ହେଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଗୁନୂପୁରପାଟଣାର ଦାରୁବ୍ରହ୍ମ ଜଗନ୍ନାଥ ମନ୍ଦିରର ରଥ ଏବଂ ତୁଳସୀକ୍ଷେତ୍ରର ବ୍ରହ୍ମ ତାଳଧ୍ୱଜ ରଥ। ଏହି କାର୍ଯ୍ୟକ୍ରମ ଆସନ୍ତା ସମୟରେ ଗ୍ରାମାଞ୍ଚଳରେ ପରିବ୍ୟାପ୍ତ ହେବ ବୋଲି ଟ୍ରଷ୍ଟର ଆଶା ରହିଛି। ସେବାକାରିଙ୍କୁ ସେବା ଯୋଗାଇ ଆମେ ଖୁସୀ ବୋଲି କର୍ମକର୍ତ୍ତା ମତ ଦେଇଛନ୍ତି। ଏହି ସେବା ପରେ ସଂକୀର୍ତ୍ତନମଣ୍ଡଳୀର ପୁରୁଷ ଓ ମହିଳା ମାନଙ୍କ ଦ୍ୱାରା ହରିବୋଲ ହୁଳହୁଳି ରେ ସ୍ଥାନ ପ୍ରକମ୍ପିତ ହୋଇଥିଲା।

### ହରିହରକ୍ଷେତ୍ର ରଥଟଣାରେ ଅଭାବନୀୟ ପରିସ୍ଥିତି

# ଜେସିବି ଟାଣିଲା ରଥ, ଜଣେ ଗୁରୁତର

**ଗରଦପୁର,୨୮।୬ (ସଂଚାର ବ୍ୟୁରୋ):** ପାଟକୁରା ଅଞ୍ଚଳର ମାହଳ ଠାରେ ଥିବା ପ୍ରସିଦ୍ଧ ହରିହର କ୍ଷେତ୍ର ଜଗନ୍ନାଥଙ୍କ ରଥଟଣାକୁ ନେଇ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଗତକାଲି ତିନି ରଥ ମାତ୍ର କିଛି ମିଟର ଗଲା ବେଳେ ଅଟକି ରଥକୁ ଜେସିବି ଲଗାଇ ଟଣାଯାଇଛି । ଏଭଳି ଦୃଶ୍ୟ ଦେଖି ଜଗନ୍ନାଥ ପ୍ରେମୀଙ୍କ ମନରେ ଗଭୀର ଆଘାତ ଦେଇଛି । ଏହାଛଡା ମା’ ସୁଭଦ୍ରାଙ୍କ ରଥ ଚଅଁପୁର ଠାକୁରାଣୀଙ୍କ ପୋଖରୀକୁ ପଶିଯିବା ବେଳେ କିଛି ଭକ୍ତ ଅଟକାଇବା ପାଇଁ ଚେଷ୍ଟା କରିଥିବା ବେଳେ ରଥ ଭାଙ୍ଗିଯିବା ଦ୍ୱାରା ରଥ ଉପରେ ଥିବା ବାବୁ ପତିମହାପାତ୍ରଙ୍କ ଉପରେ ରଥର ପ୍ରଭା ଓ ମୁଖଦ୍ୱାରା ପଡ଼ିବା ଫଳରେ ଗଭୀର ଭାବେ ଆହତ ହୋଇଥିବା ବେଳେ ଦଇତାପତି ଅଭୟ ସ୍ୱାଇଁ ମଧ ଆହତ ହୋଇଛନ୍ତି।




ତେବେ ରଥଟଣା ପାଇଁ ଚଳିତ ବର୍ଷ ରାସ୍ତାରେ ନୂତନ ମାଟି ପକାଇବା ଦ୍ୱାରା ମାଟି ଦବି ଯିବାରୁ ଏଭଳି ଅଘଟଣ ଓ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଅଛି । ଏହାଛଡା ମନ୍ଦିର ପ୍ରଶାସନ ପକ୍ଷରୁ ମଧ କୌଣସି ଠୋସ ପଦକ୍ଷେପ ଗ୍ରହଣ ନକରିବା ସହ ରାସ୍ତାର ଅବସ୍ଥାକୁ ଲକ୍ଷ୍ୟ ନକରି ରଥକୁ ବହୁତ ଉଚ୍ଚ କରିବା ଦ୍ୱାରା ଭାରସାମ୍ୟ ରକ୍ଷା କରିବା ସମ୍ଭବ ନହେବାରୁ ଏପରି ଦୁର୍ଘଟଣା ଘଟିଛି ବୋଲି ଶ୍ରଦ୍ଧାଳୁମାନେ ଅଭିଯୋଗ କରିଛନ୍ତି। ଏହାଛଡା ଏହି ରଥଯାତ୍ରାରେ ବହୁତ ମାତ୍ରାରେ ଶ୍ରଦ୍ଧାଳୁମାନେ ଯୋଗ ଦେଉଥିବା ହେତୁ ଜିଲ୍ଲା ପ୍ରଶାସନ କେବଳ ତହସିଲଦାରଙ୍କୁ ରଥଯାତ୍ରା ପରିଚାଳନା ଦାୟିତ୍ୱ ଦେଇଥିଲେ ମଧ କୌଣସି ଗୋଟିଏ ଦିନ ମନ୍ଦିରକୁ ନଆସି ଓ ତଦାରଖ ନକରିବା ତାଙ୍କର ଦାୟିତ୍ୱହୀନତା ଯୋଗୁଁ ଏଭଳି ଅଘଟଣ ଘଟିଥିବା ମଧ ଆଲୋଚନା ହେଉଛି।

କେବଳ ସେତିକି ନୁହେଁ ମନ୍ଦିର ପ୍ରଶାସନ ପକ୍ଷରୁ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ହେଉଥିଲେ ହେଁ ସ୍ଥାନୀୟ ଲୋକଙ୍କ ସହଯୋଗ ନନେବା ସହ କୌଣସି କମିଟି ନକରିବା ଦ୍ୱାରା ମନମୁଖୀ କାର୍ଯ୍ୟ ଯୋଗୁଁ ଏପରି ଅଘଟଣକୁ ଜଗନ୍ନାଥ ପ୍ରେମୀମାନେ ନା ପସନ୍ଦ କରିଛନ୍ତି। ତେବେ ସନ୍ଧ୍ୟା ହୋଇ ଯାଇଥିଲେ ମଧ ତିନି ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚି ପାରି ନାହାଁନ୍ତି ।

## ପଟ୍ଟାମୁଣ୍ଡାଇ ରଥଯାତ୍ରାରେ ବିମୋହିତ ହେଲେ ସହସ୍ରାଧିକ ଭକ୍ତ



**ପଟ୍ଟାମୁଣ୍ଡାଇ,୨୮।୬ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇର ବିଭିନ୍ନ ଅଂଚଳରେ ପବିତ୍ର ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀଆପଡା ପତିତପାବନ ମନ୍ଦିରରେ ମୁଖ୍ୟ ରଥଯାତ୍ରା ବିପୁଳ ଆନନ୍ଦ ଉଲ୍ଲାସ ଓ ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟୁଷରୁ ବେଦଜ୍ଞ ବ୍ରାହ୍ମଣ ପଣ୍ଡିତମାନେ ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ମା ସୁଭଦ୍ରାଙ୍କର ଯଥାବିଧି ପୂଜା ଅର୍ଚ୍ଚନା କରିଥିଲେ । ବ୍ରାହ୍ମଣ ପଣ୍ଡିତମାନେ ମନ୍ତ୍ର ଧ୍ୱନି ମଧ୍ୟରେ ପହଣ୍ଡି ବିଜେ କରିବା ପରେ ସୁସଜ୍ଜିତ ରଥରେ ପ୍ରଭୁ ଶ୍ରୀଜଗନ୍ନାଥ ପ୍ରଭୁ ଶ୍ରୀ ବଳଭଦ୍ର ଓ ମା ସୁଭଦ୍ରାଙ୍କୁ ରଥାରୁଢ଼ କରାଯାଇଥିଲା। ହରପାର୍ବତୀ ମନ୍ଦିରରୁ ଆଜ୍ଞାମାଳ ଆସିବା ପରେ ରଥ ଯାତ୍ରା ପାଇଁ ବିଧିବଦ୍ଧ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ପତିତପାବନ ମନ୍ଦିର ପରିଚାଳନା କମିଟି ସଭାପତି ପୂର୍ଣ୍ଣ ଚନ୍ଦ୍ର ଦାଶ ପ୍ରଭୁଙ୍କ ରଥ ସମ୍ମୁଖରେ ଛେରା ପଂହଁରା କରିଥିବାବେଳେ ସମ୍ପାଦକ ନରହରି ଲେଙ୍କା, ଇଂ ତ୍ରିଲୋଚନ ସୂତାର, ଇଂ ତପନ ପାତ୍ର, ଶୁକଦେବ ସ୍ୱାଇଁ, ଈଶ୍ୱର ଲେଙ୍କା ପ୍ରମୁଖ ବହୁ ସଦସ୍ୟ ଓ ଦଇତାପତି ମାନଙ୍କ ସହଯୋଗରେ ରଥ ଯାତ୍ରା ଯଥାବିଧି ଆରମ୍ଭ କରିଥିଲେ । ରଥ ଟଣା ହେବା ପୂର୍ବରୁ ରଥାରୁଢ଼ ପ୍ରଭୁ ଶ୍ରୀ ଜଗନ୍ନାଥ, ପ୍ରଭୁ ଶ୍ରୀ ବଳଭଦ୍ର, ସୁଭଦ୍ରାଙ୍କୁ ରଥ ଉପରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ସମାଜ ସେବୀ ବୁଢା ଲେଙ୍କା ପ୍ରମୁଖ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ସହିତ ଉପସ୍ଥିତ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଉତ୍ସା ହିତ କରିଥିଲେ । ପତିତପାବନଙ୍କ ରଥ ଯାତ୍ରା ପାଇଁ ସମଗ୍ର ପଟ୍ଟାମୁଣ୍ଡାଇ ଅଂଚଳ ଉତ୍ସବମୁଖର ହୋଇପଡିଥିଲା।

ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ସିଦ୍ଧପାଟଣା ଠାରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଯଥାବିଧି ଅନୁଷ୍ଠିତ ହୋଇଥିଲା । ଯଥାବିଧି ପୂଜାର୍ଚ୍ଚନା ଓ ପହଣ୍ଡି ବିଜେ ପରେ ପ୍ରଭୁ ଜଗନ୍ନାଥ ପ୍ରଭୁ ବଳଭଦ୍ର ଓ ମା ସୁଭଦ୍ରାଙ୍କୁ ସୁସଜ୍ଜିତ ରଥରେ ରଥାରୁଢ଼ କରାଯାଇଥିଲା । ଯଥା ବିଧି ଛେରା ପଂହଁରା ପରେ ରଥ ଯାତ୍ରା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଅଳପୁଆ, ଅଣ୍ଡରା, ଅମୃତମଣୋହି, ତନୁପୁର, ମାଳିପୁର, ବଡ଼ପଡା, ନୀଳକଣ୍ଠପୁର ଆଦି ବିଭିନ୍ନ ଅଂଚଳରେ ପବିତ୍ର ରଥ ଯାତ୍ରା ମହାସମାରୋହରେ ବିପୁଳ ଆନନ୍ଦ ଉଲ୍ଲାସ ଓ ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି ।



### ଜଳୁନି ଷ୍ଟ୍ରିଟ ଲାଇଟ୍

## ଅନ୍ଧାରରେ ତୁଳସୀକ୍ଷେତ୍ର ବଡ଼ଦାଣ୍ଡ

**କେନ୍ଦ୍ରାପଡ଼ା,୨୮।୬ (ସଂଚାର ବ୍ୟୁରୋ):** ତୁଳସୀକ୍ଷେତ୍ର ରେ ମହାପ୍ରଭୁ ସିଦ୍ଧ ବଳଦେବଜୀଉଙ୍କ ଘୋଷଯାତ୍ରା ଚାଲିଛି । ଏହି ଘୋଷଯାତ୍ରା ପୂର୍ବରୁ ପ୍ରଶାସନିକ ବୈଠକ ମଧ କରାଯାଇ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାର ବରିଷ୍ଠ ଅଧିକାରୀ ମାନେ ସୂଚନା ମଧ ଦେଇଥିଲେ । ହେଲେ ଚଳିତ ବର୍ଷ ଘୋଷଯାତ୍ରା ରେ ରଥ ଟଣାରେ ବିଭ୍ରାଟ ଦେଖା ଦେବା ସହ ବଡ଼ଦାଣ୍ଡରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଲଗାଯାଇଥିବା ଷ୍ଟ୍ରିଟ୍ ଲାଇଟ୍ କୁ ରିପାଇରିଂ ନକରି ଏବେ ପୁରା ବଡ଼ଦାଣ୍ଡ କୁ ଅନ୍ଧାରରେ ରଖିଦେଇଛି । ଯାହାକୁ ନେଇ ଭକ୍ତ ଙ୍କ ମହଲରେ ଅସନ୍ତୋଷ ଦେଖା ଦେଇଛି। କିଛିଦିନ ପୂର୍ବେ ବଡଦାଣ୍ଡର ଉଭୟ ପାର୍ଶ୍ୱରେ ଲକ୍ଷାଧିକ ଟଙ୍କା ବିନିଯୋଗରେ ଅତି ଉଚ୍ଚତା ବିଶିଷ୍ଟ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା । ଏହା କିଛି ମାସ ପରେ ଅଧାରୁ ଅଧିକ ଖରାପ ହୋଇଯାଇଥିଲା । ଏନେଇ ଅଭିଯୋଗ ପରେ କିଛିକାଂଶ ରୀପାଇରିଂ କରାଯାଇଥିଲା କିନ୍ତୁ ଚଳିତ ବର୍ଷ ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରିଛି କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ । ଦୁଇଦିନ ହେବ ମହାପ୍ରଭୁ ବଡ଼ଦାଣ୍ଡରେ ଥିବା ବେଳେ ଅସ୍ଥାଇ ଲାଇଟ୍ କେବଳ ରଥ ନିକଟରେ ଲଗାଯାଇଛି କିନ୍ତୁ ପୁରା ବଡ଼ଦାଣ୍ଡ ଅନ୍ଧାର ଘେରରେ ରହିଛି। ଦର୍ଶନ ପାଇଁ ଆସୁଥିବା ଭକ୍ତ ଏବଂ ବ୍ୟବସାୟୀ ମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି ।



## ପୋଖରୀରୁ ସାଢେ ୬ ଫୁଟର ବଉଳା କୁମ୍ଭୀର ଉଦ୍ଧାର

**ରାଜନଗର,୨୮।୬ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ରାଜନଗର ରେଞ୍ଜ ଅନ୍ତର୍ଗତ ଅଣ୍ଡୁଳାପୁର ଗ୍ରାମର ଡମ୍ବରୁଧର ରାଉତଙ୍କ ପୋଖରୀରୁ ୬.୪ଫୁଟର ଏକ ମାଈ କୁମ୍ଭୀର ଉଦ୍ଧାର କରାଯାଇ ଗୁପ୍ତି ନିକଟସ୍ଥ ହବାଳି କ୍ରିକରେ ଛଡାଯାଇଛି। କୁମ୍ଭୀରଟି ନିକଟସ୍ଥ ନାଳ ରୁ ପୋଖରୀ ମଧକୁ ଚାଲି ଆସିଥିବା ଅନୁମାନ କରାଯାଉଛି। ଡିଏଫଓ ଗୋପୀନାଥ ସୁଦର୍ଶନ ଯାଦବଙ୍କ ନିର୍ଦ୍ଦେଶ କ୍ରମେ ପ୍ରବଳ ବର୍ଷା ସତେ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ସବିତା ବେହେରା, ବିଶ୍ୱ ରଂଜନ ତରାଇ, ମନୋରଞ୍ଜନ ସାହୁ, ଚନ୍ଦନ ମଳିକ, ସଞ୍ଜୟ ସେଠୀ, ଅକ୍ଷୟ ରାଉତ, ମନୋଜ ପାଢ଼ୀ, ବୁଦ୍ଧଦେବ ରାଉତ, ଚନ୍ଦ୍ରକାନ୍ତ ଦାସ ପ୍ରମୁଖ ବନ କର୍ମଚାରୀ ବହୁତ ପରିଶ୍ରମ କରି କୁମ୍ଭୀରଟି କୁ ଉଦ୍ଧାର କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ବର୍ଷା ଦିନ ଯୋଗୁଁ ନଦୀ, ନାଳ ଓ ପୋଖରୀ ରେ ପାଣି ଅଧିକ ହେବାରୁ କୁମ୍ଭୀର ମାନେ ବାଡ଼ି ପୋଖରୀ ମଧକୁ ପସି ଆସୁଛନ୍ତି। ଏଥି ପ୍ରତି ଲୋକମାନେ ସତର୍କତା ଅବଲମ୍ବନ କରିବା ପାଇଁ ବନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରଯାଇଛି।

## ରାଜ୍ୟସ୍ତରୀୟ ଜୁନିଅର ବାସ୍କେଟବଲ୍ ପାଇଁ କେନ୍ଦ୍ରାପଡ଼ା ଦଳ ମନୋନୀତ



**କେନ୍ଦ୍ରାପଡ଼ା,୨୮।୬ (ସଂଚାର ବ୍ୟୁରୋ):** ୬୧ତମ ରାଜ୍ୟସ୍ତରୀୟ ଜୁନିଅର ବାସ୍କେଟବଲ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ କେନ୍ଦ୍ରାପଡା ଦଳ ମନୋନିତ ହୋଇଛି । ବ୍ରହ୍ମପୁରସ୍ଥିତ ନିଷ୍ଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆସନ୍ତା ୨୯ତାରିଖ ଠାରୁ ଜୁଲାଇମାସ ୨ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଜୁନିଅର ବାସ୍କେଟବଲ୍ ପ୍ରତିଯୋଗିତାରେ କେନ୍ଦ୍ରାପଡା ଜିଲ୍ଲାର ଜୁନିଅର ବାଳକ ଦଳ ଅଂଶଗ୍ରହଣ କରିବେ । ସେମାନଙ୍କ ମଧ୍ୟରେ ମହମ୍ମଦ ତସିବ୍, ସେକ ଫଏଜୁଲ୍, ତଲା ଅହେମ୍ମଦ୍, ରିୟାନ ଦାସ, ସରଫରାଜ୍, ଅଫତାବ ବେଗ୍, ବିକାଶ ସୁନ୍ଦର, ବିଶ୍ୱାସ ସୁନ୍ଦର, ଶଙ୍କର ନାଥ, ବିଜ୍ଞାନ ନାଥ ପ୍ରମୁଖ ରହିଛନ୍ତି । ଖେଳାଳୀମାନଙ୍କୁ ମ୍ୟାନେଜର ତଥା କୋଚ ରୁଦ୍ରନାରାୟଣ ସାହୁ ସଙ୍ଗରେ ନେଇ ଶନିବାର ବ୍ରହ୍ମପୁର ଯାତ୍ରା କରିଛନ୍ତି । ଖେଳାଳୀମାନଙ୍କୁ ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ସୟଦ ଅକମଲ ଅଲ୍ଲୀ ଓ ବାସ୍କେଟବଲ ସଙ୍ଘର ସମ୍ପାଦକ ଦେବେନ୍ଦ୍ର ସାହୁ ଶୁଭେଚ୍ଛା ଜଣାଇବା ସହ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି ।

### କାମ ନକରି ୧ ଲକ୍ଷ ୭୫ ହଜାର ବିଲ୍

# ଅଭିଯୋଗ ଆଣିଲେ ସୂଚନାଧିକାର କର୍ମୀ

**ମହାକାଳପଡ଼ା,୨୮।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ତେରଗାଁ ପଞ୍ଚାୟତରେ ଦେଖିବାକୁ ମିଳିଛି ଏକ ଅଦ୍ଭୁତ ଦୃଶ୍ୟ। ମନରେଗା ମାଧମରେ ୧ ଲକ୍ଷ୍ୟ ୭୫ ହଜାର ଟଙ୍କା ହରି ଲୁଟ୍ ହୋଇଥିବା ସୂଚନା ଅଧିକାର କର୍ମୀ ସୁବ୍ରତ କୁମାର ସେଠୀ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଗତ ୨୦୨୧-୨୦୨୨ ମସିହାରେ ଏକ ରାସ୍ତା କୈଳାସ ପରିଡ଼ା ଘରଠାରୁ ନଦୀ ପର୍ଯ୍ୟନ୍ତ ଏକ ରାସ୍ତା ସହିତ କଲଭର୍ଟ ନିର୍ମାଣ ହୋଇଛି ବୋଲି ମନରେଗା ପୋର୍ଟାଲ୍ ରେ ଦର୍ଶାଯାଇଛି। ସେହି କୋର୍ଡ କୁ ବ୍ୟବହାର କରି ସ୍ଥାନୀୟ ଅଞ୍ଚଳର ସୂଚନା ଅଧିକାର କର୍ମୀ ସୁବ୍ରତ କୁମାର ସେଠୀ ସେହି ରାସ୍ତା ବିଷୟରେ କିଛି ଜାଣିବା ପାଇଁ ମହାକାଳପଡ଼ା ବ୍ଲକ୍‌କୁ ୧୦ ମେ ୨୦୨୨ରେ ସୂଚନା ଅଧିକାର ଆଇନ ଦ୍ୱାରା ତଥ୍ୟ ମାଗିଥିଲେ । କିନ୍ତୁ ସେତେବେଳର ଜନସୂଚନା ଅଧିକାରୀ ରୁଦ୍ର ତ୍ରିପାଠୀ କିଛି ତଥ୍ୟ ପ୍ରଦାନ କରି ନଥିଲେ । ସୂଚନା ନମିଳିବାରୁ ସୁବ୍ରତ ବାଧ ହୋଇ ସୂଚନା କମିଶନରଙ୍କ ନିକଟରେ ଅପିଲ୍ କରିଥିଲେ।



ପ୍ରାୟ ୩ ବର୍ଷ ପରେ ସୂଚନା କମିଶନର ଏହି କେଶ୍‌ର ଶୁଣାଣି ୨ ଜୁନ ୨୦୨୫ରେ କରି ମହାକାଳପଡ଼ା ବ୍ଲକ୍‌କୁ ତଥ୍ୟ ପ୍ରଦାନ କରିବା ପାଇଁ ଚିଠି କରିଥିଲେ। ଚିଠି ପରେ ପଞ୍ଚାୟତର ଜିଆରଏସ ଯେଉଁ ତଥ୍ୟ ପ୍ରଦାନ କରିଛନ୍ତି ତାହା ହାସ୍ୟାସ୍ପଦ। ତଥ୍ୟରେ ଦର୍ଶାଇଛନ୍ତି ଏହି କାମ ପାଇଁ ୫ ଲକ୍ଷ ଟଙ୍କାର ଆକଳନ ହୋଇଥିଲା କିନ୍ତୁ ଆଜି ପର୍ଯ୍ୟନ୍ତ ୧ ଲକ୍ଷ୍ୟ ୭୫ ହଜାର ୮୧ ଟଙ୍କା ଖର୍ଚ୍ଚ କରା ଯାଇଛି। ୯୩ ଜଣ ଜବ୍ କାର୍ଡରେ ଏହି ରାସ୍ତାର ମାଟି କାମ କରିଛନ୍ତି ବୋଲି ସୂଚନାରେ ଦର୍ଶା ଯାଇଛି। କିନ୍ତୁ କାମ କରିବା ସମୟର ଫଟୋ ନାହିଁ ଏବଂ ସୂଚନା ଫଳକ ବୋର୍ଡ ମଧ ନାହିଁ। ଏମିତିକି ରାସ୍ତାଟି କେତେ ଫୁଟ ଚଉଡ଼ାରେ ନିର୍ମାଣ ହୋଇଛି ତାହାର ମଧ ବ୍ଲକ୍ କାର୍ଯ୍ୟାଳୟରେ ତଥ୍ୟ ମଧ ନାହିଁ।

ଏହି ରାସ୍ତା ନିର୍ମାଣ ନକରି ପୂର୍ବତନ ଯନ୍ତ୍ରୀ ଦୀପକ ବେହେରା, ଜିଆରଏସ ହିମାଂଶୁ ଶେଖର ମହାପାତ୍ର ଏବଂ ବର୍ତ୍ତମାନୟ ସରପଞ୍ଚ ଓ ପୂର୍ବତନ ସରପଞ୍ଚଙ୍କ ମିଳିଭଗତ ରେ ଏହି ଟଙ୍କାକୁ ହରି ଲୁଟ୍ କରା ଯାଇଛି ବୋଲି ସୂଚନା ଅଧିକାର କର୍ମୀ ସୁବ୍ରତ କୁମାର ସେଠୀ ଅଭିଯୋଗ ଆଣିଛନ୍ତି ଏବଂ ଧରାପଡିଯିବା ଭୟରେ ବର୍ତ୍ତମାନର ଜିଆରଏସ ଏକ ମନଗଢା ତଥ୍ୟ ଲେଖି ପ୍ରଦାନ କରିଛନ୍ତି। କାମ ସମ୍ପର୍କରେ ସମ୍ପୁର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇ ନଥିବାରୁ ସୁବ୍ରତ ଆଗାମୀ ଦିନରେ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହେବା ସହିତ ତଦନ୍ତ ପାଇଁ ଦାବି କରିବେ ବୋଲି କହିଛନ୍ତି।

## କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ଆଇକ୍ୟୁଏସି ପକ୍ଷରୁ ଆଲୋଚନାଚକ୍ର

**କେନ୍ଦ୍ରାପଡ଼ା,୨୮।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଆଇ.କ୍ୟୁ.ଏ.ସି. ପକ୍ଷରୁ ପ୍ରାକ୍ତନ ଛାତ୍ରଙ୍କ ବକ୍ତୃତାମାଳା କ୍ରମରେ ଶନିବାର ପୁରାତନ ଛାତ୍ର କିଟ୍ ବିଶ୍ୱବିଦ୍ୟାଳୟର ଗଣ ଯୋଗାଯୋଗ ବିଭାଗର ସହଯୋଗୀ ପ୍ରାଧାପକ ଡକ୍ଟର ବିଦୁଭୂଷଣ ଦାଶ ସମାଜ ବିଜ୍ଞାନରେ ଗୁଣାତ୍ମକ ଗବେଷଣାର ସ୍ୱଳ୍ପ ଆଲୋଚିତ ଦିଗ ଉପରେ ଅନୁଶୀଳନ ମୂଳକ ଚର୍ଚ୍ଚା କରିଥିଲେ। ଏହି ଆଲୋଚନାରେ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ସଞ୍ଜୀବ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ ।




ଏହି କାର୍ଯ୍ୟକ୍ରମକୁ ଆଇ.କ୍ୟୁ.ଏ.ସି.ର ସଂଯୋଜକ ଅଧାପିକା ଡ. ଦିପ୍ତୀ ରାୟ ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ରାଜନୀତିବିଜ୍ଞାନ ବିଭାଗ ଅଧାପିକା ଆର୍ସିୟା ଅଞ୍ଜୁମ ସଭାକୁ ପରିଚାଳନା କରିଥିଲେ । ଏହି ସଭାରେ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ, ଅଧାପକ, ଅଧାପିକାମାନେ ଯୋଗ ଦେଇଥିଲେ । ଶେଷରେ ଆଇ.କ୍ୟୁ.ଏ.ସି.ର ସହ ସଂଯୋଜକ ଅଧାପକ ହିମାଂଶୁ ଶେଖର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ସରକାରୀ ଜାଗାରୁ କାଟିନେଲେ ଗଛ

**ଡେରାବିଶ,୨୮।୬ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ କାକତିଆ ସ୍ଥିତ କେନ୍ଦ୍ରାପଡ଼ା କେନାଲର ୧୧ ନଂ (କ) ଶାଖା ନାଳବନ୍ଧରୁ ସରକାରୀ ଜାଗାରେ ଥିବା ଏକ ଚାଖୁଣ୍ଡା ଗଛକୁ ଜନୈକ ବ୍ୟକ୍ତି କାଟି ଦେଇଥିବା ଅଭିଯୋଗ ହୋଇଛି। ସୂଚନାରୁ ପ୍ରକାଶ ଏହି ଗଛଟି ନାଳବନ୍ଧରେ ସରକାରୀ ଜାଗାରେ ଥିବା ବେଳେ ଗତକାଲିର ଶ୍ରୀଗୁଣ୍ଡିଚା ଛୁଟି, ଆଜି ଚତୁର୍ଥ ଶନିବାର ଓ ଆସନ୍ତା କାଲି ରବିବାର ସରକାରୀ ଛୁଟି ହୋଇଥିବା ସୁଯୋଗରେ ଏହି ଗଛଟିକୁ ଆଜି କାଟି ଦେଇଥିବା ଦେଖିବାକୁ ମିଳିଛି। ତେବେ ଆସନ୍ତା କାଲିର ଛୁଟି ସୁଯୋଗରେ ଏହକୁ ମଧ ସମ୍ପୃକ୍ତ ବ୍ୟକ୍ତି ସେହି ସ୍ଥାନରେ ପଡ଼ିଥିବା କାଠ ଗଣ୍ଡି ଗୁଡ଼ିକ ଚାଲାଣ କରିଦେବାକୁ ମସୁଧା ଚଳାଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଲୋକମାନେ ରାଜସ୍ୱ ନିରୀକ୍ଷକ ଓ ଜଳସେଚନ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିବା ପ୍ରକାଶ କରିଛନ୍ତି।

### ସମ୍ବଲପୁରରେ ଲାଗିବ ଲକ୍ଷେ ଚାରା, ଅଭିଯାନର ଶୁଭାରମ୍ଭ କଲେ କେନ୍ଦ୍ର ମନ୍ତ୍ରୀ

# ସମ୍ବଲପୁରକୁ ନୂଆ ପରିଚୟ ଦେବାକୁ ଆହ୍ୱାନ

- ଭାଗନେଲେ ଛାତ୍ରଛାତ୍ରୀ, ମାତୃଶକ୍ତି, ସ୍ୱେଚ୍ଛାସେବୀ
- ଅଗଷ୍ଟ ୩୧ ପର୍ଯ୍ୟନ୍ତ ଚାଲିବ ଅଭିଯାନ
- ଅତିଥିଙ୍କୁ ମଞ୍ଜି ଉପହାର ପାଇଁ ପ୍ରଶାସନକୁ ପରାମର୍ଶ



**ପୋତାପାଲି/ସମ୍ବଲପୁର,୨୮।୬(ସଂଚାର ବ୍ୟୁରୋ):** ଦେଶରେ ଚାରା ରୋପଣର ସହର ଭାବେ ସମ୍ବଲପୁରକୁ ଏକ ନୂଆ ପରିଚୟ ଦେବା ସକାଶେ ଆହ୍ୱାନ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ମା' ସମଲେଶ୍ୱରୀ, ନୂଆଁଖାଇ, ଶୀତଳଷଷ୍ଠୀ, ମହାନଦୀ ଆଦି ସମ୍ବଲପୁରର ପରିଚୟ ହୋଇଥିବା ବେଳେ ଏଥିରେ ଚାରା ରୋପଣର ସହର ସମ୍ବଲପୁର ଭାବେ ଯୋଡ଼ିବାକୁ ଛୋଟରୁ ବଡ଼ ପର୍ଯ୍ୟନ୍ତ ସବୁ ବର୍ଗର ଲୋକଙ୍କୁ ମା'ଙ୍କ ନାମରେ ଗୋଟିଏ ଚାରା ରୋପଣ ପାଇଁ ପ୍ରୋତ୍ସାହିତ କରିବାକୁ କେନ୍ଦ୍ର ମନ୍ତ୍ରୀ ମତ ଦେଇଛନ୍ତି। ଆଜି ପୋତାପାଲିଠାରେ 'ଏକ୍ ପେଡ଼୍ ମା' କେ ନାମ ୨.୦' ଅଭିଯାନ ଅଧୀନରେ ଆୟୋଜିତ ବନ ମହୋତ୍ସବ ତଥା ବିଶାଳ ଚାରାରୋପଣ ଅଭିଯାନରେ ଯୋଗଦେଇ ଶ୍ରୀ ପ୍ରଧାନଙ୍କ ସହ ସାମାଜିକ ସଂଗଠନ, ଶିକ୍ଷାନୁଷ୍ଠାନ ର ଛାତ୍ରଛାତ୍ରୀ, ସ୍ୱେଚ୍ଛା ସେବୀ, ମାତୃଶକ୍ତି ଏବଂ ଅନ୍ୟ ବ୍ୟକ୍ତିବିଶେଷ ସାମିଲ୍ ହୋଇଥିଲେ। ଏହି ଅବସରରେ ପ୍ରାକୃତିକ ପରିବେଶ ସହ ଜଙ୍ଗଲ, ହ୍ରଦ, ନଦୀ, ବନ୍ୟପ୍ରାଣୀ ଆଦିଙ୍କ ସୁରକ୍ଷା ପାଇଁ ସମବେତ ଜନତାଙ୍କ ସହ କେନ୍ଦ୍ର ମନ୍ତ୍ରୀ ମଧ୍ୟ ଶପଥ ପାଠ କରିଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦେଶବ୍ୟାପୀ 'ବିଶ୍ୱ ପରିବେଶ ଦିବସ' ଅବସରରେ 'ଏକ୍ ପେଡ଼୍ ମା' କେ ନାମ ୨.୦' ଅଭିଯାନର ଶୁଭାରମ୍ଭ ହୋଇଛି। ଏହି ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନ ରେ ୧୦ କୋଟି ଚାରା ରୋପଣ ପାଇଁ ଦେଶବାସୀ ଙ୍କୁ ପରାମର୍ଶ ଦିଆ ଯାଇଛି। ଚାରା ରୋପଣ ମାଧ୍ୟମରେ ପରିବେଶ ସୁରକ୍ଷା ସହ ସାଧାରଣ ଜନତାଙ୍କ ମଧ୍ୟରେ ଗଛ ଲଗାଇବା ପାଇଁ ସଚେତନତା ସୃଷ୍ଟି କରିବା ଅଭିଯାନର ମୂଳ ଉଦ୍ଦେଶ୍ୟ। ଏହି ମର୍ମରେ ସମ୍ବଲପୁରରେ ୧ ଲକ୍ଷ ଚାରା ରୋପଣ ଲକ୍ଷ୍ୟ ପୂରଣ ଦିଗରେ ସମ୍ବଲପୁର ଜିଲ୍ଲା ପ୍ରଶାସନ ଓ ଜଙ୍ଗଲ ବିଭାଗ ପକ୍ଷରୁ ଗତ ଜୁନ ୫ରୁ ଆରମ୍ଭ ହୋଇ ଆସନ୍ତା ୩୧ ଅଗଷ୍ଟ ପର୍ଯ୍ୟନ୍ତ ଚାଲିବାକୁ ଥିବା ଉଦ୍ୟମ ପ୍ରଶଂସନୀୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ସମ୍ବଲପୁରକୁ ସ୍ୱଚ୍ଛ, ସୁନ୍ଦର ଓ ସବୁଜ ସହର କରିବା ପାଇଁ ଆମେ ମା' ପାଇଁ ଗଛଟିଏ ଅଭିଯାନକୁ ଜନଆନ୍ଦୋଳନରେ ପରିଣତ କରିବା ଜରୁରୀ। ସହରରେ ଅଗଷ୍ଟ ଶେଷ ସୁଦ୍ଧା ୧ ଲକ୍ଷ ଗଛ ଲଗାଇବା ପାଇଁ ସଂକଳ୍ପ ନେବା ସହ ଶାଳ, ପିଆଶାଳ, ଶାଗୁଆନ, କୃଷ୍ଣଚୂଡ଼ା ଭଳି ବିଭିନ୍ନ ରକମର ଚାରା ରୋପଣ କରିବା। ସମ୍ବଲପୁରକୁ ଏକ ସବୁଜ ସହରରେ ପରିଣତ କରିବା ପାଇଁ ରାସ୍ତା ପାର୍ଶ୍ୱ, ସ୍କୁଲ, କଲେଜ, ଅଫିସ୍ ସମେତ ସବୁ ସ୍ଥାନରେ ଚାରା ରୋପଣ କରିବାକୁ କେନ୍ଦ୍ର ମନ୍ତ୍ରୀ ଆହ୍ୱାନ ଦେବା ସହ ଅତିଥିଙ୍କୁ ଉପହାର ସ୍ୱରୂପ ମଞ୍ଜି ଦେବା ଭଳି ଅଭିନବ ପ୍ରୟାସ ଆରମ୍ଭ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ସାମ୍ପ୍ରତିକ ସମୟରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ବା ଥରେମାତ୍ର ବ୍ୟବହାର ହେଉଥିବା ପ୍ଲାଷ୍ଟିକ୍ ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ହୋଇଥିବା ବେଳେ ଏହାର ନିରାକରଣ ପାଇଁ ପ୍ଲାଷ୍ଟିକ ବ୍ୟବହାରକୁ ହ୍ରାସ କରିବା ସହ ଏପରି ପ୍ଲାଷ୍ଟିକକୁ ବର୍ଜନ ଦିଗରେ ସଚେତନତା ସୃଷ୍ଟି କରିବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି। ଏହାଦ୍ୱାରା ସୁସ୍ଥ, ସବୁଜ ଓ ବିକଶିତ ସମ୍ବଲପୁରର ସ୍ୱପ୍ନ ସାକାର ହୋଇପାରିବ ଏବଂ ସର୍ବୋପରି ସୁରକ୍ଷିତ ରହିବା ସହ ଅଞ୍ଚଳର ସମୃଦ୍ଧ ଓ ବିକାଶ ସମ୍ଭବପର ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

## ଓଡ଼ିଶା ଉଦ୍ୟୋଗୀ ପରିବାରର ମାସିକ ବୈଠକ




**ଭୁବନେଶ୍ୱର,୨୮।୬ (ସଂଚାର ବ୍ୟୁରୋ):** ଓଡ଼ିଶା ଉଦ୍ୟୋଗୀ ପରିବାରର ମାସିକ ବୈଠକ ସ୍ଥାନୀୟ ୟୁନିଟ-୯ ବୁଦ୍ଧ ମନ୍ଦିରରେ ସଭାପତି ତଥା ବିଶିଷ୍ଟ ଉଦ୍ୟୋଗୀ ଶିବ ନାରାୟଣ ମିଶ୍ରଙ୍କ ପୌରହିତ୍ୟ ଓ ଶ୍ରୀକାନ୍ତ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଛି। ପ୍ରତ୍ୟେକ ଉଦ୍ୟୋଗୀ ଜଣେ ଜଣେ ରାଷ୍ଟ୍ରସେବକ ଓ ସମର୍ପିତ ବ୍ୟକ୍ତିସତ୍ତା। ଯାବତୀୟ ଘାତପ୍ରତିଘାତ ଭିତରେ ଜଣେ ଉଦ୍ୟୋଗୀ ଗତି କରିବା ସହିତ ରାଷ୍ଟ୍ରର ବହୁବିଧ ଉନ୍ନତି ପାଇଁ ତାଙ୍କ ସେବା, ନିଷ୍ଠା ସମର୍ପଣ ଭାବ ବେଶ ପ୍ରଶଂସନୀୟ। ବୈଠକରେ ମୁଖ୍ୟ ଅତିଥି ଭାବେ ନାସକମ ସମ୍ମାନପ୍ରାପ୍ତ କେପ ଜେମିନି ଟେକନୋଲୋଜିର ଗ୍ଲୋବାଲ ଉପ ସଭାପତି ତଥା ବିଶିଷ୍ଟ ମହିଳା ଉଦ୍ୟୋଗୀ ରାଜଶ୍ରୀ ଦାସ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆର୍ଟିଟେକ ସୂରଜ କିରଣ ପାତ୍ର, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ଶିଳ୍ପ ଉପନିର୍ଦ୍ଦେଶକ ବିଜୟ କୁମାର ପଣ୍ଡା ସଂଗଠିତ ହେବା ସହିତ ପରସ୍ପର ପ୍ରତି ଆନୁଗତ୍ୟ ଭାବ ମାଧ୍ୟମରେ ଉଦ୍ୟୋଗ ଜଗତକୁ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ଦାସ ଆଧୁନିକ ପ୍ରଯୁକ୍ତି ବିଦ୍ୟା, ନୂତନ ସମ୍ଭାବନା ତଥା ଓଡ଼ିଶାର ଉଦ୍ୟୋଗୀ କୌଣସି ପରିପ୍ରେକ୍ଷୀରେ କମ ନୁହଁନ୍ତି ବୋଲି ମତ ବ୍ୟକ୍ତ କରିଥିଲେ। ସଭାପତି ଶ୍ରୀ ମିଶ୍ର ଉଦ୍ୟୋଗୀଙ୍କ ସୁରକ୍ଷା, ସମ୍ମାନ, ସମୃଦ୍ଧି ଉପରେ ଆଲୋକପାତ କରିବା ସହିତ ଉଦ୍ୟୋଗୀଙ୍କ ବିଭିନ୍ନ ସମସ୍ୟା କିପରି ସମାଧାନ ହୋଇପାରିବ, ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅଧିକ ଡାଇମଣ୍ଡ କ୍ଲବ ଶ୍ରେଷ୍ଠ ଅବଦାନ ପାଇଁ ଶ୍ରୀ ମିଶ୍ର, ପ୍ରାଉଡ୍ ପର୍ଚେଜର ଉଦ୍ୟୋଗୀ ବଜାର ପାଇଁ ଅଭିଜିତ ପଣ୍ଡା, ଶ୍ରେଷ୍ଠ ସିଇଓ ଅମିୟ କୁମାର ମିଶ୍ର ଓ ଶ୍ରେଷ୍ଠ ଆକ୍ଟିଭ ମେମ୍ବର ଭାବେ ସୀତାଂଶୁ ଶେଖର ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ରଥଯାତ୍ରାରେ ବିଭ୍ରାଟ

# ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ବିଜେଡି



**ଭୁବନେଶ୍ୱର,୨୮।୬(ସଂଚାର ବ୍ୟୁରୋ):** ଚଳିତବର୍ଷ ତ୍ରୁଟିଶୂନ୍ୟ ଓ ସ୍ମରଣୀୟ ରଥଯାତ୍ରା ହେବ ଏବଂ ଏକ ଦିବ୍ୟ ଅନୁଭୂତି ନେଇ ଭକ୍ତମାନେ ଫେରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କିନ୍ତୁ ଅବ୍ୟବସ୍ଥିତ ଓ ମହାବିଭ୍ରାଟରେ ରଥଯାତ୍ରା ସମ୍ପନ୍ନ ହେଲା ବୋଲି ବିଜେଡି ଅଭିଯୋଗ କରିବା ସହ ଏନେଇ ନୈତିକତା ଆଧାରରେ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବାକୁ ଦାବି କରିଛି। ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି (ମୁଖ୍ୟାଳୟ) ତଥା ପୂର୍ବତନ ଆଇନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ ଯଥା ସମୟରେ ସେବାୟତମାନେ ପହଣ୍ଡି ଶେଷ କରିଥିଲେ ମଧ୍ୟ ସରକାରଙ୍କ ଅପାରଗତା ଯୋଗୁଁ ଗୋଟିଏ ବି ରଥ ଶରଧାବାଲିରେ ପହଞ୍ଚିପାରିଲାନାହିଁ। ଏପରିକି ମହାପ୍ରଭୁଙ୍କ ନନ୍ଦିଘୋଷ ସିଂହଦ୍ୱାରରୁ ବି ଘୁଞ୍ଚିପାରିଲା ନାହିଁ। ପର୍ଯ୍ୟାପ୍ତ ପରିମାଣର ସୁରକ୍ଷା କର୍ମୀ ଉପସ୍ଥିତ ଥିଲେ ମଧ୍ୟ ସରକାରଙ୍କ ଅପରିଣାମଦର୍ଶୀ ନିଷ୍ପତ୍ତି ଯୋଗୁଁ ପ୍ରଥମ ଥର ପାଇଁ ଅତ୍ୟଧିକ ସଂଖ୍ୟାରେ କର୍ଡନ ପାସ୍ ବଣ୍ଟନ ରଥଟଣାରେ ବିଭ୍ରାଟ ସୃଷ୍ଟି କଲା। ରଥ ନିକଟରେ ବହୁ ସଂଖ୍ୟାରେ ଦଳୀୟ ନେତା ଭିଡ଼ ଜମାଇଥିଲେ। ସାମ୍ବାଦିକମାନଙ୍କୁ ସରକାର ନିମନ୍ତ୍ରଣ କରିଥିଲେ ହେଁ ସେମାନଙ୍କୁ ପୁଲିସ୍ ମାଡ଼ ମାରି ଲହୁଲୁହାଣ କରିବା ରଥଯାତ୍ରା ଇତିହାସରେ ପ୍ରଥମ ଘଟଣା। ଅନେକ ବରିଷ୍ଠ ଓ ମହିଳା ସାମ୍ବାଦିକ ଆହତ ହୋଇଛନ୍ତି। ଭିଡ଼ ନିୟନ୍ତ୍ରଣରେ ସରକାରଙ୍କ ପାରଦର୍ଶିତା ଅଭାବରୁ ଶହ ଶହ ଭକ୍ତ ମଧ୍ୟ ଆହତ ହୋଇଛନ୍ତି। କେତେକ ଭକ୍ତ ମଧ୍ୟ ଆଇସିୟୁରେ ଅଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ତୁରନ୍ତ କେତେ ସଂଖ୍ୟକ ଭକ୍ତ ଆହତ ହୋଇଛନ୍ତି, ସେନେଇ ସ୍ପଷ୍ଟୀକରଣ ପାଇଁ ଶ୍ରୀ ଜେନା ଦାବି କରିଛନ୍ତି। ସେ କହିଛନ୍ତି ଯେ ଏତେସବୁ ବିଭ୍ରାଟ ସତ୍ତ୍ୱେ ଆଇନ ମନ୍ତ୍ରୀ ଓ ଶ୍ରୀମନ୍ଦିର ପ୍ରଶାସକ ଏହାକୁ ମହାପ୍ରଭୁଙ୍କ ଇଚ୍ଛା ବୋଲି କହିବା ସବୁଠାରୁ ବଡ଼ ଦୁର୍ଭାଗ୍ୟଜନକ କଥା। ପୂର୍ବରୁ ମହାପ୍ରଭୁ ଅଣସର ଘରେ ଥିବା ସମୟରେ ୩ ଠାକୁରଙ୍କ ମୋଦକ ଚୋରି ହୋଇଥିଲେ ମଧ୍ୟ ଏହାକୁ ଆଇନ ମନ୍ତ୍ରୀ କି ମନ୍ଦିର ପ୍ରଶାସନ କେହି ବି ମାନିନାହାନ୍ତି। ଗତବର୍ଷ ମଧ୍ୟ ରଥଯାତ୍ରାରେ ପହଣ୍ଡି ସମୟରେ ବଡ଼ ଠାକୁର ରଥରୁ ପଡ଼ିଯିବା ନେଇ ତଦନ୍ତ ରିପୋର୍ଟ ଆଜି ପର୍ଯ୍ୟନ୍ତ ସାର୍ବଜନୀନ କରାଯାଇନାହିଁ। ଗତବର୍ଷର ଅଘଟଣରୁ ବି ସରକାର କିଛି ଶିଖିନଥିବାରୁ ତୁରନ୍ତ ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀ ନିଜ ପଦରୁ ଇସ୍ତଫା ଦେବାକୁ ଶ୍ରୀ ଜେନା ଦାବି କରିଛନ୍ତି।

## 'ଶିଳାଶ୍ରୀ'ର ଅଷ୍ଟାଦଶ ବାର୍ଷିକ ଉତ୍ସବ



**ଭୁବନେଶ୍ୱର,୨୮।୬(ସଂଚାର ବ୍ୟୁରୋ):** ସାହିତ୍ୟ ପତ୍ରିକା 'ଶିଳାଶ୍ରୀ' ପକ୍ଷରୁ ଆଜି ସ୍ଥାନୀୟ ବୁଦ୍ଧ ବିହାରଠାରେ ଏହାର ଅଷ୍ଟାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଉଦ୍‌ଘାଟକ ଭାବେ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ମୁଖ୍ୟ ଅତିଥି ଭାବେ ଡ. ଜୟନ୍ତୀ ରଥ, ମୁଖ୍ୟ ବକ୍ତା ଭାବେ ଡ. ନିରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ଡ. ବାପୁ ପଟ୍ଟନାୟକ ଓ ଡ. ଦେବାଶିଷ ମହାପାତ୍ର ଯୋଗଦେଇଥିଲେ। ଅତିଥିମାନଙ୍କ ପରିଚୟ ଡ. ମହାପାତ୍ର ଦେଇଥିବା ବେଳେ ବାର୍ଷିକ ବିବରଣୀ ପାଠ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ ସମ୍ପାଦିକା ବାସନ୍ତୀ ଦାସ। ପତ୍ରିକାର ୬୪ତମ ସଂକଳନ 'ତଥାପି ସରିନାହିଁ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ଶିଳାଶ୍ରୀ ବାର୍ଷିକ ସମ୍ମାନ ପ୍ରଦାନ କରାଯାଇଥିଲା। ଗଳ୍ପ ସମ୍ମାନ ନାରାୟଣ ସାହୁଙ୍କୁ, କବିତା ସମ୍ମାନ ମନୋରମା ପଣ୍ଡାଙ୍କୁ, ସାରସ୍ୱତ ସମ୍ମାନ ସଂଯୁକ୍ତା ସ୍ୱାଇଁଙ୍କୁ, କବିତା ସମ୍ମାନ ସରୋଜଲକ୍ଷ୍ମୀ ମହାନ୍ତିଙ୍କୁ ଓ ଶିଳାଶ୍ରୀ ଯୁଗ୍ମ ସମ୍ମାନ ବାସନ୍ତୀ ଜେନାଙ୍କୁ ଓ ବିଘ୍ନରାଜ ଜେନାଙ୍କୁ ପ୍ରଦାନ କରାଯାଇଥିଲା। ଏଥିସହ ଶିଳାଶ୍ରୀ ରଜ ପ୍ରତିଯୋଗିତାରେ ପିଠା, ଗୀତ, ନୃତ୍ୟ ଆଦିରେ ଭାଗ ନେଇଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ପରିଚାଳନା କରିଥିଲେ ବିଶ୍ୱମିତ୍ରା ମିଶ୍ର। ପ୍ରାରମ୍ଭରେ ଡ. ସୁଭଦ୍ରା ଦେବୀ, ଶୁଭଶ୍ରୀ ପଟ୍ଟନାୟକ ଓ ବିଶ୍ୱମିତ୍ରାଙ୍କ ସଂଯୋଜନାରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। ଶେଷରେ ମୈତ୍ରୀ ଭୂଷଣ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

## କୋଟିଆରେ ରଥଯାତ୍ରା: ୪ ମନ୍ତ୍ରୀଙ୍କ ସହ ରଥ ଟାଣିଲେ ଉପମୁଖ୍ୟମନ୍ତ୍ରୀ



**କୋରାପୁଟ/ପଟ୍ଟାଙ୍ଗି,୨୮।୬ (ସଂଚାର ବ୍ୟୁରୋ):** ପୁରୀରେ ରୀତିନୀତି ଅନୁଯାୟୀ ୩ ଠାକୁରଙ୍କ ରଥଯାତ୍ରା ପାଳନ ହୋଇଥିବା ବେଳେ ଏହାର ଗୋଟିଏ ଦିନ ପରେ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ସୀମାନ୍ତ କୋଟିଆ ପଞ୍ଚାୟତରେ ରଥଟଣା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ସମେତ ରାଜସ୍ୱ ଓ ବିପର୍ଯ୍ୟସ୍ତ ମନ୍ତ୍ରୀ ସୁରେଶ ପୂଜାରୀ, ବାଣିଜ୍ୟ ପରିବହନ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, କ୍ଷୁଦ୍ର ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, କୋରାପୁଟ ଏମ୍‌ପି ସପ୍ତଗିରି ଉଲକା, ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ୍, କୋରାପୁଟ ବିଧାୟକ ରଘୁରାମ ମାଛ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଜିଲାପାଳ ଭି.କୀର୍ତ୍ତି ୱାସନ ଓ ଜିଲା ଏସ୍‌ପି ରୋହିତ ଭର୍ମା ପ୍ରମୁଖ ଯୋଗଦେଇଥିଲେ। ଜଗନ୍ନାଥଙ୍କୁ ଦର୍ଶନ କରି ଛେରା ପହଁରା କରିଥିଲେ। ଏହାପରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଅନ୍ୟ ମନ୍ତ୍ରୀ, ଏମ୍‌ପି ଓ ବିଧାୟକମାନେ ରଥ ଟାଣି ଅଙ୍ଗନୱାଡି କେନ୍ଦ୍ରର ଅସ୍ଥାୟୀ ଗୁଣ୍ଡିଚା ମନ୍ଦିରରେ ପହଞ୍ଚାଇଥିଲେ। ୩ ଠାକୁରଙ୍କ ପହଣ୍ଡିରେ ଅଂଶଗ୍ରହଣ କରିଥିଲେ। ସମସ୍ତେ କୋଟିଆ ଜଗନ୍ନାଥ ମନ୍ଦିର ପରିଦର୍ଶନ କରି ପାରିପାଶର୍ବିକ ସ୍ଥିତି ଅନୁଧ୍ୟାନ କରିଥିଲେ। ଥାନା ନିକଟରେ ନବନିର୍ମିତ ଗେଷ୍ଟ ହାଉସ୍ ଉଦ୍‌ଘାଟନ କରିଥିଲେ। କୋରାପୁଟ ଫେରିବା ବେଳେ ଦେଓମାଳି ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରି ଉନ୍ନୟନମୂଳକ କାର୍ଯ୍ୟ ଦେଖିଥିଲେ।

## ଖଣ୍ଡପଡା ରଥଯାତ୍ରାରେ ଛେରାପହଁରା କଲେ ଯୁବରାଜ ସିଦ୍ଧାର୍ଥ



**ଖଣ୍ଡପଡା,୨୮।୬(ସଂଚାର ବ୍ୟୁରୋ):** ଖଣ୍ଡପଡା ଗଡଜାତ ଜଗନ୍ନାଥଙ୍କ ରଥଯାତ୍ରା ରେ ଛେରା ପହଁରା ନୀତି ସମ୍ପନ୍ନ କଲେ ଯୁବରାଜ ସିଦ୍ଧାର୍ଥ ଶେଖର ସିଂହ। ଖଣ୍ଡପଡା ଗଡଜାତ ଜଗନ୍ନାଥଙ୍କ ରଥଯାତ୍ରାରେ ଛେରା ପହଁରା ନୀତି ସମ୍ପନ୍ନ କଲେ ଯୁବରାଜ ସିଦ୍ଧାର୍ଥ ଶେଖର ସିଂହ। ଖଣ୍ଡପଡ଼ାର ରାଜା ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କ ଅସୁସ୍ଥତା କାରଣରୁ ତାଙ୍କ ପ୍ରତିନିଧି ଭାବେ ତାଙ୍କର ପୁତ୍ର ଯୁବରାଜ ସିଦ୍ଧାର୍ଥ ଶେଖର ସିଂହ ଏହି ଦାୟିତ୍ୱ ତୁଲାଇଛନ୍ତି। ରୀତିନୀତି ଅନୁଯାୟୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ପୁରୋହିତ ଓ ଅନ୍ୟ ମନ୍ଦିର ସେବାୟତମାନେ ରଥାରୁଢ଼ ପ୍ରଭୁ ଜଗନ୍ନାଥଙ୍କ ଆଜ୍ଞାମାଳ ରାଜବାଟିକୁ ଆଣି ପୂଜାର୍ଚ୍ଚନା କରିବାପରେ ଯୁବରାଜଙ୍କୁ ହଜାର ହଜାର ଭକ୍ତଙ୍କ ଗହଣରେ ରାଜନଅରରୁ ରଥ ଅଭିମୁଖେ ପଟୁଆରରେ ପାଛୋଟି ନେଇଥିଲେ। ଘଣ୍ଟ, ହୁଳହୁଳି, ପାରମ୍ପରିକ ବାଦ୍ୟ ଓ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ପରିବେଶ କମ୍ପି ଉଠିଥିଲା। ରଥ ଉପରେ ରାଜ ପୁରୋହିତ ମନ୍ତ୍ର ଉଚ୍ଚାରଣ ମଧ୍ୟରେ ଯୁବରାଜ ସିଦ୍ଧାର୍ଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆଲଟ, ଚାମର, ଆଳତି ସେବା କରିବା ସହ ରଥ ଚାରିପାଖେ ପାରମ୍ପରିକ ଛେରାପହଁରା ନୀତି ସମ୍ପନ୍ନ କରିଥିଲେ। ଏହି ଅପୂର୍ବ ଦୃଶ୍ୟକୁ ଉପଭୋଗ କରିବାକୁ ଖଣ୍ଡପଡ଼ା ଏବଂ ଆଖପାଖ ଅଞ୍ଚଳରୁ ହଜାର ହଜାର ଜଗନ୍ନାଥ ଭକ୍ତଙ୍କ ଜନସମାଗମ ହୋଇଥିଲା। ଖଣ୍ଡପଡା ଗଡ଼ଜାତ ଅଞ୍ଚଳର ଇତିହାସ ଅନୁସାରେ ଖଣ୍ଡପଡ଼ା ଗଡଜାତରେ ତତ୍କାଳୀନ ରାଜା ନିଳାଦ୍ରୀ ସିଂହ ମର୍ଦ୍ଦରାଜ ୧୭୮୦ରୁ ୧୭୯୦ ମଧ୍ୟରେ ଖଣ୍ଡପଡ଼ାରେ ପୁରୀ ମନ୍ଦିର ଅନୁରୂପ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ କରି ପ୍ରଥମେ ରଥଯାତ୍ରା ଆରମ୍ଭ କରି ନିଜେ ଛେରାପହଁରା କରିଥିଲେ। ସେବେଠାରୁ ପୁରୀ ଜଗନ୍ନାଥଙ୍କ ରୀତିନୀତି ଅନୁସାରେ ନିରବିଚ୍ଛିନ୍ନ ଭାବରେ ରଥଯାତ୍ରା ପାଳିତ ହୋଇ ଆସୁଅଛିନ୍ତୁ ପରବର୍ତ୍ତୀ ସମୟରେ ବିଭିନ୍ନ ରାଜା ମାନେ ଏହି ପରମ୍ପରା ପାଳନ କରିଆସୁଛନ୍ତି। ୧୯୭୭ରେ ପିତା ରାଜା ହରିହର ସିଂହ ମର୍ଦ୍ଦରାଜ ଭ୍ରମରବର ରାୟଙ୍କ ଦେହାନ୍ତ ପର ଠାରୁ ଖଣ୍ଡପଡାର ବର୍ତ୍ତମାନର ରାଜା ଭିଭୂତି ଭୂଷଣ ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ ଏହି ଛେରା ପହଁରା ସେବା ରଥରେ କରିଆସୁଛନ୍ତି। ଚଳିତ ବର୍ଷ ତାଙ୍କ ଦେହ ଅସୁସ୍ଥ ଥିବା କାରଣରୁ ଡାକ୍ତରଙ୍କ ପରାମର୍ଶ ସେ ରଥରେ ଏହି ଛେରା ପହଁରା ନୀତି କରିବାରେ ଅସମର୍ଥ ପ୍ରକାଶ କରିବା ଫଳରେ ତାଙ୍କ ପୁତ୍ର ଯୁବରାଜ ସିଦ୍ଧାର୍ଥ ଶେଖର ସିଂହ ଏହି ଦାୟିତ୍ୱ ତୁଲାଇଛନ୍ତି।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

**ଧର୍ମଶାଳା,୨୮।୬(ସଂଚାର ବ୍ୟୁରୋ):** ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଅଚ୍ୟୁତପୁର ଗ୍ରାମର ଜଣେ ଯୁବକଙ୍କ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ସୂଚନା ମୁତାବକ ଅଭୟପୁର ପଞ୍ଚାୟତ ଅଚ୍ୟୁତପୁର ଗ୍ରାମର ପ୍ରଭାସ କୁମାର ସାହୁଙ୍କ ପୁଅ ଓମ୍ ପ୍ରକାଶ ସାହୁ ବୟସ ପାଖାପାଖି ୧୭ ବର୍ଷ ସକାଳୁ କୌଣସି କାମରେ ଘର ଛାତ ଉପରକୁ ଯାଇଥିବା ବେଳେ ଉପରେ ଥିବା ବିଦ୍ୟୁତ୍ ତାର ଲାଗି ରହିଥିବା, ବେଳେ ଓମ ପ୍ରକାଶଙ୍କ ଦାଦା ଛାତ ଉପରକୁ ଯିବା ବେଳେ ଦେଖିବାକୁ ପାଇଥିଲେ। ପରିବାର ପକ୍ଷରୁ ତାଙ୍କୁ ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାର ଗୁରୁତର ଥିବାରୁ କଟକ ନେଇଯାଇଥିଲେ । କଟକ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଅସ୍ତ୍ର ଛାଡ଼ିଲେ ୪ ମହିଳା ସମେତ ୬ ମାଓବାଦୀ



**ମାଲକାନଗିରି,୨୮।୬ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ସୀମାନ୍ତବର୍ତ୍ତୀ ଛତିଶଗଡ଼ର ସମ୍ବେଦନଶୀଳ ନାରାୟଣପୁର ଜିଲ୍ଲାରେ ଆଜି ୬ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଅସ୍ତ୍ରତ୍ୟାଗ କରିଥିବା ଏହି ମାଓବାଦୀଙ୍କ ମଧ୍ୟରେ ୪ ଜଣ ମହିଳା ଅଛନ୍ତି। ଏମାନେ ସମସ୍ତେ ବିଏସ୍‌ଏଫ୍ ୧୫ ବାହିନୀ କମାଣ୍ଡାଣ୍ଟ ନବଲ ସିଂ, ୫୩ ବାହିନୀ କମାଣ୍ଡାଣ୍ଟ ସଞ୍ଜୟ କୁମାରଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ନାମରେ ମୋଟ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ ଧନାୟ ହଲାମି, ଦଶମତୀ କେବାଚି, ସୁକାୟ ଓରଫ ରୋଶନୀ ପୋୟାମ, ଇନାମୀ ଚେତରାମ ଉସେଣ୍ଡି ଓରଫ ରୁଷି, ଗାଙ୍ଗୁ ପୋୟାମ ଓ ଶାରୀ ଓରଫ ଗାଗରି କେବାଚୀ। ଏମାନଙ୍କ ମଧ୍ୟରୁ ଧନାୟଙ୍କ ନାମରେ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିବା ବେଳେ ଅନ୍ୟ ୫ ଜଣଙ୍କ ନାମରେ ସ୍ଥାନୀୟ ପ୍ରଶାସନ ଲକ୍ଷେ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା କରିଥିଲା। ଆତ୍ମସମର୍ପଣ ପରେ ସମସ୍ତଙ୍କୁ ଛତିଶଗଡ଼ ସରକାରଙ୍କ ନୂତନ ଆତ୍ମସମର୍ପଣ ନୀତି ଅନୁସାରେ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ଯୋଗାଇ ଦିଆଯାଇଛି। ଏଥିସହ ଜିଲ୍ଲାରେ ଅଦ୍ୟାବଧି ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ସଂଖ୍ୟା ୧୧୦ରେ ପହଞ୍ଚିଛି। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ କହିଛନ୍ତି ଯେ ସାମ୍ପ୍ରତିକ ସମୟରେ ଛତିଶଗଡ଼ ସରକାର ଓ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ କୁମ୍ବିଂ ଅପରେସନ କରି ମାଓବାଦୀଙ୍କ ଉପରେ ଆକ୍ରମଣ ଜାରି ରଖିଛନ୍ତି। ଏଥିସହ ମାଓ ସଂଗଠନର ଟପ୍ କ୍ୟାଡର ମାଓବାଦୀଙ୍କ ମୃତ୍ୟୁ ହେବା ଫଳରେ ସଂଗଠନ ପ୍ରାୟତଃ ଭୁଶୁଡ଼ି ପଡ଼ିବା ସହ ଏହାର ପୂର୍ବ ଆଦର୍ଶ ବଜାୟ ରହିପାରିନାହିଁ। ତା'ଛଡ଼ା ଛତିଶଗଡ଼ ସରକାର ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କ ସକାଶେ ଉତ୍ସାହଜନକ ପ୍ରୋତ୍ସାହନ ରାଶି ଓ ଅନ୍ୟାନ୍ୟ ସୁବିଧାସୁଯୋଗ ଯୋଗାଇ ଦେଉଥିବାରୁ ଏଥିରେ ଉତ୍ସାହିତ ହୋଇ ସେମାନେ ଆତ୍ମସମର୍ପଣ ପନ୍ଥା ବାଛିଥିବା ମାଓବାଦୀମାନେ କହିଛନ୍ତି।

# ଭିଜିଲାନ୍ସ ଜାଲରେ ଏଇଇ

### ୫୦ ଲକ୍ଷ ଟଙ୍କାର ଜମା, ୩ କୋଠା ଓ ୬ ପ୍ଲଟ୍ ଠାବ



**ବ୍ରହ୍ମପୁର,୨୮।୬(ସଂଚାର ବ୍ୟୁରୋ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଗଞ୍ଜାମ ବ୍ଲକ୍ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଏଇଇ) ସୁଶୀଲ କୁମାର ପଣ୍ଡା। ଏକକାଳୀନ ୭ଟି ସ୍ଥାନରେ ଚଢ଼ାଉ କରି ଭିଜିଲାନ୍ସ ୨ ଲକ୍ଷ ଟଙ୍କା ସହ ୩ କୋଠା ଓ ୬ ପ୍ଲଟ୍ ଠାବ କରିଛି। ସୁଶିଲଙ୍କ ଆଙ୍କୁଲିସ୍ଥିତ ବାସଭବନ, ଅଫିସ ସମେତ ଗଞ୍ଜାମର ୭ଟି ସ୍ଥାନ ଓ ପୁରୀରେ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ୬ ଜଣ ଡିଏସପି, ୭ ଜଣ ଇନ୍ସପେକ୍ଟର ଏବଂ ଅନ୍ୟ ଅଧିକାରୀ ସାମିଲ ଥିବା ବେଳେ ସୁଶୀଲଙ୍କ ନାମରେ ବ୍ରହ୍ମପୁର ରାମହରି ନଗରରେ ଏକ ତିନି ମହଲା କୋଠା, ଆଙ୍କୁଲିସ୍ଥିତ ମୁକ୍ତେଶ୍ୱର ଆପାର୍ଟମେଣ୍ଟରେ ଏକ ୨-ବିଏଚ୍‌କେ ଫ୍ଲାଟ୍ ଓ ପୁରୀରେ ଏକ ୧-ବିଏଚ୍‌କେ ଫ୍ଲାଟ୍ ରହିଛି। ସେହିପରି ତାଙ୍କ ନାମରେ ଭୁବନେଶ୍ୱର, ଖୋର୍ଦ୍ଧା ଓ ବ୍ରହ୍ମପୁରରେ ୬ଟି ପ୍ଲଟ୍ ରହିଛି। ସେହିପରି ବ୍ରହ୍ମପୁର ସେଣ୍ଟ୍ରାଲ କୋପରେଟିଭ ବ୍ୟାଙ୍କରେ ତାଙ୍କ ସହ ପତ୍ନୀଙ୍କ ନାମରେ ଗୋଟିଏ ଲକର୍ ଥିବା ବେଳେ ଘରୁ ମହିନ୍ଦ୍ରା ଏକ୍ସୟୁଭି କାର୍ ସହ ୨ଟି ଦୁଇଚକିଆ ଜବତ କରାଯାଇଥିବା ସୂଚନା ମିଳିଛି। ଏହାଛଡ଼ା ତାଙ୍କ ଘରୁ ୧୨୬ ଗ୍ରାମ୍ ସୁନା ଓ ୫୦ ଲକ୍ଷ ଟଙ୍କାର ଜମା ମଧ୍ୟ ଠାବ କରାଯାଇଛି। ଚଢ଼ାଉ ଜାରି ରହିଥିବାରୁ ଓ ଲକର୍‌ରେ କ'ଣ ଅଛି, ସେନେଇ ଜଣାପଡ଼ିନଥିବାରୁ ଶ୍ରୀ ପଣ୍ଡାଙ୍କ ନାମରେ ଆହୁରି ଅଧିକ ସମ୍ପତ୍ତି ଠାବ ହେବାର ସମ୍ଭାବନା ରହିଛି।

## ୨୨କେଜି ଗଞ୍ଜେଇ ଜବତ, ଜଣେ ଗିରଫ



**ରେଢ଼ାଖୋଲ,୨୮।୬ (ସଂଚାର ବ୍ୟୁରୋ):** ଅବକାରୀ ବିଭାଗ ଆଜି ରେଢ଼ାଖୋଲ ବୌଦ୍ଧ ରାସ୍ତାର ରେଢ଼ାଖୋଲ ଥାନା ହାତୀ ବାହାଳ ଛକରେ ଚଢଉ କରିଛି। ଏହି ଚଢଉରେ ଚୋରାରେ ଚାଲାଣ ହେଉଥିବା ୨୨କେଜି ଗଂଜେଇ ଜବତ କରି ଜଣେ ଚୋରା ଚାଲାଣକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲା ବିହାର ରାଜ୍ୟର ଭଗବାନ ଚୌଧୁରୀ। ସୂଚନା ଅନୁସାରେ ଭଗବାନ ଆଜି ଫୁଲବାଣୀ ଅଞ୍ଚଳରୁ ଗଂଜେଇ ଆଣି ଏକ ବସ୍ ଯୋଗେ ଆସି ହତିବାହାଳ ଛକରେ ଓହ୍ଲେଇ ଚୋରା ଚାଲାଣ ପାଇଁ ଅନ୍ୟ ସାଥିଙ୍କୁ ଅପେକ୍ଷା କରିଥିଲେ। ଖବରପାଇ ଅବକାରୀ ବିଭାଗ ଚଢ଼ଉ କରି ଗଞ୍ଜେଇ ସହ ଭଗବାନଙ୍କୁ ଗିରଫ କରିଥିଲେ ।

# ବିଜୁଙ୍କ ଶିଳ୍ପ ଲୋପ ହେଲା କାହିଁକି ?



**ଭୁବନେଶ୍ୱର,୨୮।୬:** ବିଜୁ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଶିଳ୍ପ ସଂସ୍ଥା ମଧ୍ୟରୁ ଚୌଦ୍ୱାରର ଓଡ଼ିଶା ଟେକ୍ସଟାଇଲ୍ ମିଲ୍ ଓ ବଡ଼ବିଲ୍‌ର କଳିଙ୍ଗ ଆଇରନ୍ ୱାର୍କ୍ସ ବିଜୁ ଜନତା ଦଳ ସରକାର ସମୟରୁ ବନ୍ଦ ହୋଇଯାଇଛି । ଏ ଦୁଇଟିକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି । ୧୯୪୬ରୁ ବିଜୁ ପଟ୍ଟନାୟକଙ୍କ ଏକନିଷ୍ଠ ଉଦ୍ୟମକ୍ରମେ ଚୌଦ୍ୱାରରେ ଓଡ଼ିଶା ଟେକ୍ସଟାଇଲ୍ ମିଲ୍ (ଓଟିଏମ୍) ପ୍ରତିଷ୍ଠା କରାଯାଇଥିବା ବେଳେ ୨୦୦୦ ଅକ୍ଟୋବରରୁ ଏହାର ଉତ୍ପାଦନ କାର୍ଯ୍ୟ ବନ୍ଦ ରଖାଯାଇଥିଲା। ସେବେଠାରୁ ଏଯାବତ୍ ଓଟିଏମ ଆଉ ଖୋଲିନାହିଁ। ଏଠାରେ ଉଲ୍ଲେଖନୀୟ ଯେ ପରବର୍ତ୍ତୀ ସମୟରେ ବିଜୁବାବୁଙ୍କ ହାତଗଢ଼ା ଓଟିଏମ ପରିଚାଳନା ଦାୟିତ୍ୱ ରାଜ୍ୟ ସରକାର ନେଇଥିଲେ ମଧ୍ୟ ଏହାର ବିକାଶ କରିବା ପରିବର୍ତ୍ତେ ବିଲୁପ୍ତ କରିଦେଇଛନ୍ତି। ଗୋଟିଏ ସମୟରେ ଓଟିଏମ୍ କପଡ଼ାର ଚାହିଦା ଦେଶର ବିଭିନ୍ନ ରାଜ୍ୟରେ ଥିଲା। ତେବେ ସରକାରୀ ନିୟନ୍ତ୍ରଣରେ ଥିବା ସମୟରେ ପରିଚାଳନାଗତ ତ୍ରୁଟି ଯୋଗୁ ଏହି ଲୁଗାକଳର ଅସ୍ୱାଭାବିକ ମୃତ୍ୟୁ ଘଟିଲା। ଏଥିସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଯେଉଁମାନଙ୍କ ଜୀବନ ଜୀବିକା ଜଡ଼ିତ ଥିଲା, ସେମାନେ ବର୍ଷ ବର୍ଷ ଧରି ପ୍ରତୀକ୍ଷା କରିବା ପରେ କିଛି ଫଳ ହେଲା ନାହିଁ। ସେହିଭଳି କେନ୍ଦୁଝର ଜିଲ୍ଲାର ବଡ଼ବିଲ୍‌ଠାରେ ବିଜୁ ପଟ୍ଟନାୟକ ପ୍ରତିଷ୍ଠା କରିଥିବା କଳିଙ୍ଗ ଆଇରନ୍ ୱାର୍କ୍ସର ପରିଚାଳନା ଭାର ରାଜ୍ୟ ସରକାରଙ୍କ ଶିଳ୍ପ ଉନ୍ନୟନ ନିଗମ (ଆଇଡିସି) ହାତକୁ ଯାଇଥିଲା। ଇତିମଧ୍ୟରେ ୨୦୧୫ ମାର୍ଚ୍ଚ ୧୫ରୁ କଳିଙ୍ଗ ଆଇନର୍ ୱାର୍କ୍ସର ଉତ୍ପାଦନ ମଧ୍ୟ ବନ୍ଦ ରହିଛି। ସଂଯୋଗ କ୍ରମେ ଓଟିଏମ୍ ଭଳି କଳିଙ୍ଗ ଆଇରନ୍ ୱାର୍କ୍ସ ବନ୍ଦ ହେବା ବେଳକୁ ଓଡ଼ିଶାରେ ବିଜେଡି ସରକାର ଥିଲା। ଇତିମଧ୍ୟରେ କଳିଙ୍ଗ ଆଇରନ୍ ୱାର୍କ୍ସକୁ କାର୍ଯ୍ୟକ୍ଷମ କରିବା ପରିବର୍ତ୍ତେ ଏହାକୁ ଓଡ଼ିଶା ଖଣି ନିଗମ ସହ ମିଶ୍ରଣ କରାଯାଇ ଏହାର ଭୂସମ୍ପଦକୁ ଖଣି ଓ ଖଣି ସମ୍ବନ୍ଧୀୟ ବ୍ୟବସାୟରେ ବିନିଯୋଗ କରିବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ବିଜୁ ପଟ୍ଟନାୟକଙ୍କ ପ୍ରଥମ ପାଳିର ମୁଖ୍ୟମନ୍ତ୍ରୀତ୍ୱ ସମୟରେ ପଞ୍ଚାୟତ ଶିଳ୍ପ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ସବୁ ବ୍ଲକରେ ଗୋଟିଏ ଲେଖାଏଁ ପଞ୍ଚାୟତ ଶିଳ୍ପ ପ୍ରତିଷ୍ଠା କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ପଞ୍ଚାୟତ ସ୍ତରରେ ମଧ୍ୟ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରହିଥିଲା। କିନ୍ତୁ ଗତ ୬୦ ବର୍ଷ ମଧ୍ୟରେ ଏହି ପଞ୍ଚାୟତ ଶିଳ୍ପ ଭିତରୁ ଅଧିକାଂଶଙ୍କର ଚିହ୍ନବର୍ଣ୍ଣ ବି ଲୋପ ପାଇଯାଇଛି। ଏଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଇଥିଲେ ପଞ୍ଚାୟତ ସ୍ତରରେ ନିଯୁକ୍ତି ସୁଯୋଗ ବଢ଼ିବା ସହ ସରକାରଙ୍କୁ ବି ରାଜସ୍ୱ ଫାଇଦା ମିଳିଥାନ୍ତା। କିନ୍ତୁ ବିଭିନ୍ନ କାରଣରୁ ଏହି ପଞ୍ଚାୟତ ଶିଳ୍ପଗୁଡ଼ିକର ପୁନରୁଦ୍ଧାର କରାନଯିବା ଫଳରେ ଏଗୁଡ଼ିକ ଏବେ ଇତିହାସ ହୋଇଯାଇଛି। (ତଥ୍ୟ)

জীবন অমৃত অনুচিন্তা

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।



sanchar.live

ସମ୍ପାଦକୀୟ

SANCHAR
ସଂଚାର

ରବିବାର ୨୯ ଜୁନ ୨୦୨୫, ଭୁବନେଶ୍ୱର
Sunday 29 June 2025, Bhubaneswar




# ସୀମା ବିବାଦର ସ୍ଥାୟୀ ସମାଧାନ

ଚୀନରେ ଅନୁଷ୍ଠିତ ଏସସିଓ ବୈଠକରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ତାଙ୍କ ଚୀନ ପ୍ରତିପକ୍ଷଙ୍କ ସହ ଆଲୋଚନା ବେଳେ ସୀମା ବିବାଦର ସ୍ଥାୟୀ ସମାଧାନ ନିମନ୍ତେ ଅନୁରୋଧ କରିଛନ୍ତି। ଭାରତ ଓ ଚୀନ ମଧ୍ୟରେ ସୀମାରେ ଉତ୍ତେଜନା ହ୍ରାସ ପାଇଁ ଏହା ହିଁ ଏକମାତ୍ର ଉପାୟ। କହିବା ବାହୁଲ୍ୟ ଯେ, ପଡ଼ୋଶୀ ଦେଶ ସହ ବିଶ୍ୱର ଅଧିକାଂଶ ଦେଶର ସୀମା ବିବାଦ ରହିଛି। ଭାରତର ମଧ୍ୟ ପଡ଼ୋଶୀ ଚୀନ ଓ ପାକିସ୍ତାନ ସହ ସୀମା ବିବାଦ ରହିଛି। ନେପାଳ ଓ ବାଂଲାଦେଶ ସହିତ ମଧ୍ୟ ସୀମା ବିବାଦ ରହିଥିଲା। କିନ୍ତୁ ଆଲୋଚନା ମାଧ୍ୟମରେ ଏହାର ସମାଧାନ ହୋଇପାରିଛି। କିନ୍ତୁ ଚୀନ ଓ ପାକିସ୍ତାନ ସହ ବିବାଦ ଲାଗି ରହିଛି। ଏବେ ଚୀନ ସହ ସୀମା ବିବାଦର ସମାଧାନ ନିମନ୍ତେ ନୂଆ ଉଦ୍ୟମ ଆରମ୍ଭ ହୋଇଛି। ଭାରତ ଓ ଚୀନ ମଧ୍ୟରେ ନିର୍ଦ୍ଧାରିତ ବାସ୍ତବ ସୀମା ରେଖା ଯାହା ଏଲଏସି ନାମରେ ପରିଚିତ ତାହା ଏବେ ଶାନ୍ତ ପଡ଼ିଛି। ୨୦୨୦ରୁ ଏହା ଅଶାନ୍ତ ଏବଂ ଅସ୍ଥିର ରହିଥିଲା। ୨୦୨୦ ମେ'ରେ ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଭାରତ ଓ ଚୀନ ସେନା ମୁହାଁମୁହିଁ ହେବା ପରେ ଉଭୟ ପକ୍ଷ ମଧ୍ୟରେ ଏକ ପ୍ରକାର ଖଣ୍ଡଯୁଦ୍ଧ ହୋଇଥିଲା। ଏଥିରେ ଉଭୟ ପକ୍ଷର ଅନେକ ମୃତାହତ ହୋଇଥିଲେ। ପରେ ଏଲଏସିର ଅନ୍ୟ କେତେକ ସ୍ଥାନରେ ମଧ୍ୟ ଚୀନ ସେନା ଭାରତୀୟ ସୀମାରେ ଅନୁପ୍ରବେଶ କରିବାକୁ ଉଦ୍ୟମ କରିବା ବେଳେ ଦୁଇ ପକ୍ଷ ମଧ୍ୟରେ ସଂଘର୍ଷ ହୋଇଛି। କହିବା ବାହୁଲ୍ୟ ଯେ, ଏଲଏସି ହେଉଛି ବିଶ୍ୱର ସବୁଠାରୁ ଦୀର୍ଘତମ ଦ୍ୱିପାକ୍ଷିକ ଭୌଗଳିକ ସୀମାରେଖା। ଏହା ମଧ୍ୟ ବିଶ୍ୱର ସବୁଠାରୁ ବିପଜ୍ଜନକ ଏବଂ ଆନ୍ତ ସୀମା। ପାକିସ୍ତାନ ସହିତ ସୀମାରେଖା ବା ଏଲଓସି ଏବଂ ଚୀନ ସହିତ ସୀମାରେଖା ଏଲଏସି ଅତି ନିକଟତର ଏବଂ ଉଭୟ ସୀମାରେଖା ଭାରତ ପାଇଁ ପ୍ରତିରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଭାରତକୁ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡ଼ୁଛି। ଏହା ଭାରତର ସୁରକ୍ଷା ଏବଂ ନିରାପତ୍ତା ସହ ଜଡ଼ିତ। ଏହାକୁ ଅଣଦେଖା କରାଯାଇପାରିବ ନାହିଁ। ଗତ ୪ ବର୍ଷ ହେବ ଭାରତ ସରକାର ଚୀନ ସହ ବରାବର କୂଟନୈତିକ ଏବଂ ସାମରିକ ସ୍ତରରେ ଆଲୋଚନା ଜାରି ରଖିଛନ୍ତି। ଏହା ଫଳରେ ଉଭୟ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇଛି ଏବଂ ୨୦୨୦ର ସ୍ଥିତି ବଜାୟ ରଖିବାକୁ ସ୍ଥିର କରାଯାଇଛି। ବୁଝାମଣା ଅନୁଯାୟୀ ଏଲଏସିରେ ପୁଣି ଭାରତୀୟ ସେନା ପାଟ୍ରୋଲିଂ କରିବେ। ଦୀର୍ଘ ୫ ବର୍ଷ ପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚୀନ ରାଷ୍ଟ୍ରମୁଖ୍ୟ ସି ଜିନ ପିଙ୍ଗଙ୍କ ମଧ୍ୟରେ ଆନୁଷ୍ଠାନିକ ଭାବେ ଦ୍ୱିପାକ୍ଷିକ ଆଲୋଚନା ହୋଇଛି। ରଷିଆର କାଜାନ ସହରରେ ଅନୁଷ୍ଠିତ ୧୬ତମ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ଦୁଇ ନେତାଙ୍କ ମଧ୍ୟରେ ଏହି ଆଲୋଚନା ବୈଠକ ହୋଇଥିଲା। ଆଲୋଚନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୀମାରେ ଶାନ୍ତି ବଜାୟ ରଖିବାକୁ ପ୍ରାଥମିକତା ଦିଆଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପାରସ୍ପରିକ ବିଶ୍ୱାସ, ସମ୍ମାନ ଏବଂ ସଦଭାବନା ମାଧ୍ୟମରେ ଏହା ସମ୍ଭବ। ତେବେ ଚୀନ ରାଷ୍ଟ୍ରପତି ଜିନ ପିଙ୍ଗ ଏହାକୁ କେତେଦୂର ଗ୍ରହଣ କରିଛନ୍ତି ବା ଏହାକୁ କେତେଦୂର କାର୍ଯ୍ୟକାରୀ କରିବେ ତାହା ସନ୍ଦେହରେ। କାରଣ ଯେତେବେ ଯାହା ହେଲେବି ଚୀନ ନିଜର ବିସ୍ତାରବାଦୀ ଚରିତ୍ରକୁ କେବେ ହେଲେ ପରିତ୍ୟାଗ କରି ନାହିଁ କିମ୍ବା କରିବ



ନାହିଁ। ଅତୀତରେ ବାରମ୍ବାର ଏହା ପ୍ରମାଣିତ ହୋଇଛି। ଚୀନର ପ୍ରତିଶ୍ରୁତି ସବୁ ବେଳେ ପାଣିର ଗାର ହୋଇଛି। ଚୀନ ପାଇଁ ବନ୍ଧୁତା କେବଳ ଲାଭକ୍ଷତିର ହିସାବ ଉପରେ ଆଧାରିତ। ମୋଦି ଓ ଜିନ ପିଙ୍ଗଙ୍କ ମଧ୍ୟରେ ଆଲୋଚନା ପୂର୍ବରୁ ଦୁଇ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇଛି। ବୁଝାମଣା ଅନୁଯାୟୀ ଏଲଏସିରେ ପୁଣି ପୂର୍ବପରି ପାଟ୍ରୋଲିଂ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। କିନ୍ତୁ ସମୟ କହିବ ଚୀନ ଏହି ବୁଝାମଣାକୁ କେତେଦୂର କାର୍ଯ୍ୟକାରୀ କରିବ ବା ଗ୍ରହଣ କରିବ। କାରଣ ଭାରତ ସହ ଚୀନର ସୀମା ବିବାଦ ଅନେକ ଦଶନ୍ଧି ପୁରୁଣା। ଅରୁଣାଚଳ ପ୍ରଦେଶରୁ ଆରମ୍ଭ କରି ଲଦାଖ ପର୍ଯ୍ୟନ୍ତ ଏହି ବିବାଦ ପରିବ୍ୟାପ୍ତ। ଭାରତର ଅରୁଣାଚଳ ପ୍ରଦେଶକୁ ଚୀନ ସର୍ବଦା ନିଜର ଅଞ୍ଚଳ ଭାବେ ଦାବି କରି ଆସୁଛି। ପ୍ରତିବର୍ଷ ଚୀନ ସରକାରଙ୍କ ପକ୍ଷରୁ ଜାରି ହେଉଥିବା ମାନଚିତ୍ରରେ ଅରୁଣାଚଳକୁ ନିଜର ଅଞ୍ଚଳ ଭାବେ ଚୀନ ଚିତ୍ରଣ କରି ଆସୁଛି। ପ୍ରତିବର୍ଷ ଭାରତ ଏହାର ପ୍ରତିବାଦ କରି ଆସୁଛି। କିନ୍ତୁ ସ୍ଥିତିରେ ପରିବର୍ତ୍ତନ ଆସୁନି କିମ୍ବା ଚୀନ ଭାରତର ପ୍ରତିବାଦକୁ ଗ୍ରହଣ କରୁନାହିଁ। ୧୯୬୧ରେ ଭାରତ-ଚୀନ ଯୁଦ୍ଧରେ ଅରୁଣାଚଳ ପ୍ରଦେଶର ଏକ ବଡ଼ ଅଞ୍ଚଳ ଚୀନ ଦଖଲକୁ ଚାଲିଯାଇଛି। ଏହାବ୍ୟତିତ କାଶ୍ମୀର ଏବଂ ଲଦାଖର ଅନେକ ଅଞ୍ଚଳକୁ ମଧ୍ୟ ଚୀନ ଜବର ଦଖଲ କରିଛି। ୧୯୬୧ରେ ଭାରତର ସାମରିକ ଶକ୍ତି ଚୀନର ମୁକାବିଲା ପାଇଁ ପର୍ଯ୍ୟାପ୍ତ ନଥିଲା। ତେଣୁ ଭାରତ ଚୀନଠାରୁ ଏସବୁ ଅଞ୍ଚଳ ଛଡ଼ାଇ ଆଣିପାରିଲା ନାହିଁ। ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁଙ୍କ ଭୁଲ ନୀତି ଯୋଗୁଁ ଭାରତକୁ ବହୁ ମୂଲ୍ୟ ଦେବାକୁ ପଡ଼ିଲା। ପରବର୍ତ୍ତୀ ସମୟରେ ଚୀନ ବାରମ୍ବାର ଲଦାଖ ଓ ଅରୁଣାଚଳ ପ୍ରଦେଶରେ ଅନୁପ୍ରବେଶ କରିବା ଲାଗି ପ୍ରୟାସ କରିଛି। ଅନେକ ଥର ଭାରତ ଓ ଚୀନ ସେନା ଏଥିଲାଗି ଏଲଏସିରେ ମୁହାଁ ମୁହିଁ ହୋଇଛନ୍ତି। ତିନି ବର୍ଷ ତଳେ ଲଦାଖର ଗଲୱାନ ଉପତ୍ୟକାରେ ଚୀନ ସେନା ଭାରତୀୟ ଅଞ୍ଚଳରେ ଅନୁପ୍ରବେଶ ଲାଗି ଉଦ୍ୟମ କରିବା ଫଳରେ ଉଭୟ ସେନା ମଧ୍ୟରେ ସଂଘର୍ଷ ସୃଷ୍ଟି ହୋଇଥିଲା ଏବଂ ଭାରତୀୟ ସେନାର ଅନେକ ଏଥିରେ ପ୍ରାଣ ହରାଇଥିଲେ। ଅରୁଣାଚଳ ପ୍ରଦେଶରେ ମଧ୍ୟ ଭାରତ ଓ ଚୀନ ସେନା ବାରମ୍ବାର ମୁହିଁ ମୁହିଁ ହୋଇଛନ୍ତି। ଉଭୟ ଦେଶ ମଧ୍ୟରେ ସୀମା ବିବାଦର ସମାଧାନ ଲାଗି ଉଭୟ ପକ୍ଷର ସେନାଧିକାରୀଙ୍କ ମଧ୍ୟରେ ଅନେକ ଥର ଆଲୋଚନା ହେଲାଣି। କିନ୍ତୁ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁନି। ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନହାଇପାରିବ ଏଭଳି ବିଶ୍ୱାସ ଆଉ ନାହିଁ। ଚୀନ ତା'ର ବିସ୍ତାରବାଦୀ ନୀତି ପରିହାର ନକରିବା ପର୍ଯ୍ୟନ୍ତ ବିବାଦର ସମାଧାନ ହୋଇପାରିବ ନାହିଁ। କେବଳ ଅରୁଣାଚଳ ପ୍ରଦେଶ ନୁହେଁ, ଲଦାଖ, ହିମାଚଳ ପ୍ରଦେଶ ଏବଂ କାଶ୍ମୀରର କିଛି ଅଞ୍ଚଳ ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇଛି। ଭାରତ ଭଳି ହଂକଂ ଏବଂ ତାଇୱାନକୁ ଚୀନ ନିଜ କବଜାରେ ରଖିବାକୁ ଉଦ୍ୟମ କରୁଛି। ଦକ୍ଷିଣ ଚୀନ ସାଗରରେ ଚୀନ ନିଜର ଏକାନ୍ତ ଆଧିପତ୍ୟ ବିସ୍ତାର କରିବାକୁ ପ୍ରୟାସ କରୁଛି। ଫଳରେ ଏ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ଭାରତ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଅଶାନ୍ତିର ମୂଳ କାରଣ ହେଉଛି ଚୀନ। ଏହାର ମୁକାବିଲା ଲାଗି ଆମେରିକା, ଭାରତ, ଜାପାନ ଓ ଅଷ୍ଟ୍ରେଲିଆ ମିଳିତ ହୋଇ ଏକ ନୂଆ ସଙ୍ଗଠନ ଗଠନ କରିଛନ୍ତି। ଚୀନ ଏହାକୁ ତାଚ୍ଛଲ୍ୟ କରୁଥିଲେ ମଧ୍ୟ ଏହାକୁ ଭୟ କରୁଛି। ଚୀନର ଏହି ସଂକୀର୍ଣ୍ଣ ମାନସିକତା ଆଧୁନୀକ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଯାହା କହିଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି ଯେ, ଏଲଏସି ନେଇ ଯେଉଁ ବୁଝାମଣା ହୋଇଛି ତାହାକୁ ଚୀନ କେତେଦୂର ନିଷ୍ଠାର ସହ କାର୍ଯ୍ୟକାରୀ କରିବ ତାହା ସମୟକ୍ରମେ ଜଣାପଡ଼ିବ। ଅର୍ଥାତ ଚୀନ ସହ ବୁଝାମଣା ହୋଇଥିଲେ ମଧ୍ୟ ତାହାର କାର୍ଯ୍ୟକାରୀତା ନେଇ ଭାରତର ସନ୍ଦେହ ରହିଛି। ବେଜିଂକୁ ବିଶ୍ୱାସ ନାହିଁ। ଅତୀତରେ ଅନେକ ଥର ଚୀନ ଭାରତକୁ ଧୋକା ଦେଇଛି। ୧୯୬୨ର ଯୁଦ୍ଧ ଥିଲା ଚୀନ ଧୋକାଦାରୀର ନମୂନା। ୧୯୬୨ ତୁଳନାରେ ଭାରତୀୟ ସେନା ଏବେ ଅଧିକ ସୁଦୃଢ଼ ଏବଂ ଶକ୍ତିଶାଳି। ଏବେ ବି ଚୀନ ସହ ଭାରତ ପ୍ରତିରକ୍ଷା ଦୃଷ୍ଟିରୁ ସମକକ୍ଷ ହୋଇପାରିନି। କିନ୍ତୁ ଚୀନ ସେନାର ଜବାବ ଦେବାକୁ ଭାରତ ସମର୍ଥ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନିଷ୍ପତ୍ତି, ଭବିଷ୍ୟତ ଦୃଷ୍ଟିଭଙ୍ଗୀ ଏବଂ ଯୋଜନା ବାସ୍ତବରେ ପ୍ରଶଂସନୀୟ। ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଏବେ ଆତ୍ମନିର୍ଭରଶୀଳ। ଏହାକୁ ଚୀନ ଆଉ ହୀନ ଦୃଷ୍ଟିରେ ଦେଖିପାରିବ ନାହିଁ।

# ତୃତୀୟ ଜାତୀୟ ଜରୁରୀକାଳୀନ ପରିସ୍ଥିତି



 କିଶୋର ଚନ୍ଦ୍ର ବେହେରା

ଭାରତର ସମସ୍ତ ଲୋକଙ୍କୁ ଗୋଟିଏ ରାଷ୍ଟ୍ରର ପତାକା ତଳେ ଏକଜୁଟ କରି ରଖିବା ପାଇଁ ପ୍ରଣୀତ ହୋଇଛି ଭାରତ ଶାସନର ସଂକଳ୍ପପତ୍ର ସମ୍ବିଧାନ। ଏହା ଭାରତ ଶାସନର ବିଧିବିଧାନ, ସଂକଳ୍ପପତ୍ର ଓ ମାର୍ଗଦର୍ଶିକା। ଭାରତୀୟ ସମ୍ବିଧାନ କ'ଣ ବୋଲି ବ୍ୟାଖ୍ୟା କରିବାକୁ ଯାଇ ସମ୍ବିଧାନ ପ୍ରଣୟନ କମିଟିର ମୁଖ୍ୟ ଡକ୍ଟର ଭୀମରାଓ ଆମ୍ବେଦକର ଏକଦା କହିଥିଲେ, "ଏହା କେବଳ ଆଇନଜୀବୀର ନଥିପତ୍ର ନୁହେଁ, ଏହା ହେଉଛି ଜୀବନର ଯାନ ଏବଂ ଏହାର ଭାବ ହେଉଛି ସମୟର ଭାବ।" ଜାତି, ଧର୍ମ, ବର୍ଣ୍ଣ, ଭାଷା, ସଂସ୍କୃତି ଓ ପରିଧାନ ଆଦି ବହୁ ବିଭିନ୍ନତାରେ ଭରପୂର ଭାରତବର୍ଷକୁ ଏକ ସାର୍ବଭୌମ, ସମାଜବାଦୀ ଓ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ଭାବେ ଗଢ଼ିବା ସହିତ ଏହାର ସମସ୍ତ ନାଗରିକମାନଙ୍କୁ ଆର୍ଥିକ, ସାମାଜିକ ଓ ରାଜନୀତିକ ନ୍ୟାୟ ପ୍ରଦାନ କରିବାର ସଂକଳ୍ପ ହେଉଛି ଭାରତର ସମ୍ବିଧାନ। ଏହାର ସମସ୍ତ ନାଗରିକଙ୍କୁ ଭାବନା, ଅଭିବ୍ୟକ୍ତି, ଆସ୍ଥା, ବିଶ୍ୱାସ ଓ ପୂଜନର ସ୍ୱାଧୀନତା ସହିତ ସୁଯୋଗ ଓ ସ୍ଥିତିର ସମାନତା ପ୍ରଦାନ କରିବାର ସଂକଳ୍ପପତ୍ର ହେଉଛି ଭାରତର ସମ୍ବିଧାନ। ଏହା ସମସ୍ତ ନାଗରିକଙ୍କ ବ୍ୟକ୍ତିଗତ ମର୍ଯ୍ୟାଦାର ସୁରକ୍ଷା ସହିତ ଭ୍ରାତୃତ୍ୱର ବନ୍ଧନରେ ଆବଦ୍ଧ କରି ରଖିବାର ସଂକଳ୍ପପତ୍ର ହେଉଛି ଭାରତର ସମ୍ବିଧାନ। ସର୍ବୋପରି ଭାରତର ଏକତା ଓ ଅଖଣ୍ଡତାର ସୁରକ୍ଷା କରିବାର ସଂକଳ୍ପପତ୍ର ହେଉଛି ଭାରତର ସମ୍ବିଧାନ। ଭାରତୀୟ ସମ୍ବିଧାନ ଭାରତ ଶାସନର ସଂହିତା ଭାବେ ସର୍ବମାନ୍ୟ। ଏଥିରେ ଏଯାଏଁ ଶତାଧିକ ବାର ସଂଶୋଧନ କରାଯାଇଥିଲେ ମଧ୍ୟ ଏହାର ମୌଳିକ ଚରିତ୍ର ଅପରିବର୍ତ୍ତନୀୟ ବୋଲି ଭାରତର ସର୍ବୋଚ୍ଚ ନ୍ୟାୟାଳୟ ବହୁବାର ରାୟ ଦେଇ ଏହି ସମ୍ବିଧାନକୁ ଏକ ଅଲଙ୍ଘ୍ୟ ଓ ଅକାଟ୍ୟ ଦଲିଲରେ ପରିଣତ କରିଛନ୍ତି। ସେଇଥିପାଇଁ ଏହା ହୋଇଯାଇଛି ଭାରତ ଶାସନର ଗୀତା, ବାଇବେଲ୍ ଓ କୋରାନ୍। ନଭେମ୍ବର ୨୬ ତାରିଖ ୨୦୧୫ ମସିହାରେ ସମ୍ବିଧାନ ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯଥାର୍ଥରେ କହିଥିଲେ ଆମ ସମ୍ବିଧାନ ଭାରତବାସୀଙ୍କ ଆଶା (ଇଂରାଜୀରେ ହୋପ୍) ଭାବେ ବର୍ଣ୍ଣନ କରିଛନ୍ତି। ଇଂରାଜୀରେ ହୋପ୍‌ର ବନାନ ହେଉଛି ଏଚ (ହାରମୋନି), ଓ (ଅପର୍ଚ୍ୟୁନିଟି), ପି(ପିପୁଲ୍ସ ପାର୍ଟିସିପେସନ) ଓ ଇ(ଇକ୍ୟାଲିଟି)। ଓଡ଼ିଆରେ ଏହା ହେବ ସଂହତି,ସୁଯୋଗ, ସହଭାଗୀତା ଓ ସମାନତାର ବାର୍ତ୍ତାବହ।

ଜରୁରୀକାଳୀନ କ୍ଷମତା ରାଷ୍ଟ୍ରପତିଙ୍କର ଏକ ସ୍ୱତନ୍ତ୍ର କ୍ଷମତା। କେତେକ ଅସ୍ୱାଭାବିକ ପରିସ୍ଥିତିରେ ରାଷ୍ଟ୍ରପତି ଏହି କ୍ଷମତା ପ୍ରୟୋଗ କରିଥାନ୍ତି। ଦେଶର ସାର୍ବଭୌମତ୍ୱ, ସମ୍ବିଧାନ ସୁରକ୍ଷା ଓ ଆର୍ଥିକ ନିରାପତ୍ତା ପାଇଁ ଭାରତୀୟ ସମ୍ବିଧାନର ଅଷ୍ଟାଦଶ ଭାଗରେ ୩୫୨ ଧାରା ଅନୁଯାୟୀ ଜାତୀୟ ଜରୁରୀକାଳୀନ ପରିସ୍ଥିତି, ୩୫୬ ଧାରା ଅନୁଯାୟୀ ରାଜ୍ୟରେ ସାମ୍ବିଧାନିକ ସଙ୍କଟ ଜନିତ ପରିସ୍ଥିତି ବା ରାଷ୍ଟ୍ରପତି ଶାସନ ଓ ୩୬୦ ଧାରା ଅନୁଯାୟୀ ଆର୍ଥିକ ଜରୁରୀକାଳୀନ ପରିସ୍ଥିତି ରାଷ୍ଟ୍ରପତି ଘୋଷଣା କରିଥାନ୍ତି। ତୃତୀୟ ଜାତୀୟ ଜରୁରୀକାଳୀନ ପରିସ୍ଥିତି ୨୫ ଜୁନ ୧୯୭୫ ମସିହା ଠାରୁ ୨୨ ମାର୍ଚ୍ଚ ୧୯୭୭ ମସିହା ପର୍ଯ୍ୟନ୍ତ ବଳବତ୍ତର ରହିଥିଲା ଇନ୍ଦିରା ଗାନ୍ଧୀଙ୍କ ନିର୍ବାଚନ ଆହ୍ଲାବାଦ ଉଚ୍ଚନ୍ୟାୟାଳୟ ଅସିଦ୍ଧ ଘୋଷଣା ଯୋଗୁଁ ଭାରତରେ ଆଭ୍ୟନ୍ତରୀଣ ଗଣ୍ଡଗୋଳର ଆଶଙ୍କା ରଖି ଘୋଷଣା କରାଯାଇଥିଲା। ୧୯୭୧ ମସିହାର ଭାରତ ପାକିସ୍ତାନ ଯୁଦ୍ଧରେ ଭାରତର ବିଜୟ ଜନିତ ଇନ୍ଦିରାଙ୍କର ଲୋକପ୍ରିୟତା ତାଙ୍କୁ ସ୍ୱେଚ୍ଛାଚାରୀ ହେବାର ଖୋରାକ ଯୋଗାଇଥିଲା ବୋଲି କୁହାଯାଏ। ନିଜ ଲୋକପ୍ରିୟତାରେ ଅଭିଭୂତ ଇନ୍ଦିରା ଏ ଦେଶର ଗଣତନ୍ତ୍ର ତଥା ନାଗରିକ ଅଧିକାରକୁ ପ୍ରାୟ ଦୁଇ ବର୍ଷ ଧରି ଦମନ କରିଥିଲେ। ଯାହାର ପରିଣତିରେ ୧୯୭୭ ନିର୍ବାଚନରେ ଇନ୍ଦିରା ଶୋଚନୀୟ ପରାଜୟ ବରଣ କଲେ। ଦେଶର ବିକାଶ ଲାଗି ଶୃଙ୍ଖଳା ଜରୁରୀ ବୋଲି କହି ସେଦିନ ଇନ୍ଦିରା ଯେଉଁ ଭୟଙ୍କର ପଦକ୍ଷେପ ନେଇଥିଲେ ତାହାର ପ୍ରତିଫଳନ ଆଜି ଘଟୁ ନାହିଁ କି? ସେଦିନ ଦେଶର ବିରୋଧୀ ରାଜନୈତିକ ଶକ୍ତି ମାନେ ଦେଶଦ୍ରୋହୀ ବୋଲି ଇନ୍ଦିରା କହୁଥିଲେ, ସମାନ କଥା ଆଜିର ପ୍ରଧାନମନ୍ତ୍ରୀ ନିଜ ବିରୋଧୀଙ୍କ ଉଦ୍ଦେଶ୍ୟରେ କହୁନାହାନ୍ତି କି? ଆଜି ଯଦି ଜରୁରୀ କାଳୀନ



ପରିସ୍ଥିତି ସମୟରେ ଶ୍ରୀମତୀ ଗାନ୍ଧୀ ଦେଇଥିବା ଭାଷଣ ଗୁଡ଼ିକ ପଢ଼ାଯାଏ, ତାର ପ୍ରତ୍ୟେକ ଶବ୍ଦ, ଅର୍ଥ ଓ ଭାବ ସହିତ ଆଜିର ପ୍ରଧାନମନ୍ତ୍ରୀଙ୍କ ଭାଷଣର ଏତେ ସମାନତା ଦେଖିବାକୁ ମିଳୁଛି କାହିଁକି? ୧୯୭୦ ଦଶକର ପ୍ରାରମ୍ଭରେ, ତତ୍କାଳୀନ ସରକାରଙ୍କ ବିରୋଧରେ ସ୍ୱର ତୀବ୍ର ହୋଇଥିଲା। ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ବିହାର ଏବଂ ଗୁଜରାଟରେ ବିକ୍ଷୋଭ ଜୋରଦାର ହୋଇଥିଲା। ଏହା ଛାତ୍ର ଆନ୍ଦୋଳନ, ବେକାରୀ, ମୁଦ୍ରାସ୍ଫୀତି ଏବଂ ଦୁର୍ନୀତିର ଧାରଣା ଅସନ୍ତୋଷକୁ ଇନ୍ଧନ ଯୋଗାଇଥିଲା। ୧୯୭୫ ମସିହା ଜୁନ୍ ୧୨ ତାରିଖରେ ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଗମୋହନଲାଲ ସିହ୍ନା ରାୟ ଦେଇଥିଲେ ଯେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ତାଙ୍କ ୧୯୭୧ ଲୋକସଭା ନିର୍ବାଚନରେ ସରକାରୀ ବ୍ୟବସ୍ଥାର ଅପବ୍ୟବହାର କରିଥିଲେ। ଲୋକ ପ୍ରତିନିଧି ଅଧିନିୟମ, ୧୯୫୧ ଅନୁଯାୟୀ ଅଦାଲତ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ତାଙ୍କୁ ଛଅ ବର୍ଷ ପାଇଁ କୌଣସି ନିର୍ବାଚିତ ପଦବୀରେ ରହିବା ପାଇଁ ଅଯୋଗ୍ୟ ଘୋଷଣା କରିଥିଲେ। ରାୟବରେଲିରେ ଶ୍ରୀମତୀ ଗାନ୍ଧୀଙ୍କ ଠାରୁ ହାରିଥିବା ସମାଜବାଦୀ ନେତା ରାଜ ନାରାୟଣଙ୍କ ଦ୍ୱାରା ଏହି ମାମଲା ଦାୟର କରାଯାଇଥିଲା।

ଇନ୍ଦିରା ଗାନ୍ଧୀଙ୍କ ଆଇନଗତ ଆହ୍ୱାନର ଫଳ ସ୍ୱରୂପ ଏଏକ ଗୁରୁତ୍ୱପୂର୍ଣ୍ଣ ରାୟ ଆସିଥିଲା ଓ ସୁପ୍ରିମକୋର୍ଟ ଏକ ସର୍ତ୍ତମୂଳକ ସ୍ଥଗିତାଦେଶ ପ୍ରଦାନ କରିଥିଲେ। ଶ୍ରୀମତୀ ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ରହିପାରନ୍ତି ଏବଂ ସଂସଦରେ ଯୋଗ ଦେଇପାରନ୍ତି, କିନ୍ତୁ ତାଙ୍କୁ ମତଦାନରୁ ବାରଣ କରାଯାଇଥିଲା। ତାଙ୍କ ଇସ୍ତଫା ଦାବି ସହିତ ରାଜନୈତିକ ସଙ୍କଟ ତୀବ୍ର ହୋଇଥିଲା। ଜରୁରୀକାଳୀନ ପରିସ୍ଥିତିର ଆନୁଷ୍ଠାନିକ ଘୋଷଣା ଭାରତୀୟ ସାମ୍ବିଧାନିକ ଇତିହାସରେ ଏକ ପରିବର୍ତ୍ତନର ନିର୍ଣ୍ଣାୟକ ମୂହୁର୍ତ୍ତ ଥିଲା। ୨୫ ଜୁନ୍ ୧୯୭୫ ରେ, ତତ୍କାଳୀନ ରାଷ୍ଟ୍ରପତି ଫଖରୁଦ୍ଦିନ୍ ଅଲି ଅହମ୍ମଦ ଆଭ୍ୟନ୍ତରୀଣ ଅଶାନ୍ତିର ଧମକକୁ ଦର୍ଶାଇ ଧାରା ୩୫୨ ଅନୁଯାୟୀ ଜରୁରୀକାଳୀନ ଘୋଷଣା କରିଥିଲେ। ଏହି ନିଷ୍ପତ୍ତି ଜୟପ୍ରକାଶ ନାରାୟଣଙ୍କ ସମେତ ଅନେକ ବ୍ୟକ୍ତିବିଶେଷଙ୍କୁ ନିର୍ଦ୍ଦେଶକୁ ଅବମାନନା କରିବାକୁ ପୋଲିସ ଏବଂ ସଶସ୍ତ୍ର ବାହିନୀକୁ ଉତ୍ତେଜିତ କରିଥିବା ଅଭିଯୋଗ କରି ସରକାରଙ୍କ ଏକ ପ୍ରେସନୋଟ୍ ପରେ ଦିଆଯାଇଥିଲା। ଏହା ଥିଲା ଭାରତର ଇତିହାସରେ ତୃତୀୟ ଜରୁରୀକାଳୀନ ପରିସ୍ଥିତି। ଲୋକନାୟକ ଜୟପ୍ରକାଶ ନାରାୟଣ ଏହାକୁ ଇତିହାସର 'ଅନ୍ଧକାର ସମୟ' ବୋଲି କହିଥିଲେ। ଏହି ସମୟରେ ଜୟପ୍ରକାଶ ନାରାୟଣ, ଲାଲକୃଷ୍ଣ ଆଡଭାନୀ, ଅଟଳ ବିହାରୀ ବାଜପେୟୀ, ଜର୍ଜ ଫର୍ଣ୍ଣାଣ୍ଡିସ ଭଳି ବଡ ନେତାମାନେ କାରାଗାରରେ ଥିଲେ। ଏହା ବ୍ୟତୀତ ଲକ୍ଷ ଲକ୍ଷ ଲୋକଙ୍କୁ ଗିରଫ କରାଯାଇଥିଲା। ଏହି ସମୟରେ ଗଣମାଧ୍ୟମର ସ୍ୱାଧୀନତା ଛଡ଼ାଇ ନିଆଯାଇଥିଲା ଏବଂ ଗଣମାଧ୍ୟମ ଉପରେ ଖବର ପ୍ରସାରଣ କ୍ଷେତ୍ରରେ ରୋକ୍ ଲଗାଯାଇଥିଲା। ଏକ ସାକ୍ଷାତକାରରେ ଇନ୍ଦିରା ଗାନ୍ଧୀଙ୍କ ବ୍ୟକ୍ତିଗତ ସଚିବ ସ୍ୱର୍ଗତ ଆର୍.କେ ଧୱନ ଖୁଲାସା କରିଥିଲେ ଯେ, ପଶ୍ଚିମବଙ୍ଗର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏସ ଏସ ରାୟଙ୍କ ପରାମର୍ଶରେ ଇନ୍ଦିରା ଗାନ୍ଧୀ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିବାକୁ ନିଷ୍ପତ୍ତି ନେଇଥିଲେ। ବେଳେବେଳେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ମଧ୍ୟରେ କ୍ଷମତା ବିବାଦ ପରିଲକ୍ଷିତ ହେଉଥିଲେ ମଧ୍ୟ ରାଷ୍ଟ୍ରପତି ସାମ୍ବିଧାନିକ ମୁଖ୍ୟ ଭୂମିକାକୁ ନେଇ ସନ୍ତୁଷ୍ଟ ରହିଛନ୍ତି। ସମୟ ଓ ପରିସ୍ଥିତିର ପରିବର୍ତ୍ତନରେ ରାଷ୍ଟ୍ରପତି ବାସ୍ତବ କ୍ଷମତା ପ୍ରୟୋଗ କରିବାର କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ର ରହିଛି। କେନ୍ଦ୍ରରେ ଥିବା ସରକାର ଦୃଢ଼ତା ଓ ସ୍ଥିତି ରାଷ୍ଟ୍ରପତିଙ୍କର ବ୍ୟକ୍ତିତ୍ୱ ଓ ଦକ୍ଷତା ସାମ୍ବିଧାନିକ ନିୟମର ବାଧ୍ୟବାଧକତା ଉପରେ ରାଷ୍ଟ୍ରପତିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବହନ କରିଥାଏ।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋବାଇଲ୍: ୯୪୩୭୯୫୫୫୬୮**

# ଉପନିର୍ବାଚନ ସନ୍ଦେଶ

ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)



ନିକଟରେ ଘୋଷିତ ଚାରୋଟି ରାଜ୍ୟର ୫ଟି ବିଧାନସଭା ଆସନରେ ଉପ-ନିର୍ବାଚନ ଫଳାଫଳ ବିରୋଧି ଦଳ ବିଶେଷ କରି ବିଶୃଙ୍ଖଳିତ ହୋଇପଡ଼ିଥିବା ଇଣ୍ଡିଆ ପାଇଁ ଖୁସିର ଲହରି ଆଣିଦେଇଛି ବୋଲି କୁହାଯାଇପାରିବ। କହିବା ବାହୁଲ୍ୟ ଜୁନ୍ ୧୯ରେ ଉପ-ନିର୍ବାଚନ ବିଜେପି କେବଳ ପରାଜିତ ହୋଇନାହିଁ, ଦଳ ପାଇଁ ନୈରାଶ୍ୟ ଆଣିଦେଇଛି। ପାଞ୍ଚଟି ଆସନ ମଧ୍ୟରୁ ବିଜେପି କେବଳ ଗୋଟିଏ ଆସନରେ ବିଜୟୀ ହୋଇଥିବାବେଳେ ଦଳର ଦୁର୍ଗ ଭାବେ ପରିଚିତ ଗୁଜରାଟରେ ଗୋଟିଏ ଆସନରେ ପରାସ୍ତ ହୋଇଛି। ପ୍ରଧାନମନ୍ତ୍ରୀ ନିରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଅଭେଦ୍ୟ ଗଡ଼ରେ ଆମ ଆଦମୀ ପାର୍ଟି(ଏଏପି) ଠାରୁ ଦଳ ପରାଜୟର ସ୍ୱାଦ ଚାଖିଛି। ଆମ ଆଦମୀ ପାର୍ଟି (ଆପ) ଦୁଇଟି ଆସନ ହାତେଇଛି। ଦୁଇଟି ଆସନ ମଧ୍ୟରୁ ଗୋଟିଏ ପଞ୍ଜାବର ହୋଇଥିବାବେଳେ ଅନ୍ୟଟି ଗୁଜରାଟର। ସେହିପରି କଂଗ୍ରେସ, ତୃଣମୂଳ କଂଗ୍ରେସ ଏବଂ ବିଜେପି ଗୋଟିଏ ଲେଖାଏଁ ଆସନରେ ବିଜୟୀ ହୋଇଛନ୍ତି। ଗତ ତିନି ଦଶନ୍ଧି ଧରି କ୍ଷମତାସୀନ ଥିବା ବିଜେପିକୁ ଗୁଜରାଟର ବିସାବଦାର ଆସନ ବିଷାଦ ଆଣିଦେଇଛି। କହିବା ଅଯଥାର୍ଥ ହେବ ନାହିଁ ଯେ, ବିସାବଦାର ଆସନକୁ ବିଜେପି ପୁଣି ଥରେ ହାତଛଡା କରିଛି। ଗତ ୨୦୨୨ ବିଧାନସଭାକୁ ନିର୍ବାଚନରେ ବିସବଦାର ଆସନରେ ଆପ୍'ର ପ୍ରାର୍ଥୀ ବିଜୟୀ ହୋଇଥିଲେ। ମାତ୍ର ସେ ବିଜେପିରେ ଯୋଗଦେବା ପରେ ବିଧାୟକ ପଦରୁ ଇସ୍ତଫା ଦେବା ଯୋଗୁଁ ସେଠାରେ ଉପ-ନିର୍ବାଚନ ହୋଇଥିଲା। ଉପ-ନିର୍ବାଚନରେ ସେ ଆପ୍ ପ୍ରାର୍ଥୀ ତଥା ପୂର୍ବତନ ରାଜ୍ୟ ପୂର୍ବତନ ରାଜ୍ୟଶାଖା ସଭାପତି ଗୋଲପ ଇଟାଲିଆଙ୍କ ଠାରୁ ପରାସ୍ତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୨୨ ବିଧାନସଭା ନିର୍ବାଚନରେ ଆପ୍ ୫ଟି ଆସନ ଅକ୍ତିଆର କରିଥିଲା। ଜଣେ ବିଧାୟକ ଦଳତ୍ୟାଗ କରିବା ସତ୍ତ୍ୱେ ଉପ-ନିର୍ବାଚନରେ ବିଜୟୀ ହୋଇ ଆପ୍ ନିଜର ସ୍ଥିତି ବଜାୟ ରଖିବାରେ ସମର୍ଥ ହୋଇଛି। ଆପ୍ ମଧ୍ୟ ଆପ୍ ପଂଜାବର ଲୁଧିଆନା ଆସନରେ ବିଜୟ ହୋଇଛି। ଗୁଜରାଟର କାଦି ଆସନର ଉପ-ନିର୍ବାଚନ ଫଳାଫଳ ବିଜେପି ସପକ୍ଷରେ ଯାଇଛି। ଏହା ନିସନ୍ଦେହ ଯେ, ଉପ-ନିର୍ବାଚନ ଫଳାଫଳ ସାଧାରଣତଃ ରାଜ୍ୟରେ କ୍ଷମତାସୀନ ଦଳ ସପକ୍ଷରେ ଯାଇଥାଏ। କିନ୍ତୁ କେରଳ ଓ ଗୁଜରାଟରେ ଏହାର ବ୍ୟତିକ୍ରମ ଘଟିଥିବା ବେଳେ ପଂଜାବ ଓ ପଶ୍ଚିମବଙ୍ଗରେ ଶାସକ ଦଳ ନିଜର ସ୍ଥିତି ବଜାୟ ରଖିଛି। କେରଳରେ କ୍ଷମତୀନ ବାମପନ୍ଥୀ ସାମୁଖ୍ୟ (ଏଲଡିଏଫ)ର ସମର୍ଥୀତ ସ୍ୱାଧୀନ ପ୍ରାର୍ଥୀ ୨୦୨୧ରେ ନିଳାମ୍ବୁର ନିର୍ବାଚିତ ହୋଇଥିଲେ। ମାତ୍ର ରାଜ୍ୟସରକାରଙ୍କ ସହ ତାଙ୍କର ମତ ପାର୍ଥକ୍ୟ ପରେ ସେ ଇସ୍ତଫା ଦେଇ ପୁଣିଥରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିଥିଲେ। ତେବେ ରାଜ୍ୟ ବିଧାନସଭା ନିର୍ବାଚନ ଆସନ୍ତା ବର୍ଷ ହେବକୁ ଯାଉଥିବାବେଳେ ଶାସକ ଦଳ ପରାସ୍ତ ହେବା ଦଳର ଫଳାଫଳ ଉପରେ ପ୍ରଭାବ ପଡ଼ିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ନିଳାମ୍ବୁର ବିଧାନସଭା ନିର୍ବାଚନ ମଣ୍ଡଳୀ ୱାୟନଡ ଲୋକସଭା ଆସନ ଅନ୍ତର୍ଗତ ଯେଉଁଠାରୁ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି। ଆହୁରି ମଧ୍ୟ ନିଳାମ୍ବୁରରେ ବିଜେପି ପ୍ରାର୍ଥୀଙ୍କ ଶୋଚନୀୟ ପ୍ରଦର୍ଶନ ଦଳର ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରେ। ପଶ୍ଚିମବଙ୍ଗରେ ଶାସକ ତୃଣମୂଳ କଂଗ୍ରେସ ପ୍ରାର୍ଥୀଙ୍କ ବିଜୟ କେବଳ ଦଳର ମନୋବଳକୁ ସୁଦୃଢ଼ କରିନାହିଁ, ବିଜେପି ପାଇଁ ଶକ୍ତ ଝଟକା ସଦୃଶ ହୋଇଛି। ଆସନ୍ତାବର୍ଷ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏଥର ବିଜେପି ତୃଣମୂଳକୁ ହରାଇ ସରକାର ଗଢ଼ିବା ନେଇ ଯେଉଁ ବାହାସ୍ଫୋଟ ମାରିଆସୁଛି, ସେଥିରେ ଝଟକା ଲାଗିଛି ବୋଲି କହିଲେ ଅତିରଞ୍ଜିତ ହେବନାହିଁ। ପଂଜାବରେ ଶାସକ ଆମ ଆଦମୀ ପାର୍ଟି ଲୁଧିଆନା(ପଶ୍ଚିମ) ଆସନରୁ ବିଜୟୀ ହୋଇଛନ୍ତି। ଏହା ନିଶ୍ଚିତ ଯେ, ଦିଲ୍ଲୀ ବିଧାନସଭା ନିର୍ବାଚନରେ ଶୋଚନୀୟ ଭାବେ ପରାଜିତ ହେବା ପରେ ଉପ-ନିର୍ବାଚନରେ ଆପ୍ ୫ଟି ଆସନ ମଧ୍ୟରୁ ୨ଟି ଆସନରେ ବିଜୟୀ ହେବା କେବଳ ଦଳର ମନୋବଳ ବଢ଼ାଇ ନାହିଁ, ଦଳର ନେତା ଓ କର୍ମୀଙ୍କ ମଧ୍ୟରେ ନୂତନ ଆଶା, ଉଦ୍ଦିପନା ସୃଷ୍ଟି କରିବା ଆଶଙ୍କାକୁ ଅଣଦେଖା କରାଯାଇନପାରେ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**




# ତ୍ରିଶୂଳ ଚୋରୀ କଲା ଯେହୁ ଶନି ପଞ୍ଚମ ହେଲେ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ତ୍ରିଶୂଳ ଶିବାସ୍ତ୍ର ଶିବମହାକାଳ ଶିବ ଜୀବସ୍ୱରୂପ ଶିରୁ ଇକାର ବାଦ କଲେ ଶିବ ଶବରେ ପରିଣତ ହୁଏ। ଶବରର ଶବ୍ଦ ଉଚ୍ଚାରଣ କ୍ଷମତା ନିଜସ୍ୱ ନାହିଁ ହେଲେ ଶିବଙ୍କର ସ୍ୱର ଉତ୍ତୋଳନ କ୍ଷମତା ଭାର୍ଯ୍ୟମାନ ଏପରିକି ପ୍ରଜାପତି ବ୍ରହ୍ମାଙ୍କର ସୃଷ୍ଟିକୁ ଲଣ୍ଡ ଭଣ୍ଡ କରିପାରନ୍ତି। ପ୍ରଳୟରେ ଲୟ କରିପାରନ୍ତି। ଅତି ଅନୁସୂୟାଙ୍କର ପୁତ୍ର ରୂପେ ଜନ୍ମ ନେଇଥିବା ଦୁର୍ବାସା ଋଷି ଏହି ଶିବ ଅଂଶରେ ଜନ୍ମ ନେଇଥିଲେ। ଯେ ବେ ନିୟମକୁ ସହ୍ୟ କରିପାରି ନାହାଁନ୍ତି। ଏଇ ସଂସାର ତିଷ୍ଠି ଥିବା ପାଇଁ ସବୁ ପ୍ରକୃତିର ଭୂଖଣ୍ଡ ମହାଦେଶ ଦେଶ ରାଜ୍ୟ, ଜିଲ୍ଲା, ଥାନା ଆଦିରେ ଭିନ୍ନ ଭିନ୍ନ ନିୟମର ସମ୍ବିଧାନ ଜାହିର ରହିଛଇ। ଏହା ବିଜ୍ଞ ଋଷିଙ୍କ ଠାରୁ ମୂଳ ସ୍ରୋତକୁ ସଂହାର ନକରି ସଂସ୍କାର କରି କରି ଅଣାଯାଉଛି। ଲୋକେ ରହିବେ ବୃକ୍ଷଲତା ରହିବେ ଜୀବଜନ୍ତୁ ରହିବେ ତତ ସହିତ ପରିବେଶ ସୁସ୍ଥ ରହିବ ଭାଇଚାରାରେ ଲୋକେ ଚଳିବେ। ଅନ୍ନ ଅଭାବ ଲୋକଙ୍କର ରହିବ ନାହିଁ। ସର୍ବନିମ୍ନ ଆବଶ୍ୟକ ଲୋକଙ୍କର ସର୍ବଦା ପୂରଣ ହେବ। କେହି କାହାରି ଉପରେ ଜୋର ଜୁଲମ କରିବେନାହିଁ। ଲୋଭାସକ୍ତ କାମାସକ୍ତ ଈର୍ଷାନ୍ୱିତ ହୋଇ କେହି ନିୟମ ଭଙ୍ଗ କରିବେ ନାହିଁ। ଏ ପାଇଁ ସବୁ ସ୍ଥାନରେ ନିୟମ ରହିଛି। ଏଇ ନିୟମ ସ୍ଥିର ରହିଲେ ଦେବ ସମ୍ବନ୍ଧ ତାକୁ ଭାଙ୍ଗିଲେ ଅସୁର ସମ୍ବନ୍ଧ ଆଉ ଦୁଇ ସମ୍ବନ୍ଧର ଉପଭୋକ୍ତା ହୁଅନ୍ତି ମାନବ ପୁଣି ସାଧାରଣ ଜନତା।

ସାଧାରଣ ଜନତା ହାତରେ ଅସ୍ତ୍ର ନାହିଁ। କାନୁନ ନାହିଁ। ହେଲେ ଆୱାଜ ଅଛି। ଏଇ ଆୱାଜର ତ୍ରାହି ତ୍ରାହି ଶବ୍ଦ ଶୁଣାଯାଇପାରେ। ଏ ଶବ୍ଦ କିଏ ଶୁଣେ? ବଳବାନ ଶୁଣି ପାରନ୍ତି, ସବୁଠାରୁ ବଳବାନ ଗୋଷ୍ଠୀଗତ ଜୀବନରେ ଥିଁବା କୌଣସି ପ୍ରତିଷ୍ଠାନ, ରାଜା ରାଜଶକ୍ତି। ସମସ୍ତେ ତ୍ରସ୍ତ ସମସ୍ତ ଆତଙ୍କିତହେଲେ 'ସର୍ବ ହାଇଣ ଏକ ମୁଖ ଡାକିଲେ ନାରାୟଣ ରଖ' ଏ ସମୟରେ ବୈକୁଣ୍ଠରେ ବିଷ୍ଣୁ ଆସନ ଦୋହଲିବ। ରୁଦ୍ର ତାଣ୍ଡବ ଆରମ୍ଭ ହେବ ଖଣ୍ଡ ଖପର ଧାରିଣୀରେ କାଳୀ ମା' ଜାଗ୍ରତ ହୋଇ ଦୁଃଖର ଉତ୍ସକୁ ଖଣ୍ଡନ ପାଇଁ ଧାବିତ ହେବେ। ବୈକୁଣ୍ଠ ଯେଉଁଠି କୁଣ୍ଠା ନାହିଁ, କୁଣ୍ଠାମାନେ କାର୍ପଣ୍ୟ ନାହିଁ, ଅଭାବ ନାହିଁ, ଯହିଁ ଶବ୍ଦ ନାହିଁ ସେ ସ୍ଥଳ କମ୍ପିଲେ ଅନ୍ୟ ଦେବଶକ୍ତି ବ୍ୟତିବ୍ୟସ୍ତ ହେବେ। ପ୍ରକୃତ ତ୍ରାହି ତ୍ରାହି ଅର୍ଥ ଧ୍ୱଂସକାରୀ ରୁଦ୍ର ନୂଆ ବ୍ୟବସ୍ଥାକୁ ଟାଳିବାକୁ ଉଦ୍ୟମୀ ହେବେ ସେ ଶୂଳ ଉଠାଇବେ ତ୍ରିଶୂଳରେ ତିନଟି ମୂନିଆ ଅଗ୍ର। ତୀକ୍ଷ୍ଣ ଅଗ୍ରରୁ ତଳ ଆଡ଼କୁ ଦୁଇ କଡ଼କୁ ଧାରୁଆ ଅଂଶ ତ୍ରିଭୁଜ ସଦୃଶ ଲମ୍ବି ରହିଛି। ଧାରୁଆ ଅସ୍ତ୍ର ଚାଳନାରେ ଡିଭାଇଡ ଆଣ୍ଡ ରୁଲ ସ୍ତରଙ୍କୁ ଆସେ, ଅଦରକାରୀକୁ ହଟାଇ ଦରକାରୀକୁ କାଏମ ରଖାଯିବ ଏଇ ସ୍ତର ଆସିଯାଏ। ତ୍ରିଶୂଳ ହେଉଛି ତିନି କାଳ ସମ୍ବନ୍ଧ ଭୂତ, ଅତୀତ କାଳ ବର୍ତ୍ତମାନ କାଳ ଯାହା ଭୋଗ ଚାଲିଛି ଭବିଷ୍ୟତ ଯାହା ଭୋଗ ହେବ। ଦେବଶକ୍ତି ବ୍ୟତୀତ ହେଲେ ଭକ୍ତମାନେ କଷ୍ଟ ପାଇଲେ ଏଇ ତ୍ରିଶୂଳ କର୍ମମୁଖର ହୋଇ କଷ୍ଟ ଉତ୍ପତ୍ତି ସ୍ଥାନରେ ମୂଳ ଉତ୍ପାଟନ କରାଇଥାଏ। ଗତାନୁଗତି କାଳରୁ ଆସୁଥିବା ଧାରା ଏବେ ବି ସମ୍ପୂର୍ଣ୍ଣ ପରିବର୍ତ୍ତନ, ଆହାର, ନିଦ୍ରା, ଭୟ, ମୈଥୁନରେ ମନୁଷ୍ୟ ବଦଳିନାହିଁ ହେଲେ ବର୍ତ୍ତମାନ ପାଇଁ ଏଥିରେ ସଦା ସଂସ୍କାର ହୋଇ ଏକ ପ୍ରଗତିଶୀଳ ଧାରା ସାର୍ବଜନୀନ ରହିଛି। ଏହାରି ଉପରେ ଲୋକେ ତାଙ୍କର ଭବିଷ୍ୟତର ନିର୍ମାଣ ପାଇଁ ଚିନ୍ତିତ। ହେଲେ ପ୍ରତିସ୍ଥଳରେ ପ୍ରଶାସକମାନେ ଶାସନ ଗାଦିରେ ବସି ମନ ମୌଜି କାନୁନ ଲଗାଇ ଦେଲେ ନିଶ୍ଚେ ଆର୍ତ୍ତସ୍ୱର ପ୍ରଜାରେ ଆସିଯାଇପାରେ। ଫଳରେ ଜାଗ୍ରତ ରୁଦ୍ରଶକ୍ତି ରୁଦ୍ରଶୂଳ, ଶିବାୟୁଧ ହେବ। ଦିନେ ଏମିତି ଥିଲା ତପସ୍ୟାରତ ରୁଦ୍ରଙ୍କ ତ୍ରିଶୂଳ ଚୋରୀ ହୋଇଗଲା। ରୁଦ୍ର ଅନୁଚରମାନେ ଢ଼ିଲା ଢ଼ିଲା ଥିଲେ। ସମାଧି ଅବସ୍ଥାରୁ ଜାଗ୍ରତ ଅବସ୍ଥା ଆସିଲା ବେଳକୁ ତ୍ରିଶୂଳ ନାହିଁ। ପ୍ରଭୁ ବ୍ୟସ୍ତ ହୋଇ ତାଙ୍କର ଅନୁଚରଙ୍କୁ ଡାକିଲେ ଅନୁଚର ମଧ୍ୟରେ ଭାଳେଣି ପଡ଼ିଲା। ଶନି ବି ଜଣେ ସେ ପ୍ରଭୁଙ୍କ ଶାନ୍ତ୍ୱନା ଦେଇ କହିଲେ ଭଗବାନ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ଯେ ଆପଣଙ୍କର ଏଇ ଆୟୁଧ ଚୋରୀ କରି ହାତେଇଛି ଭାବୁଛି ରୁଦ୍ରଶୂଳ ଅକ୍ତିଆର କରି ରୁଦ୍ର ହୋଇଯିବି ସେ ବର୍ତ୍ତମାନ ମୋର ଚଳନୀରେ ଏକ ଖରାପ ଅବସ୍ଥାକୁ ଆସିବ ସେ ଅବସ୍ଥାଟି ମୋର ପଞ୍ଚମ ଘର ସ୍ଥିତି। ଶନି ଖରାପ ୧୨ଶ ଜନ୍ମ ୨ୟ, ୭ମା।୮ମା ପୁଣି ୪ର୍ଥ ଏମିତି ୭ ଘର ଯାହା ଜନ୍ମ ରାଶିରୁ ପ୍ରତି ବ୍ୟକ୍ତିର ଜୀବନରେ ପ୍ରତି ୩ ବର୍ଷରେ ଥରେ ଥରେ ଆସେ। ଏଥିରେ ଶୁଭ ଫଳ ଅଛି। ୩//୬ଷ୍ଠ/୧୧ମ ଅନେକ ସମୟରେ ୧୦ମ। ମାତ୍ର ଏକ ଘର ଅଛି ୫ମ ଏଠାରେ ଶନି ସ୍ଥିତି ଅଦ୍ଭୂତ ଅମଙ୍ଗଳ କ୍ରିୟା ଘଟାଏ। ଦୁର୍ବୁଦ୍ଧି ବ୍ୟକ୍ତିର ଆସେ ମରଣ କାଳେ ବିପରୀତ ବୁଦ୍ଧି ପରି ସ୍ଥିତି ଉପୁଜେ। ଭବିଷ୍ୟତ ନଷ୍ଟ ହୋଇଯାଏ ସେ ବ୍ୟକ୍ତିର ଉତ୍ତରାଧିକାରୀମାନେ ପ୍ରଗତି କରିବା ସମ୍ଭବ ହୁଏନାହିଁ, ଅତଏବ ଶନି, ମହାପ୍ରଭୁ ଶଙ୍କରଙ୍କୁ କହୁଛନ୍ତି ତ୍ରିଶୂଳ ଚୋର ହଠାତ ମୋ ପଞ୍ଚମରେ ଧରା ପଡ଼ିବ। ଶୂଳ ପାଇ ଅବକାଶ ପାଇବା ସମ୍ଭବ ନାହିଁ। ଦେଖନ୍ତୁ ବର୍ତ୍ତମାନ ତା୨୯/୩/୨୦୨୫ରୁ ଶନି ମୀନ ରାଶିକୁ ଗୋଚର ଗତି କରିଛନ୍ତି। ବିଛା ରାଶିରୁ ଏହା ୫ମ ହେଉଛି। ସବୁ ମଣିଷଙ୍କର ଯାହା ପୃଥିବୀର ୧୨ ଭାଗ ଲୋକଙ୍କର ଗଣିତ କଷ୍ଟ ବିଛା ରାଶି ନିଶ୍ଚୟ ପଡ଼ିବ ମାତ୍ର ଦଣ୍ଡଧାରୀ କାନୁନ କର୍ତ୍ତା। ବଡ଼ ମୁଣ୍ଡିଆଙ୍କର ଦୁର୍ବୁଦ୍ଧି ଏମିତି ଆସିବ ଯାହା ଲୋକେ ତାଙ୍କ କ୍ରିୟାରେ ତ୍ରାହି ତ୍ରାହି ଡାକିବେ। ହେଲେ ପୁନଃ ରୁଦ୍ରଶୂଳ ରୁଦ୍ରଙ୍କ ହାତକୁ ନିଶ୍ଚେ ଯେ ଫେରିବ ଏ ଶାନ୍ତ୍ୱନା ଶନିଶ୍ଚର ଗ୍ୟାରେଣ୍ଟି ଦେଉଛନ୍ତି ପୁଣି ଖୋଦ ମହାକାଳ ଶିବଙ୍କୁ। ଏ ସମୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଏମାନେ ବିଛା ରାଶିରେ ଚକ୍ର ଥିବାବେଳେ ଜନ୍ମ, ଏଇ ଦୁଇଜଣ ଏପରି ଶନିଙ୍କ କୋପରେ ପଡ଼ୁଛନ୍ତି ଏମାନେ କରୁଥିବା କାନୁନ ଲୋକରେ ଅସନ୍ତୋଷ କରୁଛି, ବିରୁଦ୍ଧ ଜନମତ ଜାଗ୍ରତ ହେଉଛି।

ତେବେ ଟ୍ରମ୍ପଙ୍କର ୪ ବର୍ଷିୟା ପଦ ହାସଲ ମୋଦି ବାବୁଙ୍କର ୫ ବର୍ଷିଆ ଆସନ ହାସଲ, ଟ୍ରମ୍ପଙ୍କର ଜ୍ୟେଷ୍ଠା ନକ୍ଷତ୍ରରୁ ଶନିସ୍ଥିତ ଓ ମୋଦି ବାବୁଙ୍କର ଅନୁରାଧା ନକ୍ଷତ୍ରକୁ ଶନି ଶନିଙ୍କ ୨୫ ନକ୍ଷତ୍ର ପାଇଁ ବିଶେଷ ପଦ ବିରୁଦ୍ଧ ହେଉନାହିଁ ମାତ୍ର ଆଗକୁ ଶନି ୨୬, ୨୭ ଦୁଇ ନକ୍ଷତ୍ରରେ ଶନି ସଞ୍ଚାର ଏ ଦୁଇଙ୍କର ରୁଦ୍ରଶୂଳର ଶକ୍ତି କ୍ଷତିକର କରାଇବ। କିଛି ଅଶୁଭ ସମୟ ଏହି ମୀନ ଶନିରେ ହିଁ ଆଗାମୀ ୨/୬ ମାସ ମଧ୍ୟରେ ଆଗକୁ ଭୋଗ ୨ଜଣ ତାଗିତ ହେବେ। 'ମାର ମାର ଭଣ୍ଡାରିଆକୁ ମାର' ବା 'ଢ଼େଙ୍ଗା ମୁଣ୍ଡରେ ଠେଙ୍ଗା'। 'ଦଣ୍ଡିବା ଗୁଣ ଯାର ଥାଇ ସେ ଗୁଣି କ୍ଷମା ଆଚରଇ'। ଏ ଉକ୍ତି ଭୁଲନ୍ତୁ ନାହିଁ ଦଣ୍ଡଧାରୀ ଦଣ୍ଡମାର୍ଗକୁ ଭିନ୍ନ ଭାବରେ ପରିବର୍ତ୍ତନ କରି ମହାକାଳଙ୍କୁ ଶନିଙ୍କୁ ତୋଷ କରିପାରିଲେ ନାମ ଉଜ୍ଜିବୀତ ରହିପାରେ।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,**
**ମୋବାଇଲ୍: ୯୪୩୭୦୩୧୨୫୩**

### କୋଲକାତା ଗଣବଳାତ୍କାର ମାମଲା

# ଯାଞ୍ଚ ପାଇଁ ୫ ଜଣିଆ ଏସଆଇଟି ଗଠନ




**କୋଲକାତା,୨୮।୬:** ଶନିବାର (ଜୁନ ୨୮) ଦିନ କୋଲକାତା ପୋଲିସ ପ୍ରଥମ ବର୍ଷର ଆଇନ ଛାତ୍ରୀଙ୍କ ଗଣବଳାତ୍କାର ମାମଲାରେ ପାଞ୍ଚ ଜଣିଆ ସ୍ୱତନ୍ତ୍ର ତଦନ୍ତ ଦଳ (ଏସଆଇଟି) ଗଠନ କରିଛି। ଏହି ଏସଆଇଟିଏସିପି ପ୍ରଦୀପ କୁମାର ଘୋଷାଲଙ୍କ ନେତୃତ୍ୱରେ ମାମଲାର ତଦନ୍ତ କରିବ। ଏହି ମାମଲାରେ ଜଣେ ଅଧିକାରୀ ସୂଚନା ଦେଇଛନ୍ତି ଯେ ଶନିବାର (ଜୁନ ୨୮) ଦିନ ହିଁ କୋଲକାତା ପୋଲିସ କଲେଜର ଜଣେ ସୁରକ୍ଷା କର୍ମୀଙ୍କୁ ଗିରଫ କରିଛି। ଏହା ସହିତ, କଲେଜ କ୍ୟାମ୍ପସର ସୁରକ୍ଷା ଗାର୍ଡ ରୁମରେ ଏହି ଘଟଣା ସହିତ ଜଡିତ ଗିରଫ ବ୍ୟକ୍ତିଙ୍କ ସଂଖ୍ୟା ଚାରିକୁ ବୃଦ୍ଧି ପାଇଛି। ଅଧିକାରୀ କହିଛନ୍ତି, 'ପଚରାଉଚରା ପାଇଁ ଅଟକ ରଖାଯାଇଥିବା ସୁରକ୍ଷା କର୍ମୀଙ୍କୁ ପରେ ଗିରଫ କରାଯାଇଥିଲା।' ସେ କହିଛନ୍ତି, 'ଶନିବାର ସକାଳେ ଆମେ ସୁରକ୍ଷା କର୍ମୀଙ୍କୁ ଗିରଫ କରିଛୁ, କାରଣ ତାଙ୍କର ଉତ୍ତର ଅସ୍ପଷ୍ଟ ଥିଲା। କଲେଜରେ ତାଙ୍କର ଉପସ୍ଥିତି ସିସିଟିଭି ଫୁଟେଜ ରୁ ଜଣାପଡିଥିଲା।' ଅଧିକାରୀ କହିଛନ୍ତି, 'ଗାର୍ଡ ତାଙ୍କ କର୍ତ୍ତବ୍ୟ ପାଳନ କରିବାରେ ବିଫଳ ହୋଇଥିଲେ ଏବଂ ପୋଲିସ ସେହି ସମୟରେ ଡ୍ୟୁଟିରେ ଏକା ଥିଲେ କି ନାହିଁ ତାହା ଜାଣିବାକୁ ଚେଷ୍ଟା କରୁଛି।' ଉଲ୍ଲେଖଯୋଗ୍ୟ ଯେ ଏହି ଭୟଙ୍କର ଘଟଣା ବୁଧବାର (ଜୁନ ୨୫) ସାରେ ଦକ୍ଷିଣ କୋଲକାତା ଆଇନ କଲେଜରେ ଘଟିଥିଲା। ଏହି ମାମଲାରେ ଗିରଫ ହୋଇଥିବା ସୁରକ୍ଷା କର୍ମୀଙ୍କ ସମ୍ପର୍କରେ ଜଣେ ଅଧିକାରୀ କହିଛନ୍ତି, 'ଗାର୍ଡ କାହିଁକି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ ଏବଂ କାହିଁକି ସେ ତିନି ଅଭିଯୁକ୍ତଙ୍କୁ ଅପରାଧ କରିବାରୁ ଅଟକାଇ ନଥିଲେ ସେ ବିଷୟରେ ସ୍ପଷ୍ଟ ଉତ୍ତର ଦେଇ ନଥିଲେ। ଏହା ସହିତ, ତାଙ୍କୁ ଏହା ମଧ୍ୟ କହିବାକୁ ପଡିବ ଯେ ସେ କାହିଁକି ଏବଂ କାହାର ନିର୍ଦ୍ଦେଶରେ ତାଙ୍କ କୋଠରୀ ଛାଡିଥିଲେ। ଏହା ମଧ୍ୟ ଅପରାଧରେ ଏକ ପ୍ରକାର ସମ୍ପୃକ୍ତି।'

# ପରାଗ ଜୈନ 'ର'ର ନୂଆ ମୁଖ୍ୟ



**ନୂଆଦିଲ୍ଲୀ, ୨୮।୬:** କେନ୍ଦ୍ର ସରକାର ୧୯୮୯ ବ୍ୟାଚ୍ ର ପଞ୍ଜାବ କ୍ୟାଡରର ଆଇପିଏସ୍ ଅଧିକାରୀ ହେଉଛନ୍ତି ପରାଗ ଜୈନ। ତାଙ୍କୁ ରିସର୍ଚ୍ଚ ଆଣ୍ଡ୍ ଆନାଲିସିସ୍ ୱିଙ୍ଗ (ର') ର ନୂତନ ମୁଖ୍ୟ ଭାବରେ ନିଯୁକ୍ତ ହୋଇଛନ୍ତି। ସେ ରବି ସିହ୍ନାଙ୍କ ସ୍ଥାନ ନେବେ। ରବି ସିହ୍ନାଙ୍କ ବର୍ତ୍ତମାନର କାର୍ଯ୍ୟକାଳ ଜୁନ୍ ୩୦ରେ ଶେଷ ହେଉଛି। ପରାଗ ଜୈନଙ୍କ କାର୍ଯ୍ୟକାଳ ଦୁଇ ବର୍ଷ ହେବ। ସେ ଚଳିତବର୍ଷ ଜୁଲାଇ ୧, ପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକାଳ ପାଇଁ ଏହି ଦାୟିତ୍ୱ ଗ୍ରହଣ କରିବେ। ପରାଗ ଜୈନ ବର୍ତ୍ତମାନ ବିମାନ ଗବେଷଣା କେନ୍ଦ୍ରର ନେତୃତ୍ୱ ନେଉଛନ୍ତି। ଯାହା 'ଅପରେସନ୍ ସିନ୍ଦୂର' ସମୟରେ ପାକିସ୍ତାନୀ ସଶସ୍ତ୍ର ବାହିନୀର ଆଡ୍ଡା ଏବଂ ଆତଙ୍କବାଦୀ ଶିବିର ବିଷୟରେ ଗୁପ୍ତ ସୂଚନା ସଂଗ୍ରହ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଗୁଇନ୍ଦା ମହଲରେ 'ସୁପର ସ୍ପାଏ' ଭାବରେ ଜଣାଶୁଣା ପରାଗ ଜୈନ ମାନବ ବୁଦ୍ଧିମତ୍ତା କୁ ବୈଷୟିକ ବୁଦ୍ଧିମତ୍ତା ସହିତ ପ୍ରଭାବଶାଳୀ ଭାବରେ ମିଶ୍ରଣ କରିବା ପାଇଁ ଜଣାଶୁଣା। ଏହି ବିଶେଷତା ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ଅଧିକାରୀମାନେ କହିଛନ୍ତି। ଯେତେବେଳେ ଆତଙ୍କବାଦୀମାନେ ପଞ୍ଜାବରେ ଆତଙ୍କ ସୃଷ୍ଟି କରୁଥିଲେ ପରାଗ ଜୈନ ଭଟିଣ୍ଡା, ମାନସା, ହୋସିଆରପୁରରେ ଏକ ଅପରେସନାଲ୍ ଭୂମିକା ଗ୍ରହଣ କରିଥିଲେ। ଏହା ପୂର୍ବରୁ ସେ ଚଣ୍ଡିଗଡ଼ର SSP ଏବଂ ଲୁଧିଆନାର ଡିଆଇଜି ଥିଲେ। ସେ ର'ରେ ପାକିସ୍ତାନ ଡେସ୍କ ପରିଚାଳନା କରିଛନ୍ତି। ସେ ଧାରା ୩୭୦ ହଟାଇବା ଏବଂ ଅପରେସନ୍ ବାଲାକୋଟ ସମୟରେ ଜମ୍ମୁ ଏବଂ କାଶ୍ମୀରରେ ମଧ କାର୍ଯ୍ୟ କରିଛନ୍ତି। ପରାଗ ଜୈନଙ୍କୁ ଜଣେ ଅତ୍ୟନ୍ତ ନମ୍ର ଅଧିକାରୀ ବୋଲି କୁହାଯାଏ। ସେ କାନାଡା ଏବଂ ଶ୍ରୀଲଙ୍କାରେ ଭାରତୀୟ ପ୍ରତିନିଧି ଭାବରେ କାର୍ଯ୍ୟ କରିଛନ୍ତି। କାନାଡାରେ ତାଙ୍କ ପୋଷ୍ଟିଂ ସମୟରେ ସେ ସେଠାରେ ଖଲିସ୍ତାନ ସମର୍ଥକମାନଙ୍କୁ ଚ୍ୟାଲେଞ୍ଜ କରିଥିଲେ ଏବଂ ବାରମ୍ବାର ନୂଆଦିଲ୍ଲୀକୁ ଚେତାବନୀ ଦେଇଥିଲେ ଯେ ଏହା ବିପଦପୂର୍ଣ୍ଣ ହୋଇଯାଉଛି।




### ଏୟାର ଇଣ୍ଡିଆ ଦୁର୍ଘଟଣା ପରେ ଉତ୍ସବର ମାହୋଲ

## ଭିଡିଓ ଭାଇରାଲ ପରେ ୪ ବରିଷ୍ଠ ଅଧିକାରୀ ନିଲମ୍ବିତ

କାହାପାଇଁ ସର୍ବନାଶ କାହାପାଇଁ ପୁଷମାସ। ଏଭଳି ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏବେ ଏହାକୁ ନେଇ ଚର୍ଚ୍ଚା। ଅହମ୍ମଦାବାଦରେ ଏୟାର ଇଣ୍ଡିଆର ବିମାନ ଦୁର୍ଘଟଣା ପରେ ଏୟାରପୋର୍ଟ ସର୍ଭିସ୍ ମ୍ୟାନେଜମେଣ୍ଟ ଫର୍ମ ଏୟାର ଇଣ୍ଡିଆସେଟ୍ସ ସର୍ଭିସେସ୍ (ଏଆଇଏସଏଟଏସ) ପକ୍ଷରୁ କ୍ଷମା ପ୍ରାର୍ଥନା କରାଯାଇଛି। କାରଣ ବିମାନ ଦୁର୍ଘଟଣାର କିଛି ଦିନ ପରେ ଏଆଇଏସଏଟଏସ କାର୍ଯ୍ୟାଳୟରେ ଉତ୍ସବ ପାଳିଥିଲେ। ଏଥିରେ ସବୁ କର୍ମଚାରୀଙ୍କ ସହ ବରିଷ୍ଠ ଅଧିକାରୀମାନେ ନାଚୁଥିବା ଓ ଗାଉଥିବା ଭିଡିଓରେ ଦେଖିବାକୁ ମିଳିଥିଲା। ବିମାନ ଦୁର୍ଘଟଣା ଜୁନ୍ ୧୨ରେ ହୋଇଥିବାବେଳେ ଏହାର କିଛି ମାତ୍ର ଦିନକ ପରେ ଏଆଇଏସଏଟଏସ ଅଫିସରେ ସେଲିବ୍ରେସନର ଭିଡିଓ ସାମ୍ନାକୁ ଆସିଥିଲା। ବିମାନ ଦୁର୍ଘଟଣାରେ ଶତାଧିକ ଲୋକ ପ୍ରାଣ ହରାଇବା ଘଟଣାରେ ସାରା ଦେଶ ଘୋର ଶୋକରେ ବୁଡ଼ିଥିବାବେଳେ ଅଫିସରେ ନାଚ , ଗୀତ ଦେଶବାସୀଙ୍କୁ ଅତିଷ୍ଠ କରିଛି। ଏହାକୁ ନେଇ AISATS ପକ୍ଷରୁ କ୍ଷୋଭ ପ୍ରକାଶ କରାଯିବା ସହ ଏୟାର ଇଣ୍ଡିଆର ୪ଜଣ ବରିଷ୍ଠ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। AISATSର ଜଣେ ମୁଖପାତ୍ର କହିଛନ୍ତି, କମ୍ପାନି ବିମାନ ଦୁର୍ଘଟଣାରେ ପ୍ରଭାବିତ ପରିବାର ସହିତ ଏକତା ପ୍ରକାଶ କରୁଛି ଏବଂ ଭିଡିଓ ପାଇଁ ଦୁଃଖ ପ୍ରକାଶ କରିଛି। ଯାହାକୁ ଦେଖିବା ପରେ ଅନେକ ସୋସିଆଲ ମିଡିଆରେ ଉତ୍ସବ ପାଇଁ ଉପଯୁକ୍ତ ସମୟ ନୁହେଁ ବୋଲି ମତ ପ୍ରକାଶ କରିଛନ୍ତି।



## ଇସ୍ରାଏଲ ଆକ୍ରମଣରେ ପୁଣି ଥରି ଉଠିଲା ଗାଜା

ଗାଜା,୨୮।୬: ଶୁକ୍ରବାର ବିଳମ୍ବିତ ରାତିରୁ ଶନିବାର ସକାଳ ପର୍ଯ୍ୟନ୍ତ ଗାଜା ଉପରେ ଇସ୍ରାଏଲୀ ଆକ୍ରମଣରେ ଲୋକଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟ ଆସିଛି। ଶିଫା ହସ୍ପିଟାଲର କର୍ମଚାରୀଙ୍କ ଅନୁଯାୟୀ, ଗାଜା ସହରର ପାଲେଷ୍ଟାଇନ ଷ୍ଟାଡିୟମରେ ୧୨ ଜଣଙ୍କ ମୃତ୍ୟୁ ହୋଇଛି। ସ୍ୱାସ୍ଥ୍ୟ କର୍ମୀଙ୍କ କହିବା ଅନୁଯାୟୀ ଏହି ଆକ୍ରମଣରେ ଗାଜାରେ ଅତି କମରେ ୩୪ ଜଣଙ୍କ

**ଏବେ ପର୍ଯ୍ୟନ୍ତ ୫୬ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କର ହେଲାଣି ମୃତ୍ୟୁ**

ମୃତ୍ୟୁ ହୋଇଛି। ହସ୍ପିଟାଲ ଅନୁଯାୟୀ, ଦକ୍ଷିଣ ଗାଜାର ମୁୱାସିରେ ବିସ୍ଥାପିତ ଲୋକଙ୍କ ପାଇଁ ନିର୍ମିତ ତମ୍ବୁ ଉପରେ ଆକ୍ରମଣରେ ୬ ଜଣଙ୍କ ମୃତ୍ୟୁ ହୋଇଛି। ଇସ୍ରାଏଲର ଏହି ଆକ୍ରମଣ ଏପରି ସମୟରେ ହୋଇଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଆସନ୍ତା ସପ୍ତାହ ମଧ୍ୟରେ ଏକ ଯୁଦ୍ଧବିରତି ଚୁକ୍ତି ହୋଇପାରେ। ଶୁକ୍ରବାର ଓଭାଲ ଅଫିସରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଇ ଟ୍ରମ୍ପ କହିଛନ୍ତି, 'ଆମେ ଗାଜା ଉପରେ କାମ କରୁଛୁ ଏବଂ ଏହାକୁ ପରିଚାଳନା କରିବାକୁ ଚେଷ୍ଟା କରୁଛୁ।' ପରିସ୍ଥିତି ବିଷୟରେ ଜ୍ଞାନୀ ଜଣେ ଅଧିକାରୀ କହିଛନ୍ତି ଯେ ଇସ୍ରାଏଲର ରଣାତ୍ମକ ବ୍ୟାପାର ମନ୍ତ୍ରୀ ରନ ଡର୍ମର୍ ଗାଜା ଯୁଦ୍ଧବିରତି, ଇରାନ ଏବଂ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା ପାଇଁ ଆସନ୍ତା ସପ୍ତାହରେ ୱାଶିଂଟନରେ ପହଞ୍ଚିବେ। ଅଧିକାରୀ ଜଣକ ନାମ ଗୋପନ ରଖିବା ସର୍ତ୍ତରେ କହିଥିଲେ, କାରଣ ତାଙ୍କୁ ଗଣମାଧ୍ୟମ ସହିତ କଥାବାର୍ତ୍ତା କରିବାକୁ ଅନୁମତି ଦିଆଯାଇ ନଥିଲା। ଗାଜାରେ ପ୍ରାୟ ୫୦ ଜଣ ବନ୍ଧକ ଅଛନ୍ତି, ସେମାନଙ୍କ ମଧ୍ୟରୁ ଅଧାରୁ କମ ବଞ୍ଚିଥିବା ବିଶ୍ୱାସ କରାଯାଏ। ୭ ଅକ୍ଟୋବର ୨୦୨୩ରେ ହମାସ ଇସ୍ରାଏଲ ଉପରେ ଆକ୍ରମଣ କରିବା ପରେ ପ୍ରାୟ ୨୫୦ ଜଣଙ୍କୁ ବନ୍ଧକ ରଖାଯାଇଥିଲା, ଯାହା ପରେ ଯୁଦ୍ଧ ୨୧ ମାସ ଧରି ଚାଲିଥିଲା। ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଏହି ଯୁଦ୍ଧରେ ୫୬ ହଜାରରୁ ଅଧିକ ପାଲେଷ୍ଟାଇନୀ ନିହତ ହୋଇଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ ଭିଡିଓ କଲ୍‌ରେ ବଖାଣିଲେ ଅନୁଭୂତି ଶୁଭାଂଶୁ

# ମହାକାଶରୁ ଭବ୍ୟ ଦିଶୁଛି ଭାରତ




**ନୂଆଦିଲ୍ଲୀ, ୨୮।୬:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସଏସ)ରେ ଥିବା ଭାରତୀୟ ବାୟୁସେନା ଅଧିକାରୀ ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ସହିତ ସିଧାସଳଖ କଥାବାର୍ତ୍ତା କରିଛନ୍ତି। ଏହି କଥାବାର୍ତ୍ତା କେବଳ ଭାରତର ମହାକାଶ ଇତିହାସରେ ଏକ ନୂତନ ଅଧ୍ୟାୟ ନୁହେଁ, ବରଂ ଏହା ଭାରତର ବୈଜ୍ଞାନିକ କ୍ଷମତା ତଥା ବିଶ୍ୱ ମହାକାଶ ଗବେଷଣାରେ ଭାରତର ଅଂଶଗ୍ରହଣର ଏକ ପ୍ରତୀକ ପାଲଟିଛି। ପ୍ରଧାନମନ୍ତ୍ରୀ ମୋଦୀ ଭିଡିଓ କଲ୍ ମାଧ୍ୟମରେ ଶୁଭାଂଶୁ ଶୁକ୍ଲାଙ୍କ ସହ କଥାବାର୍ତ୍ତା କରିବା ସମୟରେ ତାଙ୍କ ସାହସ ଏବଂ ଅବଦାନକୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ସୋସିଆଲ ସାଇଟ୍ ଏକ୍ସ ରେ ଟ୍ୱିଟ୍ କରି ଏହି ସୂଚନା ଦେଇଛନ୍ତି। କଥାବାର୍ତ୍ତା ସମୟରେ ଶୁଭାଂଶୁ କହିଛନ୍ତି ଯେ, ମହାକାଶରୁ ଭାରତ ଭବ୍ୟ ଦେଖାଯାଉଛି। ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଗାଜର ହାଲୱା ଏବଂ ଆମ୍ବ ରସ ମହାକାଶକୁ ନେବା ବିଷୟରେ ମଧ ଉଲ୍ଲେଖ କରିଥିଲେ। ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା ଅନ୍ୟ ତିନି ଜଣ ମହାକାଶଚାରୀଙ୍କ ସହିତ ଜୁନ୍ ୨୫ତାରିଖରେ ସ୍ପେସ୍ଏକ୍ସର ଡ୍ରାଗନ୍ କ୍ୟାପସୁଲ୍‌ରେ ନାସାର କେନେଡି ସ୍ପେସ୍ ସେଣ୍ଟରରୁ ଆଇଏସଏସ୍ ଅଭିମୁଖେ ଯାତ୍ରା କରିଥିଲେ। ଏହି ମିସନ୍ ଆକ୍ସିଅମ୍-୪ର ଏକ ଅଂଶ। ରାକେଶ ଶର୍ମାଙ୍କ ପରେ, ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା ୪୧ ବର୍ଷ ପରେ ମହାକାଶକୁ ଯାଇଥିବା ପ୍ରଥମ ଭାରତୀୟ ମହାକାଶଚାରୀ ହୋଇଥିଲେ, ଯାହା ଦେଶ ପାଇଁ ଏକ ଐତିହାସିକ ମାଇଲଖୁଣ୍ଟ ପ୍ରମାଣିତ ହୋଇଥିଲା। ଆକ୍ସିଅମ୍-୪ର ସଫଳ ଉତକ୍ଷେପଣ ପରେ, ପ୍ରଧାନମନ୍ତ୍ରୀ ମୋଦୀ ମିସନ ପାଇଲଟ୍ ଶୁକ୍ଲା ଏବଂ ଅନ୍ୟାନ୍ୟ କ୍ରୁ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ସେମାନଙ୍କର ସଫଳତା କାମନା କରିଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଶୁକ୍ଲା, ପ୍ରଥମ ଭାରତୀୟ ମହାକାଶଚାରୀ ଭାବରେ ଆଇଏସଏସ ପରିଦର୍ଶନ କରିବାକୁ ଯାଉଛନ୍ତି। ସେ ତାଙ୍କ ସହିତ ୧୪୦ କୋଟି ଭାରତୀୟଙ୍କ ଇଚ୍ଛା, ଆଶା ଏବଂ ଆକାଂକ୍ଷା ନେଇ ଯାଇଛନ୍ତି। ଆକ୍ସିଅମ୍-୪ ମିସନର ଡ୍ରାଗନ୍ ମହାକାଶଯାନ ଗୁରୁବାର ଦିନ ସଫଳତାର ସହ ଡକିଂ ସମାପ୍ତ କରିଛି, ଯାହା ଦ୍ୱାରା ଏହାର କ୍ରୁଙ୍କ ମହାକାଶ ଷ୍ଟେସନରେ ଦୁଇ ସପ୍ତାହ ରହଣି ଆନୁଷ୍ଠାନିକ ଭାବରେ ଆରମ୍ଭ ହୋଇଛି। ସେମାନଙ୍କ ରହଣି ସମୟରେ, ମିସନ ଦଳ ଏକ ମାଇକ୍ରୋଗ୍ରାଭିଟି ପରିବେଶରେ ବୈଜ୍ଞାନିକ ପରୀକ୍ଷଣ, ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନ ଏବଂ ଶିକ୍ଷା ପ୍ରସାର କାର୍ଯ୍ୟକଳାପ କରିବେ। ଶୁଭାଂଶୁ ଶୁକ୍ଲା ଆଇଏସଏସରେ ମିସନ ଦଳ ଦ୍ୱାରା କରାଯିବାକୁ ଥିବା ୬୦ଟି ପରୀକ୍ଷଣ ମଧ୍ୟରୁ ସାତଟି ପରୀକ୍ଷଣରେ ନେତୃତ୍ୱ ନେବେ। ଆକ୍ସିଅମ୍-୪ ମିସନ ନାସା ଏବଂ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ମଧ୍ୟରେ ଏକ ସଫଳ ସହଯୋଗକୁ ନିଶ୍ଚିତ କରିଛି। ଏହା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପ୍ରଥମ ଭାରତୀୟ ମହାକାଶଚାରୀଙ୍କୁ ମହାକାଶ ଷ୍ଟେସନକୁ ପଠାଇବା ପାଇଁ ଦିଆଯାଇଥିବା ପ୍ରତିଶ୍ରୁତିକୁ ପୂରଣ କରିଛି।

### ଟ୍ରମ୍ପଙ୍କ ଚେତାବନୀ



## ଇରାନ ଉପରେ ପୁଣି ହୋଇପାରେ ଆକ୍ରମଣ

ୱାଶିଂଟନ, ୨୮।୬: ମଧ୍ୟପ୍ରାଚ୍ୟରେ ଏବେ ଶାନ୍ତି ଫେରିଛି। ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଘୋଷଣା ହୋଇଥିବା ଅସ୍ତ୍ରବିରତି ପରେ ଶାନ୍ତି ଫେରିଛି। ଏହାରି ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଦୋହରାଇ କହିଛନ୍ତି ଆକାଶ ମାର୍ଗରୁ ଆକ୍ରମଣ ଦ୍ୱାରା ଇରାନର ପରାମାଣୁ ପ୍ଲାଣ୍ଟକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦିଆଯାଇଛି। ନିଆଁରେ ଘିଅ ଢାଳିବା ଭଳି ଟ୍ରମ୍ପ କହିଛନ୍ତି, ଆବଶ୍ୟକ ପଡ଼ିଲେ ଇରାନ ଉପରେ ଆକ୍ରମଣ କରିବାକୁ ପଛଘୁଞ୍ଚା ଦେବୁନୁ। ଯଦି ଭବିଷ୍ୟତରେ ଇରାନ ସମ୍ବେଦନଶୀଳ କାର୍ଯ୍ୟକଳାପ ପୁଣି ଆରମ୍ଭ କରେ, ତେବେ ଆମେରିକା ପୁଣି ଥରେ ଆକ୍ରମଣ କରିପାରେ। ହ୍ୱାଇଟ୍ ହାଉସରେ ଏକ ସାମ୍ବାଦିକ ସମ୍ମିଳନୀ ସମୟରେ ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ ଟ୍ରମ୍ପ କହିଛନ୍ତି ଯେ ସେ ଇରାନର ସର୍ବୋଚ୍ଚ ନେତା ଅଲି ଖାମେନେଇଙ୍କ ମନ୍ତବ୍ୟ ଉପରେ ବିଚାର ଚାଲିଛି ଆଉ ଏହାର ଉତ୍ତର ଶୀଘ୍ର ମିଳିଯିବ। ପ୍ରକୃତରେ, ଯୁଦ୍ଧବିରତି ପରେ, ଖାମେନେଇ କହିଥିଲେ ଯେ ଇରାନ କାତାରରେ ଥିବା ଆମେରିକୀୟ ସାମରିକ ଘାଟିକୁ ଧ୍ୱଂସ କରିଦେଇଛି। ଏହା ଆମେରିକାର ମୁହଁରେ ଏକ ଶକ୍ତ ଚାପୁଡ଼ା।

## ଏୟାର ଇଣ୍ଡିଆ ବିମାନରେ ମଦ୍ୟପ ଯାତ୍ରୀଙ୍କ ଲଙ୍କାକାଣ୍ଡ




ନୂଆଦିଲ୍ଲୀ,୨୮।୬: ଅମୃତସରରୁ ଦିଲ୍ଲୀ ଯାଉଥିବା ଏୟାର ଇଣ୍ଡିଆର ବିମାନ ଏଆଇ୪୫୪ରେ ଆଜି ଦେଖିବାକୁ ମିଳିଥିଲା ମଦ୍ୟପ ଯାତ୍ରୀର ଲଙ୍କାକାଣ୍ଡ। ବିମାନ ଅବତରଣ କରିବାର ଠିକ୍ ପୂର୍ବରୁ ଏହି ଘଟଣା ଘଟିଥିଲା, ଯେତେବେଳେ ଜଣେ ଯାତ୍ରୀ ଅନ୍ୟ ଜଣେ ଯାତ୍ରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଫିମେଲ ଷ୍ଟାଫ୍‌ଙ୍କୁ ଖରାପ ଆଚରଣ କରିଥିଲା। ଏୟାର ଇଣ୍ଡିଆର ସୂଚନା ଅନୁଯାୟୀ, ଯେତେବେଳେ କ୍ୟାବିନ କ୍ରୁ ବିମାନ ଅବତରଣ ପାଇଁ ପ୍ରସ୍ତୁତ ହେଉଥିଲେ, ସେତେବେଳେ ଜଣେ କ୍ରୁ ସଦସ୍ୟ ଜଣେ ଯାତ୍ରୀଙ୍କୁ ଅନ୍ୟ ଜଣେ ଯାତ୍ରୀଙ୍କ ସହ ପ୍ରବଳ ଯୁକ୍ତିତର୍କ କରୁଥିବାର ଦେଖିବାକୁ ମିଳିଥିଲା। ଅନ୍ୟ ଜଣେ ଯାତ୍ରୀଜଣକ ତୁରନ୍ତ କ୍ରିଉ ସଦସ୍ୟଙ୍କୁ ଜଣାଇଥିଲେ ଯେ ସାମ୍ନାରେ ଥିବା ଯାତ୍ରୀ ଜଣକ ଅଶ୍ଳୀଳ ଭାଷା ବ୍ୟବହାର କରୁଛନ୍ତି ଏବଂ ଖରାପ ବ୍ୟବହାର କରୁଛନ୍ତି। ପରିସ୍ଥିତିକୁ ଆହୁରି ଖରାପ ନ କରିବା ପାଇଁ, କ୍ୟାବିନ କ୍ରୁ ସଦସ୍ୟମାନେ ଉପସ୍ଥିତ ବୁଦ୍ଧି ଦେଖାଇଥିଲେ। ସେମାନେ ଅନ୍ୟ ଯାତ୍ରୀଙ୍କୁ ଅସ୍ଥାୟୀ ଭାବରେ ବିଜନେସ୍ କ୍ଲାସକୁ ସ୍ଥାନାନ୍ତରିତ କଲେ ଯାହା ଦ୍ଵାରା ସେ ସୁରକ୍ଷିତ ଏବଂ ଶାନ୍ତ ରହିପାରିବେ। ଏହି ସମୟରେ, କ୍ରୁ ସଦସ୍ୟମାନେ ପାଇଲଟଙ୍କୁ ଏହି ବିଷୟ ବିଷୟରେ ଜଣାଇଥିଲେ। ତେବେ ମଦ୍ୟପ ଯାତ୍ରୀ ଜଣକ କ୍ରିମ ଫିମେଲ ଷ୍ଟାଫ୍‌ଙ୍କୁ ମଧ ଖରାପ ବ୍ୟବହାର କରିଥିବାର ଅଭିଯୋଗ ରହିଛି। ବିମାନ ଦିଲ୍ଲୀ ପହଞ୍ଚିବା ପରେ, ପାଇଲଟ୍ ଏ ସମ୍ପର୍କରେ ଏୟାରପୋର୍ଟର ସୁରକ୍ଷା ଟିମ୍‌କୁ ସତର୍କ କରାଇ ଦେଇଥିଲେ। ବିମାନ ଲ୍ୟାଣ୍ଡ ହେବାମାତ୍ରେ ଦୁର୍ବ୍ୟବହାର କରିଥିବା ଯାତ୍ରୀକୁ ଏୟାରପୋର୍ଟ ସୁରକ୍ଷାକର୍ମୀଙ୍କୁ ହସ୍ତାନ୍ତର କରାଯାଇଥିଲା। ଏବେ ଏହି ମାମଲାର ଯାଞ୍ଚ କରାଯାଉଛି। ଏୟାର ଇଣ୍ଡିଆ ନିଜ ବୟାନରେ କହିଛି, କମ୍ପାନୀର ଜିରୋ ଟଲେରାନ୍ସ ପଲିସି ରହିଛି। କୌଣସି ଯାତ୍ରୀଙ୍କୁ ଖରାପ ବ୍ୟବହାର କେବେ ବି ବରଦାସ୍ତ କରାଯିବନି।

# ଦିଲ୍ଲୀରେ ଜୁଲାଇ ପହିଲାରୁ ଲକ୍ଷାଧିକ ବାହନ ହୋଇଯିବ ଅଚଳ

**ନୂଆଦିଲ୍ଲୀ,୨୮।୬:** ନିଜ ବାହାନରେ ଦିଲ୍ଲୀ ଯିବା ଆସିବା କରୁଥିବା ଲୋକଙ୍କ ପାଇଁ ଖୁସି ଖବର। ଦିଲ୍ଲୀରେ ୧ ଜୁଲାଇରୁ ପୁରୁଣା ବାହନକୁ ପେଟ୍ରୋଲ-ଡିଜେଲ୍ ମିଳିବନି। ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ) ନିଷ୍ପତ୍ତି ନେଇଛି। ଏଭଳି ବାହନକୁ ଜବତ କରି ସ୍କ୍ରାପ୍ କରାଯିବ। ଦିଲ୍ଲୀ ସରକାର ଓ ଟ୍ରାଫିକ୍ ପୋଲିସ ମିଶିକି ଏହି ଯୋଜନା ତିଆରି କରିଛି। ସେ 'ଏଣ୍ଡ-ଅଫ୍-ଲାଇଫ୍' ବାହନର ହଟସ୍ପଟ୍ ମଧ ଖୋଜି ନିଆଯାଇଛି। ଏହାର ଲକ୍ଷ୍ୟ ଦିଲ୍ଲୀର ବାୟୁକୁ ସଫା କରିବା। ଅଧିକାରୀଙ୍କ କହିବା ଅନୁସାରେ, ୧ ଜୁନ୍‌ରୁ ୨୩ ଜୁନ୍ ଭିତରେ ପ୍ରାୟ ୧.୪ ଲକ୍ଷ ବାହନକୁ ଇଓଏଲ ରୂପରେ ଚିହ୍ନଟ କରାଯାଇଛି। ମୋଟ ଭାବରେ ୮.୧ ଲକ୍ଷ ବାହନର ଚିହ୍ନଟ କରାଯାଇଛି। ସେ ଏହା ମଧ କହିଛନ୍ତି ଯେ, ୪୯୮ ପେଟ୍ରୋଲ ପମ୍ପରେ ଅଟୋମେଟିକ୍ ନମ୍ବର ପ୍ଲେଟ ରିକଗନେସନ୍ (ANPR) କ୍ୟାମେରା ଲଗାଯାଇଛି। ଏଥିରେ ୩୮୨ ପେଟ୍ରୋଲ ଓ ଡିଜେଲ ଥିବା ବାହନ ପାଇଁ ରହିଛି, ସେଭଳି ୧୧୬ ସିଏନ୍‌ଜି ବାହନ ପାଇଁ ରହିଛି। ତେବେ ଅଧିକାରୀମାନେ ଏହା ସ୍ପଷ୍ଟ କରିଛନ୍ତି ଯେ, ସିଏନ୍‌ଜିରେ ଚାଲୁଥିବା ପୁରୁଣା ବାହନ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ କରାଯାଇ ନାହିଁ।



ଏଏନ୍‌ପିଆର ଟେକ୍ନୋଲୋଜିରୁ ବାହନର ଡାଟାକୁ ରିୟଲ ଟାଇମ୍‌ରେ ରେକର୍ଡ ଓ ଟ୍ରାକ୍ କରାଯାଇପାରେ। ଏହାଦ୍ୱାରା ବାହାନର ବୟସ ସହିତ ସବୁ ସୂଚନା କିଛି ସେକେଣ୍ଡରେ ମିଳିଯାଇଥାଏ।

### ପ୍ୟାନେଲ ଦେଲା ମଞ୍ଜୁରୀ

ସିଏକ୍ୟୁଏମର ସଦସ୍ୟ ବିରେନ୍ଦ୍ର ଶର୍ମା କହିଛନ୍ତି, ଆମେ ଶେଷରେ ଇଓଏଲ ବାହନକୁ ସଡକୁ ହଟାଇବାର ସମସ୍ୟାକୁ ସମାଧାନ କରିବାର ନିଷ୍ପତ୍ତି ନିଆଯାଇଛି।' ସେ କହିଛନ୍ତି, ଇଓଏଲ ବାହନକୁ ଦିଲ୍ଲୀର ସଡକରୁ ହଟାଇବାର ମାମଲା ୨୦୧୫ ରେ ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ପରେ ୨୦୧୮ ରେ ସୁପ୍ରିମକୋର୍ଟରେ ଉଠାଯାଇଛି, କିନ୍ତୁ ଏଏନପିଆର ଭଳି ଟେକ୍ନୋଲୋଜି ହେବା କାରଣରୁ ଏହାକୁ ଲାଗି କରାଯାଇ ନାହିଁ। ଶର୍ମା କହିଛନ୍ତି, ଇଓଏଲ ବାହନ ପ୍ରଦୂଷଣ ରୋକିଥାଏ। ରିସର୍ଚ୍ଚରୁ ଜଣାପଡିଛି ଯେ, ବିଏସ୪ ବାହନ, ବିଏସ୬ ବାହନର ତୁଳନାରେ ୫.୫ ଗୁଣା ଅଧିକ ପ୍ରଦୂଷଣ କରିଥାଏ। ନିୟମ ଅନୁସାରେ, ୧୫ ବର୍ଷ କିମ୍ବା ତା'ଠାରୁ ପୁରୁଣା ପେଟ୍ରୋଲ ବାହନ ଓ ୧୦ ବର୍ଷ ପୁରୁଣା ଡିଜେଲ ବାହନ ଇଓଏଲ ମନେକରାଯାଏ। ଦିଲ୍ଲୀରେ ୮୦ ଲକ୍ଷରୁ ଅଧିକ ରେଜିଷ୍ଟର୍ଡ ବାହନ ରହିଛି। ଅଧିକାରୀଙ୍କ କହିବା ଅନୁସାରେ, ପୋଲିସ ଓ ପରିବହନ ବିଭାଗ ସହିତ ଅଲଗା ଅଲଗା ଏଜେନ୍ସି ମିଶିକି କାର୍ଯ୍ୟାନୁଷ୍ଠାନ କରିବେ।

# ଦିଲ୍ଲୀରୁ ୧୮ ଜଣ ଅବୈଧ ବାଂଲାଦେଶୀ ନାଗରିକ ଗିରଫ

**ନୂଆଦିଲ୍ଲୀ, ୨୮।୬:** ଦିଲ୍ଲୀ ପୁଲିସର ଫରେନର୍ସ ସେଲ୍ ଦଳ ଶନିବାର ଦିନ ଉତ୍ତର-ପଶ୍ଚିମ ଦିଲ୍ଲୀର ଅଶୋକ ବିହାର ଅଞ୍ଚଳରେ ଏକ ବୃହତ୍ ଅଭିଯାନ ଚଳାଇ ଅବୈଧ ଭାବେ ରହୁଥିବା ୧୮ ଜଣ ବାଂଲାଦେଶୀ ନାଗରିକଙ୍କୁ ଗିରଫ କରିଛି। ଏହି ୧୮ ଜଣଙ୍କ ମଧ୍ୟରୁ ୫ ଜଣ ପୁରୁଷ ନିଜକୁ ଟ୍ରାନ୍ସଜେଣ୍ଡର(କିନ୍ନର) ମହିଳା ଭାବରେ ପରିଚୟ ଦେଇ ଆଇନରୁ ଖସିବାକୁ ଚେଷ୍ଟା କରୁଥିଲେ। ଏହି ଅଭିଯାନ ଅବୈଧ ପ୍ରବାସିଙ୍କ ବିରୋଧରେ ଏକ ବୃହତ୍ ପଦକ୍ଷେପ ଭାବେ ଦେଖାଯାଉଛି।

ପୁଲିସ ସୂଚନା ଅନୁଯାୟୀ, ଏହି ଅଭିଯାନ ଦୁଇଟି ପୃଥକ ଅପରେସନରେ କରାଯାଇଥିଲା। ପ୍ରଥମ ଅପରେସନରେ ୧୩ ଜଣ ବାଂଲାଦେଶୀ ନାଗରିକ, ଯେଉଁମାନଙ୍କ ମଧ୍ୟରେ ୧୦ ଜଣ ବୟସ୍କ ଏବଂ ୩ ଜଣ ଶିଶୁ, ବୈଧ ଭ୍ରମଣ ଦଲିଲ ବା ଅନୁମତି ବିନା ରହୁଥିବା ଅବସ୍ଥାରେ ଧରାପଡ଼ିଛନ୍ତି। ଏହା ଫରେନର୍ସ ଆକ୍ଟ, ୧୯୪୬ର ଉଲ୍ଲଂଘନ ବୋଲି ପୁଲିସ କହିଛି। ଦ୍ୱିତୀୟ ଅପରେସନରେ ୫ ଜଣ ବ୍ୟକ୍ତି, ଯେଉଁମାନେ ଟ୍ରାନ୍ସଜେଣ୍ଡର ବ୍ୟକ୍ତି ଭାବରେ ନିଜର ପରିଚୟ ଲୁଚାଇ ରହୁଥିଲେ,



ସେମାନଙ୍କୁ ଗିରଫ କରାଯାଇଥିଲା। ଏହି ୫ ଜଣ ରାସ୍ତାରେ ଭିକ୍ଷା ମାଗୁଥିବା ଅବସ୍ଥାରେ ଧରାପଡ଼ିଥିଲେ। ପୁଲିସର ତଦନ୍ତରୁ ଜଣାପଡ଼ିଛି ଯେ, ଏହି ୫ ଜଣ ପୁରୁଷ ନିଜର ଚେହେରା ଏବଂ ଲିଙ୍ଗ ପରିବର୍ତ୍ତନ କରିବା ପାଇଁ ଛୋଟ ଅସ୍ତ୍ରୋପଚାର ଏବଂ ହରମୋନ ଚିକିତ୍ସା କରିଥିଲେ। ଏହା ସହିତ, ସେମାନେ ମେକଅପ୍, ବିଗ୍ ଏବଂ ମହିଳାଙ୍କ ପୋଷାକ ବ୍ୟବହାର କରି ନିଜକୁ ଟ୍ରାନ୍ସଜେଣ୍ଡର ମହିଳା ଭାବରେ ଉପସ୍ଥାପନ କରୁଥିଲେ। ଏହି କାର୍ଯ୍ୟ ଆଇନଗତ ତଦନ୍ତରୁ ଖସିବା ପାଇଁ ଏକ ଚାଲାଖିପୂର୍ଣ୍ଣ ଉପାୟ ଥିଲା।

ଅଭିଯୁକ୍ତମାନଙ୍କ ଠାରୁ ମୋଟ ୭ଟି ସ୍ମାର୍ଟଫୋନ୍ ଜବତ କରାଯାଇଛି। ଯେଉଁଥିରେ ଭାରତରେ ନିଷିଦ୍ଧ ଆଇଏମଓ (IMO) ଆପ୍ ଇନଷ୍ଟଲ ଥିବା ଦେଖାଯାଇଛି। ଏହି ଆପ୍ ମାଧ୍ୟମରେ ସେମାନେ ବାଂଲାଦେଶରେ ଥିବା ନିଜ ପରିବାର ଏବଂ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରୁଥିଲେ। ଗିରଫ ହୋଇଥିବା ବ୍ୟକ୍ତିମାନେ ବାଂଲାଦେଶର ଢାକା, ଖୁଲନା, ଗାଜୀପୁର ଏବଂ ଆଶ୍ରାଫାବାଦ ଭଳି ବିଭିନ୍ନ ଜିଲ୍ଲାରୁ ଆସିଥିବା ନେଇ ଜଣାପଡିଛି। ପୁଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଏକ ବ୍ୟକ୍ତି ପ୍ରାରମ୍ଭିକ ପଚରାଉଚରାରେ ଭୁଲ ସୂଚନା ଦେଇଥିଲେ। କିନ୍ତୁ ପରେ ସେ ନିଜେ ଜଣେ ବାଂଲାଦେଶୀ ନାଗରିକ ବୋଲି ସ୍ୱୀକାର କରିଥିଲେ। ତାଙ୍କ ସୂଚନା ଆଧାରରେ ଅନ୍ୟ ସଦସ୍ୟମାନଙ୍କୁ ଚିହ୍ନଟ କରାଯାଇ ଗିରଫ କରାଯାଇଥିଲା। ସମସ୍ତ ୧୮ ଜଣଙ୍କୁ ଅନେକ ସମୟ ଧରି ପଚରାଉଚରା ଏବଂ ଦଲିଲ ଯାଞ୍ଚ ପାଇଁ ଫରେନର୍ସ ରିଜିଓନାଲ ରେଜିଷ୍ଟ୍ରେସନ ଅଫିସକୁ ହସ୍ତାନ୍ତର କରାଯାଇଛି। ଏହି ଘଟଣା ଭାରତରେ ଅବୈଧ ପ୍ରବାସି ଏବଂ ପରିଚୟ ଲୁଚାଇବାର ନୂଆ ପ୍ରଣାଳୀ ଉପରେ ଆଲୋକପାତ କରିଛି। ପୁଲିସ ଏହାର ତଦନ୍ତ ଜାରି ରଖିଛି ଏବଂ ଅନ୍ୟ ସମ୍ଭାବ୍ୟ ଅବୈଧ ପ୍ରବାସୀଙ୍କୁ ଚିହ୍ନଟ କରିବା ପାଇଁ ଅଭିଯାନ ତୀବ୍ର କରିଛି।

# ଧାବିକା ଟ୍ୱିଙ୍କଲ୍ ଚୌଧୁରୀ ନିଲମ୍ବିତ



ନୂଆଦିଲ୍ଲୀ, ୨୮।୬: ଜାତୀୟ କ୍ରୀଡ଼ାରୁ ଏକାଧିକ ପଦକ ଜିତିଥିବା ମଧ୍ୟଦୂର ଧାବିକା ଟ୍ୱିଙ୍କଲ୍ ଚୌଧୁରୀଙ୍କୁ ନିଷିଦ୍ଧ ଶକ୍ତିବର୍ଦ୍ଧକ ସେବନ ଅଭିଯୋଗରେ ନିଲମ୍ବିତ କରାଯାଇଛି। ଚଳିତ ବର୍ଷ ପ୍ରାରମ୍ଭରେ ଟ୍ୱିଙ୍କଲ୍ ଉତ୍ତରାଖଣ୍ଡରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ାର ୪ଗୁଣା ୪୦୦ ମିଟର୍ ମହିଳା ରିଲେରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୮୦୦ ମିଟର୍ ମହିଳା ଦୌଡ଼ରେ ରୌପ୍ୟ ଏବଂ ୪ଗୁଣା ୪୦୦ ମିଟର୍ ମିଶ୍ରିତ ରିଲେରେ କାଂସ୍ୟ ପଦକ ଜିତିଥିଲେ। ଜଳନ୍ଧର ଝିଅ ଟ୍ୱିଙ୍କଲଙ୍କ ଉପରେ ଅସ୍ଥାୟୀ ନିଲମ୍ବନ ଲାଗୁ କରିଛି ଆଥଲେଟିକ୍ସ ଇଣ୍ଟେଗ୍ରିଟି ୟୁନିଟ୍ (ଏଆଇୟୁ)। ତାଙ୍କ ନିକଟକୁ 'ନୋଟିସ୍ ଅଫ୍ ଆଲିଗେସନ୍ସ' ପଠାଯାଇଛି ଏବଂ ନିଜର ପକ୍ଷ ରଖିବାକୁ ଟ୍ୱିଙ୍କଲଙ୍କୁ ସୁଯୋଗ ରହିବ। ଏପ୍ରିଲ୍‌ରେ ଫେଡେରେସନ୍ କପ୍‌ରେ ଟ୍ୱିଙ୍କଲ୍ ୮୦୦ ମିଟର୍ ଦୌଡ଼ରେ ନୂଆ ମିଟ୍ ରେକର୍ଡ (୨:୦୦.୭୧) ବି କରିଥିଲେ। ମେ' ମାସରେ ମଧ୍ୟ ଅନ୍ୟତମ ଧାବିକା ସ୍ନେହା କୋଲେରି ସମାନ କାରଣ ପାଇଁ ନିଲମ୍ବିତ ହୋଇଥିଲେ। ଚଳିତ ମାସରେ ପ୍ରକାଶିତ ୨୦୨୩ ରିପୋର୍ଟ ଅନୁସାରେ ବିଶ୍ୱ ଆଣ୍ଟି ଡୋପିଂ ଏଜେନସି ରିପୋର୍ଟ ଅନୁସାରେ ଭାରତୀୟଙ୍କ ଡୋପିଂ ଅପରାଧ ବିଶ୍ୱରେ ସର୍ବାଧିକ ରହିଥିଲା। ୧୧ ପ୍ରତିଶତ ସହ ଶୀର୍ଷରେ ରହିଛି ଭାରତ। ଯାହାକପ୍ରି ଭାରତୀୟ ଖେଳାଳିଙ୍କ ସାମର୍ଥ୍ୟ ଉପରେ ପ୍ରଶ୍ନ ଉଠାଇଛି।

## ଅମ୍ପାୟାରିଂ ବିବାଦ ନେଇ ଶ୍ରୀନାଥଙ୍କୁ ଭେଟିଲେ ସାମି

**ବାର୍ବାଡସ୍, ୨୮।୬:** ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟରେ ଟିଭି ଅମ୍ପାୟାର୍ ଆଡ୍ରିଆନ୍ ହୋଲ୍ଡଷ୍ଟକ୍‌ଙ୍କ ବିବାଦୀୟ ନିଷ୍ପତ୍ତି ନେଇ ୱେଷ୍ଟଇଣ୍ଡିଜ୍ ପ୍ରଶିକ୍ଷକ ଡାରେନ ସାମି ଅସନ୍ତୁଷ୍ଟ ହୋଇଛନ୍ତି। ଏଥିପାଇଁ ସେ ଦ୍ୱିତୀୟ ଦିନ ଷ୍ଟମ୍ପସ ପରେ ମ୍ୟାଚ୍ ରେଫରି ଜଭାଗଲ ଶ୍ରୀନାଥଙ୍କୁ ଭେଟି ଇଣ୍ଡିଜ୍ ସପକ୍ଷରେ ଯାଇ ନଥିବା ସମ୍ପର୍କରେ ସ୍ପଷ୍ଟୀକରଣ ମାଗିଛନ୍ତି। ଏହା ପୂର୍ବରୁ ଇଂଲଣ୍ଡ ବିପକ୍ଷ ଦିନିକିଆ ବେଳେ ମଧ୍ୟ ହୋଲ୍ଡଷ୍ଟକଙ୍କ ନିଷ୍ପତ୍ତି ନେଇ ସାମି ଅସନ୍ତୋଷ ପ୍ରକଟ କରିଥିଲେ। ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାରେ ଏହି ଦକ୍ଷିଣ ଆଫ୍ରିକା ଅମ୍ପାୟାର ୨ଟି ମ୍ୟାଚ୍‌ରେ ଟିଭି ଏବଂ ଅନ୍ୟଟିରେ ଫିଲ୍ଡ ଅମ୍ପାୟାର ଦାୟିତ୍ୱରେ ଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ହୋଲ୍ଡଷ୍ଟକ୍‌ଙ୍କ ନିଷ୍ପତ୍ତି ଇଣ୍ଡିଜ୍ ଦଳକୁ ନିରାଶ କରିଥିଲା।

# ଜୁଲାଇ ୨ରୁ ଏଜ୍‌ବାଷ୍ଟନ୍ ଦ୍ୱିତୀୟ ଟେଷ୍ଟ

**ବର୍ମିଂହାମ୍, ୨୮।୬:** ଜୁଲାଇ ୨ ତାରିଖରୁ ଭାରତ-ଇଂଲଣ୍ଡ ଦ୍ୱିତୀୟ ଟେଷ୍ଟ ଖେଳାଯିବ। ଏଥି ପାଇଁ ଯଶପ୍ରୀତ୍ ବୁମରାଙ୍କ ବୋଲିଂ ଅଭ୍ୟାସ ସହ ଭାରତୀୟ ଦଳ ପ୍ରସ୍ତୁତି ଆରମ୍ଭ କରି ଦେଇଛି। ପ୍ରଥମ ଟେଷ୍ଟରେ ଭଲ ବ୍ୟାଟିଂ କରିବା ସତ୍ତ୍ୱେ ଦ୍ୱିତୀୟ ପାଳିରେ ପ୍ରଭାବୀ ବୋଲିଂ କରିପାରି ନଥିବା ଭାରତ

**ନୂଆ ବଲ୍‌ରେ ଆକାଶ ଦୀପ ଓ ଅର୍ଶଦୀପଙ୍କ ପ୍ରାକ୍ଟିସ୍, ପ୍ରସିଦ୍ଧ କ୍ରିଷ୍ଣା ନେଲେ ବିରତି**

ଏବେ ସଙ୍କଟରେ ପଡ଼ିଛି। ବିଶେଷ କରି ଭାରତର ଅଗ୍ରଣୀ ଷ୍ଟ୍ରାଇକ୍ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ କାର୍ଯ୍ୟଭାର ପରିଚାଳନା ପାଇଁ ସେ ଏହି ଟେଷ୍ଟ ଖେଳିବା ନେଇ ସ୍ପଷ୍ଟ ଚିତ୍ର ମିଳି ନଥିବାରୁ ବୋଲିଂ ୟୁନିଟ୍ ଉପରେ ସନ୍ଦେହ ଜାତ ହୋଇଛି। ଭାରତ ପ୍ରଥମ ଟେଷ୍ଟ ହାରିସାରିଛି। ଶୃଙ୍ଖଳାକୁ ବରାବର ସ୍ତରକୁ ଆଣିବାକୁ ହେଲେ ଏଜ୍‌ବାଷ୍ଟନ୍‌ରେ ବିଜୟ ଆବଶ୍ୟକ ଥିବାରୁ ବୁମରାଙ୍କ ବସାଇବା ନିଷ୍ପତ୍ତି ବି ଅଡୁଆ ହେବ। ପ୍ରଥମ ଟେଷ୍ଟର ଅନ୍ତିମ ଦିବସରେ ବୁମ୍‌ରା ଶେଷ ଭାଗରେ ବୋଲିଂ କରିପାରି ନଥିଲେ। ୩୭୧ ରନ୍ ବିଜୟ ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ୨୮୬/୪ରେ ଥିବାବେଳେ ବୁମରା ୧୯-୩-୫୭-



୦ ଚିତ୍ରରେ ଥାଇ ଆଉ ବୋଲିଂ ଆକ୍ରମଣରେ ଲାଗିପାରି ନଥିଲେ। ବିଜୟ ପାଇଁ ଆହୁରି ୮୫ ରନ୍ ଆବଶ୍ୟକ ଥିବାରୁ ଗୋଟିଏ ଦୁଇଟି ୱିକେଟ୍ ମ୍ୟାଚ୍‌କୁ ରୋମାଞ୍ଚକ କରିପାରିଥାନ୍ତା। ଦ୍ୱିତୀୟ ନୂଆ ବଲ୍ ପାଇଁ ତାଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ଇଂଲଣ୍ଡ କିନ୍ତୁ ପରବର୍ତ୍ତୀ ୧୫ ଓଭରରେ ୪ରୁ ଊର୍ଦ୍ଧ୍ୱ ହାରରେ ୬୩ ରନ୍ ସଂଗ୍ରହ କରିନେଇଥିଲା। ନୂଆ ବଲ୍ ଆସିବା ବେଳକୁ ଆଉ ସମ୍ଭାବନା ନଥିବାରୁ ବୁମ୍‌ରାଙ୍କ ଆବଶ୍ୟକତା ପଡ଼ିନଥିଲା। ଏବେ ଏଜ୍‌ବାଷ୍ଟନ୍‌ରେ ୩୧ ବର୍ଷୀୟ ବୁମ୍‌ରାଙ୍କ ଖେଳିବା ଜରୁରି ରହିଛି। ପ୍ରଥମ ଟେଷ୍ଟର ଦ୍ୱିତୀୟ ପାଳିରେ ମହମ୍ମଦ ସିରାଜ ହତଭାଗ୍ୟ ଥିଲେ, ଭଲ ଲାଇନ୍‌ରେ ବୋଲିଂ କରିଥିଲେ ମଧ୍ୟ। ପ୍ରଥମ ପାଳି ବିଫଳତାକୁ ଦୂର କରିଥିଲେ ମଧ୍ୟ ସିରାଜ ସେତେ ସଫଳ ହୋଇ ନଥିଲେ। ତୃତୀୟ ଓ ଚତୁର୍ଥ ପେସ୍ ବୋଲର୍ ପ୍ରସିଦ୍ଧ କୃଷ୍ଣ ଓ ଶାର୍ଦ୍ଦୁଳ ଠାକୁର ବି ଅସରଦାର ରହିଥିଲେ। ଏହି ଦୁଇ ଜଣ ବି ମିଳିତ ଭାବେ ୧୬ ଟେଷ୍ଟ ଖେଳି ଅପେକ୍ଷାକୃତ ଅନଭିଜ୍ଞ ରହିଛନ୍ତି। ଉଭୟ ମଧ୍ୟ ଓଭର ପିଛା ୫/୬ ରନ୍ ଉପରେ ରନ୍ ବ୍ୟୟ କରିଛନ୍ତି ଲିଡ୍‌ସରେ। ପ୍ରସିଦ୍ଧଙ୍କ ଉପରେ କିନ୍ତୁ ଭରସା ରଖିଛନ୍ତି ପୂର୍ବତନ ପେସ୍ ବୋଲର ଡୋଡା ଗଣେଶ। ଶାର୍ଦ୍ଦୁଳ ଠାକୁରଙ୍କ ବଦଳରେ କୁଲଦୀପ ଯାଦବଙ୍କୁ ଖେଳାଇବା ଦାବି ବି ଉଠିଛି। ରବୀନ୍ଦ୍ର ଜାଡ଼େଜା ମିତବ୍ୟୟୀ ବୋଲିଂ କରିଥିଲେ। ଲିଡ୍‌ସରେ ମୋଟ ୨୭.୪ ଓଭରରେ ୧୦୦ ରନ୍ ବିନିମୟରେ ୩ ୱିକେଟ୍ ନେଇଥିଲେ। ଦ୍ୱିତୀୟ ଟେଷ୍ଟ ପାଇଁ ବି ୱାସିଂଟନ୍ ସୁନ୍ଦରଙ୍କ ନାମ ବିଚାରକୁ ନିଆଯାଉଛି। ସ୍ପିନ୍ ବୋଲିଂ ସହ ବ୍ୟାଟିଂ କ୍ଷମତା ବି ରଖିଛନ୍ତି। ଶୁକ୍ରବାର ଅଭ୍ୟାସ ଶିବିରରେ ଭାରତୀୟ ଦଳର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ମହମ୍ମଦ ସିରାଜ ନିଜ ବ୍ୟାଟିଂ ଉପରେ ବି ଢେର୍ ଫୋକସ କରିଥିଲେ। ଶୁବମନ ଗିଲ୍ ଓ ଋଷଭ ପନ୍ତ୍ ନେଟ୍ସରେ ଅଭ୍ୟାସ କରିଥିଲେ। ପୂର୍ବଦିନ ଭାରତୀୟ ଖେଳାଳିମାନେ ସତେଜ ହେବାକୁ ବର୍ମିଂହାମରେ ଆଡ୍‌ଭେଞ୍ଚର୍ ପାର୍କ ବୁଲିଥିଲେ। ବୁମ୍‌ରା ପ୍ରଥମ ଟେଷ୍ଟରେ ୪୪ ଓଭର ବୋଲିଂ କରିଥିବାରୁ ବର୍ମିଂହାମରେ ବିଶ୍ରାମ ନେବାର ଆବଶ୍ୟକତା ପଡୁଛି। କାରଣ ଏଜ୍‌ବାଷ୍ଟନ୍ ଟେଷ୍ଟର ୪ ଦିନ ପରେ ତୃତୀୟ ଟେଷ୍ଟ ରହିଛି। ବ୍ୟାଟ୍ ଓ ବଲ୍‌ରେ ଭଲ କରିବା ସତ୍ତ୍ୱେ ଲିଡ୍‌ସ ଟେଷ୍ଟ ହାରିବା କିନ୍ତୁ ଭାରତକୁ ଅଧିକ ଶୃଙ୍ଖଳିତ ପ୍ରଦର୍ଶନ ପାଇଁ ସଙ୍କଳ୍ପବଦ୍ଧ କରାଇବ ବୋଲି ବିଶ୍ୱାସ ହେଉଛି।

**ବିଶ୍ୱ ମାନ୍ୟତା**

## ଶୀର୍ଷକୁ ଫେରିଲେ ନୀରଜ

ନୂଆଦିଲ୍ଲୀ, ୨୭/୬: ଭାରତୀୟ ତାରକା ଜାଭ୍‌ଲିନ୍ ଫିଙ୍ଗାଳି ନୀରଜ ଚୋପ୍ରା ସଦ୍ୟ ପ୍ରକାଶିତ ବିଶ୍ୱ ମାନ୍ୟତାର ଶୀର୍ଷ ସ୍ଥାନକୁ ଫେରିଛନ୍ତି। ବିଶ୍ୱ ବିଜେତା ନୀରଜ ଶୀର୍ଷ ମାନ୍ୟତା ଗତ ବର୍ଷ ସେପ୍ଟେମ୍ବର ୧୭ରେ ହରାଇଥିଲେ। ବ୍ରସେଲ୍‌ସ୍‌ରେ ଆୟୋଜିତ ଡାଇମଣ୍ଡ ଲିଗ୍ ଫାଇନାଲ୍‌କୁ ଗ୍ରେନେଡ୍‌ର ଆଣ୍ଡରସନ୍ ପିଟର୍ସ ଜିତି ଏହି ସ୍ଥାନ ଅଧିକାର କରିଥିଲେ। ତେବେ ନିକଟରେ ଦୁଇ ଅଲିମ୍ପିକ୍ ପଦକ ବିଜେତା ନୀରଜ ଚମତ୍କାର ପ୍ରଦର୍ଶନ କରି ୧୪୪୫ ପଏଣ୍ଟ ସହ ଶୀର୍ଷ ସ୍ଥାନ ଦଖଲ କରିଛନ୍ତି। ପିଟର୍ସ (୧୪୩୧) ଦ୍ୱିତୀୟ, ଜର୍ମାନୀର ଜୁଲିଆନ୍ ୱେବର୍ (୧୪୦୭) ତୃତୀୟ ଏବଂ ପ୍ୟାରିସ୍ ଅଲିମ୍ପିକ୍ ବିଜେତା ପାକିସ୍ତାନର ଅର୍ଶଦ ନଦୀମ (୧୩୭୦) ଚତୁର୍ଥରେ ରହିଛନ୍ତି। ୨୭ ବର୍ଷୀୟ ନୀରଜ ସେପ୍ଟେମ୍ବରରେ ଟୋକିଓରେ ଆୟୋଜିତ ବିଶ୍ୱ ପ୍ରତିଯୋଗିତାରେ ବିଜେତା ମୁକୁଟ ବଜାୟ ରଖିଥିଲେ।



## ରାଜ୍ୟ ୯ ବର୍ଷରୁ କମ୍ ଓପନ୍ ଚେସ: ସତ୍ୟ ବିଜେତା

**ଭୁବନେଶ୍ୱର, ୨୮।୬ (ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ଚେସ୍ ସଂଘ (ଓସ୍କା) ପକ୍ଷରୁ କେଶୁରା ରୟାଲ୍ ପବ୍ଲିକ୍ ସ୍କୁଲ୍ ପରିସରରେ ଅନୁଷ୍ଠିତ ରାଜ୍ୟ ୯ ବର୍ଷରୁ କମ୍ ଓପନ୍ ଚେସ୍ ପ୍ରତିଯୋଗିତାରେ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ର ଛାତ୍ର ସତ୍ୟରଂଜନ ସ୍ୱାଇଁ ୫ରୁ ୫ ପଏଣ୍ଟ ପାଇ ବିଜେତା ହୋଇଛନ୍ତି। ଦିବ୍ୟଦୃଷ୍ଟି ଶତପଥୀ, ଆର୍ଯ୍ୟମ ପ୍ରଧାନ (ପ୍ରତ୍ୟେକ ୪ ପଏଣ୍ଟ), ମୟଙ୍କ ବରାଳ, ରେୟାଂଶ ମହାନ୍ତି (ପ୍ରତ୍ୟେକ ୩.୫ ପଏଣ୍ଟ) ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନରେ ରହି ପୁରସ୍କୃତ ହୋଇଥିଲେ। ବିଭିନ୍ନ ବୟସ ବର୍ଗରେ ବେଦିକା ସିଂହ, କୀର୍ତିଶ କୁମାର ସାହୁ, ମୃତ୍ୟୁଞ୍ଜୟ ବିଶ୍ୱାସ ଶ୍ରେଷ୍ଠ ବିବେଚିତ ହୋଇଥିବା ବେଳେ ଅନ୍ୱେଷା ଆର୍ଯ୍ୟନନ୍ଦିନୀ ଶ୍ରେଷ୍ଠ ବାଳିକା ଖେଳାଳି ସମ୍ମାନ ପାଇଥିଲେ। ରୟାଲ୍ ପବ୍ଲିକ ସ୍କୁଲ୍‌ର ଅଧ୍ୟକ୍ଷ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଉପାଧ୍ୟକ୍ଷା ପ୍ରଜ୍ଞାପାରମିତା ସାହୁ, ଓସ୍କା ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ।

## ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ: କ୍ୱାର୍ଟରରେ ଆୟୁଷ, ତନ୍ୱୀ



**ଲୋୱା, ୨୮।୬:** ଭାରତୀୟ ସଟଲର୍ସ ଆୟୁଷ ସେଟ୍ଟୀ ଓ ତନ୍ୱୀ ଶର୍ମା ଚଳିତ ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଶୁକ୍ରବାର ପୁରୁଷ ଏକକ ପ୍ରିକ୍ୱାର୍ଟରଫାଇନାଲ୍‌ରେ ବିଶ୍ୱର ୩୪ ନମ୍ବର ଆୟୁଷ ୨୧-୧୨, ୧୩-୨୧, ୨୧-୧୫ରେ ନିଜ ଦେଶର ତରୁଣ ମନେପାଲ୍ଲୀଙ୍କୁ ହରାଇଥିଲେ। କ୍ୱାର୍ଟରଫାଇନାଲ୍‌ରେ ସେ ଚାଇନିଜ୍ ତାଇପେଇର କୁଆଁ ଲିନ୍ କୁଓଙ୍କୁ ଭେଟିବେ। ମହିଳା ଏକକରେ ବିଶ୍ୱର ୬୬ ନମ୍ବର ତନ୍ୱୀ ୨୧-୧୮, ୨୧-୧୬ରେ ଥାଇଲାଣ୍ଡର ପିଚାମନ ଓପାତ୍‌ନିପୁତଙ୍କୁ ପରାସ୍ତ କରିଥିଲେ। ୧୬ ବର୍ଷୀୟ ତନ୍ୱୀ ପରବର୍ତ୍ତୀ ରାଉଣ୍ଡରେ ମାଲେସିଆର କାରୁପାତେଭାନ ଲେସାନାଙ୍କୁ ଭେଟିବେ। ଭାରତର ଆକର୍ଷୀ କାଶ୍ୟପଙ୍କୁ ୨୧-୧୭, ୨୦-୨୨, ୨୧-୧୩ରେ ହରାଇ ଲେସାନା କ୍ୱାର୍ଟରଫାଇନାଲ୍ ସ୍ଥାନ ପକ୍କା କରିଥିଲେ।

# ମାଷ୍ଟର୍ସ କପ୍ ହକି: ଓଡ଼ିଶା ମହିଳା ବିଜେତା



**ଭୁବନେଶ୍ୱର, ୨୮।୬ (ସଂଚାର ବ୍ୟୁରୋ):** ଚେନ୍ନାଇରେ ଆୟୋଜିତ ମାଷ୍ଟର୍ସ କପ୍ ହକିରେ ଓଡ଼ିଶା ମହିଳା ଦଳ ବିଜେତା ହୋଇଥିଲା ବେଳେ ପୁରୁଷ ଦଳ ଚତୁର୍ଥ ସ୍ଥାନରେ ପଦକରୁ ବଞ୍ଚିତ ହୋଇଛି। ମହିଳା ଫାଇନାଲ୍‌ରେ ଓଡ଼ିଶା ୧-୦ ଗୋଲ୍‌ରେ ପଞ୍ଜାବକୁ ହରାଇଛି। କଡ଼ାସଂଘର୍ଷ ପୂର୍ଣ୍ଣ ଫାଇନାଲ୍‌ର ପ୍ରଥମ ଦୁଇ କ୍ୱାର୍ଟର ଗୋଲ୍ ଶୂନ୍ୟରେ ଶେଷ ହୋଇଥିଲା। ୩୪ତମ ମିନିଟ୍‌ରେ ଓଡ଼ିଶାକୁ ମିଳିଥିବା ପେନାଲ୍‌ଟି କର୍ଣ୍ଣରକୁ ରଞ୍ଜିତା ବେକ୍ ଗୋଲ୍‌ରେ ପରିଣତ କରି ଦଳକୁ ଅଗ୍ରଣୀ କରାଇଥିଲେ। ଏହା ପରେ ଦଳ ରକ୍ଷଣାତ୍ମକ ଖେଳି ବିପକ୍ଷ ଦଳକୁ ସୁଯୋଗ ଦେଇ ନଥିଲା। ଶେଷ କ୍ୱାର୍ଟର ଗୋଲ୍‌ଶୂନ୍ୟରେ ଶେଷ ହେବାରୁ ଓଡ଼ିଶା ଏହି ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ ବିଜେତା ହେବାର ଗୌରବ ଅର୍ଜନ କରିଥିଲା। ତୃତୀୟ ସ୍ଥାନ ମୁକାବିଲାରେ ହରିୟାଣା ୪-୩ ଗୋଲ୍‌ରେ ତାମିଲନାଡୁକୁ ହରାଇ କାଂସ୍ୟ ଜିତିଥିଲା।

ପୁରୁଷରେ ତାମିଲନାଡୁ ବିଜେତା ହୋଇଥିଲା ବେଳେ ଓଡ଼ିଶା ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଛି। ଶୁକ୍ରବାର ଫାଇନାଲ୍‌ରେ ତାମିଲନାଡୁ ୫-୦ ଗୋଲ୍‌ରେ ମହାରାଷ୍ଟ୍ରକୁ ମାତ୍ ଦେଇଥିଲା। ତାମିଲନାଡୁର ଡି ମୁଥୁସେଲଭାନ (୩୦ ମିନିଟ୍), ଏସ୍ ସୁଦର୍ଶନ (୩୪ ମିନିଟ୍), ଗୋଥାମନ (୩୬ ମିନିଟ୍), ଥମରାଇକାନନ (୪୦ ମିନିଟ୍) ଓ ଭି ରାମଦଦୋସ (୫୨ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଏହା ପୂର୍ବରୁ ଖେଳାଯାଇଥିବା କାଂସ୍ୟ ମୁକାବିଲାରେ ଲାଜରୁସ ବାର୍ଲାଙ୍କ ନେତୃତ୍ୱାଧୀନ ଓଡ଼ିଶା ୧-୨ ଗୋଲ୍‌ରେ ଚଣ୍ଡିଗଡ଼ଠୁ ହାରି ପଦକ ହାତଛଡ଼ା କରିଛି। ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟରେ ଶେଷ ହେବା ପରେ ଦ୍ୱିତୀୟ କ୍ୱାର୍ଟରରେ ରବୀନ୍ଦର ସିଂହ (୨୬ ମିନିଟ୍)ଙ୍କ ଫିଲ୍ଡ ଗୋଲ୍‌ରେ ଚଣ୍ଡିଗଡ଼ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ୪୪ତମ ମିନିଟ୍‌ରେ ଲାଧୁ ଏକ୍କା (୪୪ ମିନିଟ୍) ଗୋଲ୍‌ଟି ଶୁଝି ଓଡ଼ିଶା ପାଇଁ ଆଶା ସଞ୍ଚାର କରିଥିଲେ। ୫୨ତମ ମିନିଟ୍‌ରେ ଚଣ୍ଡିଗଡ଼କୁ ମିଳିଥିବା ପେନାଲ୍‌ଟି କର୍ଣ୍ଣରକୁ ହରବିନ୍ଦର ସିଂହ ଗୋଲ୍‌ରେ ପରିଣତ କରି ଚଣ୍ଡିଗଡ଼କୁ ବିଜୟ ଦିଗରେ ନେଇଥିଲେ। ଗୋଲ୍ ଶୁଝିବାକୁ ଓଡ଼ିଶା ଖେଳାଳି ବହୁ ଚେଷ୍ଟା କରିବା ସତ୍ତ୍ୱେ ବିଫଳ ହୋଇଥିଲା।

**ବିଜେତା ମହିଳା ଦଳ:** ପୁନମ ଟୋପ୍ପୋ (ଗୋଲି), ଆନ୍ନାମେରି ସଞ୍ଜୟ ତିର୍କି, ସରିତା ଲାକ୍ରା, ପ୍ରତିମା ତିର୍କି, ପ୍ରତିମା ଏକ୍କା, ସରିତା କେର୍କେଟା, ଜସିନ୍ତା ଟୋପ୍ପୋ, ଦୁଲାରି ମିଞ୍ଜ, ରଞ୍ଜିତା ବେକ୍, ଇଜ୍‌ରେନ୍ ଦାଦେଲ, ସରିତା ରୋଶନ ମିଞ୍ଜ, ମାରିଆମ ଆଥୟା, ଜୁଲିଆନି ବାଗେ, ଆଞ୍ଜେଲା ବେକ, ଅସିମା ସଞ୍ଜୟ ମିଞ୍ଜ, ଲୁସେଲା ଏକ୍କା (ଅଧିନାୟକ), ଆଗ୍ନେସିଆ ଟୋପ୍ପୋ, ରାଜକୁମାରୀ ଲାକଡ଼ା (ଗୋଲି), ପୁଷ୍ପାଞ୍ଜଳି କେର୍କେଟା (ପ୍ରଶିକ୍ଷକ)।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶରଧାବାଲିରେ...

ସୋମବାର ମହାପ୍ରଭୁଙ୍କ ଆଡ଼ପ ମଣ୍ଡପ ଦର୍ଶନ ମିଳିବ। ଗୁଣ୍ଡିଚା ମନ୍ଦିରରେ ନୀତି ଶୃଙ୍ଖଳିତ ହେବା ସହ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ। ରଥ ଉପରେ ମହାପ୍ରଭୁଙ୍କୁ ଶୁଖିଲା ଭୋଗର ପରମ୍ପରା ରହିଛି। ଏଥିସହ ବିଭିନ୍ନ ମଠବାଡ଼ିରୁ ମଧ୍ୟ ଭୋଗ ଆସି ମହାପ୍ରଭୁଙ୍କୁ ଲାଗି ହୋଇଥାଏ। ଆସନ୍ତାକାଲି ପହଣ୍ଡି ଥିବାରୁ ସନ୍ଧ୍ୟାଧୂପ ପରେ ଆଡ଼ପ ମଣ୍ଡପକୁ ଗୋଟି ପହଣ୍ଡି କରାଯିବ। ଏନେଇ ଦଇତାପତି ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସକଙ୍କ ମଧ୍ୟରେ ଆଲୋଚନା କରାଯାଇଛି। ଆଉ ନୀତି ଶୃଙ୍ଖଳିତ କରିବାକୁ କହିଛନ୍ତି ସେବାୟତ। ଶ୍ରୀମନ୍ଦିର ବ୍ୟବସ୍ଥାବଳୀ ଅନୁସାରେ ତିନି ରଥକୁ ବ୍ୟାରିକେଡ ଭିତରେ ରଖାଯାଇଛି। ସମ୍ପୂର୍ଣ୍ଣ ସିସିଟିଭି ବଳୟରେ ରହିଛି ତିନିଟିଯାକ ରଥ। ଗତକାଲିର ବିଭ୍ରାଟ ପରେ ଆଜି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ମହାପ୍ରଭୁଙ୍କ ରଥଯାତ୍ରା ତାଙ୍କ ଇଚ୍ଛାରେ ହୁଏ। ସେ ଚାହିଁଲେ ପହଣ୍ଡି ହେବ। ସେ ରଥରେ ବିରାଜମାନ କରିବେ। ସେ ଯେବେ ଚାହିଁବେ ସେବେ ରଥଟଣା ହେବ।

## ମାରିନେଲା ଘରୋଇ...

କରିପାରିବ ନାହିଁ। ଯାହାଫଳରେ ଯେଉଁ କମାଣ୍ଡ କଣ୍ଟ୍ରୋଲ ରୁମ ଖୋଲାଯାଇଥିଲା ତାହା ଗୋଟିଏ ବଡ ଟିଭି ସ୍କ୍ରିନରେ ସୀମିତ ସଂଖ୍ୟକ କ୍ୟାମେରାରୁ ଆସୁଥିବା ଚିତ୍ରରେ ସୀମିତ ହୋଇ ରହିଗଲା। ଟେଣ୍ଡର ଚୁକ୍ତି ଅନୁଯାୟୀ, ସହରର ବିଭିନ୍ନ ସ୍ଥାନରେ ୧୪୦ଟି ସ୍ପିକର ଓ ୪୯ଟି ପବ୍ଲିକ ଆନାଉନ୍ସ ସିଷ୍ଟମ ଲଗାଯିବା କଥା। ହେଲେ ଗୋଟିଏ ହେଲେ ପବ୍ଲିକ ଆନାଉନ୍ସମେଣ୍ଟ ସିଷ୍ଟମ କି ସ୍ପିକର ରଥଯାତ୍ରା ପୂର୍ବ ରାତି ପର୍ଯ୍ୟନ୍ତ ଲଗାଯାଇନଥିଲା। ଟ୍ରାଫିକ ବ୍ୟବସ୍ଥା ସମ୍ପର୍କରେ ଲୋକଙ୍କୁ ଅବଗତ କରିବାକୁ ପୁରୀ ଟାଉନ ଓ ଜାତୀୟ ରାଜପଥରେ ୩୦ଟି ଭିଡିଓ ୱାଲ ଲଗାଇବା କୁହାଯାଇଥିଲା। କିନ୍ତୁ ଗୋଟିଏ ହେଲେ ଭିଡିଓ ୱାଲ ଲଗାଯାଇନଥିଲା। ଏଥିସହ ଭିଡ଼ ଓ ଲୋକଙ୍କ ଉପରେ ନଜର ରଖିବାକୁ ୨୪ ଘଣ୍ଟିଆ ଡ୍ରୋନ ବ୍ୟବସ୍ଥା ବି କାମ କରୁନଥିଲା। କେତେବେଳେ କେମିତି ଗୋଟିଏ ଗୋଟିଏ ଡ୍ରୋନ ଉଡୁଥିଲା। ଡ୍ରୋନ ଚଲାଇବାକୁ ତାଲିମପ୍ରାପ୍ତ ଲୋକ ବି ନଥିଲେ। ଲୋକଙ୍କ ପାଇଁ ଇ-ବ୍ରୋଚର ଓ ଟ୍ରାଫିକ ମ୍ୟାପ ବାଣ୍ଟିବାକୁ ଟେଣ୍ଡରରେ ଥିବା ବ୍ୟବସ୍ଥାକୁ ମଧ୍ୟ ଅନୁପାଳନ କରିନଥିଲା ଏହି ସଂସ୍ଥା। ଏଭଳି ସ୍ଥିତିରେ ଆଇଜି ଡ୍ରୋନକୁ କିଏ କାମ ଦେଇଥିଲା ଏବଂ ଟେଣ୍ଡର ଚୁଡାନ୍ତ କରିବା ପୂର୍ବରୁ ଏହି ସଂସ୍ଥାର କ୍ଷମତାର ତର୍ଜମା କରାଯାଇଥିଲା କି। ଏପରିକି ତୃତୀୟ ପକ୍ଷ ଦ୍ୱାରା ଏହି ସଂସ୍ଥାର ଅଡିଟ କରାଯାଇଥିଲା କି ନାହିଁ ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଟେଣ୍ଡରର ସର୍ତ୍ତ ଉଲ୍ଲଂଘନ କରି ନିମ୍ନମାନ ଯନ୍ତ୍ରାଂଶ ଲଗାଇବାକୁ କିଏ ଅନୁମତି ଦେଇଥିଲା ବୋଲି ମଧ୍ୟ ପ୍ରଶ୍ନ ଉଠିଛି। ରଥଯାତ୍ରାରେ ୧୦ରୁ ୧୨ ଲକ୍ଷ ଲୋକଙ୍କ ସମାଗମ ହେବାକୁ ଥିବା ବେଳେ ଏହି ସଂସ୍ଥାର ଏଭଳି କାର୍ଯ୍ୟକୁ ସରକାର କିଭଳି ଗ୍ରହଣ କରୁଛନ୍ତି ସେନେଇ ସନ୍ଦେହ ପ୍ରକାଶ କରୁଛନ୍ତି କିଛି ପୂର୍ବତନ ପୁଲିସ ଅଧିକାରୀ।

## ଗରିବଙ୍କ ବିକାଶ...

ଟଙ୍କା ଉପରେ ରାଜ୍ୟ ସରକାର ଅଧିକ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ରାଶି ତଥା ସମୁଦାୟ ୩୧୦୦ ଟଙ୍କା ଦେଉଛନ୍ତି। ଏହିସବୁ ଯୋଜନାର ଫାଇଦା ବରଗଡ଼ ଭଳି ଜିଲ୍ଲାର ଚାଷୀମାନଙ୍କୁ ଅଧିକ ମିଳୁଛି। ଆଜି ଶିଳାନ୍ୟାସ ହୋଇଥିବା ପ୍ରକଳ୍ପଗୁଡ଼ିକ ଆଗାମୀ ଦିନରେ ବରଗଡ଼କୁ ଏକ ଅଗ୍ରଣୀ ଅଞ୍ଚଳରେ ପରିଣତ କରିବାରେ ବିଶେଷ ଭାବେ ସହାୟକ ହେବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଚଳିତ ବର୍ଷ ବରଗଡ଼ ଜିଲ୍ଲାରେ ରବି ଓ ଖରିଫ ଋତୁକୁ ମିଶାଇଲେ ପ୍ରାୟ ୧୩୭ ଲକ୍ଷ କ୍ୱିଣ୍ଟାଲ ଧାନ ସରକାର କିଣିସାରିଛନ୍ତି। ଡବଲ ଇଞ୍ଜିନ ସରକାର ଏଥିପାଇଁ ପାଖାପାଖି ୪୦୦୦ କୋଟିରୁ ଅଧିକ ଟଙ୍କା ଜିଲ୍ଲାର ଚାଷୀଙ୍କୁ ଦେଇଛନ୍ତି।

ଜିଲ୍ଲାରେ ୩ ଲକ୍ଷ ୫୬ ହଜାର ଭଉଣୀଙ୍କୁ ବର୍ଷକୁ ୧୦ ହଜାର ଟଙ୍କା ଅର୍ଥାତ୍ ୩୫ କୋଟି ଟଙ୍କାର ସୁଭଦ୍ରା ସହାୟତା ଦିଆଯାଇଛି। ପିଏମ କିଷାନ ଓ ସିଏମ କିଷାନ ଯୋଜନାରେ ପ୍ରାୟ ୩୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି ବରଗଡ଼ ଧନୁଯାତ୍ରାକୁ ଆହୁରି ଭବ୍ୟ କରିବା ସକାଶେ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲାର ୧୬୦୦ ଘରକୁ ଅନ୍ତ୍ୟୋଦୟ ଯୋଜନାରେ ଘର ଦିଆଯାଇଛି। ୬୦ ହଜାରରୁ ଅଧିକ ଲକ୍ଷପତି ଦିଦି, ୧୨ ଲକ୍ଷ ଆୟୁଷ୍ମାନ ଭାରତ କାର୍ଡ ଜିଲ୍ଲାକୁ ଦିଆଯାଇଛି। ଶହୀଦ ମାଧୋ ସିଂହଙ୍କ ନାଁରେ ୪,୬୧୯ ପିଲାଙ୍କୁ ଛାତ୍ରବୃତ୍ତି ଆକାରରେ ବାର୍ଷିକ ୧୦ ହଜାର ଟଙ୍କା ଦିଆଯାଉଛି। ଆଗାମୀ ଦିନରେ ବରଗଡ଼ରେ ଉତ୍ପାଦନ ହେଉଥିବା ଚାଉଳ ସାମଗ୍ରୀର ବଜାର ବ୍ୟବସ୍ଥାକୁ ବଢ଼ାଇବାର ଲକ୍ଷ୍ୟ ରହିଛି। ପୂର୍ବୋଦୟ କଳ୍ପନାରେ ପ୍ରତିଷ୍ଠା ହେଉଥିବା ୨ଜି ଜୈବ ଇଥାନଲ ପ୍ଲାଣ୍ଟ ଦେଶର ଇଥାନଲ ଆବଶ୍ୟକତାକୁ ପୂରଣ କରିବ। ଏହା ମାଧ୍ୟମରେ କୃଷି ଆଧାରିତ ଶିଳ୍ପକୁ ତ୍ୱରାନ୍ୱିତ କରିବା ସହ ହସ୍ତତନ୍ତ ଓ ପର୍ଯ୍ୟଟନଭିତ୍ତିକ ଅର୍ଥନୀତି ବଢ଼ାଇବା ପାଇଁ ସମସ୍ତେ ସହଯୋଗର ଦାୟିତ୍ୱ ନେବା। ବୀର ସୁରେନ୍ଦ୍ର ସାଏଙ୍କ କର୍ମସ୍ଥାନ ଦେବ୍ରିଗଡ଼କୁ ଜାତୀୟ ସ୍ତରର ପର୍ଯ୍ୟଟନସ୍ଥଳୀ କରିବା ପାଇଁ ସାମୂହିକ ଦାୟିତ୍ୱ ନେବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି। ଏହି ଅବସରରେ ବରଗଡ଼ ଜିଲ୍ଲାର ସଫଳ କୃଷକ, ସଫଳ ସୁଭଦ୍ରା, ଲକ୍ଷପତି ଦିଦିଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବରଗଡ଼ ସାଂସଦ ଓ ବରଗଡ଼ ଜିଲ୍ଲାର ବିଧାୟକମାନେ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ...

ବିକାଶ ପାଇଁ ରାଜ୍ୟ ସରକାର ଏକ କନସେସନ୍ ଏଗ୍ରିମେଣ୍ଟ କରିଛନ୍ତି। ଏଥିରେ ଆଦାନୀ ଗ୍ରୁପ ପକ୍ଷରୁ ୧୬,୫୫୪ କୋଟି ଟଙ୍କା ବିନିଯୋଗ କରାଯାଉଛି ଏବଂ ଏହାଦ୍ୱାରା ଗୋପାଳପୁର ବନ୍ଦରର ପଣ୍ୟ ପରିବହନ କ୍ଷମତା ୫୦ ମିଲିଅନ ମେଟ୍ରିକ୍ ଟନକୁ ବୃଦ୍ଧି ପାଇବ। ୫୦୦୦ ନିଯୁକ୍ତି ସମ୍ଭାବନା ମଧ୍ୟ ସୃଷ୍ଟି ହେବ। ଏହି ଆଲୋଚନା ସମୟରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ଦ୍ୱିତୀୟ ଦିନରେ...

ଉପୁଜିଥିବା ସେମାନେ ଅଭିଯୋଗ କରିଛନ୍ତି।

ପୂର୍ବ ନିଷ୍ପତ୍ତି ଅନୁସାରେ, ଆଜି ଅପରାହ୍ନ ପ୍ରାୟ ସାଢ଼େ ୨ଟା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ବ୍ରହ୍ମତାଳଧ୍ୱଜ ରଥ ଗଡ଼ିବା ଆରମ୍ଭ କରିଥିଲା। ଅନୁଜ ଶ୍ରୀଜଗନ୍ନାଥ, ଭଗିନୀ ଦେବୀ ସୁଭଦ୍ରାଙ୍କ ସହ ଅଗଣିତ ଭକ୍ତଗଣଙ୍କୁ ରଥାରୂଢ଼ ଶ୍ରୀବଳଦେବଜିଉ ଦର୍ଶନ ଦେଇଥିଲେ। ତୁଳସୀ କ୍ଷେତ୍ରାଧିପତି ମହାପ୍ରଭୁ ଶ୍ରୀସିଦ୍ଧ ବଳଦେବଜିଉଙ୍କ ଦ୍ୱିତୀୟ ଗୁଣ୍ଡିଚା ଅବସରରେ ନିର୍ଦ୍ଧାରିତ ସମୟର କିଛି ସମୟ ବିଳମ୍ବରେ ରଥଟଣା ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ଭକ୍ତିଭାବରେ ବନ୍ଧାହୋଇ ରଥକୁ ଶ୍ରୀଗୁଣ୍ଡିଚା ମନ୍ଦିର ଚକଡ଼ାରେ ରଥ ପହଞ୍ଚାଇବା ପାଇଁ ଉଦ୍ୟମ କରିଥିଲେ। ହେଲେ ମନ୍ଦିର ସମ୍ମୁଖ ଭାଗରେ ଥିବା ରଥକୁ ଆଗକୁ ଟାଣିନେବା ସମୟରେ ତ୍ରୁଟିପୂର୍ଣ୍ଣ ରଥଟଣା ସହ ଭୁଲ୍ ନିର୍ମାଣ ଯୋଗୁଁ ରଥ ନିୟମିତ ବାମପଟକୁ ମାଡ଼ି ଚାଲିଥିଲା। ଶେଷରେ ରଥଟଣାକୁ ବାଧ ହୋଇ ବନ୍ଦ କରିବାକୁ ପଡ଼ିଥିଲା। ତେବେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଏପରି ହୋଇନାହିଁ। ଗତବର୍ଷ ମଧ୍ୟ ଅନୁରୂପ ଘଟଣା ଘଟିଥିଲା। ଦ୍ୱିତୀୟ ଗୁଣ୍ଡିଚା ଦିନ ରଥ ବାମପାର୍ଶ୍ୱକୁ ମାଡ଼ି ଯାଇ ଫୁଟପାଥ୍ ଉପରେ ଚଢ଼ିଯାଇଥିଲା। ପରେ ହାଇଡ୍ରୋଲିକ୍ ଜ୍ୟାକ୍ ମେସିନ୍ ସହାୟତାରେ ରଥକୁ ଦାଣ୍ଡକୁ ଅଣାଯାଇଥିଲା ଏବଂ ଶେଷରେ ଚତୁର୍ଥ ଦିନ ରଥ ମାଉସୀମା' ମନ୍ଦିର ଚକଡ଼ାରେ ଲାଗିଥିଲା। ପ୍ରଚଳିତ ପରମ୍ପରା ଅନୁଯାୟୀ, ଶ୍ରୀକ୍ଷେତ୍ରରେ ପ୍ରଥମ ଦିନ ରଥ ଟାଣିବା ପରେ ତା' ପରଦିନ ତୁଳସୀ କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ଅଗ୍ରଜ ଶ୍ରୀବଳଦେବଜିଉଙ୍କ ରଥ ଟାଣିଲେ ମୋକ୍ଷପ୍ରାପ୍ତି ହୋଇଥାଏ। ତେଣୁ ଏଠାରେ ରଥ କେବଳ ଦୁଇ ଦଉଡ଼ି ଟଣାଯାଇ ତା' ପରଦିନକୁ ରହିଥାଏ। କିନ୍ତୁ ଚଳିତ ବର୍ଷ ଦ୍ୱିତୀୟ ଦିନରେ ବି ବିଭ୍ରାଟ ହୋଇଛି। ଏ ସଂକ୍ରାନ୍ତରେ ଦେବୋତ୍ତର ସଂସ୍ଥାର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ କହିଛନ୍ତି ଯେ ରାତିରେ ରଥଦାଣ୍ଡରୁ ଗହଳି କମିଲେ ହାଇଡ୍ରୋଲିକ ଜ୍ୟାକ୍ ମେସିନ୍ ସହାୟତାରେ ରଥକୁ ଦାଣ୍ଡର ମଧ୍ୟଭାଗକୁ ଅଣାଯିବ ଏବଂ ଆସନ୍ତାକାଲି ମଧ୍ୟାହ୍ନ ସାଢ଼େ ୧୨ଟାରେ ପୁନଃ ରଥଟଣା ହେବ। ସୂଚନାଯୋଗ୍ୟ, ଆଜି ପ୍ରତ୍ୟୁଷରୁ ମହାପ୍ରଭୁଙ୍କ ମଙ୍ଗଳା ଆଳତି ବଢ଼ିବା ପରେ ରଥ ଉପରେ ଶ୍ରୀଜିଉମାନଙ୍କର ଯଥାରୀତି ନୀତିସ୍ନାନ ହୋଇଥିଲା। ଗୋପାଳବଲ୍ଲଭ, ସକାଳଧୂପ ଓ ଦ୍ୱିପ୍ରହର ଧୂପ ନିଶଙ୍କୁଡ଼ି ଭାବେ ଅନୁଷ୍ଠିତ ହୋଇଥିଲା। ରଥ ଉପରେ ଆଜି ଶ୍ରୀଜିଉମାନଙ୍କୁ ସ୍ୱତନ୍ତ୍ର ଅନନ୍ତ ବେଶରେ ସିତ କରାଯାଇ ବିଭିନ୍ନ ପୁଷ୍ପମାଳରେ ସୁସଜ୍ଜିତ କରାଯାଇଥିଲା। ଏହା ପରେ ପୁଲିସ ପ୍ରଶାସନ, ମନ୍ଦିର ପ୍ରଶାସନର ମିଳିତ ସହଯୋଗରେ ରଥ ଟଣା ଆରମ୍ଭ ହୋଇଥିଲା। ଆଜି ବଡ଼ଦାଣ୍ଡରେ ଲକ୍ଷାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ଶ୍ରୀଜିଉମାନଙ୍କୁ ଭକ୍ତିପୂତ ଦର୍ଶନ କରିଥିଲେ। ବଲ୍ଲଭମଣୋହିରେ ଶ୍ରୀଜିଉଙ୍କର ସମ୍ପୂର୍ଣ୍ଣ ଅନୋଳି ଭୋଗ ଯଥା ଧୂଆ ମୁଗ, ପଣସ, କଦଳୀ, ଉଖୁଡା,ଦହି,ପୁରୀ,ଡାଳିମ୍ବକୋରା ଇତ୍ୟାଦି ଅର୍ପଣ କରାଯାଇଥିଲା। ମଧ୍ୟାହ୍ନରେ ପ୍ରଥମ ସକାଳ ଧୂପ, ଦ୍ୱିପ୍ରହର ଧୂପ ପରେ ରଥଟଣା ପାଇଁ ପ୍ରସ୍ତୁତି ହୋଇଥିଲା । ରଥ ଅଟକିଥିବା ସ୍ଥାନରେ ରାତି ଅବଶିଷ୍ଟ ନୀତିକାନ୍ତି ସମ୍ପନ୍ନ ହୋଇଛି।

## ନବୀନଙ୍କ...

ଭାବେ ହତାଶ ତଥା ଭ୍ରମିତ କରିଛି ବୋଲି ନବୀନ କହିଛନ୍ତି। ସେ କହିଛନ୍ତି ଯେ ଭିଡ଼ ପରିଚାଳନାରେ ଅବହେଳା ଯୋଗୁଁ ଶହ ଶହ ଭକ୍ତ ଆହତ ମଧ୍ୟ ହୋଇଛନ୍ତି। ରଥଯାତ୍ରାର ଏହି ଦିବ୍ୟ ଉତ୍ସବରେ ହୋଇଥିବା ଭୟଙ୍କର ବିଭ୍ରାଟ ତଥା ବିଶୃଙ୍ଖଳା ପାଇଁ ଦାୟୀ ସମସ୍ତଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥ କ୍ଷମା କରନ୍ତୁ। ମୁଁ ଆଶା କରିବି ଏହି ଘଟଣା ସରକାରରେ ଥିବା ସମସ୍ତଙ୍କ ମନରେ ଗଭୀର ଆତ୍ମଚିନ୍ତନ ଆଣିବ ବୋଲି ସେ କହିଛନ୍ତି।

## ସିମ୍ପାଥି ପାଇଁ...

ମୁମ୍ବାଇ ଯିବେ, ତା'ର ବ୍ୟବସ୍ଥା ବି କରୁଛନ୍ତି। ସମସ୍ତଙ୍କ ପାଇଁ ବିମାନ ଟିକଟ ଓ ହୋଟେଲ ବ୍ୟବସ୍ଥା କରାଉଛନ୍ତି। ନେତାମାନେ ସେଠାକୁ ଯାଇ ଫଟୋ ଉଠାଇ ଫେରିଲା ପରେ ନିଜର ପତିଆରା ଜାହିର କରୁଛନ୍ତି। ଏହି ହାରୁନେତା ବି ପ୍ରଥମ ଦଳରେ ମୁମ୍ବାଇ ଯାଇଥିଲେ। ଶତଚେଷ୍ଟା ସତ୍ତ୍ୱେ ସେଠାରେ ନବୀନଙ୍କ ଦର୍ଶନ ନ ପାଇ ମେଡିକାଲ ବାହାରେ ଫଟୋ ସେସନ କରି ଫେରିଥିଲେ। ଉଲ୍ଲେଖନୀୟ ଯେ ବିଜେଡି ସଭାପତି ନବୀନ ପଟ୍ଟନାୟକ ନିଜର ସ୍ୱାସ୍ଥ୍ୟାବସ୍ଥା ସଂକ୍ରାନ୍ତରେ ରାଜ୍ୟବାସୀଙ୍କୁ ସୂଚନା ଦେଇ ଚିକିତ୍ସିତ ହେବାକୁ ମୁମ୍ବାଇ ଯାଇଛନ୍ତି। ସେଠାରେ ତାଙ୍କର ଅପରେସନ ପରେ ସେ ଦ୍ରୁତ ଆରୋଗ୍ୟଲାଭ କରୁଛନ୍ତି। ଏନେଇ ତାଙ୍କ ବଡଭାଇ ପ୍ରେମ୍ ପଟ୍ଟନାୟକ ଭିଡିଓ ଜାରି କରି ଓଡ଼ିଶାବାସୀଙ୍କୁ ଜଣାଇଛନ୍ତି। ଏହାଛଡା ପ୍ରଚାରଠାରୁ ଦୂରରେ ଥିବା ଭିକେ ପାଣ୍ଡିଆନ ମଧ୍ୟ ନବୀନଙ୍କ ପାଖରେ ରହି ସମସ୍ତ ପ୍ରକାର ଦେଖାଶୁଣା କରୁଥିବା ଜଣାଯାଉଛି। ମୁମ୍ବାଇ ଗଲେ ମଧ୍ୟ ସେଠାରେ ନବୀନଙ୍କୁ ଦେଖା କରିହେବନାହିଁ ବୋଲି ବିଜେଡି ନେତାମାନେ ଭଲ ଭାବେ ଜାଣିଛନ୍ତି। ଏହାପରେ ବି ଦଳ ଦଳ ହୋଇ ବିମାନରେ ମୁମ୍ବାଇ ଯାଉଛନ୍ତି ବିଜେଡି ନେତା। ସେଠାରେ ଫଟୋ ଉଠାଇ ବାର୍ତ୍ତା ଦେଉଛନ୍ତି ଯେ ସେମାନେ ନବୀନଙ୍କ ସହ ଅଛନ୍ତି। ବାସ୍ତବତା କିନ୍ତୁ ଭିନ୍ନ ବୋଲି ଦଳରେ ଆଲୋଚନା ହେଉଛି। ହାରିଥିବା ନେତା ଦଳରେ ପତିଆରା ଜାହିର ପାଇଁ ଏଭଳି ମୁମ୍ବାଇ ଗସ୍ତର ଆୟୋଜନ କରିଛନ୍ତି। ତାଙ୍କ ସହ ଦଳର କେଉଁ କେଉଁ ନେତା ଅଛନ୍ତି ତା'ର ସଚିତ୍ର ସୂଚନା ଦଳପତିଙ୍କୁ ଦେଉଛନ୍ତି। ଏହା ଆଗାମୀ ଦିନରେ ତାଙ୍କ ପାଇଁ ସହାୟକ ହେବ ବୋଲି ଏହି ହାରୁ ନେତା ବିଚାରୁଛନ୍ତି।

ତେବେ ହାରୁ ନେତାଙ୍କ ଭିଟାମିନ୍ ବଳରେ ଏବେ ଅନେକ ବିଜେଡି ନେତା ମୁମ୍ବାଇରେ ପର୍ଯ୍ୟଟନ ଋତୁ ମନାଉଛନ୍ତି ବୋଲି ତାଙ୍କରି ଦଳର କର୍ମୀମାନେ ଏଠାରେ ଜୋରଦାର ଆଲୋଚନା କରୁଛନ୍ତି। ଏହି ହାରୁନେତା ଜଣଙ୍କ ଦଳକୁ ବିପର୍ଯ୍ୟୟ ମୁହଁକୁ ଠେଲି ଦଳୀୟ କାର୍ଯ୍ୟାଳୟରେ ହଟହଟା ହେବା ପରେ ସେହି କ୍ଷତିର ଭରଣା ପାଇଁ ଏବେ ଏଭଳି ମୁମ୍ବାଇ ଗସ୍ତର ଆୟୋଜନ କରୁଛନ୍ତି। ଆସନ୍ତା ୩ ତାରିଖରେ ନବୀନ ଓଡିଶା ଫେରିବାର କାର୍ଯ୍ୟକ୍ରମ ରହିଥିବାରୁ ତାହା ପୂର୍ବରୁ ଆଉ ଦଳେ ନେତାଙ୍କୁ ମୁମ୍ବାଇ ପଠାଇବା ପାଇଁ ହାରୁନେତା ଉଦ୍ୟମ ଚଳାଇଥିବା ବେଳେ ନବୀନଙ୍କୁ ଭେଟିବା କାଠିକର ପାଠ ହୋଇଥିବାରୁ ମୁମ୍ବାଇ ଯାଇ ମାର୍କାମରା ହେବାକୁ କିଛି ବିଜେଡି ନେତା ରାଜି ହେଉନଥିବା ଆଲୋଚନା ଚାଲିଛି।

## ପୁରୀ ଯାଉଥିଲେ...

ଯାଉଥିବା ବେଳେ ଏପରି ଅଘଟଣରେ ଜୀବନ ହରାଇଛନ୍ତି। ଏପରି ଏକ ଅଘଟଣ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ବ୍ୟଥିତ କରିଥିବା ବେଳେ ୩ ଯୁବତୀଙ୍କ ପରିଚୟ ମିଳିପାରିନାହିଁ। ମିଳିଥିବା ସୂଚନାନୁସାରେ, ଆଜି ପୂର୍ବାହ୍ନରେ ଯୁବତୀ ତିନି ଜଣ ଏକ ସ୍କୁଟି ଯୋଗେ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଯାଉଥିଲେ। ତେବେ ସେମାନଙ୍କ ଏକ 'ଆମ ବସ୍' ସାଇଡ୍ ମାରିଦେବା ଫଳରେ ତିନି ଜଣ ଯାକ ରାସ୍ତାରେ ପଡ଼ିଯାଇଥିଲେ। ଏହି ସମୟରେ ସେମାନଙ୍କ ଉପରେ 'ଆମ ବସ୍'ଟି ସେମାନଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ତିନି ଜଣଯାକ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିବା ସହେ ତିନିଟିଯାକ ମୃତଦେହକୁ ଜବତ କରି ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଏହି ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ୍ୟୁବରଣ କରିଥିବା ୩ ଯୁବତୀ ଭୁବନେଶ୍ୱରର ସଙ୍ଗୀତ ମହାବିଦ୍ୟାଳୟରେ ପାଠ ପଢୁଥିଲେ ବୋଲି ଜଣାପଡ଼ିଛି। ମୃତକଙ୍କ ମଧ୍ୟରୁ ୨ ଜଣଙ୍କ ଘର କେନ୍ଦ୍ରାପଡାରେ ହୋଇଥିବା ବେଳେ ଘଟଣା ନେଇ ପିପିଲି ଡାକ୍ତରଖାନାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏହି ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ଆନନ୍ଦ ଉଲ୍ଲାସରେ ଘୋଷଯାତ୍ରା ପାଳିତ

# ଚତୁର୍ଦ୍ଧାମୂରତିଙ୍କୁ ପାଖରେ ପାଇ ଭାବବିହ୍ୱଳ ଭକ୍ତ



**ବୋରିଗୁମ୍ମା, ୨୮।୬ (ସଂଚାର ବ୍ୟୁରୋ) :** ଚଳିତ ୨୦୨୫ ରଥଯାତ୍ରା ଅର୍ଥାତ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଅବସରରେ ଶୁକ୍ରବାର ନିଜର ଜନ୍ମବେଦୀରେ ପହଞ୍ଚିଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ବୋରିଗୁମ୍ମା ସ୍ଥିତ ଜଗନ୍ନାଥ ମନ୍ଦିରରେ ସକାଳେ ନୀତିକାନ୍ତି ପରେ ରଥ ପ୍ରତିଷ୍ଠା ହୋଇଥିଲା। ଘଣ୍ଟ, ଘଣ୍ଟା, ସଙ୍କୀର୍ତ୍ତନ, ଛତ୍ର, ଆଲଟ, ଚାମର, ହରିବୋଲ, ହୁଳହୁଳିରେ ଶ୍ରଦ୍ଧାଳୁମାନେ ଶ୍ରୀଜୀଉମାନଙ୍କର ପହଣ୍ଡି କରିଥିଲେ। ଚଳିତବର୍ଷ ବୋରିଗୁମ୍ମା ସାଇ ଗାୟତ୍ରୀ ପରିବାର ପକ୍ଷରୁ ରଥ ଉପରେ ଛେରାପହଁରା ପାଇଁ ଅଷ୍ଟଧାତୁ ସହ ସ୍ୱର୍ଣ୍ଣ ପ୍ରଲେପରେ ନିର୍ମିତ ଝାଡ଼ୁ ଭକ୍ତ ଲାଲୁ ଷୋଡଙ୍ଗୀ ପ୍ରଦାନ କରିଥିଲେ। ପରେ ରଥ ଉପର ସହରର ବଦାନ୍ୟ ବ୍ୟକ୍ତି ସଦାଶିବ ରଥ ଛେରାପହଁରା ସହ ପୂଜାର୍ଚ୍ଚନା କରିଥିଲେ। ଏହି ନୀତି ସାରିବା ପରେ ମହାପ୍ରଭୁଙ୍କ ଆଳତି ହୋଇଥିଲା ଏବଂ ଦିନ ୨ଟା ରୁ ଅପରାହ୍ନ ୩ଟା ୩୦ ପର୍ଯ୍ୟନ୍ତ ସାଧାରଣ ଦର୍ଶନ ଓ ପରେ ରଥଟଣା ଆରମ୍ଭ ହୋଇଥିଲା।

ଶ୍ରୀଜୀଉଙ୍କ ରଥଟଣା ଯାଇ ସନ୍ଧ୍ୟା ୬ଟା ବେଳେ ମା' ଗୁଣ୍ଡିଚାଙ୍କ ମନ୍ଦିର ସମ୍ମୁଖରେ ଅର୍ଥାତ ନିଜର ଜନ୍ମବେଦୀରେ ରଥରେ ଆସି ପହଁଞ୍ଚିଲେ ଚତୁର୍ଦ୍ଧା ମୂର୍ତ୍ତି। ବୋରିଗୁମ୍ମା ରଥଯାତ୍ରାର ସମସ୍ତ ନୀତିକାନ୍ତି ଓ ରଥଟଣା ମନ୍ଦିର କମିଟି ସଭାପତି କେ. ନାଗରାଜ ଦୋରା, ସମ୍ପାଦକ ପି.ଗଣପତି ରାଓଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ବୋରିଗୁମ୍ମା ଥାନା ଆଇଆଇସିଙ୍କ ନେତୃତ୍ୱରେ ପୁଲିସ କର୍ମଚାରୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ସେହିପରି ବୋରିଗୁମ୍ମା ବ୍ଲକର ବି. ସିଂହପୁର, ଶଶାହାଣ୍ଡି, ଓ କୁମୁଲି ନବନିର୍ମିତ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପାଳିତ ହୋଇଯାଇଛି।

### ଏମକେସିଜିରେ ଅବ୍ୟବସ୍ଥା

# ରୋଗୀଙ୍କୁ ଷ୍ଟ୍ରେଚର ମିଳୁନଥିବା ଅଭିଯୋଗ



**ବ୍ରହ୍ମପୁର, ୨୮।୬ (ସଂଚାର ବ୍ୟୁରୋ):** ଦକ୍ଷିଣ ଓଡିଶାର ପ୍ରାଣକେନ୍ଦ୍ର କୁହାଯାଉଥିବା ଏମକେସିଜିରେ ଅବ୍ୟବସ୍ଥା ଲାଗି ରହିଛି। ବିଭିନ୍ନ ସମୟରେ ହସ୍ପିଟାଲକୁ ଆସୁଥିବା ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁଣି ରୋଗୀଙ୍କୁ ଷ୍ଟ୍ରେଚର ମିଳୁନଥିବା ଅଭିଯୋଗ ସାମ୍ନାକୁ ଆସିଛି। ଏନେଇ ବ୍ରହ୍ମପୁର ସାଂସଦଙ୍କ ପ୍ରତିନିଧି (ଏମକେସିଜି) ରାଜୀବ କୁମାର ମିଶ୍ର ସାମାଜିକ ଗଣମାଧ୍ୟମରେ ଭିଡିଓ ପୋଷ୍ଟ କରିଛନ୍ତି। ରୋଗୀଙ୍କୁ ନେବା ପାଇଁ ଷ୍ଟ୍ରେଚର ନଥିବା ବେଳେ ସମ୍ପର୍କୀୟ କିଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଉକ୍ତ ଭିଡିଓରୁ ଜଣାପଡିଛି।

ଭାଇରଲ ଭିଡିଓରୁ ମିଳୁଥିବା ସୂଚନା ଅନୁସାରେ ସିଟି ସ୍କାନ୍ ପାଇଁ ଜଣେ ବୃଦ୍ଧାଙ୍କୁ ନେଇ ସମ୍ପର୍କୀୟମାନେ ଏମକେସିଜି ଆସିଥିଲେ। ତେବେ ରୋଗୀଙ୍କୁ ନବା ଆଣିବା କରିବାକୁ ଷ୍ଟ୍ରେଚର ନଥିଲା। ହାତରେ ବୋହି ବୋହି ନେବାକୁ ପଡିଥିଲା। କିନ୍ତୁ ଏକ ତାଲା ପଡିଥିବା ରୁମ୍‌ରେ ଷ୍ଟ୍ରେଚର ରହିଥିବା ବେଳେ କାହିଁକି ରୋଗୀଙ୍କୁ ପ୍ରଦାନ କରାଯାଉନାହିଁ ତାକୁ ନେଇ ଭିଡିଓ କରିଥିବା ବ୍ୟକ୍ତି ପ୍ରଶ୍ନ ଉଠାଇଛନ୍ତି। ପୂର୍ବରୁ ମଧ୍ୟ ଅନେକ ବାର ଏଭଳି ଅଭିଯୋଗ ଆସିଛି। ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ବେଫିକର ନୀତି ଯୋଗୁଁ ଏଭଳି ସମସ୍ୟା ଉପୁଜୁଥିବା ଜଣାପଡ଼ିଛି।

### ମକା ଚାଷ ବନ୍ଦ କରିବାରୁ ଉତ୍ତେଜନା

# ଗାଁ ଲୋକଙ୍କ ଆକ୍ରମଣରେ ବନ କର୍ମଚାରୀ ଗୁରୁତର



**ରାଇଘର, ୨୮।୬ (ସଂଚାର ବ୍ୟୁରୋ):** ଜଙ୍ଗଲ ଜମିରେ ମକାଚାଷକୁ ବିରୋଧ କରିବାରୁ ବନ ବିଭାଗ କର୍ମଚାରୀଙ୍କୁ ମାଡ଼। ଗାଁ ଲୋକଙ୍କ ଆକ୍ରମଣରେ ଗୁରୁତର ହୋଇଛନ୍ତି କୁନ୍ଦେଇ ଫରେଷ୍ଟର ହରିହର ବ୍ରହ୍ମା ଏବଂ ଫରେଷ୍ଟଗାର୍ଡ ଦୀପକ କୁମାର ପ୍ରଧାନ । ଉଭୟଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏ ନେଇ ଥାନାରେ ବିଭାଗ ପକ୍ଷରୁ ୭ ଜଣଙ୍କ ନାଁରେ ଏତଲା ଦିଆଯାଇଛି। ବନ ବିଭାଗ କର୍ମଚାରୀ ପ୍ରଥମେ ଆକ୍ରମଣ କରିବାରୁ ଏଭଳି ସ୍ଥିତି ହେଲା ବୋଲି ଗ୍ରାମବାସୀ ପାଲଟା ଅଭିଯୋଗ କରିଛନ୍ତି।

ବନବିଭାଗ ସୂଚନା ଅନୁଯାୟୀ, ସଦର ବ୍ଲକ ନାକଟିସି ମଡ଼ା-କୁସୁମପୁର ସନ୍ଧିରେ ସଂରକ୍ଷିତ ଜଙ୍ଗଲ ଅଛି। ଲଖନପୁର ଏବଂ ନାକଟିସିମଡ଼ାର ୮୫ ହେକ୍ଟର ଜଙ୍ଗଲ ଜମିରେ ପ୍ରାୟ ୭୫ ହଜାର ଚାରା ଲଗାଯିବା କାର୍ଯ୍ୟକ୍ରମ ରହିଛି। ଚାରା ରୋପଣ ଲାଗି ବିଭାଗ ପକ୍ଷରୁ ଗାତ ଖୋଳାଯାଇଥିଲା। ଏହି ଜମିରେ କୁସୁମପୁର, ଆମାବେଡ଼ା ଏବଂ ଜୈଲଗୁଡ଼ାର କେତେକ ଲୋକ ମକା ଲଗାଇବା ଲାଗି ଚାଷ କରୁଥିଲେ। ଖବରପାଇ କୁନ୍ଦେଇ ଫରେଷ୍ଟର ଶ୍ରୀ ବ୍ରହ୍ମାଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ଲୋକଙ୍କୁ ବାରଣ କରିବାରୁ ଆରମ୍ଭ ହୋଇଥିଲା ଯୁକ୍ତିତର୍କ । ଗ୍ରାମବାସୀ ଶ୍ରୀ ବ୍ରହ୍ମା ଏବଂ ଶ୍ରୀ ପ୍ରଧାନଙ୍କୁ ନିସ୍ତୁକ ପିଟିଥିଲେ। ଖବର ପାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଁ ଲୋକଙ୍କ କବଳରୁ ଉଭୟଙ୍କୁ ଉଦ୍ଧାର ପରେ ଡାକ୍ତରଖାନାକୁ ନିଆଯାଇଥିଲା। ଗାଁର ସନ୍ତୁ ଗଣ୍ଡ, ସତ୍ୟ ଗଣ୍ଡ, ଗୁଟା ଗଣ୍ଡ, ଦେବୀ ଗଣ୍ଡ, ମନୁରାମ ଗଣ୍ଡ, ଲଖି ଗଣ୍ଡ ଏବଂ ରାମଦେବ ଗଣ୍ଡଙ୍କ ନାଁରେ ଆହତ ବନ କର୍ମଚାରୀ ଏତଲା ଦେଇଥିଲେ। ଅନ୍ୟପକ୍ଷରେ ରାତି ପ୍ରାୟ ୭ ଟାରେ କୁସୁମପୁର, ଆମାବେଡ଼ା ଏବଂ ଜୈଲଗୁଡ଼ାର ଶତାଧିକ ଲୋକ ଥାନାରେ ପହଞ୍ଚିଥିଲେ । ଗାଁର ଗୁଟାଙ୍କୁ ବନକର୍ମଚାରୀ ପ୍ରଥମେ ଆକ୍ରମଣ କରିଥିବା ନେଇ ଅଭିଯୋଗ କରିଥିଲେ । ସୂଚନାଥାଉକି, ଦୀର୍ଘ ୨୫ରୁ ଅଧିକ ହେବ ଉପରୋକ୍ତ ସଂରକ୍ଷିତ ଜଙ୍ଗଲର କିଛି ଅଂଶ ସଫା କରି କୁସୁମପୁର, ଆମାବେଡ଼ା ଏବଂ ଜୈଲଗୁଡ଼ାର କେତେକ ଲୋକ ମକା ଚାଷ କରୁଛନ୍ତି।

## ସଡ଼କ ଦୁର୍ଘଟଣାରେ ଯୁବକ ମୃତ

**ରାଇଘର, ୨୮।୬ (ସଂଚାର ବ୍ୟୁରୋ) :** ବାଇକ୍ ଧକ୍କାରେ ରାଇଘର ଥାନା ସରଗୁଲି-ଦେଓଲପାରା ଛକ ନିକଟରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ଅଛନ୍ତି। ମୃତକ ହେଲେ ଉମରକୋଟ କଲେଜର ଚତୁର୍ଥ ଶ୍ରେଣୀ କର୍ମଚାରୀ ହରୀଶଚନ୍ଦ୍ର ଦାସ(୨୪)। ଆହତ ଜଣଙ୍କ ହେଲେ ଉମରକୋଟ ଅଞ୍ଚଳର ଅଜୟ ପନକା। ଏକ ବାଇକ୍‌ରେ ହରିଶ ଓ ଅଜୟ ରଥଯାତ୍ରା ଦେଖି ରାଇଘରରୁ ଫେରୁଥିବା ବେଳେ ରାସ୍ତା ଉପରେ ଥିବା ଏକ ଟ୍ରକରେ ସେମାନେ ପିଟି ହୋଇଯାଇଥିଲେ। ଘଟଣାସ୍ଥଳରେ ହରୀଶଙ୍କ ମୃତ୍ୟୁ ହୋଇଥିଲା ବେଳେ ଅଜୟ ଆହତ ହୋଇଥିଲେ। ଶନିବାର ବ୍ୟବଚ୍ଛେଦ ପରେ ଶବ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଘରଚଟିଆ ସୁରକ୍ଷା ଅଭିଯାନରେ 'ରାଇଝୋଳ' ସାମିଲ



**ବ୍ରହ୍ମପୁର, ୨୮।୬ (ସଂଚାର ବ୍ୟୁରୋ):** ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଞ୍ଚଳିକ ବିକାଶ ପରିଷଦ ତରଫରୁ କୁକୁଡାଖଣ୍ଡି ବ୍ଲକର ରାଇଝୋଳ ଗ୍ରାମର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଘର ଚଟିଆ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଭାପତି ସାଗର କୁମାର ପାତ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କେ. ଇନ୍ଦିରା ଦେବୀ ଯୋଗ ଦେଇ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଓ ଘର ଚଟିଆ ତଥା ପରିବେଶ ସୁରକ୍ଷାରେ ଛାତ୍ର ଛାତ୍ରୀଙ୍କ ଭୂମିକା ବିଷୟରେ ବୁଝାଇ ଥିଲେ । ଛାତ୍ରଛାତ୍ରୀମାନେ ଗ୍ରାମରେ ଘର ଚଟିଆକୁ ସଂରକ୍ଷଣ ସହ ସେମାନଙ୍କ ଯତ୍ନ ପାଇଁ ଶପଥ ପାଠ କରିଥିଲେ। ପରିଷଦ ତରଫରୁ ଛାତ୍ର ଛାତ୍ରୀମାନଙ୍କୁ କୃତିମ ବାସ, ଖାଦ୍ୟ ସ୍ଥଳୀ ବଣ୍ଟନ ସହ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ଗ୍ରାମର ଘର ଆଗରେ କୃତିମ ବସା ଓ ଖାଦ୍ୟ ଥଳି ସ୍ଥାପନ କରାଯାଇଥିଲା । ଏଥିରେ ସମାଜସେବୀ ବଦ୍ରୀନାଥ ସାବତ, ଦୁର୍ଗା ଶଙ୍କର ପାଢ଼ୀ,ଶିକ୍ଷୟତ୍ରୀ ସ୍ମିନିତା ପାଢ଼ୀ, ସୁପ୍ରଭା ଚୌଧୁରୀ,ସମ୍ପାଦକ ବିଜେନ୍ଦ୍ର ମାଝୀ,ନଳିନୀକାନ୍ତ ପରିଡା, ରାକେଶ ବିଷୋୟୀ,ପୁରୁଷୋତ୍ତମ ସ୍ୱାଇଁ, ସଞ୍ଜୟ ପାତ୍ର, ଶ୍ରୀକାନ୍ତ ମହାନ୍ତି, ବନମାଳୀ ପ୍ରଧାନ,କାହ୍ନୁ ଚରଣ ଗୌଡ଼, ପିଲି ଗୌଡ଼ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗର ଚଢ଼ାଉ

# ବ୍ୟାପକ ପୋଚ ଓ ରନ୍ଧା ଦେଶୀମଦ ଜବତ



**ବୈଶିଙ୍ଗା, ୨୮।୬ (ସଂଚାର ବ୍ୟୁରୋ):** ବେତନଟୀ ଅବକାରୀ ବିଭାଗ ଓ ସାଟେଲାଇଟ ଟିମ ଦ୍ୱାରା ଦୈନିକ ବିଭିନ୍ନ ଇଲାକାରେ ବିପୁଳ ପରିମାଣର ପୋଚ ଓ ଦେଶି ରନ୍ଧା ମଦ ଓ ସରଞ୍ଜାମ ଜବତ କରିବା ଏକ ନିତି ଦିନିଆ ଘଟଣାରେ ପରିଣତ ହେବାରେ ଲାଗିଛି। ଶନିବାର ବେତନଟୀ ଅବକାରୀ ଏସ ଆଇ ପ୍ରକାଶ ସାହୁ ବିଶେଷ ସୂତ୍ରରୁ ଖବର ପାଇ ସଦଳ ବଳେ ବଡ଼ସାହି ବ୍ଲକର ଯଦୁନାଥପୁର ଅଞ୍ଚଳରେ ଚଢ଼ାଉ କରି ବିପୁଳ ପରିମାଣର ଅର୍ଥାତ ୪୨୦୦ ଲିଟର ପୋଚ ଓ ୧୭୭ ଲିଟର ରନ୍ଧା ଦେଶି ମଦ ସମେତ ସରଞ୍ଜାମ ଜବତ କରିଛନ୍ତି। ମାତ୍ର ମଦ ତିଆରି କାରଖାନାର ମଦ ପ୍ରସ୍ତୁତକାରୀମାନେ ଚତୁରତାର ସହିତ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ଏଥିନେଇ ୨ ଟି ମାମଲା ରୁଜୁ ହୋଇଛି ବୋଲି ଅବକାରୀ ବିଭାଗ ପ୍ରକାଶ କରିଛି। ବିଭାଗ ପକ୍ଷରୁ ସମସ୍ତ ପୋଚ ଓ ମଦ ନଷ୍ଟ କରାଯିବା ସହିତ ସରଞ୍ଜାମ ଅବକାରୀ ଥାନାକୁ ଅଣାଯାଇଛି।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ବାଲିଅନ୍ତା, ୨୮।୬ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଷା ମହାନ୍ତିଙ୍କୁ ଆଜି ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଏନେଇ ସ୍ଥାନୀୟ ବକ୍ରେଶ୍ୱର ମନ୍ଦିର ପରିସରରେ ଆୟୋଜିତ ସଭାରେ ଶିକ୍ଷକ ବଟକୃଷ୍ଣ ପଣ୍ଡା ସଭାପତିତ୍ୱ କରିଥିଲେ । ଭିଙ୍ଗାରପୁର କ୍ଲଷ୍ଟରରେ ମଞ୍ଜୁଷା ଏକାଧିକ ଥର ସମ୍ବଳ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିଲେ । ମଞ୍ଜୁଷା ୧୯୯୧ ମସିହା ଅଗଷ୍ଟ ୧୩ ତାରିଖରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ । ଦୀର୍ଘ ବର୍ଷ ଧରି ତାଙ୍କର ଶିକ୍ଷକତା ଜୀବନ ଭିତରେ ବିଦ୍ୟାଳୟର ଆଶାନୁରୂପକ ଉନ୍ନତି ସାଧିତ ହୋଇଥିଲା । ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶିକ୍ଷକ ବଟକୃଷ୍ଣ ପଣ୍ଡା ସଭାପତିତ୍ୱ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ବେହେରା, ଭିଙ୍ଗାରପୁର କ୍ଲଷ୍ଟର ସିଆରସିସି ଗୀତାଞ୍ଜଳୀ ମାଝି, ଶିକ୍ଷାବିତ ଲିଙ୍ଗରାଜ ଦାସ ମାଆ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ନିହାର ରଞ୍ଜନ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଞ୍ଜୁଷାଙ୍କ ଉତ୍ତମ କାର୍ଯ୍ୟ ଦକ୍ଷତାର ସ୍ମୃତିଚାରଣ କରିବା ସହ ତାଙ୍କର ଅବସର ଜୀବନ ସୁଖ, ଶାନ୍ତି ଏବଂ ନିରୋଗ କାମନା କରିଥିଲେ । ପୁଷ୍ପାଞ୍ଜଳୀ ମହାନ୍ତି ମଞ୍ଚ ସଭା ପରିଚାଳନା କରିଥିଲେ ।



## ବୋଧଖଣ୍ଡି ଗାଦିବ୍ରହ୍ମଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବାଲିଅନ୍ତା, ୨୮।୬ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅନ୍ତର୍ଗତ ପୂରଣ ପଧାନ ଗ୍ରାମପଞ୍ଚାୟତର ବୋଧଖଣ୍ଡି ଗ୍ରାମରେ ଅବସ୍ଥିତ ପ୍ରଭୁ ଶ୍ରୀ ଶ୍ରୀ ଆର୍ତ୍ତତ୍ରାଣ ଗାଦି ବ୍ରହ୍ମଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ମନ୍ଦିର ପ୍ରତିଷ୍ଠା ପାଇଁ ଶହେ ଆଠ କଳସ ଶୋଭାଯାତ୍ରା, ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଗ୍ରାମବାସୀମାନଙ୍କ ମନରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। ପ୍ରଭୁ ଗାଦି ବ୍ରହ୍ମଙ୍କ ଅପାର ମହିମା,ମହାବାତ୍ୟା ସମୟରେ ଝାଟି ମାଟି ଘରେ ଥିଲାବେଳେ ଘର ନଷ୍ଟ ହେଇଯାଇଥିଲା। ହେଲେ ପ୍ରଭୁଙ୍କ ଗାଦି ଅକ୍ଷୁର୍ଣ୍ଣ ରହିଥିଲା । ଆଜି ଏତେ ବର୍ଷ ପରେ ପକ୍କାଘର ସହିତ ମନ୍ଦିର ବି ତାଙ୍କ ଇଚ୍ଛାରେ ସମ୍ପର୍ଣ୍ଣ ହୋଇଥିଲା ।

# ମା'ତାରିଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



**ରାଜନଗର, ୨୮।୬ (ସଂଚାର ବ୍ୟୁରୋ):** ରାଜନଗର ଗାଁରେ ଥିବା ମା'ତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ୩ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ୨୬ ତାରିଖ ଦିନ ଅଙ୍କୁରାରୋପଣ, ୨୭ ତାରିଖରେ ମା'ଙ୍କର ଷୋଡଶ ଉପଚାର ପୂଜା ଓ ଆଜି ଜଳଯାତ୍ରା, ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରାଘବେଶ୍ୱର ଘର ଯାତ୍ରା କମିଟି ଓ ରାଜନଗର ଗ୍ରାମ ମବାସୀଙ୍କ ସହଯୋଗରେ ଏହି ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଠିକ୍ ୧୩ ବର୍ଷ ତଳେ ପବିତ୍ର ଶ୍ରୀଗୁଣ୍ଡିଚା ଅବସରରେ ରାଘବେଶ୍ୱର ଯାତ୍ରା କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ମା'ତାରିଣୀଙ୍କ ଭବ୍ୟ ମନ୍ଦିର ନିର୍ମାଣ କରାଯାଇ ପ୍ରତିଷ୍ଠା କରାଯାଇଥିଲା ଓ ପଣ୍ଡିତ ହର କୁମାର ମିଶ୍ର, ପ୍ରମୋଦ କୁମାର ପାଣି, ହରପ୍ରସାଦ ଷଡଙ୍ଗୀ, ନିତ୍ୟାନନ୍ଦ ମିଶ୍ର, ଅଭୟ କୁମାର ମିଶ୍ର, ରାମ ଚନ୍ଦ୍ର ମିଶ୍ର, ରଜନୀ ଦେବତା ପ୍ରମୁଖ ଯଜ୍ଞ କାମ ସମ୍ପର୍ଣ୍ଣ କରିଥିଲେ। ଏହି ଯଜ୍ଞରେ କର୍ତ୍ତାଭାବେ ବିନୋଦ ପ୍ରଧାନ, ରଶ୍ମିତା ପ୍ରଧାନ ସଂକଳ୍ପ କରିଥିଲେ। କାର୍ଯ୍ୟକ୍ରମକୁ ଯାତ୍ରା କମିଟିର ସଦସ୍ୟ ଓ ଗ୍ରାମବାସୀମାନେ ଏହି କାର୍ଯ୍ୟକ୍ରମକୁ ଭବ୍ୟଭାବେ ପାଳନ କରିଥିଲେ।

# ନାଗା ନାରାୟଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରିଡା ଉତ୍ସବ

**ରାଜନଗର, ୨୮।୬ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଖମାରସାହିସ୍ଥିତ ନାଗା ନାରାୟଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରିଡା ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ମାନସ ରଞ୍ଜନ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ୩୨ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଖୁକୁମୀନା କୁଅଂର, ମୁଖ୍ୟ ବକ୍ତା ଭାବେ ବ୍ଲକ ନୋଡାଲ ପ୍ରଧାନଶିକ୍ଷକ ଶୁଭ୍ରଜ କୁମାର ବରାଳ, ସନ୍ନମାନିତ ଅତିଥି ଭାବେ ଖମାରସାହି ସରପଞ୍ଚ ଅନୁସୂୟା ବିଶ୍ୱାଳ, ଡାଙ୍ଗମାଳ ସରପଞ୍ଚ ଦୌପ୍ରଦୀ ସେଠୀ, ସମିତି ସଭ୍ୟ ଶ୍ରୀଚରଣ ଦାସ, ଯୁବନେତା ଲକ୍ଷ୍ମଣ ସିଂ, ବ୍ଲକ ଓଡ୍ରା ସମ୍ପାଦକ ସମୀରଣ ମଣ୍ଡଳ, ପରିଚାଳନା କମିଟି ସଭାପତି କାର୍ତ୍ତିକ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ଶିକ୍ଷା ସହ କ୍ରିଡା ଓ ଶାରୀରିକ ଶିକ୍ଷା ପୂର୍ଣାଙ୍ଗ ବିକାଶର ସହାୟକ ହୋଇପାରିବ ବୋଲି କହିଥିଲେ। କ୍ରିଡା ଶିକ୍ଷକ ବିକାଶ ରଞ୍ଜନ ମହନ୍ତ ସ୍ୱାଗତ ଅଭିଭାଷଣ ଓ ଶିକ୍ଷକ ଓମ ପ୍ରକାଶ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁକ୍ତ ଦୁଇ ସ୍ତରରୁ ପ୍ରାଥମିକ ସ୍ତର ଯାଏଁ କାଳୀପଦ ମଣ୍ଡଳ, ଅନିଶା ବେହେରା, ବିଭୁ ପ୍ରକାଶ ପ୍ରଧାନ, ଉଷଶ୍ରୀ ରାଉତ, ଅଭିଷେକ ଦାସ, ଗାୟତ୍ରୀ ମହାନ୍ତି, ସୋମ୍ୟରଞ୍ଜନ ପାଢୀ, ଅଂଶୁମାନ ଜେନା, ପିଙ୍କି ନାୟକ, ସୂର୍ଯ୍ୟ ପ୍ରକାଶ ବେହେରା, ବସୁନ୍ଧରା ବେହୁରା, ଚମ୍ପିୟାନ ହୋଇଥିଲେ। ଯୁକ୍ତ ଦୁଇ ଟପ୍ପର ସବିତା ଜାନା, ମାଟ୍ରିକ ଟପ୍ପର ଆଲୋକ ମହାନ୍ତି, ବୃତି ପାଇଥିବା ଛାତ୍ର ଦୀପ୍ତି ରଞ୍ଜନ ଶେଠୀ, ଆଲକିନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରିଡା ପ୍ରତିଯୋଗିତାର ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରଯାଇଥିଲା।

# ମୂଳନିବାସୀ ବହୁଜନ ମିଳିତ ମହାସଂଘ କର୍ମଚାରୀ ବିଭାଗର ବୁଦ୍ଧିଜୀବୀ କର୍ମଶାଳା




**କଳାହାଣ୍ଡି, ୨୮।୬ (ସଂଚାର ବ୍ୟୁରୋ):** ଏ ଦେଶ, ଜାତି ଓ ସମାଜ ଆମକୁ ସବୁ ଦେଇଛି। ଆମର ଲାଳନ-ପାଳନ କରିବାରେ, ମଣିଷ କରି ଗଢି ତୋଳିବାରେ ଆଉ ପରିଚୟ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ଏ ଦେଶ, ଜାତି ଓ ସମାଜ। ଏଣୁ ବର୍ତ୍ତମାନ ସମୟରେ ବୁଦ୍ଧିଜୀବୀ ସମାଜ ଆଗକୁ ଆସିବା ଉଚିତ। ଦେଶ ପାଇଁ, ଜାତି ପାଇଁ ଓ ବୃହତ୍ତର ସମାଜର ଉତଥାନ ପାଇଁ ସଂକଳ୍ପବଦ୍ଧ ହେବାର ଆବଶ୍ୟକତା ରହିଛି। ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗର ସଂଖ୍ୟାବହୁଳ ଲୋକଙ୍କ କଲ୍ୟାଣ ଦିଗରେ ନୀତିଗତ ନିଷ୍ପତ୍ତି ନେବା ସହିତ ସମାଜର ତଳ ସ୍ତରରେ ଥିବା ଲୋକଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ସାମାଜିକ ଓ ବୌଦ୍ଧିକ ଆନ୍ଦୋଳନ ଗଢି ଉଠିବାର ଆବଶ୍ୟକତା ରହିଛି। ସେହିପରି ସମାଜରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ନିଜର ବୃତ୍ତିଗତ କର୍ତ୍ତବ୍ୟ ସହିତ ସମାଜ ପ୍ରତି ନିଜର ଦାୟିତ୍ୱ ଓ ମୂଲ୍ୟବୋଧ ଭିତ୍ତିକ ସାମାଜିକ କର୍ତ୍ତବ୍ୟ ପାଳନ କରିବା ଆବଶ୍ୟକ। ଏଣୁ ସଂଖ୍ୟାବହୁଳ ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗର ଲୋକେ ଦେଶ, ଜାତି ଓ ସମାଜର ସାମୁହିକ ଉନ୍ନତି ପାଇଁ ଏକଜୁଟ ହେବାର ସମୟ ଆସିଛି ବୋଲି ସାମାଜିକ ଗଣତନ୍ତ୍ରର ପ୍ରତିଷ୍ଠାତା ତଥା ସଂରକ୍ଷଣର ଜନକ ଛତ୍ରପତି ରାଜର୍ଷି ସାହୁଜୀ ମହାରାଜଙ୍କ ଜନ୍ମଜୟନ୍ତୀ ପାଳନ ଅବସରରେ ଅତିଥିମାନେ ଆହ୍ୱାନ ଦେଇଛନ୍ତି।

ରାଜ୍ୟର ଅଗ୍ରଣୀ ସାମାଜିକ ଓ ବୁଦ୍ଧିଜୀବୀ ସଂଗଠନ ମୂଳନିବାସୀ ବହୁଜନ ମିଳିତ ମହାସଂଘ କର୍ମଚାରୀ ବିଭାଗ ତରଫରୁ ଆଜି କଳାହାଣ୍ଡି ଜିଲ୍ଲା କେସିଙ୍ଗାସ୍ଥିତ ନିୟନ୍ତ୍ରିତ ବଜାର କମିଟି ଗୃହରେ ଆୟୋଜିତ ଛତ୍ରପତି ରାଜର୍ଷି ସାହୁଜୀ ମହାରାଜଙ୍କ ଜନ୍ମ ଜୟନ୍ତୀ ଅବସରରେ ଏକ ବୁଦ୍ଧିଜୀବୀ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ମହାସଂଘ କର୍ମଚାରୀ ବିଭାଗର ରାଜ୍ୟ ସଭାପତି ଗୁରୁଚରଣ ଛତ୍ରପାଲ, ମହାସଂଘ କଳାହାଣ୍ଡି ଜିଲ୍ଲା ସଭାପତି ସଚିଦାନନ୍ଦ ମହାଖୁଡ଼, ବଲାଙ୍ଗୀର ଜିଲ୍ଲା ସଭାପତି ସରୋଜ ମେଶ୍ରା, ବରଗଡ଼ ଜିଲ୍ଲା ସଭାପତି ବିକ୍ରମ ଛତର, ଉପଦେଷ୍ଟା ଜଗଦୀଶ ଯାଦବ, ଧନୁର୍ଯ୍ୟ ନାଏକ, ରାଜ୍ୟ ଉପସଭାପତି ଲିଙ୍ଗରାଜ ଆଜାଦ, କଳାହାଣ୍ଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଯତୀନ୍ଦ୍ର କର, ଉପସଭାପତି ତୀର୍ଥ ବୁଦ୍ଧିଆ, ବରୁଣ ଛତ୍ରିଆ, ଜୟପ୍ରକାଶ ଜାଲ, ସାଧାରଣ ସମ୍ପାଦକ ସତ୍ୟ ମାହାର, ସଂପାଦକ ଅଞ୍ଜୁ କୁମାର, ଦିଗାମ୍ବର ଲୁହା, ଯୁବ ସଭାପତି ଡାକେଶ୍ୱର ଲହଜଲ, 'ନବସେତୁ'ର ସଂପାଦକ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଶ୍ରୀବତ୍ସ ତାଣ୍ଡି, ଏମ. ଡି ଆଗାଜାନ, ନରସିଂହ ନିଆଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ନାହାନ୍ତି ସ୍ଥାୟୀ ବିଡିଓ, ପ୍ରଶାସନିକ ଅଧିକାରୀ ପଦ ବି ଖାଲି

- ମନୋମୁଖୀ ଭାବେ କାର୍ଯ୍ୟାଳୟକୁ ଆସୁଛନ୍ତି କର୍ମଚାରୀ
- କାର୍ଯ୍ୟାଳୟରେ ଅଧିକାଂଶ ସମୟରେ ଝୁଲୁଛି ତାଲା
- ଉନ୍ନୟନ କାର୍ଯ୍ୟରେ ବାଧା




**ନାଉଗାଁ, ୨୮।୬ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ କାର୍ଯ୍ୟାଳୟରେ ଗତ ଫେବୃଆରୀରୁ ସ୍ଥାୟୀ ବିଡିଓ ନାହାନ୍ତି। ବିଡିଓଙ୍କ ସହ ଏବିଡିଓ, ବିଏସଏସଓ, ଏପିଓ, ସି.ପି ପଦବୀ ଖାଲି ପଡ଼ିଥିବା ବେଳେ ବିଡିଓ, ଏପିଓ, ବିଏସଏସଓ ଏବଂ ସି.ପି ପଦବୀରେ ଭାରାପ୍ରାପ୍ତ ଅଧିକାରୀମାନେ କାର୍ଯ୍ୟ କରୁଥିବା ଜଣାଯାଇଛି। ଯାହାଫଳରେ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ବେଳେ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅଧିକାଂଶ ପ୍ରଶାସନିକ ଅଧିକାରୀ ନଥିବାରୁ ବ୍ଲକରେ କାର୍ଯ୍ୟ କରୁଥିବା ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ମନଇଛା କାର୍ଯ୍ୟାଳୟକୁ ଆସୁଛନ୍ତି। ଏପରିକି ଗୁରୁବାର କାର୍ଯ୍ୟାଳୟକୁ ଆସିବା ପାଇଁ ସରକାରଙ୍କ ଧାର୍ଯ୍ୟ ସମୟ ଅତିବାହିତ ହୋଇଥିଲେ ମଧ ଅଧିକାଂଶ କାର୍ଯ୍ୟାଳୟରେ ତାଲା ଝୁଲୁ ଥିବାର ଦେଖିବାକୁ ମିଳିଥିଲା।

ପ୍ରକାଶଯୋଗ୍ୟ ଯେ ବିଡିଓ ତପନ କୁମାର ମହାପାତ୍ରଙ୍କର ଅନ୍ୟତ୍ର ସ୍ଥାନାନ୍ତର ହୋଇଥିବା ବେଳେ ଜଗତସିଂହପୁର ବିଡିଓ ଆଶୁତୋଷ ମିଶ୍ର ଭାରାପ୍ରାପ୍ତ ଦାୟିତ୍ୱରେ ରହିଛନ୍ତି। ସେ ଉଭୟ ଜଗତସିଂହପୁର ଓ ନାଉଗାଁ ଦାୟିତ୍ୱରେ ରହିଥିବା ବେଳେ ଉକ୍ତ ବ୍ଲକକୁ କାଁ ଭାଁ ଆସୁଥିବା ଜଣାଯାଇଛି। ଯାହାକୁ ବିରୋଧ କରି ଜିଲାପାଳଙ୍କ ଜନଶୁଣାଣିରେ ଜନସାଧାରଣ ଅଭିଯୋଗ କରିଥିଲେ। ଏପରିକି ଗତ ମେ ୨୮ରେ ବିକଶିତ ଗାଁ, ବିକଶିତ ଓଡ଼ିଶାର ସ୍ୱତନ୍ତ୍ର ଅଧିବେଶନରେ ପଞ୍ଚାୟତ ପ୍ରତିନିଧିମାନେ ଏପ୍ରସଙ୍ଗରେ ବିଧାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ପ୍ରତି ସପ୍ତାହରେ ବ୍ଲକକୁ ୩ଥର ଆସିବାକୁ ବିଧାୟକ କହିଥିଲେ ମଧ ବିଡିଓ ଉକ୍ତ ବ୍ଲକକୁ ଆଦୌ ଆସୁ ନଥିବା ଅଭିଯୋଗ ହେଉଛି। ସେହିପରି ଏବିଡିଓ ଦେବେନ୍ଦ୍ର ପ୍ରଧାନ ମେ ୩୧ରେ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିବା ବେଳେ ଏହି ପଦବୀଟି ଖାଲି ପଡ଼ିଛି। ବାଲିକୁଦା ବ୍ଲକର ଏପିଓ ଜ୍ୟୋତିର୍ମୟ ନାୟକ ଉଭୟ ବାଲିକୁଦା ଓ ନାଉଗାଁ ବ୍ଲକ ଦାୟିତ୍ୱରେ ରହିଛନ୍ତି। ସମ୍ପୃକ୍ତ ଅଧିକାରୀଙ୍କ କାର୍ଯ୍ୟ ପଡ଼ିଲେ ବ୍ଲକ କାର୍ଯ୍ୟାଳୟ ଆସୁଛନ୍ତି ନ ହେଲେ କେବେ ଦେଖା ମିଳୁନାହାନ୍ତି। ସେହିପରି ଭାବେ ବିଏସଏସଓ ଜ୍ୟୋତିର୍ମୟୀ ଧିର ଅନ୍ୟତ୍ର ଯିବା ପରେ ଏହି ପଦବୀରେ ବ୍ଲକ ଜନମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୌରଜିତ ମହାପାତ୍ର ଅତିରିକ୍ତ ଦାୟିତ୍ୱରେ ରହିଛିନ୍ତି। ବ୍ଲକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଥିବା ବେଳେ ସ୍ଥାୟୀ ବିଡିଓ ନଥିବାରୁ କର୍ମଚାରୀ ଓ ଅଧିକାରୀମାନେ ମନଇଚ୍ଛା କାର୍ଯ୍ୟାଳୟକୁ ଆସୁଥିବା ଜଣାଯାଇଛି। ବ୍ଲକରେ ସ୍ଥାୟୀ ବିଡିଓ ସମେତ ଅନ୍ୟାନ୍ୟ ଖାଲି ପଡ଼ିଥିବା ପଦବୀକୁ ପୁରଣ କରିବା ପାଇଁ ଜନସାଧାରଣ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ପଦ୍ମଶ୍ରୀ ହଳଧର ଓଡ଼ିଆ ଅସ୍ମିତାର ପ୍ରତୀକ: ଧର୍ମେନ୍ଦ୍ର

**ଲୋକକବିଙ୍କ ଉପରେ ଲିଖିତ ପୁସ୍ତକ, ଗ୍ରନ୍ଥାବଳୀ ଓ ସଂକଳନ ଉନ୍ମୋଚିତ**

**ଛାତ୍ରଛାତ୍ରୀଙ୍କ ସୃଜନଶୀଳତାର ବିକଶିତ ପାଇଁ ମାତୃଭାଷାରେ ଶିକ୍ଷା ଜରୁରୀ**



**ଘୋଡାପାଲି/ସମ୍ବଲପୁର,୨୮।୬ (ସଂଚାର ବ୍ୟୁରୋ):** ଲୋକ କବିରତ୍ନ, ଯାଦବ ରତ୍ନ ଆଦି ସମ୍ମାନରେ ଭୂଷିତ ପଦ୍ମଶ୍ରୀ ହଳଧର ନାଗ ହେଉଛନ୍ତି ଭାରତର ଜଣେ ଉଜ୍ଜ୍ୱଳ ରତ୍ନ। ଓଡ଼ିଶାର ଅସ୍ମିତା, ଅଭିବ୍ୟକ୍ତି ଓ ଆବେଗର ଅନ୍ୟତମ ପ୍ରତୀକ। ସମ୍ବଲପୁରୀ ଭାଷାକୁ ସମୃଦ୍ଧ କରିବାରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ଆଜି ବରଗଡ଼ ବରହାଗୁଡ଼ାଠାରେ ସମ୍ବଲପୁରୀ ଭାଷାର ପ୍ରଥିତଯଶା ଲୋକକବି ପଦ୍ମଶ୍ରୀ ହଳଧର ନାଗ ଓ ତାଙ୍କ ସାହିତ୍ୟ ସଂକ୍ରାନ୍ତରେ ଆୟୋଜିତ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର 'ହଲଧର-ସୃଜନ ଆଉ ଦର୍ଶନ' କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସାହିତ୍ୟାନୁଷ୍ଠାନ ଅଭିମନ୍ୟୁ ସାହିତ୍ୟ ସଂସଦ, ଘେଁସ ଓ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ, ବରଗଡ଼ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି ଆଲୋଚନାଚକ୍ରକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ବରଗଡ଼ ଭଳି ସାରସ୍ୱତ କେନ୍ଦ୍ରସ୍ଥଳରେ ଏପରି ଏକ ଉଦ୍ୟମ ସ୍ୱାଗତଯୋଗ୍ୟ। ଲୋକକବି ହଳଧରଙ୍କ ସାହିତ୍ୟକୁ ନେଇ ଦୁଇ ଦିନ ଧରି ହେବାକୁ ଥିବା ଏହି ବହୁଭାଷୀ ଜାତୀୟ ଆଲୋଚନାଚକ୍ରରେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ଗବେଷକ ଯୋଗଦେବା ଏକ ପ୍ରଶଂସନୀୟ ପଦକ୍ଷେପ। ଏହା ସମ୍ବଲପୁରୀ ଭାଷାକୁ ସର୍ବଭାରତୀୟ ସ୍ତରରେ ପରିଚିତ କରିବାରେ ବିଶେଷ ସହାୟକ ହେବ। ଜନୈକ ବ୍ୟକ୍ତିକୁ ଲେଖାରେ ସକ୍ରିୟ କରିବାର ମାଧ୍ୟମ ହେଉଛି ସାହିତ୍ୟ। ବୌଦ୍ଧିକ ତରଙ୍ଗକୁ ନିରନ୍ତର ସଞ୍ଚାଳିତ କରି ନୂଆ ଆବେଗ ତିଆରି କରିବାର ନାଁ ହେଲା ସାହିତ୍ୟ। ସାହିତ୍ୟ ଅମର। ସମସ୍ତେ ସାହିତ୍ୟିକ ହୋଇପାରନ୍ତିନି, କିନ୍ତୁ ସମସ୍ତଙ୍କ ମଧ୍ୟରେ ସାହିତ୍ୟ ଥାଏ। କ୍ୱଚିତ୍ ଲୋକ ସେହି ବିଚାର ଓ ଆବେଗକୁ ଲୋକଭାଷା ବା ମାତୃଭାଷାରେ ପରିପ୍ରକାଶ କରିବାର କ୍ଷମତା ରଖିଥାନ୍ତି। ଏହିଭଳି ଜଣେ ବ୍ୟକ୍ତିବିଶେଷ ହେଉଛନ୍ତି ହଳଧର ନାଗ। ତାଙ୍କ ସାହିତ୍ୟ ରଚନାରେ ଥିବା ଦର୍ଶନ, ତତ୍ତ୍ୱର ପଟାନ୍ତର ନାହିଁ। ତାଙ୍କର ଲେଖନୀ ଚାଳନା ଆହୁରି ପ୍ରଶଂସିତ ହେବା ଦିଗରେ ସବୁ ସ୍ତରରେ ଉଦ୍ୟମ ହେବା ଦରକାର ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ମାତୃଭାଷାରେ ମୌଳିକ ଚିନ୍ତନର ସଠିକ୍ ପରିପ୍ରକାଶ ହୋଇଥାଏ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ କାର୍ଯ୍ୟକାରୀ ହୋଇଥିବା ଜାତୀୟ ଶିକ୍ଷା ନୀତିରେ ମାତୃଭାଷାରେ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ଼ିଆ ଓ ସମ୍ବଲପୁରୀ, ଉଭୟ ରାଷ୍ଟ୍ରୀୟ ଭାଷା ହୋଇଥିବା ବେଳେ ଛାତ୍ରଛାତ୍ରୀଙ୍କର ସୃଜନଶୀଳତା ବିକଶିତ ହେବା ସକାଶେ ମାତୃଭାଷାରେ ଶିକ୍ଷା ଜରୁରୀ। ଦେଶକୁ ଶିଖରରେ ପହଞ୍ଚାଇବା ପାଇଁ ଭାରତୀୟ ଭାଷାକୁ ଅଗ୍ରାଧିକାର ଦେବାକୁ ହେବ ବୋଲି ଶ୍ରୀ ପ୍ରଧାନ ମତ ଦେଇଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ହଳଧର ନାଗଙ୍କ ଉପରେ ଲିଖିତ କିଛି ପୁସ୍ତକ, ଗ୍ରନ୍ଥାବଳୀ ଓ ସଂକଳନକୁ ଉନ୍ମୋଚନ କରିଛନ୍ତି। ରାଜ୍ୟ ଉଚ୍ଚ ଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ ସମେତ ବରଗଡ଼ ସାଂସଦ, ବିଧାୟକଗଣ ଓ ଜନପ୍ରତିନିଧିମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଆସୁଛି ଡବଲ୍ ଲଘୁଚାପ, ୪ ପର୍ଯ୍ୟନ୍ତ ବର୍ଷା



**ଭୁବନେଶ୍ୱର,୨୮।୬(ସଂଚାର ବ୍ୟୁରୋ):** ରାଜ୍ୟରେ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। କାରଣ ବଙ୍ଗୋପ ସାଗରରେ ଏକକାଳୀନ ୨ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ତେଣୁ ଆଜି ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି। ବର୍ଷାର ପରିମାଣ ନେଇ ବିଭିନ୍ନ ଜିଲ୍ଲାକୁ ଅରେଞ୍ଜ, ଓ ୟେଲୋ ୱାର୍ଣ୍ଣିଂ ବି ଜାରି କରାଯାଇଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଗତ କିଛିଦିନ ହେବ ବର୍ଷା ଲାଗି ରହିଥିବା ବେଳେ ଆଜି ମଧ୍ୟ କେତେକ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିବା କୁହାଯାଇଛି। ସେହିପରି କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ମଧ୍ୟରେ ରହିଛି ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର ଓ ମୟୂରଭଞ୍ଜ, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି। ଏହିସବୁ ଜିଲ୍ଲାରେ ବର୍ଷା ସହ ଘଡ଼ଘଡ଼ି ଓ ସାମାନ୍ୟ ଅଧିକ ବେଗରେ ପବନ ବହିବାର ସମ୍ଭାବନା ବ୍ୟକ୍ତ କରାଯାଇଛି। ଅନ୍ୟପକ୍ଷରେ ଆସନ୍ତାକାଲି ଉତ୍ତର-ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଏବଂ ପଶ୍ଚିମବଙ୍ଗ ଉପକୂଳସ୍ଥ ବାୟୁମଣ୍ଡଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ଘନୀଭୂତ ହୋଇ ଆସନ୍ତା ସୋମବାର ବେଳକୁ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇପାରେ ବୋଲି କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ଗତକାଲି ଭଦ୍ରକରେ ୧୭.୨ ମିମି, ଭବାନୀପାଟଣାରେ ୧୩,୨ ମିମି, ଦାରିଙ୍ଗବାଡ଼ିରେ ୧୨.୦ ମିମି, ଚାନ୍ଦବାଲିରେ ୮.୯ ମିମି ଏବଂ ଯାଜପୁରରେ ୮.୦ ମିମି ବର୍ଷା ହୋଇଥିବା କେନ୍ଦ୍ର ପକ୍ଷରୁ ରେକର୍ଡ କରାଯାଇଛି।

# ଓଲଟିଲା ଅଟୋ, ଜଣେ ଶ୍ରମିକ ମୃତ

**୧୦ ଆହତ, ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ**

**ଧରାକୋଟ,୨୮।୬ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାର ଧରାକୋଟ ଥାନା ଅନ୍ତର୍ଗତ ଢଉଗାଁ ନିକଟରେ ଆଜି ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ଅଟୋ ଓଲଟି ପଡ଼ିବା ଫଳରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ୧୦ ଜଣ ଆହତ ହୋଇଛନ୍ତି। ଅଧିକନ୍ତୁ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ବେଳେ ସେମାନଙ୍କୁ ବ୍ରହ୍ମପୁର ଏମ୍‌କେସିଜି ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି। ମୃତକ ଜଣଙ୍କ ଲକ୍ଷ୍ମୀପୁର ଗ୍ରାମର ମାଲୁଣି ଦାସ (୫୨) ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଆଜି ସକାଳେ ଉକ୍ତ ଅଟୋଟି ଲକ୍ଷ୍ମୀପୁରରୁ ୧୨ ଜଣ ଶ୍ରମିକଙ୍କୁ ଧରି ବାହାଡ଼ାଗୁଡ଼ା କେନାଲ ନିକଟକୁ ଯାଉଥିଲା। କିନ୍ତୁ ହଠାତ ଦାନ ଗାଁ ନିକଟରେ ଜଣେ ଶ୍ରମିକ ଖସିପଡ଼ିବାରୁ ତାଙ୍କୁ ଧରିବା ପାଇଁ ଅଟୋ ଚାଳକ ଉଦ୍ୟମ କରିଥିଲେ। ଫଳରେ ସେ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥିଲେ ଓ ଗାଡ଼ିଟି ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ମାଲୁଣିଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ କରିଛି। ତେବେ ଗୋଟିଏ ଅଟୋରେ ସର୍ବାଧିକ ୪ ଜଣ ବସିବାର ନିୟମ ଥିଲେ ହେଁ ଅଟୋ ଚାଳକ ଜଣଙ୍କ କିପରି ଏକକାଳୀନ ୧୨ ଜଣ ଶ୍ରମିକଙ୍କୁ ନେଇ ଯାଉଥିଲେ, ତାହା ସମସ୍ତଙ୍କୁ ଚକିତ କରିଛି। ବିଶେଷକରି ସ୍ଥାନୀୟ ଅଞ୍ଚଳରେ ପରିବହନ ବିଭାଗ ପକ୍ଷରୁ କୌଣସି ପ୍ରକାର ତଦାରଖ ହେଉନଥିବାରୁ ବିଭିନ୍ନ ସମୟରେ ଅଟୋଗୁଡ଼ିକ କ୍ଷମତାଠାରୁ ଅଧିକ ଯାତ୍ରୀ ପରିବହନ କରିବାକୁ କୁଣ୍ଠାବୋଧ କରୁନାହାନ୍ତି। ଫଳରେ ଏହାର ପରିଣାମ ସାଧାରଣ ଯାତ୍ରୀମାନଙ୍କୁ ଭୋଗ କରିବାକୁ ପଡୁଛି। ତେଣୁ ଏ ଦିଗରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବା ସକାଶେ ଦାବି ହେଉଛି।

# ଓକିଲ ସଂଘର ପ୍ରଥପାନ୍ତ ସେବା



**ଭୁବନେଶ୍ୱର,୨୮।୬(ସଂଚାର ବ୍ୟୁରୋ):** ରଥଯାତ୍ରା ଉପଲକ୍ଷେ ଟଙ୍କପାଣି ସାଇ ମନ୍ଦିରଠାରେ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ପ୍ରଥପାନ୍ତ ସେବା ସମ୍ପନ୍ନ ହୋଇଛି। ଶ୍ରୀକ୍ଷେତ୍ରକୁ ଯାଉଥିବା ଶ୍ରଦ୍ଧାଳୁଙ୍କୁ ସଂଘ ପକ୍ଷରୁ ପାଣି ବୋତଲ ସହ ଦହିପଣା, ଚା' ଓ ବିସ୍କୁଟ ଆଦି ସକାଳ ୮ଟାରୁ ରାତି ୯ଟା ପର୍ଯ୍ୟନ୍ତ ବଣ୍ଟନ କରାଯାଇଥିଲା। ଅତିଥି ଭାବେ ଯୋଗଦେଇ ଏହି ସେବାର ଶୁଭାରମ୍ଭ କରିଥିଲେ ବିଧାୟକ ଅନନ୍ତ ନାରାୟଣ ଜେନା, ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ, ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଆତ୍ମପ୍ରକାଶ ମହାନ୍ତି, ଶିବାନନ୍ଦ ରାୟ, ସମାଜସେବୀ ପ୍ରତାପ ଜେନା। ଓକିଲ ସଙ୍ଘର ସଭାପତି ଅଶୋକ କୁମାର ପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ସଂଘ ସମ୍ପାଦକ ସତ୍ୟ ରଞ୍ଜନ ସେନାପତି, ଉପସଭାପତି କବିନ୍ଦ୍ର ବାରିକ, ଯୁଗ୍ମ ସମ୍ପାଦକ ରଶ୍ମୀ ରଞ୍ଜନ ମହାନ୍ତି, ସହସମ୍ପାଦକ ରଶ୍ମିରଞ୍ଜନ ମୁଖୀ, କୋଷାଧ୍ୟକ୍ଷ ଦୀପ୍ତିପ୍ରସାଦ ନନ୍ଦ, କାର୍ଯକାରୀ କମିଟି ସଭ୍ୟ ଅକ୍ଷୟ କୁମାର ଦାସ, ଆଶୁତୋଷ ସାସମଲ, ଜିତେନ୍ଦ୍ର ଭଟ୍ଟାଚାର୍ଯ୍ୟ, ଓଁ ତତ୍ତ୍ୱବିତ୍, ପ୍ରଦୀପ କୁମାର ପାଲ, ସୁବ୍ରତ ସେନାପତି, ହରପ୍ରିୟା ପ୍ରଧାନ, ରଞ୍ଜିତା ଦାସଙ୍କ ସମେତ ଶତାଧିକ ଆଇନଜୀବୀ ସାମିଲ ହୋଇଥିଲେ।

# ସୁପରଫାଷ୍ଟ ଏକ୍ସପ୍ରେସ ବଗିରେ ଲାଗିଲା ନିଆଁ

**କେସିଙ୍ଗା,୨୮।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ରେଳ ଷ୍ଟେଶନରେ ଏକ ବଡ଼ ଧରଣର ଅଘଟଣ ଘଟିଛି । ଅହମଦାବାଦଠାରୁ ପୁରୀ ଅଭିମୁଖେ ଯାଉଥିବା ଦ୍ରୁତଗାମୀ ଟ୍ରେନ୍‌ଟି ଟିଟିଲାଗଡ଼ରୁ କେସିଙ୍ଗା ଦେଇ ଟ୍ରେନ୍ ନଂ - ୧୨୮୪୪ ଅହମ୍ମଦାବାଦରୁ ପୁରୀକୁ ଯାଉଥିବା ସୁପର ଫାଷ୍ଟ ଏକ୍ସପ୍ରେସ ନିର୍ଦ୍ଧାରିତ ସମୟରେ କେସିଙ୍ଗା ରେଳ ଷ୍ଟେଶନର ଏକ ନମ୍ବର ପ୍ଲାଟଫର୍ମରେ ପହଞ୍ଚିଥିଲା। କିନ୍ତୁ ଟ୍ରେନ୍ ପହଞ୍ଚିବା ପରେ ହଠାତ୍ ଟ୍ରେନର ମଧ୍ୟ ଭାଗରେ ଥିବା ଏସ୍-୧ କୋଚ୍‌ରେ ହଠାତ୍ ନିଆଁ ଲାଗିଯାଇ ଧୂଆଁ ବାହାରିଥିଲା। ନିଆଁ ଲାଗିବା ଜାଣିପାରି ଟ୍ରେନ୍‌ର ବଗିରେ ବସିଥିବା ଯାତ୍ରୀମାନେ ଭୟରେ ହୋ-ହଲ୍ଲା କରି ବଗିରୁ ଓହ୍ଲାଇ ପଡ଼ିଥିଲେ। ଷ୍ଟେଶନ ପରିସରରେ ଯାତ୍ରୀମାନେ ଭୟରେ ଟ୍ରେନ୍‌ରୁ ପଳାୟନ କରିଥିଲେ। ବଗିରେ ନିଆଁ ଲାଗି ଧୂଆଁ ବାହାରୁଥିବାର ଜାଣି ଷ୍ଟେଶନ ମ୍ୟାନେଜର ପ୍ରଶାନ୍ତ ଭୋଇ ଆର୍‌ପିଏଫ୍‌ଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଟ୍ରେନ୍‌ରେ ଥିବା ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। କେସିଙ୍ଗା ରେଳ ଷ୍ଟେଶନରେ ଟ୍ରେନ୍‌ଟି ୪୦ ମିନିଟ୍ ବିଳମ୍ବ ହୋଇଥିଲା। ପରେ ଟ୍ରେନ୍‌କୁ ପରୀକ୍ଷା ନିରୀକ୍ଷା କଲା ପରେ ଟ୍ରେନଟି ସ୍ୱାଭାବିକ ହେଲା ପରେ ପୁରୀ ଅଭମୁଖେ ଯାତ୍ରା ଆରମ୍ଭ କରିଥିଲା।

# ଠିକାଦାର ଫିଙ୍ଗିଦେଲେ ଆଦିବାସୀ ଛାତ୍ରଛାତ୍ରୀଙ୍କ ସାମଗ୍ରୀ

**ଅଭିଭାବକ ମହଲରେ ଅସନ୍ତୋଷ**

**ବିଦ୍ୟାଳୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି**




**ଦାରିଙ୍ଗବାଡି,୨୮।୬(ସଂଚାର ବ୍ୟୁରୋ):** ଜଣେ ଗରିବ ଲୋକ ପକ୍ଷରେ ନିଜ ପିଲାର ପାଠ ପଢିବା ପାଇଁ ଆବଶ୍ୟକ ପାଠ୍ୟପୁସ୍ତକ, ପୋଷାକ କିଣିବା ସମ୍ଭବପର ହେଉନଥିବାରୁ ଏହି ପରିପ୍ରେକ୍ଷୀରେ ସେ ସରକାରଙ୍କ ଉପରେ ନିର୍ଭର କରିବାକୁ ବାଧ୍ୟ ହୋଇଥାଏ। କିନ୍ତୁ ଅନେକ ସମୟରେ ଅଭିଭାବକଠାରୁ ଦୂରରେ ରହୁଥିବା ଛାତ୍ରଛାତ୍ରୀ କେତେବେଳେ ସହପାଠୀ ତ ଆଉ କେତେବେଳେ ଗୁରୁଙ୍କ ଦ୍ୱାରା ନିର୍ଯାତନାର ଶିକାର ହେଉଥିବା ଖବର ବିଭିନ୍ନ ସମୟରେ ଗଣମାଧ୍ୟମର ଶିରୋନାମା ପାଲଟିଆସିଛି। ଏବେ କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ନିକଟରେ ଖରାଛୁଟିରେ ଛାତ୍ରାବାସ ମରାମତି ଦାୟିତ୍ୱ ଜନୈକ ଠିକାଦାରଙ୍କୁ ଦିଆଯାଇଥଇଲା। ମରାମତି ସମୟରେ ଛାତ୍ରାବାସର ପିଲାମାନେ ଖରାଛୁଟିରେ ଘରକୁ ଯାଇଥିଲେ। ତେବେ ସେମାନଙ୍କ ଅନୁପସ୍ଥିତିରେ ସମ୍ପୃକ୍ତ ଠିକାଦାର ଜଣଙ୍କ ମରାମତି କରିବା ପାଇଁ ଉକ୍ତ ଛାତ୍ରୀଛାତ୍ରଙ୍କ ପୋଷାକ, ପାଠ୍ୟପୁସ୍ତକ, ଖାତା, ପେନ, ପେନସିଲ, ଟ୍ରେ, ଗ୍ଲାସ ଆଦି ଫିଙ୍ଗି ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ଛାତ୍ରଛାତ୍ରୀମାନେ ହଷ୍ଟେଲ୍‌କୁ ଫେରିବା ପରେ ସେମାନଙ୍କ ଟ୍ରଙ୍କ ସମେତ ସମସ୍ତ ସାମଗ୍ରୀ ବାହାରେ ଫିଙ୍ଗି ଦିଆଯାଇଥିବାରୁ ସେମାନେ କିଛି ବି ପାଇନଥିଲେ। ତେଣୁ ଅଧିକାଂଶ ଛାତ୍ରଛତ୍ରୀ ପୁଣିଥରେ ସେମାନଙ୍କୁ ଉପରୋକ୍ତ ସାମଗ୍ରୀ କିଣିଦେବା ସକାଶେ ଅଭିଭାବକଙ୍କୁ କହିଥିବା ଜଣାପଡ଼ିଛି। ତେବେ ଏନେଇ ସୁଦର୍ଶନ ପ୍ରଧାନ ନାମକ ଜଣେ ଅଭିଭାବକଙ୍କୁ ତାଙ୍କ ପୁଅ ପୁଣିଥରେ ସାମଗ୍ରୀ କିଣିଦେବା ସକାଶେ କହିଥିବା ବେଳେ ଏନେଇ ସେ ତାଙ୍କର ଅସାମର୍ଥ୍ୟତା କେତେକ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ତେଣୁ ଏ ଦିଗରେ ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଭ୍ରମରବାଡ଼ିବାସିନ୍ଦା ଶ୍ରୀ ପ୍ରଧାନ ଦାବି କରିଛନ୍ତି।

**ଏସଆଇଟି ବୈଠକରେ ଜଷ୍ଟିସ ଅରିଜିତ ପଶାୟତଙ୍କ ମତ**

# ଦୁର୍ନୀତି ରୋକିବାକୁ ତଦନ୍ତକାରୀ ସଂସ୍ଥା ମଧ୍ୟରେ ସମନ୍ୱୟ ଜରୁରୀ



**କଟକ,୨୮।୬(ସଂଚାର ବ୍ୟୁରୋ):** ରାଜ୍ୟରେ ନିୟମିତ ଭାବେ ସରକାରୀ ଅଧିକାରୀ ମାନେ ଦୁର୍ନୀତି ଅଭିଯୋଗରେ ଗିରଫ ହେଉଥିବା ବେଳେ ପ୍ରଶାସନିକ ସେବା ଆଢୁଆଳରେ ଦୁର୍ନୀତିଖୋରଙ୍କ ସଂଖ୍ୟା ବଢ଼ି ଚାଲିଥିବା ସ୍ପଷ୍ଟ ହୋଇଛି। ଏହା ଏକ ଉଦ୍‌ବେଗଜନକ ବିଷୟ ହୋଇଥିବା ବେଳେ ଦୁର୍ନୀତି ରୋକିବା ସକାଶେ ବିଭିନ୍ନ ତଦନ୍ତକାରୀ ସଂସ୍ଥା ମଧ୍ୟରେ ସମନ୍ୱୟ ରହିବା ଜରୁରୀ ବୋଲି ମତ ଦେଇଛନ୍ତି ଏସ୍‌ଆଇଟି ଉପାଧ୍ୟକ୍ଷ ଜଷ୍ଟିସ୍ ଅରଜିତ୍ ପଶାୟତ। ଏଠାରେ ଆଜି ଏସ୍‌ଆଇଟିର ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଦୁର୍ନୀତିଖୋରମାନଙ୍କୁ ଆଇନ ଅଦାଲତରେ କିପରି ଦଣ୍ଡିତ କରାଯାଇପାରିବ, ସେନେଇ ବରିଷ୍ଠ ଅଧିକାରୀମାନଙ୍କୁ ଜଷ୍ଟିସ୍ ପଶାୟତ ପରାମର୍ଶ ଦେଇଛନ୍ତି। ସେହିପରି ରାଜ୍ୟରେ ବଢ଼ି ଚାଲିଥିବା ଅବାଧ ନିଶା କାରବାରକୁ ରୋକିବା ଦିଗରେ ଠୋସ ପଦକ୍ଷେପ ନେବା ଉପରେ ମଧ୍ୟ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। କଳାଧନ ଠାବ ଉଦ୍ଧେଶ୍ୟରେ ଗଠିତ ଏହି ଏସଆଇଟି ପକ୍ଷରୁ ଆଜି ଅନୁଷ୍ଠିତ ବୈଠକରେ ଓଡ଼ିଶା ସହ ଝାଡଖଣ୍ଡ ଓ ପଶ୍ଚିମବଙ୍ଗର ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ରିପୋର୍ଟ ପ୍ରଦାନ କରାଯାଇଥିବା ବେଳେ ଏହା ଉପରେ ଜଷ୍ଟିସ ପଶାୟତ ସନ୍ତୋଷ ପ୍ରକାଶ କରିଛନ୍ତି। କିନ୍ତୁ ସର୍ବଭାରତୀୟ ପ୍ରଶାସନିକ ଅଧିକାରୀମାନେ ଦୁର୍ନୀତି ମାମଲାରେ ଛନ୍ଦି ହେବା ଏକ ଚିନ୍ତାର ବିଷୟ। ତେଣୁ ସରକାରୀ ସେବାରେ ଯେପରି ଦୁର୍ନୀତି ନ ହେବ, ସେନେଇ ତଦନ୍ତକାରୀ ସଂସ୍ଥାଗୁଡ଼ିକ ବିଶେଷ ଧ୍ୟାନ ଦେବାକୁ ଜଷ୍ଟିସ୍ ପଶାୟତ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ବୈଠକରେ କୁହାଯାଇଛି ଯେ ଓଡ଼ିଶା ସମେତ ପୂର୍ବ ଭାରତରେ ଅବାଧ ନିଶା କାରବାର ବଢ଼ି ଚାଲଥିବାରୁ ଏହା ଜରିଆରେ ବିପୁଳ କଳାଧନ କାରବାର ହେଉଛି। ତେଣୁ ନିଶା କାରବାରକୁ ରୋକା ନ ଗଲେ ସାମାଜିକ ସ୍ଥିତି ବିଗିଡ଼ିବା ସହ କଳାଧନ ଠାବ କରିବା ମୁସ୍କିଲ ହୋଇପଡ଼ିବ।

**ରବି ଧାନ ସଂଗ୍ରହ ପ୍ରକ୍ରିୟାର ସମୀକ୍ଷା**

# ଚାଷୀ ଓ ଜିଲ୍ଲାପାଳଙ୍କ ସହ ମନ୍ତ୍ରୀଙ୍କ ଆଲୋଚନା



**ଭୁବନେଶ୍ୱର,୨୮।୬(ସଂଚାର ବ୍ୟୁରୋ):** ରାଜ୍ୟରେ ରବି ଋତୁ ଧାନ କିଣା ପ୍ରକ୍ରିୟା ଚଳିତ ମାସରେ ଶେଷ ହେଉଛି। ଏହି ପରିପ୍ରେକ୍ଷୀରେ ଆଜି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିଦର୍ଶନ କରି ଅଧିକାରୀମାନଙ୍କ ସହ ଆଲୋଚନା କରିବା ସହ ଧାନକିଣା ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଛନ୍ତି। ରାଜ୍ୟରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଅନ୍ତିମ ପର୍ଯ୍ୟାୟରେ ଥିବାରୁ ତ୍ୱରିତ ପଦକ୍ଷେପ ନେଇ ଯୋଗ୍ୟ ଚାଷୀଙ୍କଠାରୁ ଧାନ ସଂଗ୍ରହ ଶେଷ କରିବାକୁ ମନ୍ତ୍ରୀ ଶ୍ରୀ ପାତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଛୁଟିଦିନଗୁଡ଼ିକରେ ମଧ୍ୟ କାର୍ଯ୍ୟ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହ ମନ୍ତ୍ରୀ ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିଷଦରେ ନିର୍ଦ୍ଦେଶ ନିୟନ୍ତ୍ରଣ ଓ ଅଭିଜ୍ଞତା କେନ୍ଦ୍ରକୁ ଯାଇ ସେଠାରେ ବିଭିନ୍ନ ଜିଲ୍ଲାର ଚାଷୀ ଓ ଜିଲ୍ଲାପାଳମାନଙ୍କ ସହ ଆଲୋଚନା କରିଛନ୍ତି। ଧାନ ସଂଗ୍ରହର ଅଗ୍ରଗତି ସମ୍ପର୍କରେ ବରଗଡ଼ ଓ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସହ ମନ୍ତ୍ରୀ ଆଲୋଚନା କରିଛନ୍ତି। ଏଥିସହ ଧାନର କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟତା ମୂଲ୍ୟ ଓ ଇନପୁଟ ସହାୟତା ମିଳୁଛି କି ନାହିଁ, ସେନେଇ ମନ୍ତ୍ରୀ ବରଗଡ଼ ଓ ବାଲେଶ୍ୱର ଜିଲ୍ଲା ସମେତ ବିଭିନ୍ନ ଜିଲ୍ଲାର ଚାଷୀମାନଙ୍କୁ ପଚାରି ବୁଝିଛନ୍ତି। ଆହୁରି କୌଣସି ଅଭିଯୋଗ ଥିଲେ ସେମାନେ ଟୋଲ୍ ଫ୍ରି ନଂ.୧୯୬୭ ମାଧ୍ୟମରେ କେନ୍ଦ୍ର ସହ ଯୋଗାଯୋଗ କରିବାକୁ ମଧ୍ୟ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଧାନକିଣା ନେଇ କୌଣସି ଚାଷୀଙ୍କଠାରୁ ଅଭିଯୋଗ ଆସିଲେ, ଏହାର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନେବାକୁ ମଧ୍ୟ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ଏହି ସମୀକ୍ଷା ବୈଠକରେ ରାଜ୍ୟ ଖାଦ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଧାନକିଣା ନେଇ ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ। ଖାଦ୍ୟ ଯୋଗାଣ ନିଗମର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# ଏକାଠି ଜଳିଲା ୩ ଭାଇଙ୍କ ଜୁଇ, କୋହରେ ଭିଜିଲା ଗାଁ



**ନବରଙ୍ଗପୁର,୨୮।୬(ସଂଚାର ବ୍ୟୁରୋ):** ଗତକାଲି ଏକ ସଡ଼କ ଦୁର୍ଘଟଣାରେ ୩ ଜଣ ସମ୍ପର୍କୀୟ ଭାଇଙ୍କର ମୃତ୍ୟୁ ହୋଇଥିବା ବେଳେ ଆଜି ସେମାନଙ୍କ ଦାହସଂସ୍କାର କରାଯାଇଛି। ଗୋଟିଏ ପରିବାରର ୩ ଭାଇଙ୍କ ମୃତ୍ୟୁ ଖବରରେ ଗତକାଲି ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ଆଜି ଗାଁ ଦାଣ୍ଡ କାନ୍ଦବୋବାଳିରେ ଫାଟି ପଡ଼ିଥିଲା। ସମସ୍ତଙ୍କ ଆଖିରେ ଲୁହ ଆଉ ଛାତିରେ କୋହ ଭରିଯାଇଥିଲା। ଏକକାଳୀନ ତିନି ତିନିଟି କୋକେଇ ଉଠିବା ଗାଁରେ ଏକ ହୃଦୟ ବିଦାରକ ପରିସ୍ଥିତି ସୃଷ୍ଟି କରିଥିଲା। ଗାଁ ମଶାଣିରେ ତିନି ଭାଇଙ୍କ ଜୁଇ ଏକକାଳୀନ ଜଳିବା ଘଟଣା ସ୍ଥାନୀୟ ଲୋକଙ୍କ ପାଇଁ ବରଦାସ୍ତ କରିବା ବେଶ୍ କଷ୍ଟଦାୟକ ଥିଲା। ନବରଙ୍ଗପୁର ଜିଲ୍ଲା ଝରିଗାଁ ସିରାଗୁଡା ସାହିର ସାଗର ଜୈନ, ଅଙ୍କୁର ଜୈନ ଓ କ୍ରିସ୍ ଜୈନ କୌଣସି କାମରେ ପୁଫୁଗାଁ ଯାଉଥିବା ସମୟରେ ଡାଇନିଗୁଡା ନିକଟରେ ସେମାନଙ୍କ କାର୍‌ଟି ଭାରସାମ୍ୟ ହରାଇ ଗଛ ସହ ପିଟି ହୋଇଥିଲା। ଏଥିରେ ଘଟଣାସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣଙ୍କର ହସ୍ପିଟାଲ୍ ଯିବା ବାଟରେ ପ୍ରାଣବାୟୁ ଉଡ଼ିଯାଇଥିଲା। ସେମାନଙ୍କ ବୟସ ୧୮ରୁ ୨୨ ବର୍ଷ ମଧ୍ୟରେ ଥିବା ବେଳେ ଏହି ଅଘଟଣରେ ସେମାନଙ୍କ ପିତାମାତାଙ୍କ କୋଳ ଖାଲି ହୋଇଯାଇଛି। କାରଣ ତିନି ଜଣଯାକ ନିଜ ନିଜ ପିତାମାତାଙ୍କର ଏକମାତ୍ର ସନ୍ତାନ ଥିଲେ। ଆଜି ସେମାନଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପରେ ଗାଁ ମଶାଣିରେ ସମୂହ ଜୁଇରେ ପଞ୍ଚଭୂତରେ ଲୀନ ହୋଇଛନ୍ତି ତିନି ଭାଇ। ପରିବାର ଲୋକଙ୍କ କଥା ଦୂରେ ଥାଉ, ଗାଁ ଲୋକଙ୍କ ଆଖିରୁ ବି ଲୁହ ଶୁଖୁନାହିଁ।

# ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ: ବନ୍ଧାହେଲେ ପ୍ରେମିକ

**ଭୁବନେଶ୍ୱର,୨୮।୬(ସଂଚାର ବ୍ୟୁରୋ):** ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରିଥିବା ଜଣେ ଯୁବକଙ୍କୁ ଲିଙ୍ଗରାଜ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବଲାଙ୍ଗୀର ଜିଲା ସୁନାମୁଣ୍ଡି ଅଞ୍ଚଳର ଜିତେନ୍ଦ୍ର କୁମାର ସାହୁ। ଅଭିଯୋଗକାରିଣୀ ଯୁବତୀ ଜଣକ ମଧ୍ୟ ବଲାଙ୍ଗୀର ଜିଲାର ହୋଇଥିବାବେଳେ ଗତ ୨୦୨୨ ମସିହାରେ ଭୁବନେଶ୍ୱରରେ ରହି ପାଠ ପଢୁଥିବା ବେଳେ ଏଠାରେ ଏକ ଘରୋଇ କମ୍ପାନୀରେ ଚାକିରୀ କରୁଥିବା ଜିତେନ୍ଦ୍ରଙ୍କ ସହ ସମ୍ପର୍କ ହୋଇଥିଲା। ଉଭୟଙ୍କ ମଧ୍ୟରେ ପ୍ରଥମେ ଚିହ୍ନାପରିଚୟ ହୋଇଥିଲା ଏବଂ ପରେ ପରସ୍ପରର ଘନିଷ୍ଠ ବନ୍ଧୁ ହୋଇଯାଇଥିଲେ। ଅଭିଯୋଗକାରିଣୀ ଜଣକ ଚାକିରୀ ଅନ୍ୱେଷଣରେ ଥିବା ଜାଣିବା ପରେ ଅଭିଯୁକ୍ତ ଜିତେନ୍ଦ୍ର ତାଙ୍କୁ ଇଣ୍ଟରଭ୍ୟୁ ସମ୍ପର୍କରେ କିଛିଟା ପରାମର୍ଶ ଦେବା କଥା କହି ନିଜ ଭଡା ଘରକୁ ଡାକିଥିଲେ। ୨୦୨୪ ମାର୍ଚ୍ଚ ୨୨ରେ ପୁରୁଣାଭୁବନେଶ୍ୱରସ୍ଥିତ ଅଭିଯୁକ୍ତଙ୍କ ଭଡା ଘରକୁ ଯୁବତୀ ଜଣକ ଯାଇଥିଲେ।

# ଦନ୍ତା ଶିକାର ମାମଲାରେ ୪ ଗିରଫ, ବନ୍ଧୁକ ଓ ଦାନ୍ତ ଜବତ

**ନୀଳଗିରି,୨୮।୬(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା କୁଲଡିହା ଅଭୟାରଣ୍ୟରେ ଶିକାରୀଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢି ଚାଲିଥିଲା ବେଳେ ଅଭୟାରଣ୍ୟ ମଧ୍ୟରେ ଥିବା ଏକ ହାତୀର ଗଳିତ ଶବ ୧୭ତାରିଖ ନୀଳଗିରି ବ୍ଲକ ତେଲିପାଳ ପଞ୍ଚାୟତ ପୁଟିବନ୍ଧ ଅଞ୍ଚଳରେ ଉଦ୍ଧାର କରାଯାଇଥିଲା । ଅଭୟାରଣ୍ୟ ମଧ୍ୟରେ ଶିକାରୀଙ୍କୁ ରୋକ୍ ଦେବା ପାଇଁ ଏସିଏଫ ତଥା କୁଲଡିହା ରେଞ୍ଜର ସୁବ୍ରତ ବେହେରା ଶିକାରୀଙ୍କ ଉପରେ ତୀକ୍ଷଣ ଦୃଷ୍ଟି ରଖିଥିବାବେଳେ କିଛି ଦିନ ପୂର୍ବରୁ ହୁଡ଼ିସାହି ଗ୍ରାମର ଦଶରଥ ସିଂ(୪୨)ଙ୍କ ଘରେ ଚଢ଼ଉ କରିଥିଲେ। ତାଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ, ଦୁଇଟି ଧନୁତୀର ଏବଂ ଗୋଳାବାରୁଦ ଜବତ କରିବା ସହ ଦାଶରଥିଙ୍କୁ ପୂର୍ବରୁ ଗିରଫ କରିଥିଲେ।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ଚାଲିଗଲା ୪ ଜୀବନ

**ନୂଆପଡା,୨୮।୬(ସଂଚାର ବ୍ୟୁରୋ):** ନୂଆପଡା ଜିଲା କୋମନା ଥାନା ଅଧୀନ ପାଳସିପାଣି ଛକ ୩୫୩ ନମ୍ବର ଜାତୀୟ ରାଜପଥରେ ଶନିବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ୪ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ପାଳସି ପାଣି ଗାଁର ଲଳିତ ଶବର(୪୦), ଭଉଣୀ ସୁନାଫୁଲ ଶବର(୨୫), ଝିଅ ଡିଲେଶ୍ୱରି ଶବର(୭) ଏବଂ ଅନ୍ୟ ଜଣେ ବରଗଡ଼ ଜିଲା ପାଇକମାଲ ଥାନା ଚୁହାପାଲି ଗ୍ରାମର କ୍ଷୀର ରାହୁଲ(୩୫) ବୋଲି ଜଣାପଡିଛି। ୪ ଗୁରୁତର ହେଲେ ରୋଶନ ଶବର(୧୫), ଲେମ୍ବୁବତି ଶବର(୩୨), ନରେଶ ଶବର(୫) ଏବଂ ହିତେଶ ଶବର (୩୫) ବୋଲି ସୂଚନା ମିଳିଛି। ମିଳିଥିବା ସୂଚନା ମୁତାବକ, ଶନିବାର ପଲସିପାଣି ଗାଁର ଲଳିତ ଶବର ନିଜ ପରିବାର ୫ଜଣ ଏକ ବାଇକରେ ବସି ରଥଯାତ୍ରା ଦେଖିବା ପାଇଁ ବଞ୍ଜାରି ଗାଁକୁ ଯାଉଥିଲେ। ସେତିକିବେଳେ ପାଳସିପାଣି ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହେବାରୁ ଦୁଇଟି ବାଇକ୍‌ରେ ଥିବା ୮ଜଣ ରାସ୍ତା କଡ଼ରେ ଛିଟିକି ପଡି ଗୁରୁତର ହୋଇଥିଲେ ।

# ପରିବାର ସହ ଜଗନ୍ନାଥଙ୍କୁ ଦର୍ଶନ କଲେ ଆଦାନି



**ପୁରୀ,୨୮।୬(ସଂଚାର ବ୍ୟୁରୋ):** ଓଡ଼ିଶା ଗସ୍ତରେ ଆସିଛନ୍ତି ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନି। ଆଦାନୀ ଗ୍ରୁପ ଅଧ୍ୟକ୍ଷ ଶ୍ରୀ ଆଦାନୀ ଆଜି ପୂର୍ବାହ୍ଣରେ ପୁରୀରେ ପହଞ୍ଚି ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ସାମିଲ ହୋଇଛନ୍ତି। ଶ୍ରୀ ଆଦାନୀ ତାଙ୍କ ପରିବାର ସଦସ୍ୟଙ୍କ ସହ ରଥ ଉପରେ ଶ୍ରୀଜିଉଙ୍କ ଦର୍ଶନ ମଧ୍ୟ ଲାଭ କରିଛନ୍ତି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରୁ ଶ୍ରୀ ଆଦାନି ପୁରୀ ଅଭିମୁଖେ ବାହାରିଥିଲେ। ତାଙ୍କ ସହ ପତ୍ନୀ ପ୍ରୀତି ଓ ପୁଅ କରନ୍ ମଧ୍ୟ ଅଛନ୍ତି। ପୁରୀରେ ପହଞ୍ଚିବା ପରେ ନିଜକୁ ଭାଗ୍ୟବାନ ବୋଲି କହିଛନ୍ତି ଶ୍ରୀ ଆଦାନୀ। ଗଣମାଧ୍ୟମ ପ୍ରତିନିଧିମାନେ ତାଙ୍କ ପ୍ରତିକ୍ରିୟା ନେବାକୁ ଚାହିଁବାରୁ ସେ କହିଛନ୍ତି ଯେ ମହାପ୍ରଭୁଙ୍କ ପାଖକୁ ଆସିବାର ସୌଭାଗ୍ୟ ଆଜି ମୋତେ ମିଳିଛି। ଏହି ସୁଯୋଗ ମୋ ଜୀବନରେ ଏକ ଅନନ୍ୟ ଅନୁଭୂତି ଭାବେ ସବୁଦିନ ପାଇଁ ମନେ ରହିବ। ମୋ ପାଖରେ ଆଗରୁ କିଛି ନ ଥିଲା। କିନ୍ତୁ ଏବେ ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ମୋତେ ସବୁକିଛି ମିଳିଛି। ଲୋକଙ୍କ ଶୁଭେଚ୍ଛା ଓ ଭଗବାନଙ୍କ ଆଶୀର୍ବାଦରୁ ଆଜି ମୋ ପାଖରେ ସବୁକିଛି ଅଛି। ମହାପ୍ରଭୁଙ୍କ ନିକଟରେ ଦେଶବାସୀଙ୍କ ପ୍ରଗତି ପାଇଁ ପ୍ରାର୍ଥନା କରିଛି ବୋଲି ଶ୍ରୀ ଆଦାନି କହିବା ସହ ରଥଯାତ୍ରାରେ ପ୍ରଶାସନଠାରୁ ଆରମ୍ଭ କରି ସ୍ୱେଚ୍ଛାସେବୀ ସଙ୍ଗଠନ, ସଫେଇ କର୍ମଚାରୀଙ୍କ ଅବଦାନ ପାଇଁ ସେମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି ଶ୍ରୀ ଆଦାନି 'ଏକ୍ସ'ରେ ଏକ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ମୋତେ ପୁରୀଧାମକୁ ଯାଇ ରଥଯାତ୍ରା ସମୟରେ ସେବା କରିବାକୁ ସୌଭାଗ୍ୟ ପ୍ରାପ୍ତ ହୋଇଛି। ଆରମ୍ଭ ହୋଇଥିବା ଏହି ଦିବ୍ୟ ଯାତ୍ରାରେ ସ୍ୱୟଂ ଭଗବାନ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଲଞ୍ଚ ହେଲା ହ୍ୟାଣ୍ଡମେଡ୍ ଇଞ୍ଜିନ୍ ସହ ମର୍ସିଡିଜ୍ କାର୍




**ନୂଆଦିଲ୍ଲୀ, ୨୮।୬:** ମର୍ସିଜିଡ୍ ବେଞ୍ଜ୍ ଭାରତରେ ଦୁଇଟି ସୁପର ଲଗଜରୀ ପରଫର୍ମାନ୍ସ କାର ଏଏମଜି ଜିଟି ୬୩ ଏବଂ ଜିଟି ୬୩ ପ୍ରୋ ଲଞ୍ଚ କରିଛି। ଏହି ଜର୍ମାନ କମ୍ପାନୀ ୨୦୨୦ ପରେ ପ୍ରଥମ ଥର ପାଇଁ ଏହି ସିରିଜର କାରଗୁଡ଼ିକୁ ଭାରତୀୟ ବଜାରକୁ ଆଣିଛି। ଏହି ଦୁଇଟି କାରରେ ଅନେକ ଦମଦାର୍ ଫିଚର୍ସ ଦିଆଯାଇଛି। ଏଥି ସହ ଏଥିରେ ଏକ ପାୱାରଫୁଲ୍ ଇଞ୍ଜିନ୍ ଏବଂ ଏକ ନୂଆ ଚାରି-ସିଟ୍ କ୍ୟାବିନ୍ ସାମିଲ୍। ଯାହା ସେମାନଙ୍କୁ ଲଗଜରୀ ଏବଂ ସ୍ପୋର୍ଟି କାରର ଅଭିଜ୍ଞତା ପ୍ରଦାନ କରିଥାଏ। ତେବେ ଆସନ୍ତୁ ଜାଣିବା ଏହି ଦୁଇଟି କାରରେ କ'ଣ ରହିଛି ଖାସ୍? ଏହି କାରଗୁଡ଼ିକର ପ୍ରାରମ୍ଭିକ ମୂଲ୍ୟ ୩.୩୦ କୋଟି ଟଙ୍କା ଥିବା ବେଳେ ଜିଟି ୬୩ ପ୍ରୋର ମୂଲ୍ୟ ୩.୬୫ କୋଟି ଟଙ୍କା ରଖାଯାଇଛି। ଖାସ୍ କଥା ହେଉଛି ଯେ, ଏହି ଦୁଇଟି କାର ଏଏମଜି ଜିଟି ୬୩ ଏବଂ ଜିଟି ୬୩ ପ୍ରୋର ଇଞ୍ଜିନ ହାତରେ ତିଆରି କରାଯାଇଛି, ଯାହା ସେମାନଙ୍କର ସ୍ୱତନ୍ତ୍ରତାକୁ ଆହୁରି ବୃଦ୍ଧି କରିଥାଏ। ଜିଟି ୬୩ ଏବଂ ଜିଟି ୬୩ ପ୍ରୋର ଏକ୍ସେଟେରିୟର ବହୁତ ସ୍ପୋର୍ଟି ଏବଂ ଆଗ୍ରେସିଭ୍। ଏଥିରେ ଟିୟରଡ୍ରପ୍ ଏଲଇଡି ହେଡଲାଇଟ୍, ସ୍ଲିକ୍ ଡିଆରଏଲ, କମ୍-ସ୍ଲଙ୍ଗ ରୁଫ୍ଲାଇନ୍ ଏବଂ କ୍ୱାଡ୍ ଏକ୍ସହଷ୍ଟ ସିଷ୍ଟମ୍ ଅଛି। ସାଇଡରୁ, କାରଟି ଏକ କୁପ୍ ପରି ଦେଖାଯାଉଛି, ଏବଂ ବ୍ୟାକ୍ ସାଇଡରୁ କନେକ୍ଟେଡ୍ ଟେଲଲାଇଟ୍ ଏହାକୁ ଅଧିକ ଦମଦାର୍ ଲୁକ୍ ଦେଉଛି। ଜିଟି ୬୩ ପ୍ରୋ ଭର୍ସନଟି ବିଶେଷକରି ୨୧-ଇଞ୍ଚ ଆଲୟ ହୁଇଲ୍, ବ୍ରେକ୍, ଟାୟାର ଏବଂ ଏରୋଡାଇନାମିକ୍ସ ଭଳି ଅପଗ୍ରେଡ୍ ପାଇଛି। ମର୍ସିଡିଜ୍-ଏଏମ୍‌ଜି ଜିଟି ୬୩ ଏବଂ ଜିଟି ୬୩ ପ୍ରୋ ର ଇଣ୍ଟିରିୟର ଅତ୍ୟନ୍ତ ପ୍ରିମିୟମ୍ ଏବଂ ସ୍ପୋର୍ଟି, ଏଥିରେ ସମ୍ପୂର୍ଣ୍ଣ ବ୍ଲାକ୍ ଥିମ୍, ସିଲଭର୍ ଆକ୍ସେଣ୍ଟ ଏବଂ ସିଗ୍ନେଚର ରାଉଣ୍ଡ ଏସି ଭେଣ୍ଟ ରହିଛି। ଏଥିରେ ଏକ ରୋଟାରୀ ଡ୍ରାଇଭ୍ ମୋଡ୍ ଡାଏଲ୍ ସହିତ ଏକ ୩-ସ୍ପୋକ୍ ଏଏମଜି ଷ୍ଟିଅରିଂ ହୁଇଲ୍ ମଧ ଅଛି। ୨+୨ ସିଟିଂ ଲେଆଉଟ୍ ସହିତ, କାରଟି ପିଲାମାନଙ୍କ ପାଇଁ ପଛ ସିଟ୍ରେ ସୀମିତ ସ୍ଥାନ ପ୍ରଦାନ କରେ। ଇଞ୍ଜିନ ଏବଂ ପରଫରମାନ୍ସର ଦୃଷ୍ଟିରୁ, ଉଭୟ କାର ୪.୦ଏଲ୍ ଟ୍ୱିନ୍-ଟର୍ବୋ ଭି୮ ଇଞ୍ଜିନ ସହିତ ଆସିଥାଏ। ଜିଟି ୬୩ ଭାରିଆଣ୍ଟରେ, ଏହି ଇଞ୍ଜିନ ୫୮୫ ପିଏସ ପାୱାର ଏବଂ ୮୦୦ ଏନଏମ ଟର୍କ ଜେନେରେଟ୍ କରୁଥିବାବେଳେ ଜିଟି ୬୩ ପ୍ରୋରେ ୬୧୨ ପିଏସ ପାୱାର ଏବଂ ୮୫୦ଏନଏମ ଟର୍କ ଅଛି। ଉଭୟ କାର ୯-ସ୍ପିଡ୍ ଏମସିଟି ଟ୍ରାନ୍ସମିସନ୍ ଏବଂ ଅଲ୍-ହ୍ୱିଲ୍ ଡ୍ରାଇଭ୍ ସିଷ୍ଟମ୍ ସହିତ ଆସିଥାଏ, ଯାହା ମାତ୍ର ୩.୨ ସେକେଣ୍ଡରେ ୦ ରୁ ୧୦୦ କିଲୋମିଟର ପ୍ରତି ଘଣ୍ଟା ବେଗକୁ ବୃଦ୍ଧି କରିଥାଏ। ଆପଣଙ୍କୁ ଜଣାଇ ଦେଉଛୁ ଯେ ଏହି ଇଞ୍ଜିନଗୁଡ଼ିକୁ 'ୱାନ୍ ମ୍ୟାନ, ୱାନ୍ ଇଞ୍ଜିନ୍' ପରମ୍ପରା ଅନୁସାରେ ହାତରେ ତିଆରି କରାଯାଇଛି। ଫିଚର୍ସ ଏବଂ ସେଫ୍ଟି ବିଷୟରେ କହିବାକୁ ଗଲେ, ଏହି ଦୁଇଟି କାରରେ ୧୨.୩ ଇଞ୍ଚ ଡିଜିଟାଲ୍ ଡ୍ରାଇଭର୍ ଡିସପ୍ଲେ, ୧୧.୯ ଇଞ୍ଚ ଟଚସ୍କ୍ରିନ୍ ଇନଫୋଟେନମେଣ୍ଟ ସିଷ୍ଟମ୍, ପ୍ରିମିୟମ୍ ବର୍ମେଷ୍ଟର ସାଉଣ୍ଡ ସିଷ୍ଟମ୍, ମଲ୍ଟି-ଜୋନ୍ ଅଟୋମେଟିକ୍ ଏସି ଏବଂ ପାୱାରଡ୍ ଫ୍ରଣ୍ଟ୍ ସିଟ୍ ଅଛି। ସେଫ୍ଟି ଦୃଷ୍ଟିରୁ, ଏଥିରେ ୮ଟି ଏୟାରବ୍ୟାଗ୍, ଟ୍ରାକ୍ସନ୍ କଣ୍ଟ୍ରୋଲ୍, ବ୍ୟାକ୍ ପାର୍କିଂ କ୍ୟାମେରା ଏବଂ ସମସ୍ତ ଯାତ୍ରୀଙ୍କ ପାଇଁ ୩-ପଏଣ୍ଟ ସିଟ୍ ବେଲ୍ଟ ଅଛି। ଭାରତରେ ଏବେ ମର୍ସିଡିଜ୍-ଏଲମଜି ଜିଟି ୬୩ ଏବଂ ଜିଟି ୬୩ ପ୍ରୋ ପାଇଁ ବୁକିଂ ଆରମ୍ଭ ହୋଇଛି ଏବଂ ଏହି ଦୁଇଟି ମଡେଲ୍ ଚୟନିତ ମର୍ସିଡେଜ୍ ବେଞ୍ଜ୍ ଡିଲରସିପରେ ମଧ ଉପଲବ୍ଧ।

## ବ୍ୟାଙ୍କ ଅଫ୍ ବରୋଦାର ସେବା କାର୍ଯ୍ୟ

**ଭୁବନେଶ୍ୱର, ୨୮।୬(ସଂଚାର ବ୍ୟୁରୋ):** ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ପୁରୀ ରଥଯାତ୍ରାରେ ଭକ୍ତମାନଙ୍କୁ ସେବା ଯୋଗାଇ ଦିଆଯାଇଛି। ବ୍ୟାଙ୍କର ଗୋଟିଏ ଶାଖା ବଡ଼ଦାଣ୍ଡରେ ରହିଛି। ତେଣୁ ଏହି ଗୁରୁତ୍ୱପୂର୍ଣ୍ଣ ପର୍ବରେ ଯାତ୍ରୀମାନେ ଯେଭଳି ଉତ୍ତମ ଅନୁଭୂତି ପାଇବେ ସେଥିଲାଗି ପଦକ୍ଷେପ ନିଆଯାଇଛି।




ଯାତ୍ରୀମାନଙ୍କୁ ପାଣି, ଟୋପି, ଛତା ଏବଂ ଜଳଖିଆ ଆଦି ପ୍ରଦାନ କରାଯାଇଛି। ଖରା ଓ ବର୍ଷାରେ ଯେଭଳି ଯାତ୍ରୀମାନଙ୍କର ସେତେଟା ଅସୁବିଧା ହେବନାହିଁ ତାହାକୁ ଧ୍ୟାନ ଦିଆଯାଇ ଏହି କାର୍ଯ୍ୟକ୍ରମ ହୋଇଛି। ଏହି ଅବସରରେ ବ୍ୟାଙ୍କର ଜେନେରାଲ ମ୍ୟାନେଜର ତଥା ଭୁବନେଶ୍ୱର ଜୋନ୍ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ କହିଛନ୍ତି ଯେ, ରଥଯାତ୍ରା କେବଳ ଏକ ସାଂସ୍କୃତିକ ଯାତ୍ରା ନୁହେଁ ବରଂ ବିଶ୍ୱାସ ଏବଂ ସମୁଦାୟର ଏକ ମିଳିତ ପର୍ବ। ଏକ ଦାୟିତ୍ୱସଂପନ୍ନ ପ୍ରତିଷ୍ଠାନ ଭାବେ ବ୍ୟାଙ୍କ ଅଫ୍ ବରୋଦା ଛୋଟ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଗର୍ବ ଅନୁଭବ କରିଛି। ବ୍ୟାଙ୍କ ଅଫ ବରୋଦାର କର୍ମଚାରୀମାନେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରିଥିଲେ। ସ୍ଥାନୀୟ ପ୍ରଶାସନର ଅଧିକାରୀମାନଙ୍କ ସମନ୍ୱୟ ରକ୍ଷା କରି ସେମାନେ ଦାୟିତ୍ୱ ସଂପାଦନ କରିଥିଲେ।

## 'ଚାନ୍ଦି ଭଣ୍ଡାର'ର ମୋ କାଳିଆ କଲେକ୍ସନ୍

**ଭୁବନେଶ୍ୱର, ୨୮।୬(ସଂଚାର ବ୍ୟୁରୋ):** ଚାନ୍ଦି ଭଣ୍ଡାର ପକ୍ଷରୁ ରଥଯାତ୍ରା ଅବସରରେ ଏହାର ସହିଦନଗର ଷ୍ଟୋର୍‌କୁ ପୁନଃ ଉଦ୍‌ଘାଟନ କରାଯାଇଥିବା ବେଳେ ମୋ କାଳିଆ କଲେକ୍ସନର ଶୁଭାରମ୍ଭ କରାଯାଇଛି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କଠାରୁ ଅନୁପ୍ରାଣିତ ହୋଇ ପ୍ରସ୍ତୁତ କରାଯାଇଥିବା ଏହି କଲେକ୍ସନରେ ଓଡ଼ିଶାର ଆଧ୍ୟାତ୍ମିକ, କଳାତ୍ମକ ଐତିହ୍ୟ




ପ୍ରତିଫଳିତ ହୋଇଛି। ପୁରୁଷମାନଙ୍କ ଲାଗି ପ୍ରସ୍ତୁତ କରାଯାଇଥିବା ଏହି କଲେକ୍ସନରେ କଫ୍‌ଲିଙ୍କ, ପେଣ୍ଡାଣ୍ଟ, ବ୍ରେସ୍‌ଲେଟ୍ ଓ ବ୍ରୁଚେସ୍ ରହିଛି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମୁଖ, ରଥ ଚକ, ମନ୍ଦିର କାରୁକାର୍ଯ୍ୟ, ନୀଳଚକ୍ର ଓ ଶଙ୍ଖ ଆଦିକୁ ଗହଣାଗୁଡ଼ିକରେ ସ୍ଥାନିତ କରାଯାଇଛି। ଗ୍ରାହକମାନେ ମୋ କାଳିଆ କଲେକ୍ସନରେ ଫ୍ଲାଟ୍ ୧୦ ପ୍ରତିଶତ ରିହାତି ପାଇପାରିବେ। ଚାନ୍ଦି ଭଣ୍ଡାରର ନବୀକୃତ ଷ୍ଟୋର୍‌କୁ ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ର ଉଦ୍‌ଘାଟନ କରିଛନ୍ତି। ୧୨ ବର୍ଷ ପୂର୍ବେ ମଧ ସେ ଏହି ଷ୍ଟୋର୍‌କୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଚାନ୍ଦି ଭଣ୍ଡାର୍‌ର ବ୍ରାଣ୍ଡ ଆମ୍ବାସାଡର ଅଭିନେତ୍ରୀ ଶିବାନୀ ସଙ୍ଗୀତା, ଶୈଳେନ୍ଦ୍ର ସାମନ୍ତରାୟ, ଚାନ୍ଦି ଭଣ୍ଡାର ଯୋଗେନ୍ଦ୍ର ହଂସ, ଲିପ୍‌ସା ହଂସ, ମାଣିକ ହଂସ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସାରା ରାଜ୍ୟରେ ଚାନ୍ଦି ଭଣ୍ଡାରର ୨୩ଟି ଷ୍ଟୋର୍ ରହିଛି।

# ରାଜନୈତିକ ଆଲୋଚନା ପରିପେକ୍ଷୀରେ ଜରୁରୀ ରପ୍ତାନି ଉପରେ ଚୀନ୍‌ର

**ନୂଆଦିଲ୍ଲୀ, ୨୮।୬:** ଭାରତ ଏବଂ ଚୀନ୍ ମଧରେ ରାଜନୈତିକ ଆଲୋଚନା ଚାଲିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଚୀନ୍ ଗସ୍ତରେ ଅଛନ୍ତି। ଏନ୍‌ଏସ୍‌ଏ ଅଜିତ ଡୋଭାଲ ଏସ୍‌ସିଓ ଶିଖର ସମ୍ମିଳନୀ ପାଇଁ ନିକଟରେ ସେଠାକୁ ଯାଇଥିଲେ। ଏହା ମଧରେ ଭାରତ ବିରୋଧରେ କିଛି ଆକ୍ରାମକ ପଦକ୍ଷେପ ନେଉଛି ଡ୍ରାଗନ୍। ଏହା ଭାରତକୁ ଆସିବାକୁ ଥିବା କେତେକ ଜରୁରୀ ରପ୍ତାନି ଉପରେ ଲଗାଇଛି ରୋକ୍। ରପ୍ତାନି କଟକଣା ଲାଗିଥିବା ସାମଗ୍ରୀ ମଧରେ ରହିଛି ରେୟାର୍ ଆର୍ଥ ମ୍ୟାଗ୍ନେଟ୍ ଏବଂ ବିଶେଷ ଉର୍ବରକ। ଏପରିକି ମୁମ୍ବାଇ- ଅହମ୍ମଦାବାଦ ହାଇସ୍ପିଡ୍ ରେଳ କରିଡର ପାଇଁ ଟନେଲ ବୋରିଂ ମେଶିନ୍(ଟିବିଏମ୍) ଯୋଗାଣକୁ ବି ଅଟକାଇଛି ଚୀନ୍। ଏହି ପଦକ୍ଷେପଗୁଡ଼ିକ ଯୋଗୁ ଏବେ ଚୀନ୍‌ର ରଣନୀତି ଉପରେ ପ୍ରଶ୍ନ ଉଠୁଛି। ଉଭୟ ଦେଶ ଯେଉଁ ସମୟରେ ପାରସ୍ପରିକ ସମ୍ପର୍କକୁ ସ୍ୱାଭାବିକ କରିବାକୁ ଉଦ୍ୟମ କରୁଛନ୍ତି, ଚୀନ୍ ବ୍ୟାପାରକୁ କାହିଁକି ଅସ୍ତ୍ର କରୁଛି। ଚୀନ୍ ଭାରତ ସହ ଦୋମୁହାଁ ରଣନୀତି କରୁଛି। ଗୋଟିଏ ପଟେ ରାଜନୈତିକ ଆଲୋଚନା କରୁଛି ଏବଂ ଅନ୍ୟପଟେ ବ୍ୟାପାର ଉପରେ ଚାପ ପକାଉଛି। ଏସବୁ ପଦକ୍ଷେପରୁ ଜଣାପଡୁଛି ଯେ, ଏହା ଭାରତ ସହ ନିଜର ବ୍ୟାପାରିକ ସମ୍ପର୍କକୁ ଏକ ରାଜନୈତିକ ଅସ୍ତ୍ର ଭାବେ ଦେଖୁଛି। ଚୀନ୍ ଭାରତ ଉପରେ ଚାପ ପକାଇବା ପାଇଁ ରପ୍ତାନି ରୋକିବାର ଉପାୟ ଆପଣାଉଛି। ଏହା ଅନେକ ଜରୁରୀ ସାମଗ୍ରୀର ବଡ଼ ଉତ୍ପାଦକ। ଏଥିମଧରେ ରେୟାର୍ ଆର୍ଥ ଖଣିଜ ପଦାର୍ଥ, ଉର୍ବରକ ଏବଂ ଔଦ୍ୟୋଗିକ ମେଶିନାରୀ ଆଦି ରହିଛି। ବର୍ତ୍ତମାନ ଡ୍ରାଗନ୍ ଏସବୁ ସାମଗ୍ରୀର ରପ୍ତାନିରେ ବିଳମ୍ବ କରି କିମ୍ବା ରପ୍ତାନିକୁ ଅଟକାଇ ଭାରତ ଉପରେ ଚାପ ପକାଉଛି। ଏହି ଚାପ ଯଦିଓ ସିଧାସଳଖ ଲଗାଉନି କିନ୍ତୁ ସ୍ପଷ୍ଟ ଜଣାପଡୁଛି ଯେ, ଚୀନ୍ ଏହାର ଶକ୍ତି ଦେଖାଉଛି।



ରେୟାର୍ ଆର୍ଥ ମ୍ୟାଗ୍ନେଟ୍ ମାମଲା ଅତି ଗୁରୁତ୍ୱପୂର୍ଣ୍ଣ। ଏହି ଚୁମ୍ବକ ଆଧୁନିକ ଇଲେକ୍ଟ୍ରୋନିକ୍ସ, ଇଲେକ୍ଟ୍ରିକ୍ ଯାନ, ପବନ ଟର୍‌ବାଇନ୍ ଆଦି ପାଇଁ ଜରୁରୀ। ଚୀନ୍ ଏହି ମ୍ୟାଗ୍ନେଟ୍‌ଗୁଡ଼ିକର ରପ୍ତାନି ଅଟକାଇ ହାଇଟେକ୍ ମାନୁଫାକ୍‌ଚରିଂ ଯୋଜନାଗୁଡ଼ିକୁ ଧୀମା କରୁଛି। ଏହା ମେକ୍ ଇନ୍ ଇଣ୍ଡିଆ ଏବଂ ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ(ପିଏଲ୍‌ଆଇ) ଭଳି ଯୋଜନାଗୁଡ଼ିକ ପାଇଁ ଏକ ବଡ଼ ଝଟ୍‌କା।

ସେହିଭଳି ଚୀନ୍‌ର ବନ୍ଦରଗୁଡ଼ିକରେ ଭାରତକୁ ଆସିବାକୁ ଥିବା ବିଶେଷ ଉର୍ବରକଗୁଡ଼ିକର ରପ୍ତାନିକୁ ଅଟକାଇ ଦିଆଯାଇଛି। ଭାରତର କୃଷି କ୍ଷେତ୍ରକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଡ୍ରାଗନ୍ ଏହା କରୁଛି। ଏହା ଏଭଳି ସମୟରେ କରାଯାଉଛି, ଯେତେବେଳେ ବିଶ୍ୱରେ ଖାଦ୍ୟ ସୁରକ୍ଷାକୁ ନେଇ ଚିନ୍ତା ଜୋର ଧରିଛି। ଟନେଲ ବୋରିଂ ମେଶିନ୍‌ର ରପ୍ତାନିକୁ ରୋକିବା ଏକ ବଡ଼ ସମସ୍ୟା। ଏହି ମେଶିନ୍ ଏକ ବଡ଼ ପରିଯୋଜନା ପାଇଁ ଜରୁରୀ, ଯାହାକୁ ଜାପାନ ଫଣ୍ଡିଂ କରୁଛି। ଏହାଦ୍ୱାରା ପରିଯୋଜନାରେ ବିଳମ୍ବ ହେଉଛି। ରାଜନୈତିକ ସମସ୍ୟା ବି ଆସୁଛି। ଏସବୁ ପଦକ୍ଷେପ ଗୋଟିଏ କଥା ସ୍ପଷ୍ଟ ହେଉଛି। ଚୀନ୍ ଭାରତକୁ ଜଣାଇବାକୁ ଚାହେଁ ଯେ, ଏହା ବିଶ୍ୱର ଶିଳ୍ପଗୁଡ଼ିକ ପାଇଁ କେତେ ମହତ୍ୱପୂର୍ଣ୍ଣ। ଏହାସହିତ ଦର୍ଶାଉଛି ଯେ, ଭାରତ ଯଦି ଏହା ସହ ଉତ୍ତମ ସମ୍ପର୍କ ରଖିବନି ତେବେ ଏହାକୁ କେଉଁଭଳି ଭାବେ କ୍ଷତି ସହିବାକୁ ପଡ଼ିବ।

# ବଢ଼ିଲେ ୧.୬୮ ଲକ୍ଷ ମୋବାଇଲ୍ ଗ୍ରାହକ

## ଜିଓ ଯୋଡ଼ିଲା ୧.୫୪ ଲକ୍ଷ

**ଭୁବନେଶ୍ୱର, ୨୮।୬(ସଂଚାର ବ୍ୟୁରୋ):** ଚଳିତ ବର୍ଷ ମେ'ରେ ରାଜ୍ୟରେ ମୋବାଇଲ୍ ଗ୍ରାହକ ୧ ଲକ୍ଷ ୮୬ ହଜାର ୨୯୩ ବଢ଼ିଛନ୍ତି। ଫଳରେ ରାଜ୍ୟରେ ମୋଟ୍ ମୋବାଇଲ୍ ଗ୍ରାହକ ସଂଖ୍ୟା ୩ କୋଟି ୫୨ ଲକ୍ଷ ୪୭ ହଜାର ୯୯୬ରେ ପହଞ୍ଚିଛି। ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ଜାରି କରାଯାଇଥିବା ମାସିକ ଗ୍ରାହକ ତଥ୍ୟ ରିପୋର୍ଟରୁ ଏହା ଜଣାପଡ଼ିଛି।

ରିପୋର୍ଟ ଅନୁସାରେ ଓଡ଼ିଶାରେ ୱାୟରଲେସ୍ ମୋବାଇଲ୍ ସେବା ଦେଉଥିବା ଚାରିଟି କମ୍ପାନି ମଧରୁ ତିନିଟି କମ୍ପାନି ନୂଆ ଗ୍ରାହକ ଯୋଡ଼ିବାରେ ସଫଳ ହୋଇଥିବା ବେଳେ ଗୋଟିଏ କମ୍ପାନି ଏହାର ପୁରୁଣା ଗ୍ରାହକଙ୍କୁ ହରାଇଛି। ମୁକେଶ ଅମ୍ବାନିଙ୍କ କମ୍ପାନି ରିଲାଏନ୍ସ ଜିଓ ମେ' ମାସରେ ସର୍ବାଧିକ ୧ ଲକ୍ଷ ୫୪ ହଜାରରୁ ଅଧିକ ଗ୍ରାହକ ଯୋଡ଼ିଛି। ଫଳରେ କମ୍ପାନିର ଗ୍ରାହକ ସଂଖ୍ୟା ଓଡ଼ିଶାରେ ୧ କୋଟି ୬୨ ଲକ୍ଷରୁ ଅଧିକ ହୋଇଛି। ସୁନୀଲ ମିତ୍ତଲଙ୍କ ସଂସ୍ଥା ଭାରତୀ ଏୟାରଟେଲ୍ ଏହି ମାସରେ ୩୬୯୩ ନୂଆ ଗ୍ରାହକ ଯୋଡ଼ିବାରୁ କମ୍ପାନିର ମୋଟ୍ ଗ୍ରାହକ ସଂଖ୍ୟା ୧ କୋଟି ୨୦ ଲକ୍ଷରୁ ଅଧିକ ହୋଇଛି। ଗ୍ରାହକ ସଂଖ୍ୟା ଦୃଷ୍ଟିରୁ ତୃତୀୟ ସ୍ଥାନରେ ଥିବା ସରକାରୀ ଟେଲିକମ୍ କମ୍ପାନି ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ଏହାର ୮୩୭୨ ପୁରୁଣା ଗ୍ରାହକଙ୍କୁ ହରାଇବାରୁ କମ୍ପାନିର ମୋଟD ଗ୍ରାହକ ସଂଖ୍ୟା ୫୫ ଲକ୍ଷ ୫୬ ହଜାର ୯୦୬କୁ ହ୍ରାସ ପାଇଛି। ଭୋଡାଫୋନ୍ ଆଇଡିଆ ଏହି ମାସରେ ୧୮ ହଜାର ୮୪୨ ନୂଆ ଗ୍ରାହକ ଯୋଡ଼ିଛି। ତେଣୁ କମ୍ପାନିର ଗ୍ରାହକ ସଂଖ୍ୟା ୧୪ ଲକ୍ଷ ୨୩ ହଜାର ୪୭୩କୁ ବୃଦ୍ଧି ପାଇଛି। ରିପୋର୍ଟ ଅନୁସାରେ ରାଜ୍ୟର ଟେଲି ସାନ୍ଦ୍ରତା ୮୦.୮୭ ପ୍ରତିଶତକୁ ବଢ଼ିଛି। ତଥାପି ଜାତୀୟ ହାର ୮୫.୩୬ ପ୍ରତିଶତଠାରୁ ଓଡ଼ିଶା ପଛୁଆ ରହିଛି। ତେଣୁ ଟେଲିକମ୍ ସଂଯୋଗ ପ୍ରଦାନ କରିବାରେ ଓଡ଼ିଶାକୁ ଆହୁରି ଅନେକ ଦୂର ଅତିକ୍ରମ କରିବାକୁ ରହିଛି। କେବଳ ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଆସାମ ଓ ରାଜସ୍ଥାନଠାରୁ ଓଡ଼ିଶାର ସ୍ଥିତି ଭଲ ରହିଛି। ଅନ୍ୟ ସବୁ ରାଜ୍ୟଗୁଡ଼ିକ ଓଡ଼ିଶାଠାରୁ ଆଗରେ ରହିଛନ୍ତି। ମହାରାଷ୍ଟ୍ର, ତାମିଲନାଡ଼ୁ, କର୍ଣ୍ଣାଟକ, ପଞ୍ଜାବ, କେରଳ, ହିମାଚଳପ୍ରଦେଶ ଓ ଦିଲ୍ଲୀରେ ଜନସଂଖ୍ୟାଠାରୁ ମୋବାଇଲ୍ ସଂଯୋଗ ଅଧିକ ରହିଛି।



### କାହାର କେତେ ଗ୍ରାହକ

| କମ୍ପାନି | ଗ୍ରାହକ ସଂଖ୍ୟା |
|---|---|
| ଜିଓ | ୧,୬୨,୬୩,୮୭୩ |
| ଏୟାରଟେଲ୍ | ୧,୨୦,୦୩,୭୪୪ |
| ବିଏସ୍‌ଏନ୍‌ଏଲ୍ | ୫୫,୫୬,୯୦୬ |
| ଭୋଡା ଆଇଡିଆ | ୧୪,୨୩,୪୭୩ |

## ରଥଯାତ୍ରାରେ ଓରିପ୍ଲାଷ୍ଟ୍‌ର ଜନସେବା




**ଭୁବନେଶ୍ୱର, ୨୮।୬(ସଂଚାର ବ୍ୟୁରୋ):** ଦେଶର ଅଗ୍ରଣୀ ପିଭିସି ପାଇପ୍ ନିର୍ମାତା ଓରିପ୍ଲାଷ୍ଟ ପକ୍ଷରୁ ପୁରୀ ବଡ଼ଦାଣ୍ଡର ମେଡିକାଲ୍ ଛକ ନିକଟରେ ଷ୍ଟଲ୍ ସ୍ଥାପନ କରାଯାଇଛି। କମ୍ପାନି ପକ୍ଷରୁ ସେବାୟତ ଓ ଭକ୍ତମାନଙ୍କୁ ପାନୀୟ ଜଳ, ଗ୍ଲୋକୋଜ୍ ଓ ଟୋପି ଆଦି ବଣ୍ଟନ କରାଯାଉଛି। ଲୋକମାନେ ଯେଭଳି ସୁରକ୍ଷିତ ଓ ଆରାମଦାୟକ ଅନୁଭୂତି ସହ ରଥଯାତ୍ରାକୁ ଉପଭୋଗ କରିପାରିବେ, ତାହାକୁ ଦୃଷ୍ଟିରେ ରଖି କମ୍ପାନି ପକ୍ଷରୁ ଏହି ମହତ୍ ପଦକ୍ଷେପ ହାତକୁ ନିଆଯାଇଛି। ପୁରୀରେ କମ୍ପାନି ପକ୍ଷରୁ ଦୈନିକ ୨୦ ହଜାର ପାନୀୟ ଜଳ ଓ ୨୦ ହଜାର ଗ୍ଲୋକୋଜ୍ ବଣ୍ଟନ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କମ୍ପାନିର ସହକାରୀ ମହାପ୍ରବନ୍ଧକ (ମାର୍କେଟିଂ) ଅଭିମନ୍ୟୁ ମାନ୍ନା କହିଛନ୍ତି। ସେ କହିଛନ୍ତି ଯେ ଅଗ୍ରଣୀ ପିଭିସି ପାଇପ୍ ନିର୍ମାତା ଭାବେ ଦୀର୍ଘ ବର୍ଷ ଧରି ଓଡ଼ିଶାର ଭିତ୍ତିଭୂମି ବିକାଶ ଓ ପ୍ରଗତିରେ ଓରିପ୍ଲାଷ୍ଟ ଏକ ପ୍ରମୁଖ ସହଯୋଗୀ ହୋଇରହିଛି ଏବଂ ଆଗାମୀ ଦିନରେ ମଧ କମ୍ପାନି ଏହାର ଭୂମିକା ବଜାୟ ରଖିବାକୁ ପ୍ରତିବଦ୍ଧ ଅଛି। କେବଳ ପୁରୀ ନୁହେଁ, ଓରିପ୍ଲାଷ୍ଟ ପକ୍ଷରୁ ବାରିପଦା, ବାଲେଶ୍ୱର, ସମ୍ବଲପୁର ଓ ନୀଳଗିରିରେ ମଧ ରଥଯାତ୍ରାରେ ସେବା କାର୍ଯ୍ୟ କରାଯାଉଛି। ସାରା ଓଡ଼ିଶାରେ କମ୍ପାନି ଏହି ଅଭିଯାନରେ ୫ ଲକ୍ଷ ପାନୀୟ ଜଳ ଓ ୫ ଲକ୍ଷ ଗ୍ଲୋକୋଜ୍ ବାଣ୍ଟିବାକୁ ଲକ୍ଷ୍ୟ ରଖିଛି।

## ସୁନା ଦର



ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୭,୪୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୯ ହଜାର ୩୦୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୭,୪୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯,୩୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୭, ୪୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯ ହଜାର ୩୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୭,୫୭୦ ଟଙ୍କା ଓ ୨୨ କ୍ୟାରେଟ୍ ୮୯,୪୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୭, ୪୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯ ହଜାର ୩୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୭, ୪୨୦ ଓ ୮୯, ୩୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୭ , ୮୦୦ ଟଙ୍କା ହୋଇଛି।

## ପେଟ୍ରୋଲ, ଡିଜେଲ ଦର



ଆଜି ଦେଶର ପ୍ରମୁଖ ସହରରେ ପେଟ୍ରୋଲ-ଡିଜେଲ ଦାମ୍। ତେବେ ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୩୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୯୨ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

### ଦୁଃଖ ଶୁଣିବାକୁ କେହି ନାହିଁ

# ଅସହାୟ ବୃଦ୍ଧଙ୍କୁ ମିଳୁନି ଭିନ୍ନକ୍ଷମ ପ୍ରମାଣପତ୍ର



**ଫିରିଙ୍ଗିଆ,୨୮।୬ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ସାରଙ୍ଗଡ଼ ପଞ୍ଚାୟତ ବାହାଡ଼ା ପଦା ଗାଁ ଭିନ୍ନକ୍ଷମ ସୁବାସ ବିଶିଙ୍କ ଦୁଃଖ କହିଲେ ସରେନି। ଗ୍ରାମବାସୀଙ୍କ କହିବା ମୁତାବକ ସୁବାସ ବିଶି ଦୀର୍ଘ ବର୍ଷ ହେବ ଦୁଇଟି ଗୋଡ଼ ଅଚଳ ହୋଇ ପଡ଼ିରହିଛି । ଯାହାଦ୍ୱାରା କି ଚଲାବୁଲା କରିବା ତାଙ୍କ ପାଇଁ ଅସମ୍ଭବ। ପରିବାର ଦୁଃଖ ସ୍ୱାମୀ ଚିନ୍ତାରେ। ତାଙ୍କର ପରିବାର କହିଲେ ଦୁଇ ଜଣ ସଦସ୍ୟ ସ୍ୱାମୀ ଓ ତାଙ୍କ ପତ୍ନୀ ମାନଶି । ଗ୍ରାମବାସୀ ସହଯୋଗ ପରିବାର ପ୍ରତିପୋଷଣରେ ଚଳନ୍ତି। ସରକାରଙ୍କ ତରଫରୁ ମାତ୍ର ୧୦ କେଜି ରାସନ୍ ଚାଉଳରେ ମାସ ମାସ ଚଳିବା କଷ୍ଟ ହେଇ ଯାଇଚି । ତେଣୁ ସରକାରଙ୍କୁ ପରିବାର ସମେତ ଗ୍ରାମବାସୀ ୩୫ କିଲୋ ରାସନ୍ ଚାଉଳ ଯୋଗାଇ ଦେବା ପାଇଁ ଦାବି କରିଥିବା ବେଳେ ସୁବାସ ବିଶି ଜଣେ ଭିନ୍ନକ୍ଷମ ହୋଇଥିବାରୁ ସାର୍ଟିଫିକେଟ୍ ପାଇବାରୁ ବଞ୍ଚିତ । ସୁବାଷ ବିଶି ଚାହିଁ ବସିଛି ସରକାର ତରଫରୁ ଭିନ୍ନକ୍ଷମ ସାର୍ଟିଫିକେଟ୍ ମିଳିଗଲେ ସରକାର ଭିନ୍ନକ୍ଷମ ଭତ୍ତା ଆଶାରେ ଚାହିଁ ବସିଛି। ଦୁଃଖର ବିଷୟ ଏ ଯାଏଁ ମିଳିପାରିନାହିଁ ଭତ୍ତା ଖଣ୍ଡିଏ। ତେଣୁ ପରିବାର ଚଳିବା କଷ୍ଟକର ହୋଇଥିବା ବେଳେ ଭିନ୍ନକ୍ଷମ ହୋଇ ଘରେ ପଡ଼ିରହିଛି ।

ପତ୍ନୀ ସାବିତ୍ରୀ ସ୍ୱାମୀଙ୍କ ଚିନ୍ତାରେ ଦିନ ମଜୁରିଆ ଯାଇ ନ ପାରି ଘରେ ପଡ଼ିରହିଛନ୍ତି । ବିକଳାଙ୍ଗ ସାର୍ଟିଫିକେଟ୍ ମିଳିଲେ ତାଙ୍କ ପରିବାର ଉପକୃତ ହେବେ ବୋଲି କହିଛନ୍ତି ଗ୍ରାମବାସୀ। ତଥାପି କେହି ତାଙ୍କ ଗୁହାରି ଶୁଣିନଥିବା ଅଭିଯୋଗ କରିଛନ୍ତି । ଏ ନେଇ ସେମାନେ ଗଣମାଧ୍ୟମ ଦ୍ୱାରା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସହାୟତାର ହାତ ବଢେଇଲେ ଆଗକୁ ସୁବାସ ବିଶି ଜୀବନର କିଛିଟା ସମସ୍ୟାରେ ସମାଧାନ ହୋଇପାରିବ ବୋଲି ଆଶା କରିଛନ୍ତି ।



## ପାତାଳୀ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ରଥଯାତ୍ରା, ଲକ୍ଷାଧିକ ଭକ୍ତଙ୍କ ସମାଗମ

**ସୁବର୍ଣ୍ଣପୁର,୨୮।୬ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ପ୍ରସିଦ୍ଧ ପୀଠ ଶ୍ରୀ ପାତାଳୀ କ୍ଷେତ୍ର କୋଟସମଲାଇରେ ଆଜି ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଜି ଭୋର ସକାଳୁ ୫ଟାରେ ମଙ୍ଗଳଆଳତି, ସକାଳ ୭ଟାରେ ଖେଚୁଡି ଭୋଗ, ୮ଟାରେ ମଙ୍ଗଳାରୋପଣ, ଦ୍ୱାରପାଳ ପୂଜା, ଦ୍ୱାରଫିଟା, ଖେଚୁଡି ଭୋଗ, ମହାପ୍ରଭୁଙ୍କ ବେଶ, ରଥ ପ୍ରତିଷ୍ଠା ଆଦି ରୀତିନୀତି କରାଯାଇଥିଲା । ସକାଳ ୧୦ଟାରେ ଛଳିଆ ପାହାଡ ଶିଖରରୁ ମହାପ୍ରଭୁଙ୍କୁ ଧାଡି ପହଣ୍ଡି ରେ ଅଣାଯାଇ ରଥାରୂଢ଼ କରାଯାଇଥିଲା। ଅପରାହ୍ନ ୧ଟାରେ ମହାପ୍ରଭୁଙ୍କୁ ଗାଁର ଗଉତ୍ୟା ଚମରା ଅମାତ୍ ଛେରାପହଁରା ନୀତି ସମ୍ପାଦନ କରିଥିଲେ। ଏହାପରେ ୨ଟାରେ ମହାପ୍ରଭୁଙ୍କ ରଥଟଣା ହୋଇଥିଲା । ପ୍ରଥମେ ବଳରାମଙ୍କ ଦେବଦଳନ ରଥ ତାପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଓ କାଳିଆଙ୍କ ନନ୍ଦିଘୋଷ ରଥଟଣା ଯାଇଥିଲା। ୩ଟାରେ ଛୋଟ ଛୋଟ ଛୁଆଙ୍କ ରଥଛୁଆ କରାଯାଇଥିଲା। ଏହି ଅବସରରେ ଲକ୍ଷଲକ୍ଷ ଭକ୍ତ ଶ୍ରୀଜୀଉଙ୍କ ପ୍ରଭୁକୃପା ପାଇଁ ଧାଇଁ ଆସିଥିଲେ । ପାତାଳୀ ଶ୍ରୀକ୍ଷେତ୍ର ଭଜନ ଗ୍ରୁପ ଦ୍ୱାରା ଭଜନ କାର୍ଯ୍ୟକ୍ରମ, ମହିଳା ନାମ ସଂକିର୍ତନ ଆଦି ପରିବେଷଣ ହୋଇଥିଲା। ଅଖିଳ ଭାରତୀୟ ସେବା ସଂଗଠନ, ରାଷ୍ଟ୍ରୀୟ ସ୍ୱୟଂ ସେବା ସଂଗଠନ, ମାହେଶ୍ୱରୀ ସେନା, ପାତାଳୀ ସେନା, ପବନା ଶ୍ରମ ଗ୍ରୁପ, ପୁଲିସ ବିଭାଗ, ସ୍ୱାସ୍ଥ୍ୟ, ପାନୀୟ ଜଳ ବିଭାଗ, ଦମକଳ ବାହିନୀ ସହ ଅନ୍ୟ ବିଭାଗ ସହଯୋଗ କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ଓ ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିଲା।

## ବିବାହ ପ୍ରଲୋଭନ ଦେଇ ନାବାଳିକାଙ୍କ ସହ ସମ୍ପର୍କ, ଯୁବକ ଗିରଫ

**କଳିଙ୍ଗନଗର,୨୮।୬ (ସଂଚାର ବ୍ୟୁରୋ):** ବିବାହ କରିବା ପାଇଁ ଜଣେ ନାବାଳିକାକୁ ପ୍ରଲୋଭନ ଦେଖାଇ ଦୀର୍ଘ ଦୁଇ ବର୍ଷ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିବା ପରେ ଧୋକା ଦେବା ଘଟଣାରେ ଜଣେ ଯୁବକ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଜଣା ପଡିଛି। ଯାଜପୁର ଜିଲ୍ଲା କଳିଙ୍ଗନଗର ଥାନା ଅନ୍ତର୍ଗତ ଢୋଲ ପଥର ଗାଁର ବୁଦ୍ଧିରାମ ଗଇପେଇଙ୍କ ପୁଅ ରାଜା ଗଇପେଇ (୨୦) ସ୍ଥାନୀୟ ଅଞ୍ଚଳର ବର୍ଷା (୧୬) ନାମ୍ନୀ ଜଣେ ନାବାଳିକାକୁ ଦୁଇ ବର୍ଷେ ପୂର୍ବେ ଭଲ ପାଇଥିଲା। ନାବାଳିକା ଜଣଙ୍କୁ ଦୀର୍ଘ ଦିନ ଧରି ଶାରୀରିକ ସମ୍ପର୍କ ରଖିବା ପରେ ନାବାଳିକା ଜଣଙ୍କ ଗର୍ଭବତୀ ହୋଇଥିବା ଜଣା ପଡିବା ପରେ ଗର୍ଭପାତ କରିବା ପାଇଁ ଧମକ ଦେଇ ଜୋର ଜବରଦସ୍ତ ଔଷଧ ଖାଇବାକୁ ଯୁବକ ରାଜା ଦେଇଥିଲା। ଏସବୁ ଘଟଣା ଜାଣି ସୁଦ୍ଧା ଝିଅର ଭବିଷ୍ୟତ ଓ ଟଙ୍କା ଲୋଭରେ ଝିଅର ବାପା ମା' ନୀରବ ରହିଥିଲେ। ଝିଅର ବାପାମା'ଙ୍କ ସରଳତାର ସୁଯୋଗ ନେଇ ଏପରି ସର୍ବନାଶ କରିବା ପରେ ବାହା ହେବା ପାଇଁ ମନା କରିବାରୁ, ପରିବାରର ଅଭିଯୋଗ କ୍ରମେ କଳିଙ୍ଗନଗର ପୋଲିସ ଅଭିଯୁକ୍ତ ରାଜାକୁ ଗିରଫ କରି ପୋସ୍କୋ କୋର୍ଟକୁ କେସ ନମ୍ବର ୨୯୭/୨୫ରେ କୋର୍ଟ ଚାଲାଣ କରିଛି।

● ମିଳୁନି ସୂଚନା ଅଧିକାର ତଥ୍ୟ, ସହଯୋଗ କରୁନି ଉଦ୍ୟାନ କୃଷି ବିଭାଗ

## ମାମଲା ଚପାଇବାକୁ ଚାଲିଛି ଉଦ୍ୟମ

**ଖପ୍ରାଖୋଲ,୨୮।୬ (ସଂଚାର ବ୍ୟୁରୋ):** ସରକାର ତଥା ଅମଲାତନ୍ତ୍ରର ସୁପରିଚାଳନା ପାଇଁ ସୂଚନା ଅଧିକାର ଆଇନ । ହେଲେ ବାସ୍ତବରେ କେତେ ସ୍ୱଚ୍ଛ ସରକାରଙ୍କ ତଥ୍ୟ । ଖାଲି ନାଁ କୁ ମାତ୍ର ସୂଚନା ଅଧିକାର। ମାଗିଲେ ମିଳୁନି ପ୍ରକୃତ ତଥ୍ୟ।

ଅବହେଳିତ ଉପାନ୍ତ ଖପ୍ରାଖୋଲ ବ୍ଲକ। ଏଠି ପେଟ ପାଇଁ ଦାଦନ ଯାଉଛନ୍ତି ଲୋକେ । ହେଲେ ପ୍ରଶାସନ କହୁଛି ପର୍ଯ୍ୟାପ୍ତ ପରିମାଣରେ କର୍ମ ଦିବସ ସୃଷ୍ଟି ହେଉଛି। ତାହେଲେ କାହିଁକି ଦାଦନ ମୁହାଁ ଲୋକେ ଯାର ତଥ୍ୟ ମାଗିଲେ ବାବୁ ମାନଙ୍କ ନାହି ଡେଗୁଛି । ସେହି ପରି ସମସ୍ତ ପ୍ରକାରର ଭତ୍ତାର ତଥ୍ୟ,... ଏମିତି ସୂଚନା ଅଧିକାର ତଥ୍ୟ ମଗା ଗଲାଣି ହେଲେ ତଥ୍ୟ ମିଳୁନାହିଁ। ଯଦିବା ମିଳୁଛି ସନ୍ତୋଷ ଜନକ ତଥ୍ୟ ମିଳୁନାହିଁ। ବିଶେଷ କରି ୨୦୨୪ ବର୍ଷର ପଶ୍ଚିମ ଓଡିଶାର ପର୍ଯ୍ୟଟନ ସ୍ଥଳୀ ହରିଶଙ୍କର ବୈଶାଖୀ ମେଳା ଖର୍ଚ୍ଚ ଅଟକଳର ତଥ୍ୟ ମଗାଯାଇଥିଲା ହେଲେ ତା ମଧ ଆଜି ଯାଏଁ ମିଳିନାହିଁ। ଫଳରେ ଢୋଲ ଭିତରେ ପୋଲ ସଦୃଶ ପ୍ରଶାସନ ସୂଚନା ଲୁକାଇବା ସେଇ ଦିଗକୁ ଇଙ୍ଗିତ କରୁଛି ନିଶ୍ଚୟ।




ମୋଟାମୋଟି କହିବାକୁ ଗଲେ ଖପ୍ରାଖୋଲରେ ତାଳୁରୁ ତଳିପା ଯାଏ ଝୋଲ । ଏଦିଗରେ କ'ଣ ପଦକ୍ଷେପ ନେଉଛନ୍ତି ଓଡିଶା ସରକାର ଏବଂ ବଲାଙ୍ଗୀର ଜିଲ୍ଲା ପ୍ରଶାସନ ଦେଖିବାକୁ ବାକି ରହିଲା।

## ବେତନଟୀ ଆନନ୍ଦବଜାର ରଥଯାତ୍ରା ପାଳିତ



**ବେତନଟୀ,୨୮।୬ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ବେତନଟୀସ୍ଥିତ ଆନନ୍ଦ ବଜାର ଠାରେ ୬୮ତମ ରଥଯାତ୍ରା ମହୋତ୍ସବ ଅତି ଧୁମଧାମରେ ଶୁକ୍ରବାର ପାଳିତ ହୋଇଯାଇଛି। ଆନନ୍ଦବଜାର ରଥଯାତ୍ରା କମିଟି ପକ୍ଷରୁ ସର୍ବପ୍ରଥମେ ତିନି ଠାକୁରଙ୍କୁ ଅପରାହ୍ନ ସମୟରେ ପହଣ୍ଡି କରି ରଥ ଉପରକୁ ଅଣା ଯାଇଥିଲା। ଏହା ପରେ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମରେ ରଥଯାତ୍ରା ଅତି ଶାନ୍ତି ଶୃଙ୍ଖଳା ଭାବେ ପାଳିତ ହୋଇଯାଇଛି। ମହାପ୍ରଭୁଙ୍କ ରଥଟି ଆନନ୍ଦବଜାର ମଧ ଦେଇ ଷ୍ଟେସନ ପାଖ ଲକ୍ଷ୍ମୀନାରାୟଣ ମନ୍ଦିର (ମାଉସୀମା ମନ୍ଦିର) ପହଞ୍ଚିବା ପରେ ତିନି ଠାକୁରଙ୍କୁ ବିଜେ କରାଯାଇଛି। ରଥଟଣା ସମୟରେ ବେତନଟୀ ପୋଲିସ ଏବଂ ବିଦ୍ୟୁତ ବିଭାଗ ପକ୍ଷରୁ କଡା ସୁରକ୍ଷା ପ୍ରଦାନ କରାଯାଇଥିଲା। ରଥଟଣା ଗତି ପଥରେ ବିଦ୍ୟୁତ ତାର ଗୁଡିକ ଝୁଲି ରହିଥିବା ଯୋଗୁଁ ସାମାନ୍ୟ ବିଳମ୍ବ ହୋଇଥିଲା । ଆଗାମୀ ବର୍ଷକୁ ବିଦ୍ୟୁତ ବିଭାଗ ପକ୍ଷରୁ ବିଦ୍ୟୁତ ତାର ଗୁଡିକ ଉଚ୍ଚ ଦେଇ ନେବା ନେଇ ସାଧାରଣରେ ଦାବି ହୋଇଛି। ରଥଟଣା କାର୍ଯ୍ୟକ୍ରମରେ କମିଟି ପକ୍ଷରୁ ସଭାପତି ଠାକୁରା ହାଁସଦା, ଉପସଭାପତି ନିରଞ୍ଜନ ସାହୁ ସମ୍ପାଦକ ଗୋପୀନାଥ ପଡ଼ିଆରୀ,ସହ ସମ୍ପାଦକ ରୋହିତ ସିଂ, କୋଷାଧକ୍ଷ ସଞ୍ଜୟ ଘୋଷ, ସତ୍ୟନାରାୟଣ ବେହେରା,ସୁମୀତ ଘୋଷ, ଅର୍ପଣ ଘୋଷ,ଅର୍ଣ୍ଣବ ଘୋଷ, ସୁଦିପ ଘୋଷ,ସିପୁନ ବିନ୍ଧାଣି, ରାହୁଲ ସିଂ,ଆଦିତ୍ୟ ସାହୁ, ରିଙ୍କୁ ସିଂ, ପିଙ୍କି ସିଂ,ଦେବୁ ବିଶ୍ୱାଳ, ଆକାଶ ଯାଦବ, ହରିହର ହାଁସଦା, ରାହୁଲ ବେହେରା, ଦଲୁ ମହାନ୍ତ, କ୍ରିଷ୍ଣା ବିନ୍ଧାଣି, ବିକାଶ ଜେନା, ତପନ ସେନାପତି, ବାପୁନ ହାଁସଦା, ବାଦଲ ହାଁସଦା ସମେତ ଅନେକ ସଦସ୍ୟ ଉପସ୍ଥିତ ରହି ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳା ଭାବେ ସମାପନ କରିଥିଲେ।

### ଆଦିକବିଙ୍କୁ ଅପମାନ

## ରାତି ଅଧରେ ଭାଙ୍ଗିଦେଲେ ୭୭ ବର୍ଷର ସାଂସ୍କୃତିକ ସ୍ମାରକୀ

**ତିର୍ତ୍ତୋଲ,୨୮।୬ (ସଂଚାର ବ୍ୟୁରୋ):** ଓଡ଼ିଶାର ବାଣୀପୀଠ ଝଙ୍କଡ କନକପୁର ଠାରେ ୧୯୪୮ ମସିହାରେ ସ୍ଥାପିତ ହୋଇଥିବା ସତସ୍ତରୀ ବର୍ଷର ସାଂସ୍କୃତିକ ସ୍ମାରକୀକୁ ଗତକାଲି ରାତିଅଧରେ ନିର୍ମାଣକାରୀ ସଂସ୍ଥା ଭାଙ୍ଗି ଦେଇଛି।

ଖବରରୁ ପ୍ରକାଶ ଯେ ଆଦିକବି ସାରଳା ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ କବିଙ୍କ ସାଧନାପୀଠ ଝଙ୍କଡ କନକପୁର ଠାରେ ଓଡ଼ିଶାର ତତ୍କାଳୀନ ପ୍ରଧାନମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଦ୍ୱାରା ୧୯୪୮ ମସିହା ଫେବୃଆରୀ ମାସ ୧୭ ତାରିଖରେ ସ୍ଥାପିତ ହୋଇଥିବା ସ୍ମୃତି ସ୍ତମ୍ଭକୁ ଗତକାଲି ରାତିରେ କମ୍ପାନୀ ଭାଙ୍ଗି ଦେଇଛି। ଦୋଳବେଦୀକୁ ଭାଙ୍ଗିବା ସମୟରେ କମ୍ପାନୀ ଅଧିକାରୀ ମାନଙ୍କର ବେପରୁଆ ଭାବ ତଥା ଦୂରଦୃଷ୍ଟି ଅଭାବରୁ ଏହିପରି ଘଟଣା ଘଟିଯାଇଛି। ଏହାସହିତ ସାରଳାଦାସଙ୍କ ପ୍ରତିମୂର୍ତ୍ତି ମଧ କ୍ଷତିଗ୍ରସ୍ତ ହୋଇଥିବାର ଜଣାପଡିଛି। ମା'ଙ୍କ ସିଂହଦ୍ୱାର ନିକଟରେ ପୂର୍ବରୁ ଥିବା ହାତୀ ଓ ସିଂହ ମୂର୍ତ୍ତି ମଧ ଭାଙ୍ଗି ଯାଇଛି। କୌତୁହଳ ବିଷୟ ଏହିକି ଯେ ଉକ୍ତ ଭଗ୍ନ ହାତୀ ଓ ସିଂହ ମୂର୍ତ୍ତିକୁ ରାତାରାତି କୁଆଡେ ନେଇଯାଇଛନ୍ତି।



ଏଠାରେ ଉଲ୍ଲେଖଯୋଗ୍ୟ ଗତ ସରକାର ସମୟରେ ଶାରଳାପୀଠର ଉନ୍ନତି ତଥା ସୌନ୍ଦର୍ଯ୍ୟକରଣ ନିମନ୍ତେ ୪୨ କୋଟି ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା। ଓଡିଶା ବ୍ରିଜ କନଷ୍ଟ୍ରକସନ ନିଗମ ରାଜ୍ୟ ବାହାରର ଗୋଟିଏ ସଂସ୍ଥାକୁ ଶାରଳାପୀଠର ଉନ୍ନତି ପାଇଁ ଠିକା କାର୍ଯ୍ୟ ପ୍ରଦାନ କରିଥିଲେ। ମାତ୍ର ଏହି ଠିକା ସଂସ୍ଥା ନିଜର ମନମାନି କରି ନିଜ ଇଛାରେ କାର୍ଯ୍ୟ କରୁଥିବାର ଜଣାପଡିଛି। ଏହି ସଂସ୍ଥା କୌଣସି ଗୋଟିଏ କାର୍ଯ୍ୟକୁ ଶେଷ ନକରି ସବୁ କାର୍ଯ୍ୟକୁ ଅଧାପନ୍ତରିଆ ଭାବେ ରଖିଅଛି। ଏହି ସବୁ କାର୍ଯ୍ୟର ତଦାରଖ ପାଇଁ ଓବିସିସି ଏବଂ ଠିକା ସଂସ୍ଥାର ଅଧିକାରୀ ଥିଲେ ମଧ ସେମାନେ ନିଜର ଅପରିଣାମ ଦୂରଦୃଷ୍ଟି ଯୋଗୁ ଏହି ପୀଠର କାର୍ଯ୍ୟ ଗୁଡିକ ମନ୍ଥର ଗତିରେ ଚାଲୁଥିବାର ଦେଖିବାକୁ ମିଳିଛି।

ଗତକାଲି ରାତି ଅଧରେ କମ୍ପାନୀର ଏପରି କାର୍ଯ୍ୟକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ନାପସନ୍ଦ କରିଛନ୍ତି। ସାରଳାଦାସଙ୍କ ସ୍ମୃତି ସ୍ତମ୍ଭକୁ ତୁରନ୍ତ ପୁନଃନିର୍ମାଣ କରି ସାରଳାଦାସଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହିତ ଏହି କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଧିକାରୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ସାରଳାଦାସ ସ୍ମୃତି କମିଟି ର ସମ୍ପାଦକ ଆଡ଼ଭୋକେଟ ଆମରି ଜ୍ୟୋତି ସାହୁ ଜିଲ୍ଲାପାଳ ତଥା ରାଜ୍ୟ ସରକାର ଙ୍କ ନିକଟରେ ଦାବୀ କରିଛନ୍ତି।



## ଶୁସଙ୍ଗ ଗୋପାଳପୁର ଗ୍ରାମରେ ନୂତନ ରଥଯାତ୍ରା

● ହଜାର ହଜାର ଭକ୍ତଙ୍କ ସମାଗମ

**ତିର୍ତ୍ତୋଲ,୨୮।୬ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତଗତ କଟରା ପଞ୍ଚାୟତ ଶୁସଙ୍ଗ ଗୋପାଳପୁର ଗ୍ରାମରେ ପ୍ରଥମକରି ରଥଯାତ୍ରା ଉତ୍ସବ ବେଶ ଆନନ୍ଦ ଉଲ୍ଲାସରରେ ଅନୁଷ୍ଠିତ ହୋଇଯାଇଅଛି।ଗ୍ରାମବାସୀଙ୍କ ମିଳିତ ସହଯୋଗ ଚଳିତ ନୂତନ ରଥ ନିର୍ମାଣ କରାଯାଇ, ରଥଯାତ୍ରା ପାଳିତ ହୋଇଛି। ବହୁ ବର୍ଷ ଧରି ବହୁତ ଇଚ୍ଛା ଥିଲେ ମଧ ଏଥିପାଇଁ ଅନୁକୂଳ ପରିସ୍ଥିତି ନ ଥିବାରୁ ଏହି ଉଦ୍ୟମ ବିଳମ୍ବିତ ଅନୁଷ୍ଠିତ ହୋଇଛି।ଏହି ଗ୍ରାମର ଯୁବକ,ମହିଳା ଓ ଆବାଳ ବୃଦ୍ଧ ବନିତାମାନେ ଏକତାର ସହ ଆଗେଇ ଆସି ଏହି ରଥ ନିର୍ମାଣ ଓ ଆୟୋଜନର ଦାୟିତ୍ୱ ନେଇଥିଲେ। ନୂତନ ରଥରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ରୁଦ୍ରାଭିଷେକ ପରେ ଚତୁର୍ଧାମୂରତି ଙ୍କୁ ସୁସଜିତ କରି ବିଧିବଧ ରଥଯାତ୍ରା ଆରମ୍ଭ କରାଯାଇଥିଲା। ଗାଁ ଲୋକେ ଢୋଲ, ମୃଦଙ୍ଗ, ଘଣ୍ଟି ଓ ସଂକୀର୍ତ୍ତନ ସହ ଆନନ୍ଦ ଉଲ୍ଲାସରେ ରଥକୁ ଟାଣି ଥିଲେ। ଗ୍ରାମର କିଛି ବୁଦ୍ଧି ଯିବି ମାନେ କହିଛନ୍ତି ଯେ "ଏହି ଦିନ ଆମ ଗ୍ରାମ ପାଇଁ ଏକ ଐତିହାସିକ ଅବସର। ଆମେ ନୂତନ ରଥ ତିଆରି କରି ଯେପରି ଉତ୍ସବ ମନାଉଛୁ, ତାହା ଦ୍ୱାରା ଗ୍ରାମର ସାମୂହିକ ଏକତା ପ୍ରମାଣିତ ହେଉଛି।" ଏହି ନୂତନ ରଥଯାତ୍ରା ଆଗାମୀ ବର୍ଷଗୁଡ଼ିକରେ ମଧ ଗ୍ରାମର ଏକ ପ୍ରମୁଖ ଧାର୍ମିକ ଉତ୍ସବ ଭାବେ ପାଳିତ ହେବ ବୋଲି ଆଶା କରାଯାଉଛି।

## ଅଧାବାଟରେ ଅଟକିଲେ ଚତୁର୍ଦ୍ଧା ମୂର୍ତ୍ତି, ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ

**ନୀଳଗିରି,୨୮।୬ (ସଂଚାର ବ୍ୟୁରୋ):** ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଘୋଷଯାତ୍ରା ଶନିବାର ଅପରାହ୍ନରେ ଭଜନ କୀର୍ତ୍ତନ, ଉପସ୍ଥିତ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ହରିବୋଲ, ଜୟ ଜଗନ୍ନାଥ ଧ୍ୱନୀ ସହ ଘଣ୍ଟୁଆଙ୍କ ଘଣ୍ଟ ଓ ଶଙ୍ଖ ଧ୍ୱନିରେ ବଡ଼ଦାଣ୍ଡ ପ୍ରକମ୍ପିତ ହୋଇଥିଲ। ଘୋଷଯାତ୍ରାର ପ୍ରଥମଦିନ ଅବସରରେ ଭକ୍ତମାନେ ଶ୍ରୀମନ୍ଦିର ନିକଟରୁ ରଥଟାଣି ଅଧାରାସ୍ତା ତଥା ବଡଦାଣ୍ଡ ପୋଷ୍ଟ ଅଫିସ ସମ୍ମୁଖରେ ପହଞ୍ଚାଇ ଥିଲେ। ରଥ ଉପରେ ତିନିଠାକୁର ଗୋଟିଏ ରାତି ବିତାଇବା ପରେ ପୁଣି ରବିବାର ଅପରାହ୍ନରେ ଆରମ୍ଭ ହେବ। ନୀଳଗିରିର ଆଦିସେବକ ରାଜା ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନ ରଥଟଣାର ପ୍ରଥମେ ଶୁଭାରମ୍ଭ କରିଥିଲେ। ଏହି ଘୋଷଯାତ୍ରାରେ ବାଲେଶ୍ୱର ଜିଲ୍ଲାପାଳ ସୁର୍ଯ୍ୟବଂଶି ମୟୂର ବିକାଶ, ଆରକ୍ଷୀ ଅଧୀକ୍ଷକ ରାଜ ପ୍ରାସାଦ ସମେତ ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଓ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ନୀଳଗିରି ଉପ-ଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ, ତହସିଲଦାର ସୋନମ୍ ଦାସ, ସାଂସଦ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରମୋଦ ମଲିକ, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ଆଇଆଇସି ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



## ବିଭିନ୍ନ ଥାନା ପାଇଁ ଲୋକାର୍ପିତ ହେଲା ଚାରିଚକିଆ ଯାନ

**ସୁବର୍ଣ୍ଣପୁର,୨୮।୬ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଥାନାକୁ ଆଜି ରାଜ୍ୟ ନୂଆଁ ସରକାରଙ୍କ ପକ୍ଷରୁ ୮ଟି ନୂଆଁ ଚାରି ଚକିଆ ଭାଇକିଲ ପ୍ରଦାନ ଯାଇଛି। ଏହାର ଶୁଭାରମ୍ଭ କରିଛନ୍ତି ଆଜି ଜିଲ୍ଲାର ନୂଆ ଏସପି ନାରାୟଣ ନାୟକ। ଜିଲ୍ଲାର ସମସ୍ତ ଫାଣ୍ଡି ଓ ଥାନା ମାନଙ୍କୁ ଏ ଗାଡ଼ି ଗୁଡ଼ିକ ଶୀଘ୍ର ପହଞ୍ଚାଇ ଦିଆଯିବ ଯାଦ୍ୱାରା କି ବିଭିନ୍ନ ଅପହଞ୍ଚ ଅଞ୍ଚଳକୁ ଘଟଣା ଦୁର୍ଘଟଣା ଜାଗାକୁ ପୋଲିସ ଅଧିକାରୀ କର୍ମଚାରୀ ପହଞ୍ଚିବାକୁ ସୁବିଧା ହେବ ବୋଲି ଏସପି ମିଡିଆଙ୍କୁ ସୁଚନା ଦେଇଥିବା ବେଳେ ଏହାଦ୍ୱାରା କଡାକଡି ପାଟ୍ରୋଲିଂ କରି ଜିଲ୍ଲାରେ ଅସାମାଜିକ କାର୍ଯ୍ୟକଳାପ ଓ ସମସ୍ତ ଅପରାଧକୁ ନିୟନ୍ତ୍ରଣ କରାଯାଇ ପାରିବ ବୋଲି ମଧ ଏସପି ଶ୍ରୀ ନାୟକ ସୂଚନା ଦେଇଛନ୍ତି। ଏସପି ଶ୍ରୀ ନାୟକଙ୍କ ସମେତ ଅତିରିକ୍ତ ଏସପି, ଡିଏସପି ଓ ସମସ୍ତ ଥାନା ଭାରପ୍ରାପ୍ତ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।






## କଣାସ ଶିକ୍ଷାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**କଣାସ,୨୮।୬ (ସଂଚାର ବ୍ୟୁରୋ):** କଣାସ ବ୍ଲକ କାଦୁଆ ଗ୍ରାମ ପଞ୍ଚାୟତର କାଦୁଆ ଘାଟ ଏକାଡେମିଠାରେ ନୂତନ ଭାବେ ବ୍ଲକରେ ଯୋଗ ଦେଇଥିବା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଆଜି ପ୍ରଧାନ କରାଯାଇଛି। ଜାଗୁଳେଇପଦର ନୋଡାଲ କ୍ଲଷ୍ଟର ପକ୍ଷରୁ ଆୟାଜିତ ଏହି ଉଚ୍ଛବରେ ପ୍ରଧାନ ଶିକ୍ଷକ ଅଜୟ କୁମାର ବଳିୟାରସିଂହ ସଭାପତିତ୍ୱ କରିଥିଲେ।ସହ ଶିକ୍ଷାଅଧିକାରୀ ନାରାୟଣ ପ୍ରଧାନ ଉଜଉଡ ରାମଚନ୍ଦ୍ର ସାହୁ, ରମେଶଚନ୍ଦ୍ର ବେହେରା, ସୁଜାତା ରଥ, ସଂଯୁକ୍ତ ରାଉତରାୟ, ଦିଲିପ ଶ୍ରୀଚନ୍ଦନ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ।ଲମ୍ବୋଦର ବେହେରା ସଭା ପରିଚାଳନା କରିଥିଲେ ଏହି ଅବସରେ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା ଓ ୧୭ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ସମ୍ବଦ୍ଧନା ପ୍ରଦାନ କରାଯାଇଥିଲା।ଗୁଣାତ୍ମକ ଶିକ୍ଷା ଓ ନିଜ ଅଭିଜ୍ଞତା ସମ୍ପର୍କରେ ଶିକ୍ଷା ଅଧିକାରୀ ଶ୍ରୀ ବେହେରା ବକ୍ତବ୍ୟ ପ୍ରଦାନ କରିଥିଲେ।ଅଦେୟତ୍ୱ ବେହେରା, କାହ୍ନୁଚରଣ ଚମ୍ପତି, ଅରଯୁନ ବେହେରା, ଉତ୍କଳ ପରିଡା ପ୍ରମୁଖ ସଭା ପରିଚାଳନ କରିଥିଲେ।

## ମଣ୍ଡିରେ ସିସି କ୍ୟାମେରା ଭେଳିକି: ଫଲ୍ସ ଏଣ୍ଟ୍ରି କରୁଛନ୍ତି ଧାନକ୍ରୟ ସଂସ୍ଥା

**କଳାହାଣ୍ଡି,୨୮।୬ (ସଂଚାର ବ୍ୟୁରୋ):** ଧାନ ସଂଗ୍ରହରେ ସ୍ୱଚ୍ଛତା ରକ୍ଷା ଲାଗି ସମସ୍ତ ସରକାରୀ ମଣ୍ଡିରେ ସିସିକେମେରା ଲଗାଇବା ପାଇଁ ବିଧାନସଭା ଷ୍ଟାଣ୍ଡିଂ କମିଟି ରାଜ୍ୟ ସରକାରଙ୍କୁ ସୁପାରିଶ କରିଥିଲା। ତଦନୁଯାୟୀ ଧର୍ମଗଡ ବ୍ଲକ ରେ ୨୦୨୪ ଖରିଫ ଋତୁ ଠାରୁ ମଣ୍ଡିଗୁଡିକରେ ସିସି କ୍ୟାମେରା ଲଗାଇବା ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା । ମାର୍କେଟ ୟାର୍ଡ ଓ ଧାନ କ୍ରୟ ଏଜେନ୍ସି ଡବ୍ଲ୍ୟୁଏସଏହି ଦ୍ୱାରା ପରିଚାଳିତ ମଣ୍ଡିଗୁଡିକରେ ଆରଏମସି ସିସି କ୍ୟାମେରା ଲଗାଇବାକୁ ନିଷ୍ପତ୍ତି ହୋଇଥିଲା। ଧର୍ମଗଡ ଆରଏମସି ତାର ଅଣ୍ଡରରେ ଥିବା ସବୁ ମଣ୍ଡିରେ ସିସି କ୍ୟାମେରା ଲଗାଇଛି। ତେବେ କିଛି ଡବ୍ଲ୍ୟୁଏସ ଏଜେନସି କିଛି ମଣ୍ଡି ଗୁଡିକରେ ଆଦୌ ଭିତ୍ତିଭୂମି ନ ଥିବାରୁ ସେଠାରେ ସିସି କ୍ୟାମେରା ଲଗା ହୋଇନ ଥିବା ଆରଏମ୍‌ସି ପକ୍ଷରୁ ସଫେଇ ଦିଆଯାଇଛି।

ଅନ୍ୟପକ୍ଷେ ପ୍ୟାକ୍ସଗୁଡିକୁ ନିଜସ୍ୱ ଖର୍ଚ୍ଚରେ ସିସି କ୍ୟାମେରା ଲଗାଇବାକୁ ନିର୍ଦ୍ଦେଶ ଥିଲା । ଦେଢ ବର୍ଷ ବିତି ଯାଇଥିବା ବେଳେ ଧର୍ମଗଡ ଅଣ୍ଡରରେ ଥିବା ସବୁ ମଣ୍ଡିରେ ସିସି କ୍ୟାମେରା ଲାଗିନାହିଁ। ପ୍ୟାକ୍ସର ମଣ୍ଡି ଓ ମାର୍କେଟ ୟାର୍ଡରେ କ୍ୟାମେରା ଲାଗିଥିବା ବେଳେ ସେମାନେ ଗଳା ବାଟ ଦେଇ ଦୁର୍ନୀତି କରୁଥିବା ଅଭିଯୋଗ ହେଉଛି। ୬୫ ପ୍ରତିଶତ ଧାନ ମଣ୍ଡିକୁ ନ ଆସି ସିଧାସଳଖ ମିଲୁ ଯାଉଥିବା ବେଳେ ଧାନ କ୍ରୟ ଏଜେନ୍ସି ଫଲ୍ସ ଏଣ୍ଟ୍ରିକରି ମାଲେମାଲ ହେଉଛି ବୋଲି ଅଭିଯୋଗ ଉଠୁଛି। ଧର୍ମଗଡ ବ୍ଲକରେ ଏଭଳି ଫଲ୍ସ ଏଣ୍ଟ୍ରି ଅଧିକ ହେଉଥିବା ଅଭିଯୋଗ ଶୁଣିବାକୁ ମିଳୁଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ମିଲମାନଙ୍କର ଟ୍ରାନ୍ସିଟ ପାସର ନକଲ ଓ ମଣ୍ଡିରେ ସେହି ନମ୍ବର ବିଶିଷ୍ଟ ଟ୍ରକ କିମ୍ବା ଟ୍ରାକ୍ଟର ଦ୍ୱାରା ଧାନ ବୋଝେଇ ହୋଇଛି କି ନାହିଁ ଲାଗିଥିବା ସିସି କ୍ୟାମେରାର ଯାଞ୍ଚ କରାଯାଉନି। ଫଳରେ ଧାନ କ୍ରୟ ଏଜେନ୍ସି ଓ ମିଲର୍ସଙ୍କ ସଲାସୁତୁରାରେ ପ୍ରତିବର୍ଷ ସରକାରଙ୍କ କୋଟି କୋଟି ଟଙ୍କାର ମଣ୍ଡି ହ୍ୟାଣ୍ଡଲିଂ ଟଙ୍କା ବାଟମାରଣା ହେଉଛି। ମେ ୨୦ ତାରିଖରୁ ଜିଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ବ୍ଲକରେ ଥିବା ପ୍ୟାକ୍ସ ଓ ଡବ୍ଲ୍ୟୁଏସ ଏଜେନସି ଜରିଆରେ ଯୋଗାଣ ନିଗମ ବ୍ଲକର ପଞ୍ଜୀକୃତ ଚାଷୀଙ୍କ ନିକଟରୁ ଧାନ କିଣୁଛି ତେବେ ଏଜେନ୍ସି ଗୁଡିକ ଚାଷୀଙ୍କ ସ୍ୱାର୍ଥ ଅପେକ୍ଷା ବେପାରି ମାନଙ୍କ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଉଥିବା ଅଭିଯୋଗ ହେଉଛି । ମିଲରଙ୍କ ସହିତ ସଲାସୁତୁରା କରି ଚାଷୀଙ୍କ ଧାନରୁ ମନ ଇଛା କଟନି ଛଟନି କରାଯାଉଛି। ଅସାଧୁ ବ୍ୟବସାୟୀ, ବଡ ଚାଷୀ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଧାନ ମଣ୍ଡିକୁ ନ ଆସି ସିଧାସଳଖ ମିଲକୁ ଯାଉଛି। ଫଳରେ ଚାଷୀ ଗାଡି ଭଡା ଦେଉଥିବା ବେଳେ ମିଲ ମାଲିକ ଓ ଧାନ ସଂଗ୍ରହ ଏଜେନ୍ସି ଗାଡି ଭଡା ଅର୍ଥକୁ ମିଳିମିଶି ହଡପ କରୁଛନ୍ତି । କ୍ଷୁଦ୍ର ଓ ମଧମ ଚାଷୀ ମଣ୍ଡିକୁ ଧାନ ଆଣିଲେ, ସେମାନଙ୍କ ଧାନ ପରେ ଉଠା ଯାଉଥିବା ଅଭିଯୋଗ ହେଉଛି ।



ତେଣୁ ସିସି କ୍ୟାମେରା ଆଧାରରେ ମଣ୍ଡି ଗୁଡିକର ହେରାଫେରି ଓ ସନ୍ଦେହ ଘେରରେ ଥିବା ଧାନ କିଣା ଏଜେନ୍ସି ଗୁଡିକୁ ତଦନ୍ତ ପରିସରଭୁକ୍ତ କରିବାକୁ ଚାଷୀ ସଂଗଠନ ଗୁଡିକ ପକ୍ଷରୁ ଦାବି ହେଉଛି ।

# ନାରୀ



# ମହିଳାଙ୍କ ଉପରେ ହିଂସା ଓ ପୁରୁଷର କର୍ତ୍ତବ୍ୟ

**କହନ୍ତି ନାରୀ ବନ୍ଦନୀୟା, ଚିରକାଳ ପୂଜିତା। ଆଗରୁ ନାରୀକୁ ଅବଳା ଦୁର୍ବଳା କହି ଘରକୋଣରେ ରହିବାକୁ ବାଧ କରାଯାଉଥିଲା, ଯାବତୀୟ ନୀତିନିୟମ ଭିତରେ ବାନ୍ଧି ଦିଆଯାଉଥିଲା। ସେ ପରିବାରର ବୋଝ, ସମସ୍ତଙ୍କ ଦାୟିତ୍ୱ ସହ ନାନା ନିର୍ଯାତନା ମଧ ସହୁଥିଲା। ହେଲେ ସମୟ ବଦଳିଲା, ନାରୀ ବି ପୁରୁଷଙ୍କ ସମକକ୍ଷ ହୋଇ ସଫଳ ସ୍ୱାକ୍ଷର ଛାଡ଼ିଲା। କିନ୍ତୁ ପରିତାପର ବିଷୟ ଦେଶ ଏତେ ଆଗକୁ ଗଲା ପରେ ବି କୋଉଠି ନା କୋଉଠି ପ୍ରତି ମୁହୂର୍ତ୍ତରେ ନାରୀ ଯଥା ପୂର୍ବଂ ତଥା ପରଂ ଭଳି ଆହ୍ୱାନର ସାମ୍ନା କରୁଛି ଏବଂ ପୁରୁଷଙ୍କ ଦ୍ୱାରା ଅତ୍ୟାଚାରିତ ହେଉଛି। କିନ୍ତୁ ଦୁର୍ଗାଙ୍କ ପରି ଆହ୍ୱାନର ସାମ୍ନା କରୁଛି। ସେମିତି କିଛି ଘଟଣାକୁ ନେଇ ପ୍ରଜ୍ଞା ନିବେଦିତା ନାୟକଙ୍କ ସ୍ୱତନ୍ତ୍ର ଉପସ୍ଥାପନା...**

ଜଣାଶୁଣା ସାମାଜିକ କର୍ମୀ ନିଶା ଚାୱ୍ଡା କହନ୍ତି, "୨୦୧୨ ମସିହାର ନିର୍ଭୟା ଗଣଦୁଷ୍କର୍ମ, ୨୦୧୯ରେ ହାଇଦ୍ରାବାଦ ଟୋଲ୍‌ଗେଟ୍ ଦୁଷ୍କର୍ମ ଓ ହତ୍ୟା, ୨୦୨୦ରେ ହାଥରସ୍‌ଠାରେ ଜଣେ ଦଳିତ ଝିଅକୁ ବର୍ବର ଗଣଦୁଷ୍କର୍ମ ଓ ହତ୍ୟା, ନିକଟରେ କଲିକତାର ଆର୍.ଜି. କର ମେଡିକାଲ୍ କଲେଜ ଆଣ୍ଡ୍ ହସ୍‌ପିଟାଲ୍‌ରେ ଜଣେ ଯୁବତୀ ଡାକ୍ତରଙ୍କୁ ପାଶବିକ ଦୁଷ୍କର୍ମ ସହିତ ହତ୍ୟା କରାଯିବା ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଛି। ଏହି ଘଟଣା ପରେ ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ଭରତପୁର ପୁଲିସ ଥାନାରେ ଘଟିଥିବା ଆର୍ମି ଅଫିସର୍ ଓ ତାଙ୍କ ବାନ୍ଧବୀଙ୍କ ଖୋଦ ପୁଲିସ ଦ୍ୱାରା ହୋଇଥିବା ଉତ୍ପୀଡ଼ନ ପ୍ରସଙ୍ଗ ସମଗ୍ର ବିଶ୍ୱରେ ଚର୍ଚ୍ଚା ସୃଷ୍ଟି କରିଛି। ସବୁଠାରେ ରକ୍ଷକ ଭକ୍ଷକ ସାଜୁଛି ଅର୍ଥାତ୍ ପୁଲିସର ଭୂମିକା ଓ ଦାୟିତ୍ୱ ଉପରେ ପ୍ରଶ୍ନ ଉଠିଛି। ଆନ୍ଧ୍ରପ୍ରଦେଶ ସରକାର ୨୦୨୩ ମସିହାରେ ମଡେଲ୍ ତଥା ଅଭିନେତ୍ରୀ କାଦମ୍ବରୀ ଜେଠ୍‌ୱାନିଙ୍କ ସମେତ ତାଙ୍କ ବାପାମାଆଙ୍କୁ ନିର୍ଯାତନା ଷଡ଼ଯନ୍ତ୍ର ପାଇଁ ଗତ ସେପ୍ଟେମ୍ବର ୧୭ ତାରିଖରେ ୩ଜଣ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନିଲମ୍ବିତ କରି ଆପରାଧିକ ମାମଲା ଦାୟର କରିଥିଲେ। ଏହି ବହୁ ବିବାଦୀୟ ପ୍ରସଙ୍ଗ ଭାରତୀୟ ପୁଲିସର ଖାକି ପୋଷାକକୁ କଳଙ୍କିତ କରିଦେବା ଘଟଣା ଲୋକଙ୍କ ମନରୁ ଏଯାଏ ଲିଭିନି। ଏଭଳି ସମୟରେ ରାଉରକେଲା ବନ୍ଧମୁଣ୍ଡା ଥାନାରେ ଖୋଦ୍ ବରିଷ୍ଠ ପୁଲିସ ଅଧିକାରୀ ନିଜ ମହିଳା ସହକର୍ମୀଙ୍କୁ ଦୁର୍ବ୍ୟବହାର କରିଥିବାର ଯେଉଁ ଗୁରୁତର ଅଭିଯୋଗ ଉଠିଛି ତାହାଦ୍ୱାରା ପୁଲିସର ଭାବମୂର୍ତ୍ତି କ'ଣ ହେବ? ଭରତପୁର ଥାନାରୁ ନେଇ ଉପରୋକ୍ତ ସମସ୍ତ ଘଟଣା ପୂରା ପୁଲିସ ବିଭାଗର ସ୍ୱଚ୍ଛତା ଓ ସାଧୁତାକୁ ଦୁର୍ଗନ୍ଧମୟ କରିଦେଉଛି।

ସବୁକ୍ଷେତ୍ରରେ ମହିଳାମାନଙ୍କ ଅଂଶଗ୍ରହଣ ବଢ଼ିଥିବା ସତ୍ତ୍ୱେ ସାରା ଦେଶରେ ସେମାନଙ୍କ ପ୍ରତି ହିଂସା ସଂପର୍କିତ ଅପରାଧ ବୃଦ୍ଧି ପାଇଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ପକ୍ଷରୁ କୁହାଯାଇଛି, ୨୦୧୬ରୁ ୨୦୨୧ ମଧ୍ୟରେ ଆମ ଦେଶରେ ମହିଳାଙ୍କ ଉପରେ ଅପରାଧ ଲଗାତାର ବଢ଼ି ଚାଲୁଛି। ଏହି ସମୟ ମଧ୍ୟରେ ଦୁଷ୍କର୍ମ, ଅପହରଣ, ଘରୋଇ ହିଂସା, ଯୌନ ଉତ୍ପୀଡ଼ନ ଓ ବେଆଇନ ଚାଲାଣ ପରି ଅପରାଧଗୁଡ଼ିକ ୨୬.୩୫% ବୃଦ୍ଧି ପାଇଛି। ଆମ ସମ୍ବିଧାନର ଧାରା-୨୧ରେ ନାଗରିକମାନଙ୍କୁ ପ୍ରଦାନ କରାଯାଇଥିବା ଜୀବନ ଓ ସ୍ୱାଧୀନତାର ସାମ୍ବିଧାନିକ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ବ୍ୟକ୍ତିଗତ ନିରାପତ୍ତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମହିଳାମାନଙ୍କ ସକାଶେ ଏହାକୁ କିପରି ସୁନିଶ୍ଚିତ କରାଯାଇପାରିବ, ତାହା ହିଁ ବର୍ତ୍ତମାନ ସବୁଠାରୁ ବଡ଼ ଆହ୍ୱାନ ପାଲଟିଛି।

ବିଶ୍ୱର ଜଣେ ଖ୍ୟାତିସଂପନ୍ନ ବିଦ୍ୱାନ ତଥା ଲୈଙ୍ଗିକ ଓ ଜାତିଗତ ଭେଦଭାବ ଆଧାରିତ ହିଂସା କ୍ଷେତ୍ରରେ କାର୍ଯ୍ୟ କରୁଥିବା ସାମାଜିକ ତୃଣମୂଳ କର୍ମୀ ଜ୍ୟାକ୍ସନ୍ କାଜ୍ କହିଛନ୍ତି, "ଲିଙ୍ଗ ଆଧାରିତ ହିଂସା କେବଳ ମହିଳାମାନଙ୍କର ସମସ୍ୟା ନୁହେଁ, ପୁରୁଷମାନଙ୍କର ମଧ ଏକ ବଡ଼ ସମସ୍ୟା। କାରଣ ଏପରି ଅପରାଧ ଘଟାଉଥିବା ଲୋକେ ସମାଜର ଅଧିକ ପ୍ରଭାବଶାଳୀ ଗୋଷ୍ଠୀ (ପୁରୁଷ) ମଧ୍ୟରୁ ଆସିଥା'ନ୍ତି। ମହିଳାଙ୍କ ପ୍ରତି ହେଉଥିବା ଗାଳିଗୁଲଜ ଓ ହିଂସାକୁ ରୋକିବା ପାଇଁ ପୁରୁଷମାନଙ୍କୁ କେବଳ ସମ୍ବେଦନଶୀଳ କରାଇଲେ ହେବନାହିଁ, ସେମାନଙ୍କୁ ନେତୃତ୍ୱ ନେବାର ତାଲିମ ପ୍ରଦାନ କରାଯିବା ମଧ ଆବଶ୍ୟକ"। ପ୍ରସିଦ୍ଧ ନାଗରିକ ଅଧିକାର କର୍ମୀ ମାର୍ଟିନ୍ ଲୁଥର୍ କିଙ୍ଗ୍ ଜୁନିଅର୍ ଏକଥା ବେଶ୍ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି, ''ଶେଷରେ ଆମକୁ ଯାହା ସବୁଠାରୁ ବେଶୀ ଆଘାତ ଦିଏ ତାହା ଆମ ଶତ୍ରୁମାନଙ୍କର ଗାଳି ବା ଅପମାନ ନୁହେଁ, ବରଂ ଆମ ବନ୍ଧୁମାନଙ୍କର ନିରବତା। ଆମମାନଙ୍କ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଅଣାଯିବା ଆବଶ୍ୟକ। କାରଣ ସମାଜରେ ପ୍ରତ୍ୟେକ ପୁରୁଷ ଜଣେ ପୁଅ, ଭାଇ, ବାପା ବା ସ୍ୱାମୀ ରୂପେ ଜଣେ ମହିଳାଙ୍କ ସହିତ ଜଡ଼ିତ। ଜୀବନର ପ୍ରତ୍ୟେକଟି କ୍ଷେତ୍ରରେ ମହିଳାମାନଙ୍କ ସୁରକ୍ଷାର ନେତୃତ୍ୱ ନେବାର ଦାୟ ପୁରୁଷମାନଙ୍କ ଉପରେ। ଯେକୌଣସି ସ୍ଥାନରେ ଅନ୍ୟାୟ କିମ୍ବା ମହିଳାଙ୍କ ଉପରେ ହିଂସା ହୋଇଥାଉ ନା କାହିଁକି, ତାହା ସବୁ ସ୍ଥାନର ନ୍ୟାୟ ପ୍ରତି ବିପଦ।'' ପାଉଲୋ କୋଏଲୋ କହିଛନ୍ତି, ''କେବଳ କାପୁରୁଷମାନେ ନିରବତା ପଛରେ ଆତ୍ମଗୋପନ କରନ୍ତି।'' ତେଣୁ ଯଦି କେଉଁଠାରେ ମହିଳାମାନଙ୍କ ଉପରେ ହିଂସା ହେଉଛି ନିରବ ରହୁଥିବା ବ୍ୟକ୍ତି ବିଶେଷ ହେଉଛନ୍ତି ଭୀରୁ।

ଭରତପୁର ଥାନା ଘଟଣାରେ ସମଗ୍ର ଓଡ଼ିଶା ପୁଲିସ ବିଭାଗରେ ବ୍ୟାପକ ଅଦଳବଦଳ କରିଦେବା ପରେ ମଧ କେତେକ ଥାନା ଫାଣ୍ଡିର ପୁଲିସଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ିନଥିବା ପରି ଜଣାପଡୁଛି। ଅନ୍ୟପଟରେ ଦାୟିତ୍ୱ ନେବା ପରେ ପରେ ନୂଆ ପୁଲିସ କମିସନର୍ ଡକ୍ଟର ସୁରେଶ ଦେବ ଦତ୍ତ ସିଂହ ତତ୍‌କ୍ଷଣାତ୍ ଘୋଷଣା କରିଥିଲେ, ଥାନାରେ ଏଫ.ଆଇ.ଆର୍. ନରଖିବା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ। କିନ୍ତୁ ଆଶ୍ଚର୍ଯ୍ୟର କଥା ଏହି ଘୋଷଣାର ମାତ୍ର କିଛି ସମୟ ମଧ୍ୟରେ ଏହାର ଖୋଲାଖୋଲି ଉଲ୍ଲଂଘନ ହୋଇଥିଲା। ଗତ ୩୦ ତାରିଖରେ ଦୁଇ ଜଣ ଦଳିତ ମହିଳା ସରସ୍ୱତୀ, ମମତା ଓ ବୃଦ୍ଧା କିଣି ଭୋଇ କଟକ ମଧୁପାଟଣା ଥାନାରେ ମଧ୍ୟାହ୍ନରେ ନିଜର ଏଫ୍.ଆଇ.ଆର୍. ଦେବାକୁ ଯାଇ ନିରାଶ ହୋଇଥିଲେ। ଅଭିଯୋଗ କରି ବୃଦ୍ଧା କିଣି ଭୋଇ କହନ୍ତି, "ପୁଲିସକୁ ଯେତେ ନେହୁରା ହୋଇ କହିଲେ ମଧ ସେ ମୋ କଥା ଶୁଣିନଥିଲେ କିମ୍ବା ଏଫ୍.ଆଇ.ଆର୍. ରଖିନଥିଲେ ଏବଂ ମୋତେ ଧମକ ଦେଇଥିଲେ ବାନ୍ଧିକି ଭିତରେ ପୂରାଇଦେବେ। ଅନେକ ସମୟ ଥାନାରେ ଅପେକ୍ଷା କରିବା ପରେ ଫେରିଆସି ମୁଁ ରେଜିଷ୍ଟର୍ଡ ଡାକରେ କଟକ ଡିସିପି ଓ ପୁଲିସ କମିସନର୍‌ଙ୍କୁ ମୋର ଅଭିଯୋଗ ଦରଖାସ୍ତ ଓ ଏଫ୍. ଆଇ.ଆର୍ ପଠାଇଛି''। ଏସବୁ ଘଟଣା ପରେ କିଛି ଅଧିକାରୀଙ୍କ ଯୋଗୁଁ ସମଗ୍ର ପୁଲିସ ବିଭାଗର ସାଧୁତା ଉପରେ ପ୍ରଶ୍ନ ଉଠୁଛି। ଆଇନଜୀବୀ ଶୈବାଳିନୀ ଲେଙ୍କା କହନ୍ତି, "ସମାଜରେ ପରିବର୍ତ୍ତନ ଆସିଛି ଏବଂ ଏହାସହିତ ତାଳ ଦେଇ ମହିଳାମାନେ ସେମାନଙ୍କର ଅଧିକାର ବିଷୟରେ ସଚେତନ ହେବା ଜରୁରି। ପୁଲିସ ମାନସିକତାରେ ପରିବର୍ତ୍ତନ ନିତାନ୍ତ ଆବଶ୍ୟକ। ଏହା ନହେଲେ ସମାଜରେ ହିଂସା ବଢ଼ିବ। ସମାଜରେ ପୁରୁଷର ଯେତିକି ଅଧିକାର ରହିଛି ଜଣେ ନାରୀର ମଧ ସମାନ ଅଧିକାର ରହିଛି। ଯଦି ଜଣେ ନାରୀ ନିର୍ଯାତନା ଭଳି ଯେକୌଣସି ହିଂସାର ସମ୍ମୁଖୀନ ହେଉଛି ତେବେ ସେ ନିଜର ଆଇନଗତ ଅଧିକାରରେ ନ୍ୟାୟ ପାଇବାକୁ ହକଦାର।

ତେବେ ରାଜନୈତିକ ଚାପରେ ଅନେକ ମହିଳା ଦୁଷ୍କର୍ମ ଓ ହତ୍ୟା ଭଳି ସଂଗୀନ ଅପରାଧର ତଦନ୍ତ ଓ ପ୍ରମାଣକୁ ପୁଲିସ ଦିଗଭ୍ରଷ୍ଟ କରି ନଷ୍ଟ କରିଦେଉଛି ବୋଲି ଦେଖିବାକୁ ମିଳୁଛି। ଏହାଦ୍ୱାରା ମହିଳାମାନଙ୍କ ଉପରେ ଅଧିକରୁ ଅଧିକ ଅପରାଧ ହେବାର ଆଶଙ୍କା ସୃଷ୍ଟି ହେଉଛି। କିନ୍ତୁ ଅନ୍ୟପଟରେ ମହିଳା ସମାଜ ମଧ ସଂଯମ ହେବା ଜରୁରି। ସହମତିରେ ଶାରୀରିକ ସମ୍ପର୍କ ରଖି ପରେ ଏହାକୁ ନେଇ ଅଭିଯୋଗ କରିବା ମଧ ଏକ ଅପରାଧ ଅଟେ। ମିଛ କେସ୍ ବୋଲି ପ୍ରମାଣିତ ହେଲେ କଠୋର ଦଣ୍ଡ ଦେବା ଉଚିତ। କେହି ଆଇନରୁ ଊର୍ଦ୍ଧ୍ୱରେ ନୁହନ୍ତି।''

"କିନ୍ତୁ ଜଣେ ମହିଳା ଆଇନଜୀବୀ ଭାବେ ଏବଂ ମୋ ଅଭିଜ୍ଞତାରୁ ମୁଁ ଏହା କହି ରଖିବାକୁ ଚାହେ, ଆଜିକାଲି ଅଧିକାଂଶ ମହିଳା ଆଇନକାନୁନ ବଳରେ ବଳୀୟାନ ହୋଇ ସ୍ୱାଧୀନାତା ନାଁରେ ସ୍ୱେଚ୍ଛାଚାରିତାକୁ ଆପଣାଇ ନେଉଛନ୍ତି। ଅନେକ ସମୟରେ ଛୋଟ ଛୋଟ କଥାରେ ନିଜର ଅହଂକାର ଦେଖାଇବା ସେମାନଙ୍କ ପାଇଁ ବିପଦ ଓ ପାରିବାରିକ ଅଶାନ୍ତିକୁ ଡାକି ଆଣୁଛି। କିନ୍ତୁ ଦୁଷ୍କର୍ମ ପ୍ରସଙ୍ଗ ସମ୍ପୂର୍ଣ୍ଣ ଭିନ୍ନ। ଏ ଦିଗରେ ମହିଳାମାନଙ୍କୁ ସମାଜ ଓ ପରିବାର ସମ୍ମାନ ଦେଇ ସେମାନଙ୍କ ନ୍ୟାୟିକ ଲଢ଼େଇକୁ ଜୋରଦାର କରିବା ଉଚିତ। ଏଥିରେ କୌଣସି ପ୍ରକାରର କୋହଳ ମନୋଭାବ ପୋଷଣ କରିବା ଅନୁଚିତ। ଯଦିଓ ଏହା ଏକ ଲମ୍ବା ଲଢ଼େଇ ଏବଂ ଜଣେ ନାରୀ ପାଇଁ କଷ୍ଟସାଧ କିନ୍ତୁ ମନୋବଳ ଛୋଟ ନ କରି ଶେଷ ପର୍ଯ୍ୟନ୍ତ ସଂଗ୍ରାମ କରିବା ଆବଶ୍ୟକ। ୧୫୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ତ୍ୱରିତ ନ୍ୟାୟ ମିଳିବା ଟିକିଏ କଷ୍ଟ," ବୋଲି କହନ୍ତି ଶୈବାଳିନୀ ଲେଙ୍କା।


କାଦମ୍ବରୀ ଜେଠ୍‌ୱାନି


ନିଶା ଚାୱ୍ଡା


ଶୈବାଳିନୀ


କିଣି ଭୋଇ

# ଅନ୍ନଦାତ୍ରୀ ମା ଅନ୍ନପୂର୍ଣ୍ଣା



**"ଅନ୍ନପୂର୍ଣ୍ଣେ ସଦା ପୂର୍ଣ୍ଣେ ଶଙ୍କରପ୍ରାଣବଲ୍ଲଭେ... ଜ୍ଞାନ, ବୈରାଗ୍ୟ, ସିଦ୍ଧ୍ୟାର୍ଥଂ, ଭିକ୍ଷାଂ ଦେହି ଚ ପାର୍ବତୀ..."**

କାଶୀ, ବାରାଣସୀ, ଯେଉଁଠାରେ ପ୍ରଭୁ ମହାଦେବ ବିଶ୍ୱେଶ୍ୱର ଭାବରେ ପୂଜିତ, ସେଠାରେ ମା' ପାର୍ବତୀଙ୍କର ଅନ୍ନପୂର୍ଣ୍ଣେଶ୍ୱରୀ ରୂପ ବିଶେଷ ଭାବେ ପୂଜିତ। ଅନ୍ନପୂର୍ଣ୍ଣେଶ୍ୱରୀଙ୍କର ଏ ମନ୍ଦିରଟି ମରାଠା ପେଶୱା ବାଜିରାଓ ବଲ୍ଲାଡଙ୍କ ଦ୍ୱାରା ୧୭୨୯ ଖ୍ରୀଷ୍ଟାବ୍ଦରେ ନିର୍ମିତ। ଦେବୀଙ୍କର ନିତ୍ୟଦର୍ଶନ ପାଇଁ ପିତ୍ତଳ ପ୍ରତିମା ରହିଛନ୍ତି ଏବଂ କେବଳ କାର୍ତ୍ତିକ ପ୍ରତିପଦା ଦିନ ଅନ୍ନକୂଟ ମହୋତ୍ସବ ବେଳେ ଦେବୀଙ୍କର ସୁବର୍ଣ୍ଣ ପ୍ରତିମା ଦେଖିବାକୁ ମିଳେ। ଦେବୀଙ୍କର ଏହି ରୂପ ଅନ୍ୟତ୍ର ଦୁର୍ଲ୍ଲଭ। କୁହାଯାଏ ଯେଉଁଠାରେ ମାଆ ଅନ୍ନପୂର୍ଣ୍ଣାଙ୍କର ନିବାସ, ସେଠାରେ କ୍ଷୁଧାର ତାଡ଼ନା ନାହିଁ (କାଶୀବାସୀଙ୍କର ଭୋଜନବିଳାସ କାହାକୁ ବା ଅଜଣା)। ମାତାଙ୍କର ଅନ୍ନପୂର୍ଣ୍ଣା ରୂପ ସମ୍ବନ୍ଧରେ ରୋଚକ ପୌରାଣିକ କାହାଣୀ ରହିଛି। ଏକଦା ଶିବପାର୍ବତୀ ଆଳାପମଗ୍ନ ଥିବାବେଳେ ମହାଦେବ ଜଗତକୁ 'ମାୟା' ବୋଲି କହିଦେଲେ। ଅନ୍ନପୂର୍ଣ୍ଣା ଏହାର ବିରୋଧ କଲେ। କ୍ଷୁଧା ଅବିନାଶୀ ଏବଂ ଖାଦ୍ୟ ପରମସତ୍ୟ ବୋଲି ମା' କହିଲେ। ଏଣୁ ମହାଦେବଙ୍କ ଭ୍ରମ ଦୂର କରିବା ପାଇଁ ପୃଥିବୀର ସବୁ ଖାଦ୍ୟପାନୀୟ ଲୁଚାଇଦେଲେ, ନିଜେ ମଧ ଲୁଚିଗଲେ। ଅନ୍ୟପଟେ ପ୍ରବଳ କ୍ଷୁଧା ରୂପେ ପ୍ରତ୍ୟେକ ପ୍ରାଣୀ ଭିତରେ ବିଜେ ହେଲେ। ଭୋକରେ ଆଉଟୁପାଉଟୁ ହୋଇ ଜଗତଜନଙ୍କ ସହ ସ୍ୱୟଂ ମହାଦେବ ତ୍ରାହି ତ୍ରାହି ଡାକ ଛାଡ଼ିଲେ। "କ୍ଷୁଧା ତୃଷାର୍ତ୍ତାଂ ଜନନୀ ସ୍ମରନ୍ତି" (ଭୋକଶୋଷ ହେଲେ ମା' ମନେପଡ଼େ)। ମହାଦେବ ନିଜର କମଣ୍ଡଳୁ ଧରି ଭିକ୍ଷାର୍ଥୀ ଭାବରେ ପାର୍ବତୀଙ୍କୁ ଆକୁଳ ହୋଇ ସ୍ମରଣ କରିବାକୁ ଲାଗିଲେ। ତହୁଁ ମାତା ହାତରେ ଅକ୍ଷୟପାତ୍ର ଓ ଅପୂର୍ବ ପରଶୁଣି ଧରି ଉଭା ହେଲେ। ମା' ଅନ୍ନପୂର୍ଣ୍ଣାଙ୍କ ଇଙ୍ଗିତ ମାତ୍ରେ ଖାଦ୍ୟପୂର୍ଣ୍ଣ ହେବାକୁ ଲାଗିଲା ପ୍ରତି ରନ୍ଧନଶାଳା। ସମସ୍ତେ ଆକଣ୍ଠ ଭୂରିଭୋଜନ କଲେ। ମହାଦେବଙ୍କ ଆଦେଶ ମୁତାବକ ଯେଉଁ ସ୍ଥାନରେ ମା' ଅନ୍ନପୂର୍ଣ୍ଣା ନିବାସ କରିବେ ସେଠାରେ ସମସ୍ତେ କ୍ଷୁଧାମୁକ୍ତ ନିଶ୍ଚିନ୍ତ ଜୀବନଯାପନ କରିବେ।

ଅନ୍ୟ ଏକ କାହାଣୀ ମୁତାବକ, ମାତା ପାର୍ବତୀ ମହାଦେବଙ୍କର ତିନିଟିଯାକ ଆଖିକୁ ନିଜ ହାତରେ ବନ୍ଦ କରିଦିଅନ୍ତେ ଘୋର ଅନ୍ଧାର ହେଲା, ମାତାଙ୍କ ଗୌରୀ ରୂପ ମଧ ଅନ୍ତର୍ହିତ ହୋଇଗଲା, ସେ ହେଲେ କାଳୀ। କିଛି ସମୟ ପରେ ଦେବାଧିଦେବ ଆଖି ଖୋଲିଲେ ଏବଂ ମା'ଙ୍କର କାଳୀ ରୂପ ଦେଖି ନିରବ ରହିଲେ। ଗୌରୀ ନିଜର ଗୌରବର୍ଣ୍ଣ ଫେରିପାଇବା ପାଇଁ ବ୍ୟାକୁଳ ଥିଲେ। ତେଣୁ ମହାଦେବ ତାଙ୍କୁ ନିତ୍ୟ ଅନ୍ନଦାନ କରିବାକୁ ପରାମର୍ଶ ଦେଲେ, କାଶୀ ବିଶ୍ୱେଶ୍ୱରଙ୍କ ପତ୍ନୀ ଭାବରେ ମା' ମହାମୋକ୍ଷପଥର ଯାତ୍ରୀ ଓ ସମସ୍ତ ଆର୍ତ୍ତ, ଅର୍ଥୀମାନଙ୍କୁ ନିଜ ରନ୍ଧନଶାଳାରୁ ଭୋଜନଦାନ କରୁ କରୁ ଗୌରୀ ରୂପ ଫେରିପାଇଲେ। ଅନ୍ନପୂର୍ଣ୍ଣେଶ୍ୱରୀ ସ୍ତୋତ୍ରରେ ଧାଡ଼ିଏ ଅଛି, "ଶ୍ରୀବିଶ୍ୱେଶ ମନଃ ପ୍ରସାଦନ କରୀ କାଶୀପୁରାଧିଶ୍ୱରୀ... ଭିକ୍ଷାଂ ଦେହି କୃପାବଲମ୍ବନକରୀ ମାତାନ୍ନପୂର୍ଣ୍ଣେଶ୍ୱରୀ''

ଅନ୍ନପୂର୍ଣ୍ଣେଶ୍ୱରୀ ସ୍ତୋତ୍ରର ଉତ୍ପତ୍ତି ସମ୍ପର୍କରେ ମଧ ଗୋଟିଏ କିଂବଦନ୍ତି ରହିଛି। ଶ୍ରୀମଦ୍‌ଶଙ୍କରାଚାର୍ଯ୍ୟ କାଶୀବାସ ସମୟରେ ନିୟମ ଅନୁସାରେ ଗୋଟିଏ ଘରୁ ଭିକ୍ଷାକରି ଯାହା ମିଳେ ତାହା ଖାଆନ୍ତି। ଦିନେ ସେ ଜଣେ ଦରିଦ୍ର ବ୍ରାହ୍ମଣର ଦ୍ୱାରସ୍ଥ ହେଲେ, ସନ୍ନ୍ୟାସୀଙ୍କୁ ଅନ୍ନଦାନ ଦେଇନପାରି ଗରିବ ବ୍ରାହ୍ମଣ କାନ୍ଦିବାକୁ ଲାଗିଲେ। ତାଙ୍କ ଘରେ ଅନ୍ନର ଦାନାଟିଏ ନଥିଲା। ମାତା ଅନ୍ନପୂର୍ଣ୍ଣାଙ୍କ ନଗରୀରେ ଏଭଳି ଜଣେ ଦରିଦ୍ରଙ୍କୁ ଦେଖି ଶ୍ରୀମଦ୍‌ଶଙ୍କରାଚାର୍ଯ୍ୟ ମହୋଦୟ ସେହିଠାରେ ମାତାଙ୍କୁ ଆବାହନ କଲେ,

**"ନିତ୍ୟାନନ୍ଦକରୀ ବରାଭୟକରୀ ସୌନ୍ଦର୍ଯ୍ୟରତ୍ନାକରୀ**
**ନିର୍ଧୂତାଖିଲଘୋରପାପନିକରୀ ପ୍ରତ୍ୟକ୍ଷ୍ୟମାହେଶ୍ୱରୀ**
**ପ୍ରାଲେୟାଚଳବଂଶପାବନକରୀ କାଶୀପୁରାଧିଶ୍ୱରୀ**
**ଭିକ୍ଷାଂ ଦେହି କୃପାବଲମ୍ବନକରୀ ମାତାର୍ଣ୍ଣପୂର୍ଣ୍ଣେଶ୍ୱରୀ''**

ବାର ପଦରେ ରଚିତ ଏହି ସ୍ତୋତ୍ରଟି ପଢ଼ିବା ମାତ୍ରେ ସେ ବ୍ରାହ୍ମଣଙ୍କ ଅଗଣାରେ ସୁନାବର୍ଷା ହେଲା ବୋଲି କିଂବଦନ୍ତି ରହିଛି। ଅନ୍ନପୂର୍ଣ୍ଣେଶ୍ୱରୀ ସ୍ତୋତ୍ର ପ୍ରତିଦିନ ପଢ଼ି ନପାରିଲେ ଗୋଟିଏ କାଗଜରେ ଲେଖି ଠାକୁରଘରେ କି ରୋଷେଇଘରେ ରଖିଦେଲେ ପରିବାରରେ କେବେ ଅନ୍ନର ଅଭାବ ହୁଏନାହିଁ ବୋଲି ପ୍ରବାଦ ରହିଛି। ଅନ୍ନର ଦେବୀ ଭାବେ ମା' ଅନ୍ନପୂର୍ଣ୍ଣା ଦେବୀ ପାର୍ବତୀଙ୍କ ରୂପ ଅଟନ୍ତି। ଶ୍ରୀମନ୍ଦିରରେ ମା' ବିମଳାଙ୍କ ନିକଟରେ ଶ୍ରୀଜଗନ୍ନାଥଙ୍କ ପ୍ରସାଦ ନେତ୍ରଲାଗି ହେବାପରେ ହିଁ ମହାପ୍ରସାଦ ହୁଏ। ମା' ବିମଳାଙ୍କ ନିକଟରେ ଏବେ ଷୋଡ଼ଶ ଉପଚାର ପୂଜା ଚାଲିଥିବ, ମା'ଙ୍କୁ ପ୍ରୋକ୍ଷଣ ବା ବଳୀ ଦିଆଯିବ। ମାଛ ବା ପାଣିଫଳ ପୂଜା ହେବ, ଲୁଣ ବା ରାମରସରେ ସିଦ୍ଧ ମତ୍ସ୍ୟ ମା'ଙ୍କର ଭୋଗ।

*(କାହାଣୀ ଓ କିଂବଦନ୍ତି: ସଂଗୃହୀତ)*


ଉପସ୍ଥାପନା- ପ୍ରଜ୍ଞାଶ୍ରୀ ରଥ

# ପ୍ରେରଣାର ନାମ ପିଙ୍କି ହରୟାନ

## ଦିନେ ଭିକ ମାଗୁଥିଲେ, ଆଜି ଏମ୍‌ବିବିଏସ୍!

ହିମାଚଳ ପ୍ରଦେଶ ଅନ୍ତର୍ଗତ ମ୍ୟାକ୍‌ଲିଓଡ୍‌ଗଞ୍ଜର ପିଙ୍କି ହରୟାନଙ୍କ ବାଲ୍ୟକାଳ କଟିଥିଲା ପିତାମାତାଙ୍କ ସହ ରାସ୍ତାରେ ବୁଲି ବୁଲି ଭିକ ମାଗିବାରେ ଓ ଦରକାର ପଡ଼ିଲେ ଅଳିଆଗଦାରୁ ଖାଦ୍ୟ ସଂଗ୍ରହ କରି ଖାଇବାରେ। ଆଜି କିନ୍ତୁ ସେ ବିଦେଶରୁ ଡାକ୍ତରି ଡିଗ୍ରି ହାସଲ କରି ସ୍ୱଦେଶ ଫେରିଆସିଛନ୍ତି ଏବଂ ଏଠାରେ ଡାକ୍ତରୀ ସେବା ଆରମ୍ଭ କରିବା ଲାଗି ପ୍ରସ୍ତୁତି କରୁଛନ୍ତି। ପିଙ୍କିଙ୍କ ଜୀବନର ରୂପାନ୍ତର ଏକ ବଳିଷ୍ଠ ଉଦାହରଣ ଯାହା ଦର୍ଶାଇଥାଏ ପାଠ ପଢ଼ିବାର ସୁଯୋଗ କିପରି ଗୋଟିଏ ପରିବାରକୁ ଦାରିଦ୍ର୍ୟର ଦୁଷ୍ଟ ଚକ୍ରରୁ ମୁକ୍ତ ହେବାରେ ସାହାଯ୍ୟ କରିଥାଏ। ୨୦୦୪ ମସିହାର କଥା। ତିବ୍ବତୀୟ ସାଧୁ ତଥା ଧର୍ମଶାଳାର ଏକ ବଦାନ୍ୟ ସଂସ୍ଥାର ଅଧକ୍ଷ ଲୋବସାଙ୍ଗ ଜାମୟାଙ୍ଗ ପିଙ୍କିଙ୍କୁ ଭିକ ମାଗୁଥିବାର ଦେଖିଥିଲେ। କିଛି ଦିନ ପରେ ସେ ପିଙ୍କି ରହୁଥିବା ବସ୍ତିକୁ ଯାଇ ତାଙ୍କୁ ବିଦ୍ୟାଳୟରେ ଭର୍ତ୍ତି କରାଇବା ଲାଗି ତାଙ୍କ ପିତାମାତାଙ୍କୁ ବୁଝାଇଥିଲେ। ଏହି କଠିନ କାର୍ଯ୍ୟରେ ସଫଳତା ମିଳିବା ପରେ ପିଙ୍କି ଧର୍ମଶାଳାରେ ଖୋଲିଥିବା ଉକ୍ତ ବଦାନ୍ୟ ସଂସ୍ଥାର ହଷ୍ଟେଲ୍‌ରେ ରହି ଦୟାନନ୍ଦ ପବ୍ଲିକ୍ ସ୍କୁଲ୍‌ରେ ପାଠପଢ଼ା ଆରମ୍ଭ କରିଥିଲେ। ପିଙ୍କି ଶୀଘ୍ର ବୁଝିଗଲେ ଯେ ପାଠ ଦ୍ୱାରା ହିଁ ତାଙ୍କ ପରିବାର ଦାରିଦ୍ର୍ୟରୁ ମୁକ୍ତ ହୋଇପାରିବ। ମାଧ୍ୟମିକ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସେ 'ନିଟ୍' ପରୀକ୍ଷାରେ ମଧ କୃତକାର୍ଯ୍ୟ ହେଲେ। ତେବେ ଘରୋଇ ମେଡିକାଲ୍ କଲେଜର ବ୍ୟୟବହୁଳ ଦେୟ ଦେବା ସମ୍ଭବ ନଥିଲା, କିନ୍ତୁ ୟୁନାଇଟେଡ୍ କିଙ୍ଗଡମ୍‌ର ଅନ୍ୟ ଏକ ବଦାନ୍ୟ ସଂସ୍ଥାର ସାହାଯ୍ୟ ବଳରେ ସେ ୨୦୧୮ରେ ଚୀନର ଏକ ସମ୍ମାନଜନକ ମେଡିକାଲ୍ କଲେଜରେ ନାମ ଲେଖାଇଲେ। ନିକଟରେ ସେ ଏମ୍‌ବିବିଏସ୍ ପାଠ୍ୟକ୍ରମ ସମାପ୍ତ କରି ଧର୍ମଶାଳା ଫେରିଛନ୍ତି। ୨୦ ବର୍ଷର ଏହି ଅବିଶ୍ୱସନୀୟ ଜୀବନଯାତ୍ରା ଭିତରେ ସେ ନିଜ ଛୋଟ ଭାଇଭଉଣୀଙ୍କୁ ମଧ ପାଠ ପଢ଼ିବା ଲାଗି ପ୍ରୋତ୍ସାହିତ କରିଛନ୍ତି। ପିଙ୍କି ଏବେ ଭାରତରେ ଡାକ୍ତରୀ ପେସାରେ ପ୍ରବେଶ କରିବା ଲାଗି ଆବଶ୍ୟକ ଫରେନ୍ ମେଡିକାଲ୍ ଗ୍ରାଜୁଏଟ୍ ଏକ୍‌ଜାମିନେସନ୍ (ଏଫ୍‌ଏମ୍‌ଜିଇ) ଲାଗି ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ପିଙ୍କିଙ୍କ ପରି ଅନେକଙ୍କୁ ଶିକ୍ଷିତ କରାଇଥିବା ଲୋବସାଙ୍ଗ ଜାମୟାଙ୍ଗ କହନ୍ତି, ଅଭାବଗ୍ରସ୍ତ ପିଲାମାନେ ଶିକ୍ଷାଲାଭ କରି ଯେପରି ସ୍ୱାଭିମାନର ଜୀବନ ଜିଇପାରିବେ ସେହି ଲକ୍ଷ୍ୟ ନେଇ ସେ ଉକ୍ତ ସଂସ୍ଥା ଆରମ୍ଭ କରିଥିଲେ। ସେହି ପିଲାମାନେ ପାଠ ପଢ଼ି ଅନ୍ୟମାନଙ୍କ ଲାଗି ଉଦାହରଣ ସାଜିବା ତାଙ୍କୁ ମଧ ଆଶ୍ଚର୍ଯ୍ୟ କରିଛି। ତାଙ୍କ ମତରେ ପିଲାମାନଙ୍କୁ 'ଟଙ୍କା ରୋଜଗାରର ମେସିନ୍' ଭଳି ବ୍ୟବହାର କରିବା ଅନୁଚିତ। ବରଂ ପିଲାମାନଙ୍କୁ ଭଲ ମଣିଷ ହେବା ଲାଗି ଉତ୍ସାହିତ କରିବା ଜରୁରି।




## ଶୀତଦିନିଆ ପେଡିକ୍ୟୁଅର୍



ଫାଳେ ଲେମ୍ବୁ ଉପରେ ୧ ଚାମଚ ସାମ୍ଭୁ ପକାଇ ସେଇ ଲେମ୍ବୁଟି ନେଇ ଦୁଇ ପାଦ, ଗୋଇଠି, ତଳିପା ଇତ୍ୟାଦି ଭଲକି ଘଷି ସଫା କରନ୍ତୁ। ପାଦ ବୁଡ଼ି ପାରୁଥିବା ପରି ଗରମ ପାଣି ନେଇ ଗୋଟିଏ ଟବ୍‌ରେ ରଖି ୧୦ ମିନିଟ୍ ଗୋଡ଼ ବୁଡ଼େଇ ବସନ୍ତୁ। ସେଇ ଗରମ ପାଣିରେ ଏକଚାମଚ ବାଥ୍ ସଲ୍ଟ, ଏକ ଚାମଚ ଭିନେଗାର/ ଲେମ୍ବୁରସ ମିଶେଇଲେ ଭଲ। ପାଦର ଚର୍ମ ୧୦/୧୫ ମିନିଟ୍‌ରେ ଟିକେ ନରମ ହୋଇଯିବ ତାକୁ ପ୍ୟୁମିସ୍ ଷ୍ଟୋନ୍‌ରେ ଭଲକି ଘଷି ସଫା କରି ଦିଅନ୍ତୁ। ଏଥର ଗୋଟିଏ କାଚଗିନାରେ ଏକ ଚାମଚ୍ ଭେସ୍‌ଲିନ୍ ଜେଲି, ଏକ ଚାମଚ ବେକିଂ ପାଉଡର୍, ଏକ ଚାମଚ ନଡ଼ିଆ ତେଲ, ଗୋଟେ ଭିଟାମିନ୍ ଇ କ୍ୟାପ୍‌ସୁଲ୍ ଓ ଦୁଇଟି ସାଦା ମହମବତୀକୁ ଖଣ୍ଡ କରି ମିଶାନ୍ତୁ। ଡବଲ୍ ବଏଲର୍‌ରେ ଏହାକୁ ଗରମ କରନ୍ତୁ। ଅର୍ଥାତ୍ ଗୋଟିଏ ପାତ୍ରରେ ଗରମ ପାଣି କରି ସେଥିରେ ଷ୍ଟାଣ୍ଡଟିଏ ରଖି କାଚଗିନାକୁ ରଖନ୍ତୁ। ମହମବତୀ ତରଳି ଗଲେ ମିଶ୍ରଣଟି ଓହ୍ଲେଇ ଦିଅନ୍ତୁ। ସଫା ପାଦରେ ବ୍ରସ୍ ସାହାଯ୍ୟରେ ଟିକେ ଉଷୁମ ଥିବା ଅବସ୍ଥାରେ ମିଶ୍ରଣଟି ସାରା ପାଦରେ ଭଲକି ଲଗାଇ ଦିଅନ୍ତୁ। ମିଶ୍ରଣଟି ଶୁଖିଗଲେ ଅଧଘଣ୍ଟା ପରେ ଛୁରୀ ବା ଚାମଚରେ ପାଦରୁ ମହମର ଶୁଖିଲା ଆସ୍ତରଣଟି ଛଡ଼େଇ ଦିଅନ୍ତୁ। ପାଦରେ ମଏଶ୍ଚରାଇଜର୍ ଲଗେଇ ସୂତାର ମୋଜାଟିଏ ପିନ୍ଧନ୍ତୁ। ରାତିରେ ଶୋଇଲା ପୂର୍ବରୁ ସପ୍ତାହକୁ ଥରେ ବା ଦୁଇଥର ଏମିତି ଯତ୍ନ ନେଲେ ଆପଣଙ୍କ ପାଦ କୋମଳ, ମସୃଣ ଓ ସଫା ରହିବ।

# ଅନ୍ତେବାସୀ କୁନିକୁନି ପିଲାଙ୍କର ରଥଯାତ୍ରା



ବୈଶିଙ୍ଗା,୨୮।୬(ସଂଚାର ବ୍ୟୁରୋ): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ରଥଯାତ୍ରା ଅବସରରେ ଅତ୍ୟନ୍ତ ଆନନ୍ଦ ଉଲ୍ଲାସର ସହିତ ଆଜି ରାଇକମା ଆଶ୍ରମ ବିଦ୍ୟାଳୟରେ ଅନ୍ତେବାସୀ କୁନିକୁନି ପିଲାମାନଙ୍କର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୁନିକୁନି ପିଲାମାନେ ରଥାରୁଢ ବଡ଼ଭାଇ ବଳଭଦ୍ର,ଭଉଣୀ ସୁଭଦ୍ରା, ଜଗନ୍ନାଥଙ୍କୁ ପୂଜା କରି ଘଣ୍ଟ, ଘଣ୍ଟା,କରତାଳ ଦେଇ ଆଶ୍ରମ ପରିସରରେ ଟାଣି ଟାଣି ନେଇଥିଲେ। ଶେଷରେ ପିଲାମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟରେ ଶିକ୍ଷିକା ପ୍ରତିମା ପରିଡା, ଅନୁଚର ମଣ୍ଟୁ ମାଣ୍ଡି ସହଯୋଗ କରିଥିଲେ।

## ଘର ପାଖରେ ପହଞ୍ଚିପାରିଲାନି ଆମ୍ବୁଲାନ୍ସ

# ଖଟିଆରେ ବୁହାହେଲେ କ୍ୟାନ୍ସର ରୋଗୀ



କୋରାପୁଟ,୨୮।୬(ସଂଚାର ବ୍ୟୁରୋ): କାଦୁଅ ରାସ୍ତା ଯୋଗୁଁ ଗାଁକୁ ଯାଇ ପାରିଲାନି ଆମ୍ବୁଲାନ୍ସ । ଖଟିଆରେ ବୁହା ହେଲେ କ୍ୟାନ୍ସର ରୋଗୀ । କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ନନ୍ଦି ଗାଁ ପଞ୍ଚାୟତ ଭେଜିପୁଟ ଗାଁରୁ ଆସିଛି ଏହି ଅଭାବନୀୟ ଖବର। ରୋଗୀ ଜଣକ ହେଲେ ୪୦ ବର୍ଷୀୟ ପ୍ରଶାନ୍ତ ଖୋସଲା। ସେ ଦୀର୍ଘ ଦିନ ହେବ କ୍ୟାନ୍ସର ରୋଗରେ ପୀଡ଼ିତ ଥିଲେ । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତରଖାନା ନେବାକୁ ଆମ୍ବୁଲାନ୍ସକୁ ଫୋନ କରିଥିଲେ ପରିବାର ଲୋକ। ହେଲେ ବର୍ଷା ପାଇଁ ମାଟି ରାସ୍ତାର ଅବସ୍ଥା ଅତି ଖରାପ ହୋଇପଡ଼ିବାରୁ ଗାଁ ଭିତରକୁ ଯାଇପାରିନଥିଲା ଆମ୍ବୁଲାନ୍ସ । ବାଧ୍ୟହୋଇ ପରିବାର ଲୋକ ପ୍ରଶାନ୍ତଙ୍କୁ ଦେଢ଼ କିମି ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ନେଇଥିଲେ । ଭେଜିପୁଟ ଗାଁରେ ୩୫୦ ଲୋକ ବସବାସ କରୁଥିବା ବେଳେ ଗାଁକୁ ପକ୍କା ରାସ୍ତାଟିଏ ନଥିବାରୁ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ରୋଗୀ ଆଣିବାକୁ ଯାଇ ଅଧଘଣ୍ଟା କାଦୁଅରେ ଫସିଲା ଆମ୍ବୁଲାନ୍ସ । ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଦକ୍ଷିଣ କୁଅଁରପୁର ଗାଁର ଦୀପ୍ତିମୟୀ ପୃଷ୍ଟି ଡାଇରିଆରେ ପୀଡିତ ହୋଇ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ । ଗାଡ଼ି ମଧ୍ୟ ସଠିକ ସମୟରେ ଗାଁକୁ ଯାଇଥିଲା। ହେଲେ ନୀଳଗିରିରେ ଲଗାଣ ବର୍ଷା ପାଇଁ ଗାଁରେ ଥିବା ମାଟି ରାସ୍ତାରେ ଫସିଯାଇଥିଲା ଆମ୍ବୁଲାନ୍ସ । ପରେ ଗାଁ ଲୋକ ଆସି ଆମ୍ବୁଲାନ୍ସକୁ ଠେଲି ଉଦ୍ଧାର କରିଥିଲେ। ଏମିତିକି ଟ୍ରାକ୍ଟରରେ ଆମ୍ବୁଲାନ୍ସକୁ ଟଣାଯାଉଥିବାର ଦେଖିବାକୁ ମିଳିଛି । ତେବେ ଗାଁକୁ ତୁରନ୍ତ ପକ୍କା ରାସ୍ତାଟିଏ ନିର୍ମାଣ କରିବା ପାଇଁ ଦାବି କରାଯାଇଛି।

# ୧୫ ଲକ୍ଷ ଟଙ୍କାର ବ୍ରାଉନସୁଗର ସହ ବାଇକ ଜବତ, ଜଣେ କୋର୍ଟ ଚାଲାଣ

କଳିଙ୍ଗନଗର,୨୮।୬(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ଦାନଗଦୀ ବଜାର ପାଖରେ ଥିବା ମିଲିଟାରୀ ଛକରେ ପାଟ୍ରୋଲିଙ୍ଗ କରୁଥିବା ସମୟରେ ଯାଜପୁର ରୋଡ଼ ଅବକାରୀ ବିଭାଗ ବାଇକ ସହ ଜଣେ ସ୍ଥାନୀୟ ବ୍ରାଉନ ସୁଗାର ବେପାରୀ କୁ ଧରିଛି। ଖବର ମୁତାବକ ଯାଜପୁର ରୋଡ଼ (ତୋଲୀପୁର) ଅବକାରୀ ବିଭାଗ ର ଏକ ଛଅ ଜଣିଆ ଟିମ କୌଣସି ସୂତ୍ରରୁ ଖବର ପାଇ ମିଲିଟାରୀ ଛକରେ ପାଟ୍ରୋଲିଙ୍ଗ କରୁଥିବା ସମୟରେ ଯାଜପୁର ରୋଡ଼ ଥାନା ଅନ୍ତର୍ଗତ ନୂଆଗାଁ ର ଶ୍ରୀଧର ମଲ୍ଲିକଙ୍କ ପୁଅ ମନୋଜ ମଲ୍ଲିକ (୨୭) ଏକ ବାଇକରେ ୧୫୦ ଗ୍ରାମ ବ୍ରାଉନ ସୁଗାର ନେଇ ଯାଉଥିବା ବେଳେ ତାକୁ ଧରିଥିଲେ। ବ୍ରାଉନ ସୁଗାର ବାଇକ ରେ ନେଇ ଅଭିଯୁକ୍ତ ମନୋଜ ଦାନଗଦି ରୁ ମିଲିଟାରୀ ଛକ ଦେଇ ନୂଆଗାଁ ଯାଉଥିଲା। ଏହି ବ୍ରାଉନ ସୁଗାର ବେପାର ଭଦ୍ରକ ଜିଲ୍ଲା ବନ୍ତ ରୁ ଆରମ୍ଭ ହୋଇ କଳିଙ୍ଗନଗର ର ଡୁବୁରୀ ଯାଜପୁର ରୋଡ଼ ମଧ୍ୟରେ ଚାଲୁଥିବା ତଦନ୍ତ ବେଳେ ଜଣାପଡିଛି। ମନୋଜ କୁ କେସ ନମ୍ବର ୭୫/୨୫ ରେ ଏକ ମାମଲା ରୁଜୁ କରି ଆଜି କୋର୍ଟ ଚାଲାଣ କରିଥିବା ବେଳେ ଏ ଚୋରା ବେପାର ରେ ସମ୍ପୃକ୍ତ ଥିବା ଅନ୍ୟ ବେପାରୀ ମାନଙ୍କୁ ଧରା ଯିବ ବୋଲି ଅବକାରୀ ଇନିସ୍ପେକଟର ବିଭୁ ପ୍ରସାଦ ସାହୁ ଙ୍କ ଠାରୁ ଜଣା ପଡିଛି। କଳିଙ୍ଗନଗର ଶିଳ୍ପାଞ୍ଚଳରେ ଚୋରା ମଦ, ଗଞ୍ଜେଇ, ବ୍ରାଉନ ସୁଗାର ର ଚୋରା ବେପାର ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ବହୁ ବେକାରୀ ଯୁବକ ଏହାର ଜାଲ ରେ ପଡି ନିଜର ଭବିଷ୍ୟତ ଅନ୍ଧାର କରୁଥିବାରୁ ବୁଦ୍ଧିଜୀବୀ ମାନେ ଚିନ୍ତାରେ ପଡିଲେଣି।

# ମୁମ୍ବାଇ ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ରଥଯାତ୍ରା ପାଳିତ




ବୈଶିଙ୍ଗା,୨୮।୬(ସଂଚାର ବ୍ୟୁରୋ): ସାରା ବିଶ୍ୱରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଆଡମ୍ବର ସହକାରେ ପାଳନ କରାଯାଉଥିବା ପରିପ୍ରେକ୍ଷିରେ ମୁମ୍ବାଇର ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମୋ ଓଡ଼ିଆ ସମାଜ ପକ୍ଷରୁ ମୀରା ଭୟନ୍ଦର୍ ଠାରେ ରଥ ଯାତ୍ରା ମହା ଆନନ୍ଦ ଉଲ୍ଲାସର ସହିତ ପାଳନ କରା ଯାଇଥିଲା । ସଂସ୍ଥା ପକ୍ଷରୁ ସେବା କାର୍ଯ୍ୟ ସ୍ୱରୂପ ସମସ୍ତ ଜଗନ୍ନାଥ ଭକ୍ତଙ୍କୁ ଜଳପାନ, ଫଳ ଇତ୍ୟାଦି ବିତରଣ କରା ଯାଇଥିଲା । ସଂସ୍ଥାର ସମସ୍ତ ସଦସ୍ୟ/ ସଦସ୍ୟାମାନେ ଏଥିରେ ଯୋଗଦାନ କରି ସେବା କାର୍ଯ୍ୟ କରି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଆଶୀର୍ବାଦ ଲାଭ କରି ଥିଲେ। ବୈଶିଙ୍ଗା ଅଞ୍ଚଳର କିଛି ଓଡିଆ ମୁମ୍ବାଇରେ ବସବାସ କରୁଥିବା ବେଳେ ସେଠାରେ 'ମୋ ଓଡିଆ ସମାଜ' ନାମକ ଏକ ଅଗ୍ରଣୀ ସଂଗଠନ ପକ୍ଷରୁ ଏହିଭଳି ବିଭିନ୍ନ ଅନୁଷ୍ଠାନ କରାଯାଇଥାଏ ।

# ମହାବିଦ୍ୟାଳୟରେ ବିକ୍ରମ ଦେବଙ୍କ ଜୟନ୍ତୀ ପାଳିତ



ବୋରିଗୁମ୍ମା,୨୮।୬(ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ସହର ସ୍ଥିତ ସ୍ଥାନୀୟ ଭୈରବ ଡିଗ୍ରୀ ମହାବିଦ୍ୟାଳୟରେ ରା ଜର୍ଷି ବିକ୍ରମ ଦେବ ବର୍ମା ଙ୍କ ୧୫୭ତମ ଜୟନ୍ତୀ ସମାରୋହ ଆୟୋଜିତ ହୋଇଯାଇଛି। ବିକ୍ରମ ଦେବଙ୍କ ଜୀବନ, ସାରସ୍ୱତ ସାଧନା ଓ ସ୍ୱତନ୍ତ୍ର ଉତ୍କଳ ଗଠନ ରେ ଥିବା ତାଙ୍କର ଭୂମିକା ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଯାଇଅଛି। ଅଧ୍ୟକ୍ଷ ସୌମେନ୍ଦ୍ର କୁମାର ସ୍ୱାଇଁ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ସଭା ରେ ଶତାଧିକ ଛାତ୍ରଛାତ୍ରୀ ମାନଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଆଲୋଚନା ରେ ଭାଗ ନେଇ ଥିଲେ। ଏହି ଅବସରରେ ବି. ଇ. ଡି. ଟି. ର ସଭାପତି ରାମ ଚନ୍ଦ୍ର ପାଢ଼ୀ, ଗଭର୍ନିଙ୍ଗବଡି ର ସଭାପତି କେ. ନାଗରାଜ ଦୋରା, ଯୁଗ୍ମ ସମ୍ପାଦକ ସୁବାସ ନାୟକ, ଶିକ୍ଷାବିତ ସୁରେଶ ରାଉତ ଓ ପ୍ରସନ୍ନ ସାହୁ ପ୍ରମୁଖ ଯୋଗ ଦେଇ ବିକ୍ରମ ଦେବ ଙ୍କ ଜୀବନୀ, ସାହିତ୍ୟ ସାଧନା, ଉତ୍କଳ ସ୍ୱତନ୍ତ୍ର ପ୍ରଦେଶ ଗଠନ ଓ ସେଥିରେ ଜୟପୁର ରାଜା ବିକ୍ରମ ଦେବ ଙ୍କ ଅବଦାନ ପ୍ରସଙ୍ଗ ରେ ଆଲୋଚନା କରି ଥିଲେ। ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଡ ସୁଧାଂଶୁ ଶେଖର ପଟ୍ଟନାୟକ ଯୋଗ ଦେଇ ବିକ୍ରମ ଦେବ ଙ୍କ ସଙ୍ଘର୍ଷ ପୁର୍ଣ ଜୀବନୀ ସହ ତାଙ୍କ ଅବଦାନ ରେ ଗଢି ଉଠିଥିବା ବିଭିନ୍ନ ଶିକ୍ଷାଅନୁଷ୍ଠାନ ରେ ଥିବା ତାଙ୍କଭୂମିକା ସମ୍ପର୍କ ରେ ବିଷଦ ଆଲୋଚନା କରିଥିବା ବେଳେ ସାମାନିତ ବକ୍ତା ଭାବେ ରଜତ ଷଡଙ୍ଗୀ ଯୋଗଦେଇ ତାଙ୍କ ସାହିତ୍ୟ ସାଧନା ସମ୍ପର୍କ ରେ ଆଲୋଚନା କରିଥିଲେ। ଡକ୍ଟର ସଦାଶିବ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ।କାର୍ଯ୍ୟକ୍ରମ ପରିଚାଳନାରେ ସନ୍ତୋଷିନୀ ପାଢ଼ୀ, ଜଗଦୀଶ ପାଣିଗ୍ରାହୀ, ଦେବେନ୍ଦ୍ର ନାଥ ପଣ୍ଡା, ଗଣେଶ ପଲେଇ, ଅଭିଷେକ ରାଉତ, ପି.ଗୁପ୍ତେଶ୍ୱର ରାଓ, ଲକ୍ଷ୍ମୀ ପଣ୍ଡା ଓ ବନମାଳୀ ଯାନୀ ପ୍ରମୁଖ ସହଯୋଗ କରିଥିଲେ।

# ହେଉଛି ଯାଜପୁର ଜିଲ୍ଲାରେ ସୁଧୁରୁଛି ଡାଇରିଆ ସ୍ଥିତି

ଧର୍ମଶାଳା,୨୮।୬(ସଂଚାର ବ୍ୟୁରୋ): ଡାଇରିଆ କବଳରେ ଥିବା ଯାଜପୁର ଜିଲାର ସ୍ଥିତି ବର୍ତ୍ତମାନ ଧିରେ ଧିରେ ସୁଧୁରିଛି। ଜିଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ସଂଖ୍ୟା ବଢ଼ି ସ୍ଥିତି ଗମ୍ଭୀର ହେବା ଫଳରେ କେନ୍ଦ୍ର, ରାଜ୍ୟ ଓ ଜିଲା ପ୍ରଶାସନର ତତ୍ପରତା ଫଳରେ ସ୍ଥିତିରେ ପରିବର୍ତ୍ତନ ଦେଖିବାକୁ ମିଳୁଛି। ୨୭ ତାରିଖ ଅପରାହ୍ନରେ ଜିଲାରେ ମୋଟ୍ ୮୦ଜଣ ରୋଗୀ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟାକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ସେଥି ମଧ୍ୟରୁ ଧର୍ମଶାଳା ଗୋଷ୍ଠୀ କେନ୍ଦ୍ରରେ ୮ଜଣ ରୋଗୀ ଚିକିତ୍ସିତ ହେଉଥିବା ଖବର ମିଳିଥିଲା। ସେହିପରି ଆଜି ସକାଳୁ ମଧ୍ୟ ଜଣେ ନୂଆ ରୋଗୀଙ୍କୁ ମିଶାଇ ଧର୍ମଶାଳା ଗୋଷ୍ଠୀ କେନ୍ଦ୍ରରେ ୮ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ସବୁଠାରୁ ବଡ଼ କଥା ଡାଇରିଆରେ ସ୍ଥିତି ସାଙ୍ଘାତିକ ହେବା ଦେଖି ଜିଲା ପ୍ରଶାସନ ଓ ସ୍ଥାନୀୟ ତହସିଲ ପ୍ରଶାସନ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଥିବା ଢାବା, ହୋଟେଲ, ଜଳଖିଆ ଦୋକାନ, ମାଛ ଭଳି ବିଭିନ୍ନ ଦୋକାନ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଯାହାକୁ ବିଭିନ୍ନ ବ୍ୟବସାୟୀ ସହଯୋଗ କରି ବନ୍ଦ ମଧ୍ୟ କରିଥିଲେ।

# ଆଶ୍ରମ ବିଦ୍ୟାଳୟରେ ସୁରକ୍ଷା ଓ ନିରାପତ୍ତା ସପ୍ତାହ ପାଳିତ



ବୈଶିଙ୍ଗା,୨୮।୬(ସଂଚାର ବ୍ୟୁରୋ): ସରକାରଙ୍କ ମାର୍ଗଦର୍ଶିକା ଅନୁସରଣ ପୂର୍ବକ ରାଇକମା ଆଶ୍ରମ ବିଦ୍ୟାଳୟରେ ସୁରକ୍ଷା ଓ ନିରାପତ୍ତା ସପ୍ତାହ ପାଳନର ଅନ୍ତିମ ଦିନରେ ପିଲାମାନଙ୍କର ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ରଜତ କୁମାର ଦାଶ ବିଦ୍ୟାଳୟରେ କିପରି ସୁରକ୍ଷା ଓ ନିରାପତ୍ତା ବଳୟ ମଧ୍ୟରେ ରହିବେ,ସେ ସମ୍ପର୍କରେ ଆଲୋକପାତ କରିଥିଲେ ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ ।

## ଠାକୁରଙ୍କ ପହଣ୍ଡି ବିଜେ ଶେଷ, ଛେରାପହଁରା କଲେ ରାଜା ପୃଥ୍ୱୀରାଜ ଜେନାମଣି ଦେଓ



ରେଢ଼ାଖୋଲ,୨୮।୬ (ସଂଚାର ବ୍ୟୁରୋ): ରେଢାଖୋଲରେ ମହାସମାରୋହରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଦେବୋତ୍ତର ବିଭାଗର ଆନୁକୂଲ୍ୟରେ ଅନୁଷ୍ଠିତ ରଥଯାତ୍ରାରେ ରେଢାଖୋଲ ବ୍ରହ୍ମ ସମାଜର ସଦସ୍ୟମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରି ନେଇଛନ୍ତି। ରେଢ଼ାଖୋଲ ରାଜା ପୃଥ୍ୱୀରାଜ ଜେନାମଣି ଦେଓ ରଥରେ ଛେରା ପହଁରା କରିଛନ୍ତି। ଠାକୁରଙ୍କ ପହଣ୍ଡିକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଓଡ଼ିଶୀ ନୃତ୍ୟ, ଦୁଲଦୁଲି, ସଙ୍କୀର୍ତ୍ତନ ପରିବେଷଣ କରାଯାଇଛି। ପହଣ୍ଡି ଓ ରଥଯାତ୍ରା ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗଂମ ହୋଇଛି। ଶାନ୍ତି ଶୃଙ୍ଖଳା ପାଇଁ ପୁଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି।

# ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ; ରାସ୍ତାରେ ଲହଡ଼ି ଭାଙ୍ଗୁଛି ପାଣି



ଜଗତସିଂହପୁର ,୨୮।୬(ସଂଚାର ବ୍ୟୁରୋ): ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମରେ ସରକାର ଲକ୍ଷଲକ୍ଷ ଟଙ୍କା ଶ୍ରାଦ୍ଧ କରୁଛନ୍ତି । ହେଲେ ଖାଲି ସଚେତନତା କାର୍ଯ୍ୟକ୍ରମରେ ହିଁ ସ୍ୱଚ୍ଛତା ଅଟକିଯାଇଥିବା ଭଳି ମନେ ହେଉଛି । ଡ୍ରେନେଜ୍ ଅବ୍ୟବସ୍ଥା କାରଣରୁ ଅସରାଏ ବର୍ଷାରେ ଜଗତସିଂହପୁର ସହରରେ ପାଣି ଜମୁଛି । ବର୍ଷା ଦିନ ଆସିଲେ ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ାଉଛି ସହରର ଡ୍ରେନେଜ୍ ବ୍ୟବସ୍ଥା । ସହରରେ ବର୍ଷା ଜଳ ନିଷ୍କାସନ ପାଇଁ ୩ଟି ଡ୍ରେନେଜକଟ୍ ଅଛି। ନାଗପୁର, ପାଣିସାଳିଆ ଓ ମାଧପୁର ଡ୍ରେନେଜକଟ୍ ରହିଛି । ପ୍ରାୟ ୧୮ଟି ୱାର୍ଡ ସମେତ ସହରର ମୁଖ୍ୟରାସ୍ତାରେ ଜମୁଥିବା ବର୍ଷା ଜଳ ନିଷ୍କାସନ କରେ । ହେଲେ ଏସବୁ ଡ୍ରେନେଜ୍ ଗୁଡ଼ିକ କେଉଁଠି ଜବରଦଖଲକାରୀଙ୍କ କବ୍‌ଜାରେ ତ ଆଉ କେଉଁଠି ଅଳିଆ ଆବର୍ଜନାରେ ଭର୍ତ୍ତି । କେତେକ ସ୍ଥାନରେ ରକ୍ଷଣାବେକ୍ଷଣ ଅଭାବରୁ ବଣ ବୁଦାରେ ପରିଣତ ହୋଇଛି ଡ୍ରେନ୍ । ଡ୍ରେନେଜ୍ ଅବ୍ୟବସ୍ଥା ପାଇଁ ସହରର ବର୍ଷା ଜଳ ନିଷ୍କାସନ ହୋଇପାରୁନି । ସପ୍ତାହ ସପ୍ତାହ ଧରି ପାଣି ଜମି ରହୁଛି । ଫଳରେ ମଶା, ମାଛିଙ୍କ ସଂଖ୍ୟା ବଢ଼ି ସଂକ୍ରମଣ ଆଶଙ୍କା ବଢ଼ିଯାଉଛି । ଅନ୍ୟପଟେ ଡ୍ରେନେଜ ଅଧିକ୍ଷଣ ଯନ୍ତ୍ରୀ କହିଛନ୍ତି ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି, ମାସେ ମଧ୍ୟରେ ଶେଷହେବ । ଜଗତସିଂହପୁର ସଂଲଗ୍ନ ଜିଲ୍ଲାରେ ହଇଜା ପରି ମହାମାରୀ ମାଡୁଥିବା ବେଳେ ଅଳିଆ ଆବର୍ଜନା ପୂର୍ଣ୍ଣ ଡ୍ରେନେଜ ସଫାରେ କାହିଁକି ଡ୍ରେନେଜ ବିଭାଗ ବିଳମ୍ବ କରୁଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ଅନ୍ଧବିଶ୍ୱାସର ମାୟାଜାଲରୁ ବାହାରିପାରୁନି ମଣିଷ

## ତନ୍ତ୍ରମନ୍ତ୍ର ସନ୍ଦେହରେ ଭାଙ୍ଗିଲେ ଘର



ଭଦ୍ରକ,୨୮।୬(ସଂଚାର ବ୍ୟୁରୋ): ଆଜିର ଆଧୁନିକ ଯୁଗରେ ବି ମଣିଷ ଅନ୍ଧବିଶ୍ୱାସର ମାୟାଜାଲରୁ ବାହାରି ପାରୁନାହିଁ । ଏହାର ବଶବର୍ତ୍ତି ହୋଇ ଅନେକ ଅପରାଧ ଘଟାଉଛି ମଣିଷ । ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଜୁଣିଆପାଲ ଗାଁରେ । ଗୁଣି ଗାରେଡ଼ି ସନ୍ଦେହରେ ଜଣଙ୍କର ଘର ଭାଙ୍ଗି ଦେଇଛନ୍ତି ଗାଁ ଲୋକ । ଲୁହା ଶାବଳ ଧରି ଜଣେ ବ୍ୟକ୍ତି ଆଉଜଣଙ୍କ ଘରକୁ ଭାଙ୍ଗୁଛନ୍ତି । ଘର ଭାଙ୍ଗିବାର କାରଣ ଅନ୍ଧବିଶ୍ୱାସ। ଗୁଣିଗାରେଡ଼ି ସନ୍ଦେହରେ ଆଇନ୍ ହାତକୁ ନେଇଛନ୍ତି ଗାଁଲୋକ । ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ କୁରକୋରା ପଞ୍ଚାୟତ ଜୁଣିଆପାଳ ଗାଁରେ ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଗାଁର ପ୍ରତାପ ଜେନା, ଗୁଣିଗାରେଡ଼ି କରି ୫ ବର୍ଷରେ ୪ ଜଣଙ୍କୁ ମାରିଦେଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଜୁଣିଆପାଳ ମଶାଣି ନିକଟରେ ପ୍ରତାପ ଏକ ଶିବ ଦୁର୍ଗା ମନ୍ଦିର ଗଢ଼ିଛନ୍ତି । ମନ୍ଦିର ପାଖରେ ଚାଳଘର କରି ରୁହନ୍ତି ପ୍ରତାପ ଓ ତାଙ୍କ ପରିବାର । ସେଇଠି ସେ ତନ୍ତ୍ରମନ୍ତ୍ର କରୁଥିବା ଅଭିଯୋଗ ହୋଇଛି । ଗାଁ ଲୋକ ଏକାଠି ହୋଇ ପ୍ରତାପଙ୍କୁ ଏନେଇ ପଚରାଉଚରା କରିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତକ୍ତ୍ୟ ଲୋକେ ତାଙ୍କ ଘର ଭାଙ୍ଗିବା ସହ ପ୍ରତାପ ଓ ତାଙ୍କ ପୁଅ ସୁଶାନ୍ତ ଜେନାଙ୍କୁ ପୁଲିସର ଜିମା ଦେଇଛନ୍ତି । ଗାଁ ଲୋକଙ୍କ ଅଭିଯୋଗେ ଅନୁଯାୟୀ ପୁଲିସ ବାପ ପୁଅ ୨ ଜଣଙ୍କୁ ଥାନାକୁ ନେଇ ତଦନ୍ତ ଜାରି ରଖିଛି । ମଶାଣିରୁ ପ୍ରତାପଙ୍କ ସମସ୍ତ ଘର ଉଚ୍ଛେଦ ଲାଗି ଦାବି କରିଛନ୍ତି ଗ୍ରାମବାସୀ ।

## ସୁକିନ୍ଦା ରଥଯାତ୍ରାରେ ଚନ୍ଦନ ଜୁଏଲାର୍ସ ପକ୍ଷରୁ ଜଳ ପ୍ରଦାନ

ଯାଜପୁର ରୋଡ଼,୨୮।୬(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାର ସୁକିନ୍ଦାରେ ଆଜି ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷ ଯାତ୍ରା ଅନୁଷ୍ଠିତ ହୋଇଯାଇଅଛି। ସେବାୟତଙ୍କ ଦ୍ୱାରା ସକାଳୁ ନୀତିକାନ୍ତି ସରିବା ପରେ ମହାପ୍ରଭୁଙ୍କୁ ରଥରୁଢ଼ କରାଯାଇଥିଲା । ଅପରାହ୍ନରେ ରଥ ଟଣା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ରଥଯାତ୍ରାରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ତେବେ ଏହି ଘୋଷ ଯାତ୍ରାରେ ହଜାର ହଜାର ଭକ୍ତଙ୍କ ଜନ ସମାଗମକୁ ଦେଖି ଯାଜପୁର ରୋଡ ଚନ୍ଦନ ଜୁଏଲାର୍ସ ତରଫରୁ ଏଠାରେ ଭକ୍ତ ମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ଗତକାଲି ଏହି ବ୍ୟବସାୟୀ ପ୍ରତିଷ୍ଠାନ ତରଫରୁ ମଧ୍ୟ ଆନନ୍ଦପୁର ରଥଯାତ୍ରାରେ ଏପରି ପାନୀୟ ଜଳ ପ୍ରଦାନ କରାଯାଇଥିବା କଥା ଅନୁଷ୍ଠାନର ସ୍ୱତାଧିକାରୀ ଚନ୍ଦନ କୁମାର କର୍ମକାର କହିଥିଲେ। ଏଭଳି ଏକ ସେବା ମନବୃତି ପାଇଁ ଚନ୍ଦନ ଜୁଏଲାର୍ସ ଭକ୍ତ ମାନଙ୍କର ପ୍ରଶଂସାର ପ୍ରିୟ ଭାଜନ ହୋଇପାରିଥିଲା। ଚନ୍ଦନ ଜୁଏଲାର୍ସ ଯାଜପୁର ଜିଲ୍ଲାରେ ସୁନା ରୁପା ଓ ଚାନ୍ଦିର ଏକ ନିର୍ଭରଯୋଗ୍ୟ ଅନୁଷ୍ଠାନ ହୋଇଥିବାରୁ ରଥଯାତ୍ରା ଉପଲକ୍ଷ୍ୟ ସେ ତାର ସମସ୍ତ ଗ୍ରାହକ ମାନଙ୍କୁ ଅଭିନନ୍ଦନ ଜଣାଇଥିବା ଦେଖିବାକୁ ମିଳିଛି। ଶାନ୍ତି ଶୃଙ୍ଖଳା ବଜାୟୀ ରଖିବା ପାଇଁ କଳିଙ୍ଗନଗର ଅତିରିକ୍ତ ଏସପିଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ଏହି ରଥଯାତ୍ରାରେ ମୁତୟନ କରାଯାଇଥିଲା।




## ସୁକୁଣ୍ଡାରେ ରଥଯାତ୍ରା: ଛେରାପହଁରା କଲେ ଭାଷା ତପସ୍ୱୀ ତ୍ରିନାଥ ମହାରଣା



ବ୍ରହ୍ମପୁର,୨୮।୬ (ସଂଚାର ବ୍ୟୁରୋ): ଗତକାଲି ବ୍ରହ୍ମପୁର ଉପକଣ୍ଠ ସୁକୁଣ୍ଡା ଗ୍ରାମର ଅଘୋରୀ ମଠ ପରିସରରେ ମହୁରୀ ରାଜ୍ୟର ମହାରାଣୀ ସ୍ୱର୍ଗତା ରତ୍ନମଞ୍ଜରୀ ଦେବୀଙ୍କ ଦ୍ୱାରା ସ୍ଥାପିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ମହା ସମାରୋହରେ ପାଳିତ ହୋଇଯାଇଛି। ରଥ ଉପରେ ପ୍ରଧାନ ସେବକ ରୂପେ ଛେରା ପହଁରା କରିଛନ୍ତି ବ୍ରହ୍ମପୁର ନିବାସୀ ଭାଷା ତପସ୍ୱୀ ଶ୍ରୀ ତ୍ରିନାଥ ମହାରଣା। ପ୍ରକାଶ ଥାଉକି, ଏହି ପୀଠର ଜଗନ୍ନାଥ ମନ୍ଦିରରେ ରଥର ଅଭାବ ଥିଲା। ତେଣୁ ତ୍ରିନାଥ ମହାରଣାଙ୍କ ଉଦ୍ୟମରୁ ଗ୍ରାମବାସୀଙ୍କ ସହଯୋଗରେ ଗତ ବର୍ଷ ନୂତନ ରଥ ନିର୍ମାଣ କରି ରଥଯାତ୍ରା ଅନୁଷ୍ଠିତ ହୋଇପାରିଥିଲା। ଚଳିତବର୍ଷ ଆଗ୍ରହ ଉଦ୍ଦୀପନା ମଧ୍ୟରେ ମହାସମାରୋହରେ ଏହି ଘୋଷ ଯାତ୍ରା ଅନୁଷ୍ଠିତ ହୋଇଛି। ଗ୍ରାମବାସୀ ଓ ମନ୍ଦିର ଉନ୍ନୟନ କମିଟିର ସମୂହ ଅନୁରୋଧ ଏଡାଇ ନପାରି ଶ୍ରୀ ମହାରଣା ଗତ ବର୍ଷ ଠାରୁ ଛେରା ପହଁରା କରି ଆସୁଛନ୍ତି। ନେତ୍ରୋତ୍ସବ, ନବ ଯୌବନ ଦର୍ଶନ, ରଥପୂଜା ଓ ଅନ୍ୟାନ୍ୟ ନୀତିକାନ୍ତି ତଥା ପୂଜାର୍ଚ୍ଚନା ସୂର୍ଯ୍ୟନାରାୟଣ ଦାଶଙ୍କ ସହଯୋଗ ରେ ପଣ୍ଡିତ ମାନସ ରଞ୍ଜନ ପାଢ଼ୀଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ପରେ ଘଣ୍ଟ ଘଣ୍ଟା ଖୋଳ କାହାଳି ବଜାଇ ଜୟ ଜଗନ୍ନାଥ ଧ୍ୱନି ଓ ହୁଳହୁଳି ମଧ୍ୟରେ ଠାକୁରଙ୍କ ମୁଖ୍ୟ ସେବକ ତ୍ରିନାଥ ମହାରଣାଙ୍କୁ ଛେରା ପହଁରା ପାଇଁ ସ୍ୱାଗତ କରାଯାଇଥିଲା।

# ଯାଜଦାନୀ ଷ୍ଟିଲରେ ଦୁର୍ଘଟଣା ଶ୍ରମିକ ଗୁରୁତର

କଳିଙ୍ଗନଗର,୨୮।୬(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା କଳିଙ୍ଗନଗର ରେ ଥିବା ଯାଜଦାନୀ ଷ୍ଟିଲ କାରଖାନାରେ ସୁରକ୍ଷା ନେଇ ବାରମ୍ବାର ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଳିଙ୍ଗନଗର ଶିଳ୍ପାଞ୍ଚଳର ଯାଜଦାନୀ ଷ୍ଟିଲ କାରଖାନାରେ ଶନିବାର ଦିନ ପାୱର ପ୍ଲାଟରେ କାର୍ଯ୍ୟ କରୁଥିବା ବେଳେ ଦୁର୍ଘଟଣା ଘଟି ଜଣେ ଶ୍ରମିକ ଗୁରୁତର ହୋଇଛି।ସୂଚନା ମୁତାବକ ବି. ଏସ. ଏସ.ଠିକା ସଂସ୍ଥାର କାର୍ଯ୍ୟରତ ଶ୍ରମିକ ପାୱର ପ୍ଲାଟରେ କାର୍ଯ୍ୟ କରୁଥିଲା ବେଳେ କୌଣସି ବସତ ଚେନ ପୁଲ୍ଲିରୁ ଖସି ପଡିଥିଲା।ଶ୍ରମିକଙ୍କ ଛାତି ଓ ଅଣ୍ଟାରେ ଗୁରୁତର ଆଘାତ ଲାଗିଥିଲା।ସଙ୍ଗେ ସଙ୍ଗେ ଗୁରୁତର ଅବସ୍ଥାରେ ଶ୍ରମିକଙ୍କୁ ଦାନଗଦି ମେଡ଼ିକାଲ ଭର୍ତ୍ତି କରାଇ ଥିଲେ।ଶ୍ରମିକଙ୍କ ନାମ ଶ୍ୟାମ ତରାଇ(୪୦) ଘର କଳିଙ୍ଗ ନଗର ଥାନା ଅନ୍ତର୍ଗତ କାଇଥା ଗ୍ରାମରେ। ଏଠି ପ୍ରଶ୍ନ ଉଠୁଛି ନିର୍ଦ୍ଦିଷ୍ଟ କାରଖାନାରେ ବାରମ୍ବାର ଦୁର୍ଘଟଣା ଘଟୁଛି କାହିଁକି? । ବାରମ୍ବାର ଦୁର୍ଘଟଣା ନେଇ ସୁରକ୍ଷା ବ୍ୟବସ୍ଥା ରେ ତ୍ରୁଟି ଥିବା ଅଭିଯୋଗ ହେଉଛି,ତଦନ୍ତ କରି କାର୍ଯ୍ୟନୁଷ୍ଠାନ ନେବାକୁ ଶ୍ରମିକ ମାନେ ଦାବି କରୁଛନ୍ତି । କଳିଙ୍ଗନଗର ରେ କୌଣସି ଶ୍ରମିକ ସଂଗଠନ ଶ୍ରମିକ ମାନେ ଅସୁରକ୍ଷିତ ଭାବେ କ କାରଖାନା ମାନଙ୍କ ରେ କାମ କରୁଥିବା ବେଳେ କିଛି ଦୃଷ୍ଟି ଦେଉନାହାନ୍ତି। ଦୁଃଖ ର କଥା ଆଜିକୁ ୨୮ ବର୍ଷ ହେଲା ଶିଳ୍ପାଞ୍ଚଳ ହେଲାଣି କିନ୍ତୁ ଇ. ଏସ. ଆଇ. ହସ୍ପିଟାଲ କାମ ସରିଲା ନାହିଁ।

# ଆନ୍ଧ୍ରରେ ଓଡ଼ିଆ ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ, ଛାତରୁ ଖସି ପୀଡ଼ିତା ଗୁରୁତର

ବ୍ରହ୍ମପୁର,୨୮।୬(ସଂଚାର ବ୍ୟୁରୋ): ଆନ୍ଧ୍ରପ୍ରଦେଶ ଗୁଣ୍ଟୁରରେ ଓଡ଼ିଆ ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ । ଜୀବନ ବଞ୍ଚାଇବାକୁ ଯାଇ ସେ ଛାତରୁ ଖସି ଗୁରୁତର ହୋଇଛନ୍ତି । ଗତ ସୋମବାର ଏହି ଅଘଟଣ ଘଟିଛି। ଜୀବନ ପ୍ରତି ବିପଦ ଏବଂ ଭାଷାଗତ ସମସ୍ୟା ପାଇଁ ବ୍ରହ୍ମପୁର ଆସି ଗୁରୁବାର ଚିକିତ୍ସିତ ହେବା ପରେ ଘଟଣା ସାମ୍ନାକୁ ଆସିଛି । ଛାତରୁ ପଡ଼ି ଯୁବତୀଙ୍କ ଗୋଡ଼ ଭାଙ୍ଗିଯାଇଛି ଏବଂ ଅଣ୍ଟାରେ ଗଭୀର ଆଘାତ ଲାଗିଛି। ଆନ୍ଧ୍ରପ୍ରଦେଶରେ ପୀଡ଼ିତା ଅସୁରକ୍ଷିତ ମନେ କରିବାରୁ ପରିବାର ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ପୀଡ଼ିତାଙ୍କ ମାନସିକ ସ୍ଥିତି ଠିକ୍ ନ ଥିବାରୁ ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ କାଉନ୍‌ସେଲିଂ କରିବା ସହ ଡାକ୍ତରୀମାଇନା କରିଛନ୍ତି । ଡାକ୍ତର ଗାଙ୍ଗପୁର ପୁଲିସକୁ ଏ ନେଇ ସୂଚନା ଦେଇଥିବା କହିଛନ୍ତି । କିନ୍ତୁ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଅଧିକ ତଥ୍ୟ ଗଣମାଧ୍ୟମକୁ ଦେଇନାହାନ୍ତି ସେ । ପୀଡ଼ିତାଙ୍କ ପରିବାର ଅଭିଯୋଗ କରିଛନ୍ତି, ସେମାନେ ଗୁଣ୍ଟୁରରେ ଭଡ଼ା ଘରେ ରହୁଥିଲେ । ମା', ଦୁଇ ପୁଅ, ଗୋଟିଏ ଝିଅ ଏକ ଖଇନି କମ୍ପାନିରେ କାମ କରୁଥିଲେ । ସୋମବାର ସମସ୍ତେ କାମକୁ ଯାଇଥିଲେ । ଝିଅ ଏକୁଟିଆ ଘରେ ଥିଲା। ଜଣେ ପରିଚିତ ବ୍ୟକ୍ତି ଘରକୁ ଆସି ତାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିଲେ । ସେ ଜୀବନ ବଞ୍ଚାଇବାକୁ ଉଦ୍ୟମ କରିବା ବେଳେ ଛାତରୁ ଖସି ପଡ଼ିଥିଲେ । ଯୁବତୀଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତେବେ ପୀଡ଼ିତା ଓ ତାଙ୍କ ପରିବାରଙ୍କ କଥା ଡାକ୍ତର, ପୁଲିସ ଓ ଅନ୍ୟମାନେ ବୁଝିପାରୁନଥିଲେ। ଅଭିଯୁକ୍ତମାନେ ଘେରି ରହିଥିବାରୁ ଭୟରେ ସେମାନେ ପୀଡ଼ିତାଙ୍କୁ ନେଇ ଗୁରୁବାର ରାତିରେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ନେଇ ଚାଲି ଆସିଥିଲେ । କାଜୁଆଲ୍‌ଟିରେ ପୀଡ଼ିତାଙ୍କୁ ଭର୍ତ୍ତି କରିବା ପରେ ଡାକ୍ତର ସମସ୍ତ ଘଟଣା ପଚାରିଥିଲେ ।

# ରଥଯାତ୍ରାରେ ଆମ ଗାଁ ଖଟି ପକ୍ଷରୁ ଥଣ୍ଡା ପାଣି ବଣ୍ଟନ

ବେତନଟୀ, ୨୮।୬(ସଂଚାର ବ୍ୟୁରୋ): ମୟୁରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବଙ୍ଗଳଛକ ଠାରେ ନୂତନ ଭାବେ ଗଢି ଉଠିଥିବା ଏକ ସମାଜ ସେବୀ ସାମାଜିକ ସଂଗଠନ " ଆମ ଗାଁ ଖଟି " ପକ୍ଷରୁ ପବିତ୍ର ରଥଯାତ୍ରା ଉପଲକ୍ଷେ ବେତନଟୀ ହାଟ ଛକ ମାଉସୀ ମା ମନ୍ଦିର ନିକଟରେ ଓ ଆର ଏସ ମିଶ୍ରିତ ଲେମ୍ବୁ ସରବତ ଥଣ୍ଡା ପାନୀୟ ଜଳ ବଣ୍ଟନ କରାଯାଇଥିଲା।ଏହି ପାନୀୟ ଜଳ ବଣ୍ଟନ ସମୟରେ ଆମ ଗାଁ ଖଟି ର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ଏହି ବଣ୍ଟନ ଅପରାହ୍ନ ୪ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୭ ଘଟିକା ପର୍ଯ୍ୟନ୍ତ ଚାଲୁରହିଥିଲା ଦୁଇ ହଜାର ରୁ ଉର୍ଦ୍ଧ ଶ୍ରଦ୍ଧାଳୁ, ଭକ୍ତ,ପଥଚାରୀ, ପୋଲିସ କର୍ମଚାରୀଙ୍କ ସହିତ ସମସ୍ତେ ଏହି ସରବତକୁ ପିଇ ଆତ୍ମସନ୍ତୋଷ ଲାଘବ କରିଥିଲେ। "ଆମ ଗାଁ ଖଟି" ବେତନଟୀ ର ଏହି କାର୍ଯ୍ୟକ୍ରମ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା ପାତ୍ର ସାଜିଛି। ଆଗାମୀ ଦିନରେ ଏପରି ଅନେକ ସାମାଜିକ କାର୍ଯ୍ୟକ୍ରମ ସଂଗଠନ ପକ୍ଷରୁ ଚାଲୁରହିବା ନେଇ ସୂଚନା ପ୍ରଦାନ କରାଯାଇଛି।